(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 9/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୮୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 285 ମୂଲ୍ୟ ₹୭/-







## ବିଶ୍ୱ ପାଇଁ ଆରୋଗ୍ୟ, ସମନ୍ୱୟ ଓ ଆଶା ଉପରେ ଗୁରୁତ୍ୱ

G20 भारत 2023 INDIA

वसुधैव कुटुम्बकम्

ONE EARTH • ONE FAMILY • ONE FUTURE

ଭାରତର G20 ଅଧ୍ୟକ୍ଷତାରେ **୬୦ରୁ ଅଧିକ ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ବୈଠକ ଅନୁଷ୍ଠିତ ହୋଇସାରିଛି,** ଯେଉଁଥିରେ ବୈଶ୍ୱିକ ଏଜେଣ୍ଡାରେ ବିକାଶ ପୁଣି ଅଗ୍ରାଧିକାର ପାଇଛି ।

ବର୍ତ୍ତମାନ G20 ସମ୍ମିଳନୀ ନୂଆଦିଲ୍ଲୀ ଠାରେ **20ଟି ସଦସ୍ୟ ରାଷ୍ଟ୍ର, ୨ଟି ଅତିଥି ରାଷ୍ଟ୍ର ଏବଂ 14ଟି ଆନ୍ତର୍ଜାତିକ ସଂଗଠନର** ମୁଖ୍ୟ ଏବଂ ପ୍ରତିନିଧିମଣ୍ଡଳର ନେତା ବିଶ୍ୱର ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିମ୍ନ ଉପାୟରେ କାମ କରିବାର ସଂକଳ୍ପ ସହ ଏକଜୁଟ ହୋଇଛନ୍ତି ।

- **ଗୋଟିଏ ବିଶ୍ୱ ଭାବରେ ସବୁଜ ପଦକ୍ଷେପଗୁଡ଼ିକୁ ସୁଦୃଢ କରିବା**
- **ଗୋଟିଏ ପରିବାର ଭାବରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା**
- **ଗୋଟିଏ ଭବିଷ୍ୟତ ପାଇଁ ପ୍ରଯୁକ୍ତିର ସମନ୍ୱୟ**



"ଆସନ୍ତୁ, ଏକ ମାନବକେନ୍ଦ୍ରିକ ଜଗତିକରଣର ନୂତନ ବ୍ୟବସ୍ଥାକୁ ସାକାର କରିବା ପାଇଁ ଏକାଠି କାର୍ଯ୍ୟ କରିବା ।"

**ଶ୍ରୀ ନରେନ୍ଦ୍ର ମୋଦୀ,** ଭାରତର ପ୍ରଧାନମନ୍ତ୍ରୀ

CBC 14126/13/0005/2324



ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଜି୨୦ ଥିମ୍ ଥିବା ଡିଜାଇନ୍‌କୁ ସ୍ଥାପିତ କରାଯାଇଛି।


ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କୁ ବିମାନବନ୍ଦରରୁ ସ୍ୱାଗତ କରିନେଉଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ।

# ଜି୨୦ରେ ବିଶ୍ୱନେତା

ନୂଆଦିଲ୍ଲୀ,୮।୯

ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସମେତ ଅନେକ ବିଶ୍ୱନେତା ନୂଆଦିଲ୍ଲୀରେ ପହଞ୍ଚିଲେଣି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀ ପାଇଁ ଜାତୀୟ ରାଜଧାନୀ ଦିଲ୍ଲୀ ସଜେଇ ହୋଇଛି। ବିଭିନ୍ନ ସରକାରୀ ଦପ୍ତରଠୁ ନେଇ ଲାଲକିଲ୍ଲା ପର୍ଯ୍ୟନ୍ତ ତ୍ରିରଙ୍ଗାର ଆଲୋକମାଳାରେ ସଜ୍ଜିତ। ଅତିଥିମାନଙ୍କୁ ଦେଶର ବିଭିନ୍ନ ଭାଗରୁ ଅସିଥିବା କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ସହ ସ୍ୱାଗତ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟିଲିନିନା ଜେଓର୍ଜିଏଭା ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଯଥାକ୍ରମେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଓ ଦର୍ଶନା ଜାର୍ଦ୍ଦୋଶ ସ୍ୱାଗତ କରିଛନ୍ତି। ଋଷି ସୁନକଙ୍କୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ସ୍ୱାଗତ କରିଥିବାବେଳେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଅଲବେର୍ଟୋ ଫର୍ନାଣ୍ଡିଜ୍‌ଙ୍କୁ କେନ୍ଦ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ ପାଲାମ ବିମାନବନ୍ଦରରୁ ପାଛୋଟି ନେଇଥିଲେ। କୋମୋରୋସ୍ ରାଷ୍ଟ୍ରପତି ଅଜାଲି ଅସୋଉମାନି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରତିନିଧିତ୍ୱ କରୁଥିବା ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍‌ଙ୍କୁ ମଧ୍ୟ ଭବ୍ୟ ସ୍ୱାଗତ କରାଯାଇଥିଲା। ଓମାନ୍ ଉପପ୍ରଧାନମନ୍ତ୍ରୀ ସୟୈଦ ଫହଦ୍ ବିନ୍ ମହମ୍ମଦ ଅଲ୍ ସୈଦ୍‌ଙ୍କୁ ମଧ୍ୟ ଅଶ୍ୱିନୀ ସ୍ୱାଗତ କରିଥିଲେ।

ସମ୍ମିଳନୀରେ ଯୋଗଦେବା ପାଇଁ ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତହ ଏଲ୍-ସିସି, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଅଲ୍‌ବାନେସେ ଏବଂ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍ ମଧ୍ୟ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଏହି ବୈଶ୍ୱିକ ସଙ୍ଗଠନର ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମାଇକ୍ରୋବ୍ଲଗିଂ ସାଇଟ୍‌ରେ ବିଶ୍ୱନେତାଙ୍କୁ ସ୍ୱାଗତ କରି ପୋଷ୍ଟ କରିଛନ୍ତି, ଆମ ଅତିଥିମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ସତ୍କାରକୁ ଉପଭୋଗ କରିବେ ବୋଲି ଆଶା।



ସମ୍ମିଳନୀ ପୂର୍ବରୁ ଜଣେ ବ୍ୟକ୍ତି ଜି୨୦ ଥିମ୍ ଥିବା ପତାକା ଧରି ସ୍କାଏ ଡାଇଭିଂ କରୁଛନ୍ତି।


ଇଣ୍ଟରନ୍ୟାଶନାଲ ମିଡିଆ ସେଣ୍ଟରରେ ସେଫ୍‌ମାନେ।


ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଓ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି ।

## ପ୍ରତିନିଧିଙ୍କୁ ସେମାନଙ୍କ ଭାଷାରେ ସ୍ୱାଗତ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଡେଲିଗେଶନ୍ ସେଣ୍ଟରରେ ଜି୨୦ ପ୍ରତିନିଧି ଓ ଅନ୍ୟ ଅନ୍ତର୍ଜାତୀୟ ଅତିଥିମାନଙ୍କୁ ସେମାନଙ୍କ ନିଜସ୍ୱ ଭାଷାରେ ଅଭିନନ୍ଦନ ଜଣାଇ ସ୍ୱାଗତ କରାଯିବ। ଭାରତ ମଣ୍ଡପମ୍ କମ୍ପ୍ଲେକ୍ସର ହଲ୍ ନମ୍ବର ୧୪ରେ କରାଯାଇଥିବା ଡେଲିଗେଶନ୍ ଅଫିସରେ ଆନୁଷ୍ଠାନିକ ସ୍ୱାଗତ ବ୍ୟବସ୍ଥା କରାଯାଇଛି। ସେଠାରେ ଜି୨୦ର ସବୁ ସଦସ୍ୟ ତଥା ନିମନ୍ତ୍ରିତ ରାଷ୍ଟ୍ରର ଭାଷାରେ 'ବସୁଧୈବ କୁଟୁମ୍ବକମ୍' ଏବଂ 'ସ୍ୱାଗତଂ' ଲେଖାଯାଇଛି। ଜର୍ମାନ ଭାଷାରେ 'ୱିଲକୋମେନ୍'ଠାରୁ ନେଇ ଇଣ୍ଡୋନେସୀୟ ଭାଷାରେ 'ସେଲାମତ୍ ଦତାଙ୍ଗ୍', ସ୍ପାନିଶ୍‌ରେ 'ବାଇଏନଭେନିଡୋ' ଏବଂ ତୁର୍କୀ ଭାଷାରେ 'ହୋସ୍‌ଗେଲଡିନିଜ୍' ପର୍ଯ୍ୟନ୍ତ ଉଲ୍ଲେଖ କରାଯାଇଛି।

## ୧.୫ ଡିଗ୍ରୀ ସେଲ୍‌ସିୟସ୍ ଲକ୍ଷ୍ୟକୁ ନେଇ ନେତୃତ୍ୱ

ଜି୨୦ ରାଷ୍ଟ୍ରଗୁଡ଼ିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଲକ୍ଷ୍ୟ ଉପରେ ଧ୍ୟାନଦେବା ସହ ଜଳବାୟୁ ନ୍ୟାୟ ପର୍ଯ୍ୟବସିତ ଆସ୍ଥାକୁ ପୁନଃ ଅବସ୍ଥାପିତ କରି ଏବଂ ଉପଯୁକ୍ତ ଓ ସବୁଜ ଅର୍ଥନୀତି ଜରିଆରେ ସହଜ ପରିବର୍ତ୍ତନକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ନେତୃତ୍ୱ ପ୍ରଦର୍ଶନ କରିବା ଉଚିତ ବୋଲି ଶୁକ୍ରବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ପରାମର୍ଶ ଦେଇଛନ୍ତି। ଗୁଟେରସ୍ କହିଛନ୍ତି, ହରାଇବା ପାଇଁ ଆମ ପାଖରେ ସମୟ ନାହିଁ। ଯେତେ ଦୂର ଦେଖାଯାଉଛି ସବୁଠି ଆହ୍ୱାନ ରହିଛି। ଜଳବାୟୁ ସଙ୍କଟ ନାଟକୀୟ ଭାବେ ଅତି ଖରାପ ସ୍ତରକୁ ଯିବାରେ ଲାଗିଛି। ବିଶ୍ୱର ୮୫% ମୋଟ ଘରୋଇ ଉତ୍ପାଦ (ଜିଡିପି) ଅବଦାନ ରଖୁଥିବା ଏବଂ ୮୦% ଅଙ୍ଗାରକାମ୍ଳ ଉତ୍ସର୍ଜନ ପାଇଁ ଦାୟୀ ଜି୨୦ ରାଷ୍ଟ୍ରଗୁଡ଼ିକ ଜଳବାୟୁ ଅଚଳାବସ୍ଥାକୁ ରୋକିବା ଏବଂ


ଆଣ୍ଟୋନିଓ ଗୁଟେରେସ

ନିରନ୍ତର ବିକାଶ ଲକ୍ଷ୍ୟକୁ ସୁରକ୍ଷା ଦେବା ଆଦି ଦୁଇଟି ପ୍ରାଥମିକ କ୍ଷେତ୍ରରେ ନେତୃତ୍ୱ ନିଅନ୍ତୁ ବୋଲି ଗୁଟେରସ୍ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ୨୦୧୫ରେ ଅନୁଷ୍ଠିତ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଦେଶଗୁଡ଼ିକ ବିଶ୍ୱ ପରିତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ସହମତି ପ୍ରକାଶ କରିଥିଲେ।

## ଘୋଷଣାନାମା ପ୍ରସ୍ତୁତ

ନୂଆଦିଲ୍ଲୀ ନେତାମାନଙ୍କ ଘୋଷଣା ନାମା ପ୍ରାୟତଃ ପ୍ରସ୍ତୁତ ହୋଇଛି ଏବଂ ସମ୍ମିଳନୀରେ ଏହା ଜି୨୦ ନେତାମାନଙ୍କୁ ସୁପାରିସ୍ କରାଯିବ। ସେମାନଙ୍କ ଦ୍ୱାରା ଗୃହୀତ ହେବା ପରେ ଏହା ଘୋଷଣା କରାଯିବ ବୋଲି ଭାରତ କହିଛି। ଭାରତର ଜି୨୦ ଶେର୍ପା ଅମିତାଭ କାନ୍ତ ଖବରଦାତା ସମ୍ମିଳନୀକୁ କହିଛନ୍ତି, ନୂଆଦିଲ୍ଲୀ ନେତାମାନଙ୍କ ଘୋଷଣାନାମା ଦକ୍ଷିଣ ବିଶ୍ୱ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ସ୍ୱର ହେବ। ଭାରତର ଅଧ୍ୟକ୍ଷତା ସମାବେଶୀ, ମହତ୍ତ୍ୱାକାଂକ୍ଷୀ, କାର୍ଯ୍ୟମୁଖୀ ଓ ନିର୍ଣ୍ଣାୟକ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନିଶ୍ଚିତ କରିଛନ୍ତି। ଭାରତର ୬୦ ସହରରେ ୨୨୦ରୁ ଊର୍ଦ୍ଧ୍ୱ ଜି୨୦ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିବା କାନ୍ତ କହିଛନ୍ତି।

## ମାନବକୈନ୍ଦ୍ରିକ ସମାବେଶୀ ବିକାଶର ନୂଆ ମାର୍ଗ ଆଙ୍କିବ: ମୋଦି

ଜି୨୦ ସମିଟ୍ ମାନବକୈନ୍ଦ୍ରିକ ଏବଂ ସମାବେଶୀ ବିକାଶର ନୂଆ ମାର୍ଗ ଆଙ୍କିବା ନେଇ ପୂର୍ଣ୍ଣ ବିଶ୍ୱାସ ରହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀ ପୂର୍ବରୁ କହିଛନ୍ତି। ଏହି ଅବସରରେ ସେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ କହିଛନ୍ତି, ଧାଡ଼ିର ଶେଷ ଭାଗରେ ଥିବା ଅବହେଳିତମାନଙ୍କ ସେବା ଲାଗି ତାଙ୍କ ମିଶନ ଅନୁକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିକାଶକୁ ଆଗେଇ ନେବାକୁହେଲେ ମାନବକୈନ୍ଦ୍ରିକ ମାର୍ଗ ଉପରେ ଗାନ୍ଧିଜୀ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ଆମେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଦ୍ରୁତ ଅଗ୍ରଗତି ଚାହୁଁ। ସେହିପରି ସ୍ଥାୟୀ ଭବିଷ୍ୟତ ପାଇଁ ସବୁଜ ବିକାଶ ଚୁକ୍ତି ଏବଂ ଏକବିଂଶ ଶତାବ୍ଦୀ ନିମନ୍ତେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକୁ ମଜଭୁତ କରିବା ଆମର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଯୁକ୍ତିଗତ ପରିବର୍ତ୍ତନ, ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଭଳି ଭବିଷ୍ୟତ ସେକ୍ଟରଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଏବଂ ବିଶ୍ୱଶାନ୍ତି ସୁନିଶ୍ଚିତ କରିବା ଦିଗରେ ଆମେ ସାମୂହିକ ଭାବେ କାର୍ଯ୍ୟ କରିବୁ। ଭାରତର ଜି୨୦ ଅଧ୍ୟକ୍ଷତାର ବିଷୟବସ୍ତୁ ରହିଛି, 'ବସୁଧୈବ କୁଟୁମ୍ବକମ୍- ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ଯାହା ଆମର ବିଶ୍ୱ ଅଭିମୁଖ୍ୟ ସମଗ୍ର ବିଶ୍ୱ ଏକ ପରିବାର ସହ ଗଭୀର ସମ୍ପର୍କ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।


କୋମୋରୋସ୍ ରାଷ୍ଟ୍ରପତି ତଥା ଆଫ୍ରିକୀୟ ସଂଘ (ଏୟୁ) ଅଧ୍ୟକ୍ଷ ଅଜ୍‌ଲି ଅସୋଉମାନି ପାଲାମ୍ ଏୟାରଫୋର୍ସ ଏୟାରପୋର୍ଟରେ ପହଞ୍ଚିବା ପରେ ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାଦାରାଓ ସ୍ୱାଗତ କରୁଛନ୍ତି।




## ଚାଇନା ବିରୋଧରେ ତିବ୍ବତୀୟଙ୍କ ବିକ୍ଷୋଭ

ଜି୨୦ ସମ୍ମିଳନୀରେ ଚାଇନା ପ୍ରତିନିଧିଙ୍କ ଅଂଶଗ୍ରହଣକୁ ବିରୋଧ କରି ଶୁକ୍ରବାର ଉତ୍ତର ଦିଲ୍ଲୀର ମଞ୍ଜୁ କା ତିଲାଠାରେ ତିବ୍ବତୀୟ ଯୁବକଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତିବ୍ବତୀୟମାନେ ବ୍ୟାନର ଧରି ଚାଇନା ବିରୋଧୀ ସ୍ଲୋଗାନ ଦେଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେତେଜଣ ବିକ୍ଷୋଭକାରୀ ସେମାନଙ୍କ ମୁହଁ ଓ ଦେହରେ 'ତିବ୍ବତକୁ ମୁକ୍ତ କର' ସ୍ଲୋଗାନ ଲେଖିଥିବା ଦେଖିବାକୁ ମିଳିଥିଲା। ଆମେ ଭାରତ କିମ୍ବା ଏହାର ଜି୨୦ ଆୟୋଜନକୁ ବିରୋଧ କରୁନାହୁଁ, ଆମେ କେବଳ ଚାଇନାର ଅଂଶଗ୍ରହଣକୁ ବିରୋଧ କରୁଛୁ ବୋଲି ତିବ୍ବତୀୟ ଯୁବକଂଗ୍ରେସ ଅଧ୍ୟକ୍ଷ ଗୋନ୍‌ପୋ ଧୁଣ୍ଡୁପ୍ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ | Bhubaneswar, Saturday, September 9/2023 | ପୃଷ୍ଠା-୧




**ସାବାଲେଙ୍କାଙ୍କ କୃତିତ୍ୱ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରି ବେଲାରୁଷର ଆରିନା ସାବାଲେଙ୍କା ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବରଓ୍ୱାନ ହେବା ନିଶ୍ଚିତ କରିଛନ୍ତି।

୧୦

୦୨

**କେନ୍ଦ୍ରର ରୁଷିଆ-ୟୁକ୍ରେନ୍ ଆଭିମୁଖ୍ୟକୁ ମନମୋହନଙ୍କ ସମର୍ଥନ**

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଭାରତ ଏହାର ସାର୍ବଭୌମତ୍ୱ ଏବଂ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଶାନ୍ତି ପାଇଁ ଆହ୍ୱାନ ଦେଇ ଠିକ୍ କରିଛି ବୋଲି କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ।





ନୂଆଦିଲ୍ଲୀସ୍ଥିତ ଲୋକ କଲ୍ୟାଣ ମାର୍ଗ ବାସଭବନରେ ଶୁକ୍ରବାର ଦ୍ୱିପାକ୍ଷିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

# ବିଶ୍ୱ ମଙ୍ଗଳ ପାଇଁ ବନ୍ଧୁତା

## ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ

**ନୂଆଦିଲ୍ଲୀ,୮।୯**

ବିଶ୍ୱ ମଙ୍ଗଳ ପାଇଁ ଭାରତ–ଆମେରିକା ବନ୍ଧୁତା ବଡ଼ ଭୂମିକା ନେବ ବୋଲି ୨ ଦିନିଆ ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶାବ୍ୟକ୍ତ କରିଛନ୍ତି। ବାଇଡେନ୍ ମଧ୍ୟ ଏହି ବୈଶ୍ୱିକ ସମ୍ମିଳନୀର ଆୟୋଜକ ରାଷ୍ଟ୍ର ଭାରତକୁ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦୁଇଦେଶ ପକ୍ଷରୁ ମିଳିତ ଘୋଷଣାନାମା ଜାରି କରାଯାଇଛି।

ଚଳିତ ବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଶୁକ୍ରବାର ୩ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ନୂଆଦିଲ୍ଲୀର ଲୋକ କଲ୍ୟାଣ ମାର୍ଗ ସରକାରୀ ବାସଭବନରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଲେଖିଛନ୍ତି, ବୈଠକ ଅତ୍ୟନ୍ତ ସଫଳ ହୋଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅଲୋଚନା ହୋଇଛି, ଯାହାକି ଭାରତ–ଆମେରିକାର ଆର୍ଥିକ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ଆମ ରାଷ୍ଟ୍ରଦ୍ୱୟର ବନ୍ଧୁତା ବିଶ୍ୱର ମଙ୍ଗଳ ପାଇଁ ଆହୁରି ବଡ଼ ଭୂମିକା ନେଇଚାଲିବ। ସେହିପରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମୋଦି ଓ ବାଇଡେନ୍‌ଙ୍କ ମଧ୍ୟରେ ହୋଇଥିବା ବୈଠକର ଫଟୋ ଶେୟାର କରି ଉଭୟଙ୍କ ମଧ୍ୟରେ ହୋଇଥିବା ବିସ୍ତୃତ ଆଲୋଚନା ଦୁଇଦେଶର ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି ଏକ ବିବୃତିରେ କହିଛି।

ଆମେରିକା ରାଷ୍ଟ୍ରପତି ଶୁକ୍ରବାର ରାତି ପ୍ରାୟ ୭ଟାରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଦୁଇନେତାଙ୍କ ମଧ୍ୟରେ ୭ଟା ୪୫ରୁ ୮ଟା ୩୭ ମିନିଟ୍ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ୮୦ ବର୍ଷୀୟ ବାଇଡେନ୍ ☞ପୃଷ୍ଠା–୨

## ରାଷ୍ଟ୍ରପତିଙ୍କ ଜି୨୦ ନୈଶଭୋଜି: ଖାର୍ଗେଙ୍କୁ ଡକାଯାଇନାହିଁ

**ପୂର୍ବତନ ପ୍ରଧାନମନ୍ତ୍ରୀ ଯୋଗଦେବେନି**

**ନୂଆଦିଲ୍ଲୀ,୮।୯(ପି.ଟି.)**

ଜି୨୦ ସମ୍ମିଳନୀ ଅବସରରେ ଅତିଥିମାନଙ୍କ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଭାରତ ମଣ୍ଡପମ୍‌ରେ ଏକ ନୈଶ୍ୟଭୋଜିର ଆୟୋଜନ



ମଲ୍ଲିକାର୍ଜୁନ ଖାର୍ଗେ

କରିଛନ୍ତି। ତେବେ ଉକ୍ତ ଭୋଜିକୁ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଆମନ୍ତ୍ରଣ କରା ନ ଯିବା ଗଣତନ୍ତ୍ର ପ୍ରତି ଏକ ଆକ୍ରମଣ ଏବଂ ଏହା ଶାସନ ବ୍ୟବସ୍ଥାର ଚିନ୍ତାଧାରାର ପ୍ରତିଫଳନ ବୋଲି ଦଳୀୟ ନେତାମାନେ କହିଛନ୍ତି। କେବଳ ଖାର୍ଗେ ନୁହନ୍ତି ଅନ୍ୟ ବିରୋଧୀ ନେତାମାନଙ୍କୁ ମଧ୍ୟ ନୈଶ୍ୟଭୋଜି ପାଇଁ ଅମନ୍ତ୍ରଣ ହୋଇନାହିଁ। କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ନିମନ୍ତ୍ରଣ ପାଇଛନ୍ତି। ଖାର୍ଗେଙ୍କୁ ଡକା ନ ଯିବା ସମ୍ପର୍କରେ କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇ ନ ଥିବାବେଳେ ଏହା ପଛରେ ସରକାରଙ୍କ ମନୋବୃତ୍ତି ଜଣାପଡୁଛି ବୋଲି ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ଭେଦଭାବ ଅଭିଯୋଗ

# ଖୋର୍ଦ୍ଧାରେ ହେବ ଓଡ଼ିଶା ପାଇକ ଏକାଡେମୀ

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

**ଭୁବନେଶ୍ୱର,୮।୯(ଅନିଲ ଦାସ)**

ଖୋର୍ଦ୍ଧା ଜିଲାରେ ଓଡ଼ିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ଶୁକ୍ରବାର ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ରାଜ୍ୟର ଗୌରବମୟ ପାଇକ ପରମ୍ପରାର ସାମୂହିକ ବିକାଶ ନିମନ୍ତେ ଏହି କେନ୍ଦ୍ର ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରିବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଢାଞ୍ଚାରେ ଏହା ପ୍ରତିଷ୍ଠା ହେବ। ଓଡ଼ିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ଦେଶ ବିଦେଶରେ ପାଇକ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାରରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ପାଇକମାନଙ୍କ ସାମୂହିକ ବିକାଶ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଜରିଆରେ ଶିକ୍ଷା ପ୍ରଦାନ ସହିତ ପ୍ରଶିକ୍ଷଣ ଓ ଗବେଷଣାର ବ୍ୟବସ୍ଥା ରହିବ। ଶିକ୍ଷାର୍ଥୀମାନଙ୍କ ପାଇଁ ଛାତ୍ରବୃତ୍ତିର ମଧ୍ୟ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଏହି କେନ୍ଦ୍ର ଗଡ଼ଖୋର୍ଦ୍ଧାଠାରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରିବ। ପରେ ଯଥାଶୀଘ୍ର ଏହି କେନ୍ଦ୍ର ପାଇଁ ସ୍ଥାନ ନିରୂପଣ ଓ ଡିପିଆର ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୧୮୧୭ ମସିହାରେ ଖୋର୍ଦ୍ଧା ମାଟିରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା। ଇଂରେଜ ଶାସନ ବିରୋଧରେ ଏହା ଦେଶର ପ୍ରଥମ ବିଦ୍ରୋହ ଥିଲା ବୋଲି ଐତିହାସିକମାନେ ମତପ୍ରକାଶ କରନ୍ତି। ଏହି ମହାନ୍ ପାଇକ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏ ଦିଗରେ ଅଧିକ ଗବେଷଣା ପାଇଁ ଓଡ଼ିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ମାର୍ଗ ପ୍ରଶସ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫–ଟି ସଚିବ ଭି. କେ. ପାଣ୍ଡିଆନ ଗତ ଅଗଷ୍ଟ ଶେଷ ସପ୍ତାହରେ ଖୋର୍ଦ୍ଧା ଜିଲା ଗସ୍ତ ସମୟରେ ବିଭିନ୍ନ ପାଇକ ସଂଗଠନର ସଦସ୍ୟମାନଙ୍କୁ ଭେଟିଥିଲେ। ପାଇକ ପରମ୍ପରାର ସୁରକ୍ଷା ଓ ପ୍ରସାର ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଓଡ଼ିଶା ଇତିହାସରେ ପାଇକ ପରମ୍ପରାକୁ ଗୌରବମୟ ଅଧ୍ୟାୟ ଭାବରେ ପାଣ୍ଡିଆନ ବର୍ଣ୍ଣନା କରିଥିଲେ। ଏହାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ପରେ ଏ ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

# ଇଣ୍ଡିଆ ମେଣ୍ଟ ୪, ଭାଜପା ୩

**୬ ରାଜ୍ୟର ୭ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନ ଫଳାଫଳ ଶୁକ୍ରବାର ଘୋଷଣା କରାଯାଇଛି। ଏଥିରେ ବିରୋଧୀମାନଙ୍କ ମେଣ୍ଟ 'ଇଣ୍ଡିଆ'କୁ ବଳ ମିଳିଛି। ବିରୋଧୀ ୪ ଆସନରେ ଜିତିଥିବାବେଳେ ଭାଜପାକୁ ମିଳିଛି ୩ଟି ସିଟ୍।**



ଉତ୍ତରପ୍ରଦେଶର ଘୋସି ଆସନରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ବିଜୟୀ ହେବା ପରେ କର୍ମୀମାନେ ଖୁସି ମନାଉଛନ୍ତି।

**ଲକ୍ଷ୍ନୌ/ଅଗରତାଲା,୮।୯(ପି.ଟି.)**

ଇଣ୍ଡିଆ ମେଣ୍ଟରେ ଥିବା କଂଗ୍ରେସ, ଜେଏମ୍ଏମ୍, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ଭାଜପା ଉତ୍ତରାଖଣ୍ଡର ବାଗେଶ୍ୱର ଆସନ ଏବଂ ତ୍ରିପୁରାର ଧନପୁର ଆସନକୁ ବଜାୟ ରଖିଥିବାବେଳେ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ବକ୍ସାନଗର ଆସନକୁ ସିପିଆଇ(ଏମ୍)ଠାରୁ ଛଡ଼ାଇ ଆଣିଛି। ପଶ୍ଚିମବଙ୍ଗର ଧୁପଗୁରି ଆସନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଜୟୀ ହୋଇଛି। ଝାଡ଼ଖଣ୍ଡର ଡୁମ୍ରି ଆସନରେ ଜେଏମ୍ଏମ୍ ପ୍ରାର୍ଥୀ ଜିତିଥିବାବେଳେ ଉତ୍ତରପ୍ରଦେଶର ଘୋସି ଆସନକୁ ସମାଜବାଦୀ ପାର୍ଟି ବଜାୟ ରଖିଛି। ଏହା ସକାରାତ୍ମକ ରାଜନୀତିର ବିଜୟ ଏବଂ ନକାରାତ୍ମକ ସାମ୍ପ୍ରଦାୟିକ ରାଜନୀତିର ପରାଜୟ। ଏହା ଇଣ୍ଡିଆ ବିଜୟର ଅୟମାରମ୍ଭ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି। ଏହି ଉପନିର୍ବାଚନ ବିରୋଧୀ ମେଣ୍ଟ ଇଣ୍ଡିଆ ପାଇଁ ପ୍ରଥମ ନିର୍ବାଚନୀ ପରୀକ୍ଷା ଥିଲା। ଆସନ୍ତାବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲକ୍ଷ୍ୟରେ ୨୮ ବିରୋଧୀ ଦଳ ଏକାଠି ହୋଇ ଇଣ୍ଡିଆ ମେଣ୍ଟ ଗଠନ କରିଛନ୍ତି। ଗତ ୫ ତାରିଖରେ ୭ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଥିରୁ ଭାଜପା ହାତରେ ୩ଟି ଆସନ ପୂର୍ବରୁ ଥିବାବେଳେ କଂଗ୍ରେସ, ଏସ୍‌ପି, ସିପିଆଇ(ଏମ୍) ଏବଂ ଜେଏମ୍ଏମ୍ ହାତରେ ଗୋଟିଏ ଲେଖାଏ ଆସନ ରହିଥିଲା। କେରଳରେ କଂଗ୍ରେସ–ୟୁଡିଏଫ୍ ମେଣ୍ଟ ପୁଥୁପାଲି ଆସନକୁ ବଜାୟ ରଖିଛି। ସେଠାରୁ ଚାଣ୍ଡି ଓମେନ୍ ବିଜୟୀ ହୋଇଛନ୍ତି। ସେ ୮୦,୧୪୪ ଭୋଟ ପାଇଥିବାବେଳେ ଶାସକ ଏଲ୍‌ଡିଏଫ୍ ପ୍ରାର୍ଥୀ ଜାକ୍ ସି. ଥୋମାସଙ୍କୁ ୪୨,୪୨୫ ଭୋଟ ମିଳିଛି। ଝାଡ଼ଖଣ୍ଡର ଡୁମ୍ରି ଆସନରେ ଜେଏମ୍ଏମ୍‌ର ବେବି ଦେବୀ ଏଜେଏସ୍‌ୟୁ ପ୍ରାର୍ଥୀ ଯଶୋଦା ଦେବୀଙ୍କୁ ୧୭ ହଜାରରୁ ଅଧିକ ଭୋଟରେ ପରାଜିତ କରିଛନ୍ତି। ଇଣ୍ଡିଆ ବ୍ଲକ୍ ପ୍ରତିନିଧି ବେବିଙ୍କୁ ୧,୩୫,୪୮୦ ଭୋଟ ମିଳିଥିବାବେଳେ ଯଶୋଦା ୧,୧୮,୩୮୦ ଭୋଟ ପାଇଛନ୍ତି। ପଶ୍ଚିମବଙ୍ଗ ଧୁପଗୁରି ଆସନରେ ଟିଏମ୍‌ସି ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ରାୟ ୪,୩୧୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ୯୬,୯୬୧ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତାପସୀ ରାୟ ୯୨,୬୪୮ ଭୋଟ ପାଇଛନ୍ତି। ଉତ୍ତରାଖଣ୍ଡର ବାଗେଶ୍ୱର ଆସନରେ ଭାଜପାର ପରୱତି ଦାସ୍ କଂଗ୍ରେସ ପ୍ରାର୍ଥୀ ବସନ୍ତ କୁମାରଙ୍କୁ ୨,୪୦୦ରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ୟୁପିର ଘୋଷିରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ସୁଧାକର ସିଂ ବିଜୟୀ ହୋଇଛନ୍ତି। ତ୍ରିପୁରାର ଧନପୁର ଆସନରେ ଭାଜପା ପ୍ରାର୍ଥୀ ବିନ୍ଦୁ ଦେବନାଥ ବିଜୟୀ ହୋଇଛନ୍ତି।






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକରଣା ବୁଦ୍ଧି ଯାହାକୁ ଦିଶେ**
**ଗୁହ ଲୁଣ୍ଡା ଆଣି ଚାଳରେ ଖୋସେ।**

ଘରକରଣା ବୁଦ୍ଧିରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ଜଣକ ସବୁକଥାରେ ନିଘା ରଖିଥାଏ। ଏପରିକି ନିହାତି ସାମାନ୍ୟ ବା ଅଦରକାରୀ ମନେ ହେଉଥିବା ଜିନିଷକୁ ବି ବାହାରୁ ସାଉଁଟି ଆଣି ସଞ୍ଚୟ କରି ରଖେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଘର ଦେଖ ବାହାର ଦେଖ**
**କାନ୍ଥ ଭାଙ୍ଗି କୁଜ ଦେଖ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଖୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରାଗ ସବୁ ଜାଣି ଧୀର ସ୍ଥିର ଭାବରେ ସ୍ଥିର କରିବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମା କରି ବୁଝିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୋଦିଙ୍କୁ ପ୍ରଶ୍ନ କରିବା ପାଇଁ ଆମେରିକୀୟ ଖବରଦାତାଙ୍କୁ ସୁଯୋଗ ନାହିଁ

**ନୂଆଦିଲ୍ଲୀ,୮।୯**

ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ କେତେଜଣ ଖବରଦାତା ଭାରତ ଆସିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବାଇଡେନ୍‌ଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନା ବେଳେ ଉଭୟଙ୍କୁ ପ୍ରଶ୍ନ କରିବା ସୁଯୋଗ ସେମାନଙ୍କୁ ଦିଆଯାଇ ନ ଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜାକ୍ ସୁଲିଭାନ୍ କହିଛନ୍ତି, ଜି୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକର ପ୍ରୋଟୋକଲ ସେ ନିଜେ ସ୍ଥିର କରିଛନ୍ତି। ତେଣୁ ସାମ୍ବାଦିକମାନେ ଅଧିକ ପ୍ରଶ୍ନ କରିପାରିବେ ନାହିଁ।

ଭାରତରେ ନିରପେକ୍ଷ ରିପୋର୍ଟିଂକୁ ନେଇ ଗଣମାଧ୍ୟମ ଉପରେ କଟକଣାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚିତ ହୋଇଥିବା ମୋଦି କ୍ଷମତାକୁ ଆସିବା ପରଠୁ ପ୍ରାୟ କୌଣସି ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଉଚିତ ମଣିନାହାନ୍ତି। ଗତ ଜୁନ୍‌ରେ ମୋଦି ଆମେରିକା ଗସ୍ତ ବେଳେ ଉଭୟ ପକ୍ଷରୁ ବିସ୍ତୃତ ଆଲୋଚନା ପରେ ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଏବଂ ଖବରଦାତା ସମ୍ମିଳନୀରେ ଯୋଗଦେବା ପାଇଁ ରାଜି ହୋଇଥିଲେ। ସେତେବେଳେ ପ୍ରେସ୍ କନ୍‌ଫରେନ୍ସ ଆୟୋଜନ ଲାଗି ହ୍ୱାଇଟ୍ ହାଉସ୍ ପକ୍ଷରୁ ଜୋର୍ ଦିଆଯିବାରୁ ଭାରତୀୟ ଅଧିକାରୀମାନେ ଏଥିରେ ବାଧା ଦେଇଥିଲେ। ଫଳରେ ମୋଦିଙ୍କ ଶାସନ କାଳରେ ଗଣମାଧ୍ୟମର ସ୍ୱାଧୀନତା ଓ ମାନବୀୟ ପ୍ରସଙ୍ଗଗୁଡ଼ିକ ଉପରେ ମୋଦିଙ୍କୁ ସମାଲୋଚନା କରିବା ନେଇ ରାଷ୍ଟ୍ରପତିଙ୍କ ଆଗ୍ରହ ସମ୍ପର୍କରେ ବାଇଡେନ୍ ପ୍ରଶାସନ ତତ୍କାଳ ଇଙ୍ଗିତ କରିଥିଲା। ମୋଦିଙ୍କ ଏହି ଗସ୍ତ ସମୟରେ କଂଗ୍ରେସକୁ ଦେଇଥିବା ଉଦ୍‌ବୋଧନକୁ ୬ ଡେମୋକ୍ରାଟିକ୍ ଆଇନପ୍ରଣେତା ବର୍ଜନ କରିଥିଲେ। ଭାରତରେ ସଂଖ୍ୟାଲଘୁ ମୁସଲମାନଙ୍କ ପ୍ରତି ବ୍ୟବହାରକୁ ନେଇ କ୍ଷୁବ୍ଧ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ପ୍ରତିନିଧି ରାଶିଦା ତଲାଇବ୍, ଇହାନ୍ ଓମାର ଏବଂ ଆଲେକ୍‌ଜାଣ୍ଡ୍ରିଆ ଓକାସିଓ-କୋର୍‌ଟେଜ୍ ଏହି ବର୍ଜନରେ ସାମିଲ ହୋଇଥିଲେ। କିନ୍ତୁ ବାଇଡେନ୍ ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ହ୍ୱାଇଟ୍ ହାଉସ୍‌କୁ ଭବ୍ୟ ସ୍ୱାଗତ କରି ଏକ ଆନୁଷ୍ଠାନିକ ନୈଶଭୋଜିର ଆୟୋଜନ କରିଥିଲେ।

ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କେରିନ୍ ଜିନ୍-ପିଏରେ ଗୁରୁବାର ଖବରଦାତାମାନଙ୍କୁ କହିଛନ୍ତି, ବାଇଡେନ୍‌ଙ୍କ ଭାରତ ଗସ୍ତ ବେଳେ ଗଣମାଧ୍ୟମକୁ ଅଧିକ ସୁଯୋଗ ଦେବା ପାଇଁ ପ୍ରଶାସନ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ସୁଲିଭାନ୍‌ଙ୍କ ସମେତ ହ୍ୱାଇଟ୍ ହାଉସ୍ ଯୋଗାଯୋଗ ନିର୍ଦ୍ଦେଶକ ବେନ୍ ଲାବୋଲ୍ଟ, ଡେପୁଟି ଏନ୍‌ଏସ୍‌ଏ ଜନ୍ ଫିନର, ରାଷ୍ଟ୍ରପତିଙ୍କ ଡେପୁଟି ଆସିଷ୍ଟାଣ୍ଟ ତଥା ଇଣ୍ଡୋ-ପାସିଫିକ୍ କୋ-ଅର୍ଡିନେଟର କୁର୍ଟ କାମ୍ପବେଲ୍‌ଙ୍କ ଭଳି ଆଉ କେତେଜଣ ଅଧିକାରୀ ପ୍ରେସ୍‌କୁ ଅଧିକ ପ୍ରବେଶ ଅଧିକାର ନିମନ୍ତେ ଯୁକ୍ତି ବାଢ଼ିବା ପାଇଁ ସେମାନଙ୍କ ଭାରତୀୟ ପ୍ରତିପକ୍ଷମାନଙ୍କ ସହ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇପାରି ନ ଥିଲା। ସମ୍ମିଳନୀ ଶେଷରେ ବାଇଡେନ୍ ନୂଆଦିଲ୍ଲୀ ପରିବର୍ତ୍ତେ ଭିଏତ୍‌ନାମରେ ଖବରଦାତା ସମ୍ମିଳନୀ କରିବେ, ଯେଉଁଠି ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବା ତାଙ୍କୁ ସହଜ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।




ଜି ୨୦ ସମିଟ୍ ଆୟୋଜନ ଲାଗି ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଭାରତ ମଣ୍ଡପମ୍ ଆଲୋକମାଳାରେ ସଜ୍ଜିତ ହୋଇଛି।

# କେନ୍ଦ୍ରର ରୁଷିଆ-ୟୁକ୍ରେନ୍ ଆଭିମୁଖ୍ୟକୁ ମନମୋହନଙ୍କ ସମର୍ଥନ

**ବେଙ୍ଗାଲୁରୁ,୮।୯**

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଭାରତ ଏହାର ସାର୍ବଭୌମତ୍ୱ ଏବଂ ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦେବା ସହ ଶାନ୍ତି ପାଇଁ ଆହ୍ୱାନ ଦେଇ ଠିକ୍ କରିଛି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏକ ସାକ୍ଷାତ୍‌କାରରେ କହିଛନ୍ତି। ତେବେ ଘରୋଇ ରାଜନୀତିରେ ବିଦେଶ ନୀତିର ବ୍ୟବହାରକୁ ନେଇ ସେ ସତର୍କ କରାଇ ଦେଇଛନ୍ତି। ମନମୋହନ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ୨ ଥର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ନେତୃତ୍ୱ ନେଇଥିଲେ। ଶନିବାର ଅନୁଷ୍ଠିତ ହେଉଥିବା ଜି୨୦ ନୈଶ୍ୟଭୋଜିକୁ ତାଙ୍କୁ ଆମନ୍ତ୍ରଣ କରାଯାଇଛି। ଭାରତର ଜି୨୦ ଅଧ୍ୟକ୍ଷତା ପ୍ରସଙ୍ଗରେ ସେ କହିଛନ୍ତି, ତାଙ୍କ ଶାସନ କାଳରେ ବିଦେଶ ନୀତିକୁ ଘରୋଇ ରାଜନୀତିଠାରୁ ଯଥେଷ୍ଟ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଦଳୀୟ ରାଜନୀତିରେ କୂଟନୀତିର ବ୍ୟବହାରରୁ ଦୂରେଇ ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନମୋହନ କହିଛନ୍ତି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଜିଆର୍‌ଏସ୍

**ଖଡ଼ିଆଳ,୮।୯**
**(ସୁଜିତ୍ କୁମାର ପ୍ରଧାନ)**

ଲାଞ୍ଚ ନେଇ ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ଜିଆର୍‌ଏସ୍ ପ୍ରାଣବନ୍ଧୁ ଦଣ୍ଡସେନା। ଜମି ମରାମତି ବିଲ୍ ପାଇଁ ହିତାଧିକାରୀଙ୍କଠାରୁ ଲାଞ୍ଚ ନେବାବେଳେ କୋରାପୁଟ ଭିଜିଲାନ୍ସ ଟିମ୍ ପ୍ରାଣବନ୍ଧୁଙ୍କୁ ଧରିଛି। ଜିଆର୍‌ଏସ୍‌ଙ୍କ ସହ ପିଅନଙ୍କୁ ବି ଭିଜିଲାନ୍ସ ଟିମ୍ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସୁନାରୀସିକୁଆଁ ପଞ୍ଚାୟତ ଜିଆର୍‌ଏସ୍ ଦଣ୍ଡସେନା ସେହି ଗାଁର ହିତାଧିକାରୀଙ୍କଠାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜମି ମରାମତି ବିଲ୍ ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ସେହି ଟଙ୍କା ପଞ୍ଚାୟତ ଅଫିସ ପିଅନଙ୍କ ହାତରେ ଦେବାକୁ ହିତାଧିକାରୀଙ୍କୁ କହିଥିଲେ। ଏ ନେଇ ହିତାଧିକାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ହିତାଧିକାରୀ ୧୦ ହଜାର ଟଙ୍କା ପିଅନଙ୍କୁ ଦେଇଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଜିଆର୍‌ଏସ୍ ପ୍ରାଣବନ୍ଧୁ ଏବଂ ପିଅନ କମଳାକାନ୍ତ ବୈଠାରୁଙ୍କୁ ଗିରଫ କରିଥିଲା। କୋରାପୁଟ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଡିଏସ୍‌ପି ପ୍ରଦୀପ କୁମାର ଆଇଣ୍ଡଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଜିଆର୍‌ଏସ୍‌ଙ୍କ ପୈତୃକ ଘର ଓ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ଚଢ଼ାଉ ଜାରି ରଖିଛି। ପ୍ରାଣବନ୍ଧୁ ଓ କମଳାକାନ୍ତଙ୍କୁ ଗିରଫ କରି କଳାହାଣ୍ଡି ଭିଜିଲାନ୍ସ ଅଫିସକୁ ପଠାଇ ଦିଆଯାଇଛି।

# ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣା: ଆଉ ୪ ଅଭିଯୁକ୍ତ ଗିରଫ

**ବାସୁଦେବପୁର, ୮।୯**
**(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ମାଡ଼ ମାରିବା ସହ ମୁଖ୍ୟ ସହର ରାସ୍ତାରେ ଚଲାଇ ଚଲାଇ ନେବା ଘଟଣାରେ ଶୁକ୍ରବାର ବାସୁଦେବପୁର ଥାନା ପୋଲିସ ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନାୟକାଣିଡିହୀ ଥାନା ଅଧୀନ ରହିମପୁର ଗ୍ରାମର ବିଦ୍ୟାଧର ସାହୁ(୫୭), ପ୍ରଫୁଲ୍ଲ ପାତ୍ର(୪୨), ପୁରସ୍ତମପୁର ଗ୍ରାମର ଶିବ ନାୟକ(୩୮) ଓ ଉମାକାନ୍ତ ମହାଲିକ(୪୩)। ଏହି ଘଟଣାରେ ପୂର୍ବରୁ ୨ଜଣ ଗିରଫ ହୋଇଥିଲେ। ଏବେ ସୁଦ୍ଧା ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, କରଞ୍ଜଆଡ଼ିଆ ପଞ୍ଚାୟତର ୭ଶହ ହିତାଧିକାରୀ ୨ ମାସର ପିଡିଏସ୍ ଚାଉଳ ପାଇ ନ ଥିଲେ। ଏଥିରେ ଉତ୍ତେଜିତ ହୋଇ ହିତାଧିକାରୀମାନେ ଗତ ୪ ତାରିଖରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ଘୋଷାରି ଆଣି ରାସ୍ତାରେ ମାଡ଼ ମାରିଥିଲେ। ଯୋଗାଣ ଅଧିକାରୀ ଦାସଙ୍କ ଅଭିଯୋଗକ୍ରମେ ଥାନାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା (ନଂ. ୫୦୫/୨୩) ରୁଜୁ ହୋଇଛି। ତେବେ ଏହି ଘଟଣାରେ ମହିଳା ଆକ୍ରମଣକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ସ୍କୁଲ ସହ ଯୋଡ଼ି ହେବେ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଅଭିଭାବକ

**ଭୁବନେଶ୍ୱର, ୮।୯(ଅସମାପିକା ସାହୁ)**

ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ଅଧିକରୁ ଅଧିକ ସାମିଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଶୁକ୍ରବାର 'ସହଭାଗୀ ରୂପେ ଅଭିଭାବକ ବା Parents as Partners' କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସ୍କୁଲ ସହିତ ଯୋଡ଼ିବାକୁ ଲକ୍ଷ୍ୟ ରହିଛି। ଶୁକ୍ରବାର ୧୭ଟି ଜିଲାର ୨୨୯ଟି ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆସନ୍ତା ୧୩, ୧୬, ୨୨, ୨୫ ଓ ୨୬ତାରିଖରେ ରାଜ୍ୟର ୧,୭୭୮ଟି ଅନୁଷ୍ଠାନରେ ଆୟୋଜନ କରାଯିବ। ଏସ୍‌ଟିଏସ୍‌ସି ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସ୍କୁଲ ସହ ଯୋଡ଼ିବା ଓ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଉଥିବା ପାଠ୍ୟକ୍ରମ, ସହାୟତା ରାଶି, ଛାତ୍ରବୃତ୍ତି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଶୁକ୍ରବାର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, କୃଷି, ଜଙ୍ଗଲ, ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ଭଳି ବିଭାଗୁଡ଼ିକ ସ୍କୁଲ ପରିସରରେ ଷ୍ଟଲ କରି ଅଭିଭାବକଙ୍କୁ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

# ୨ ବିଦ୍ୟାଳୟରେ ପାଳିକରି ହିନ୍ଦୀ ପଢ଼ାଉଛନ୍ତି ଜଣେ ଶିକ୍ଷକ

**ଭୁବନେଶ୍ୱର,୮।୯**
**(ଅନୁରାଧା ମହାରଣା)**

**ରାଜଧାନୀରେ ଶିକ୍ଷକ ସଙ୍କଟ, ପାଠପଢ଼ା ଗୁରୁତର ବାଧାପ୍ରାପ୍ତ**

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଛି। ବିଦ୍ୟାଳୟ ରୂପାନ୍ତରୀକରଣରେ ଆଖିବୁଜା ଅର୍ଥ ଖର୍ଚ୍ଚ ହେଉଛି। ହେଲେ ଖୋଦ୍ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ୁଥିବାରୁ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ଭୁବନେଶ୍ୱର ୟୁନିଟ-୯ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ଉଭୟ ବିଦ୍ୟାଳୟରେ ପାଳିକରି ପଢ଼ାଉଛନ୍ତି। ସପ୍ତାହର ୩ଦିନ ଗୋଟିଏ ବିଦ୍ୟାଳୟରେ ଏବଂ ଅନ୍ୟ ୩ଦିନ ଆଉ ଗୋଟିଏ ବିଦ୍ୟାଳୟରେ ହିନ୍ଦୀ ପଢ଼ାଉଥିବା ଜଣାପଡ଼ିଛି। ଚଳିତବର୍ଷ ୟୁନିଟ-୯ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢ଼ୁଥିବାବେଳେ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୦୦ ଛାତ୍ରୀ ଅଛନ୍ତି। ବାଳିକା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକଙ୍କ ସମେତ ୧୭ଜଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ବାଳକ ବିଦ୍ୟାଳୟରେ ୨୦୨୦ରେ ୨୯ଜଣ ଶିକ୍ଷକଶିକ୍ଷୟିତ୍ରୀ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୭କୁ ଖସିଆସିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆହୁରି ୧୮ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅନ୍ୟାନ୍ୟ ବିଷୟରେ ଜଣେ ଦୁଇଜଣ ଶିକ୍ଷକ ରହିଥିବାବେଳେ କ୍ରୀଡା ଓ ହିନ୍ଦୀ ଶିକ୍ଷକ ପଦ ଖାଲିପଡ଼ିଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖାଯିବା ପରେ ଅସ୍ଥାୟୀ ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କୁ ଉଭୟ ବିଦ୍ୟାଳୟରେ ହିନ୍ଦୀ ପାଠପଢ଼ା ଦାୟିତ୍ୱ ଦିଆଯାଇଛି। ଦୀର୍ଘଦିନ ଧରି ଏହି ପଦବୀ ଖାଲିପଡ଼ିବା ପରେ ଏକ ମାସ ହେବ ଏହି ହିନ୍ଦୀ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଅକ୍ଟୋବର ପ୍ରଥମ ସପ୍ତାହରୁ ଦଶମ ପିଲାଙ୍କ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବାକୁଥିବାବେଳେ ପାଠ୍ୟକ୍ରମ ସାରିବାକୁ ମାସେରୁ କମ୍ ସମୟ ରହିଛି। ଉଭୟ ବିଦ୍ୟାଳୟର ୧୫ଟି ଶ୍ରେଣୀରେ ଜଣେ ହିନ୍ଦୀ ଶିକ୍ଷକ ପାଠ ପଢ଼ାଇବା ଦ୍ୱାରା ପିଲାମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବା ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟର କେତେଜଣ ଛାତ୍ରୀ କହିଛନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ହିନ୍ଦୀ ଶିକ୍ଷକଙ୍କ ବିନା ପିଲାମାନେ ପାଠପଢ଼ୁଥିବାବେଳେ ଏବେ ପାଳିରେ ଜଣେ ଶିକ୍ଷକ ପାଠପଢ଼ାଇବାକୁ ଆସୁଥିଲେ ମଧ୍ୟ ସମସ୍ୟାରେ ବିଶେଷ ପରିବର୍ତ୍ତନ ଆସି ନ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାରାୟଣ ଦାଶଙ୍କ କହିବାନୁସାରେ, ହିନ୍ଦୀ ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ପତ୍ର ଲେଖାଯାଉଥିବାବେଳେ ଶିକ୍ଷକ ପଦବୀ ପୂରଣର ସ୍ଥାୟୀ ସମାଧାନ କରାଯାଉନାହିଁ। ବିଦ୍ୟାଳୟରୁ ପୂର୍ବରୁ କେତେଜଣ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ସେମାନଙ୍କୁ ତୁରନ୍ତ ଫେରାଇଆଣିବା କିମ୍ବା ନୂଆ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ। ସପ୍ତାହର ୩ଦିନରେ ଏତେ ସଂଖ୍ୟକ ପିଲାଙ୍କୁ ପାଳିରେ ଆସୁଥିବା ହିନ୍ଦୀ ଶିକ୍ଷକ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ସହଜ ନୁହେଁ। ପୁଣି ହିନ୍ଦୀ ପରୀକ୍ଷା ଖାତାଦେଖା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡିବ।

## ପ୍ରଥମ ପୃଷ୍ଠାରୁ...

### ରାଷ୍ଟ୍ରପତିଙ୍କ ଜି୨୦ ନୈଶଭୋଜି...

ବ୍ରସେଲ୍ସରେ ଥିବା ରାହୁଲ ଗାନ୍ଧୀ କହିଛନ୍ତି। ୬୦ ପ୍ରତିଶତ ଭାରତୀୟଙ୍କ ନେତାଙ୍କର ସେମାନଙ୍କ ପାଖରେ କୌଣସି ମୂଲ୍ୟ ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି। ଗଣତନ୍ତ୍ରରେ ବିରୋଧୀ ଦଳ ମୁଖ୍ୟ ଭୂମିକା ନେଉଥିବାବେଳେ ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ କରା ନ ଯିବା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି।

ରାଷ୍ଟ୍ରପତିଙ୍କ ନୈଶ୍ୟଭୋଜିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଏଚ୍.ଡି. ଦେବେଗୌଡ଼ା ନିମନ୍ତ୍ରିତ ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ସେମାନେ ଯୋଗଦେଇପାରିବେ ନାହିଁ ବୋଲି କେନ୍ଦ୍ର ସରକାରଙ୍କୁ ଜଣାଇଦେଇଛନ୍ତି। ଭୋଜିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଯୋଗଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଜି୨୦ ଡିନରରେ ଯୋଗଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଭୋଜିରେ ଯୋଗଦେବେ। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଡିନରରେ ଯୋଗଦେଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ଶାସିତ ରାଜ୍ୟ କର୍ଣାଟକ, ଛତିଶଗଡ଼ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀମାନେ ଡିନରରେ ଉପସ୍ଥିତ ରହି ନ ପାରନ୍ତି ବୋଲି ଜଣାପଡ଼ିଛି।

### ବିଶ୍ୱ ମଙ୍ଗଳ...

ରାଷ୍ଟ୍ରପତି ହେବା ପରେ ଏହା ହେଉଛି ତାଙ୍କ ପ୍ରଥମ ଭାରତ ଗସ୍ତ। ସେ ଶୁକ୍ରବାର ଓ ଶନିବାର ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବାକୁ ଥିବା ଜି୨୦ ଗ୍ଲୋବାଲ୍ ଲିଡର ସମିଟ୍‌ରେ ଯୋଗଦେବେ। ଏହି ସମ୍ମିଳନୀ ଅବସରରେ ମୋଦି ଗୁରୁବାର ବାଇଡେନ୍‌ଙ୍କ ସମେତ ୩ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଅନ୍ୟ ଦୁଇ ନେତା ହେଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ମରିସସ୍ ପ୍ରତିପକ୍ଷ ପ୍ରବିନ୍ଦ କୁମାର ଜଗନ୍ନାଥ। ପରବର୍ତ୍ତୀ ୨ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଆଉ ୧୩ ବିଦେଶୀ ନେତା ଓ ପ୍ରତିନିଧିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି।

**ବୃଷ** – ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହୋଇଯିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ଅର୍ଥାଭାବ ପରିଲକ୍ଷିତ ହୋଇପାରେ।

**ମିଥୁନ** – ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** – ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ। ଆଲୋଚନା ସମୟରେ ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ଅଶାନ୍ତ ରହିବେ।

**ସିଂହ** – ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ହୋଇଯିବ। ଯିବା ଆସିବା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା** – ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଯାହା ପାଇବାକୁ ଆଶା ରଖିଛନ୍ତି, ତାହା ବିଳମ୍ବରେ ଓ କଷ୍ଟର ସହ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ପିଲାଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିବ। ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ୍ୟ କ୍ଷତି ହେବ ନାହିଁ। ଦୀର୍ଘ ଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ। ଅନ୍ୟମାନଙ୍କ କାନକୁହା କଥାରେ ପ୍ରଭାବିତ ହୋଇ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ** – ପରିବାରର ଅସ୍ୱାଭାବିକ ପରିସ୍ଥିତି ଚିନ୍ତାର କାରଣ ହୋଇପାରେ। ଅବଶ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ନିଜ ଲୋକଙ୍କ ଗହଣରେ ଅଧିକାଂଶ ସମୟ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ସଭାସମିତିରେ ନିଜ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ମକର** – ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ସହକର୍ମୀଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଭାବନା ସୃଷ୍ଟି ହେବ। ଆର୍ଥିକ ଦୁରବସ୍ଥା ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** – ବନ୍ଧୁଙ୍କୁ ଆପଣେଇ ନେବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଖୁସି ରହିବ। କର୍ମକ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ।

**ମୀନ** – ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ସାମୟିକ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ଭାଦ୍ରବ କୃଷ୍ଣ ଦଶମୀ ଶନିବାର, ଶ୍ରୀମନ୍ଦିରରେ କୋଳିବିକା ଓ ବଣଭୋଜି ବେଶ, ସେପ୍ଟେମ୍ବର ୯ ତାରିଖ, (ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ) (ସେପ୍ଟେମ୍ବର ଦ୍ୱିତୀୟ ଶନିବାର), ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୨ ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୨ ମଧ୍ୟେ ରାହୁକାଳ।

## ବଜ୍ରପାତ ରୋକିବା ଲାଗି ତାଳଗଛକୁ ସରକାରଙ୍କ ଗୁରୁତ୍ୱ




# ବନ୍ଦ ଘରୁ ଯୁବକଙ୍କ ମୃତଦେହ ଜବତ

**ଅନୁଗୋଳ,୮।୯ (ଅମିତ ସାମଲ)**

ଅନୁଗୋଳ ଜିଲା ବଆଁରପାଳ ଥାନା ବୁଢାପଙ୍କ ଗାଁରେ ଏକ ଭଡାଘରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, କଟକ ଜିଲା ବଡମ୍ବା ଥାନା ରଗଡିପଡା ଗ୍ରାମର ନରେନ୍ଦ୍ର କୁମାର ସାହୁଙ୍କ ପୁଅ ରମାକାନ୍ତ ସାହୁ (୨୫) ଅନୁଗୋଳ ଜିଲାର ଏକ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସେ ବୁଢାପଙ୍କ ଗାଁଠାରେ ଭଡ଼ାଘରେ ଜଣେ ସହକର୍ମୀଙ୍କ ସହ ରହୁଥିଲେ। ଗୁରୁବାର ସହକର୍ମୀ କାର୍ଯ୍ୟକୁ ଯାଇଥିବା ବେଳେ ରମାକାନ୍ତ ଘରେ ଥିଲେ। ତେବେ ସହକର୍ମୀ ଜଣକ ଭଡାଘରକୁ ଫେରିବା ପରେ ରମାକାନ୍ତ କବାଟ ଖୋଲି ନ ଥିଲେ। ଖବରପାଇ ବଆଁରପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି।

# ୧୧ରୁ ମିଶନ ଇନ୍ଦ୍ରଧନୁଷ ୫.୦




**ଭୁବନେଶ୍ୱର, ୮।୯ (ଅସମାପିକା ସାହୁ)**

ରାଜ୍ୟରେ ଆସନ୍ତା ୧୧ ତାରିଖରୁ 'ଇଣ୍ଟେନ୍ସିଫାଏଡ୍ ମିଶନ ଇନ୍ଦ୍ରଧନୁଷ (ଆଇଏମ୍ଆଇ) ୫.୦' ଅଭିଯାନ ଆରମ୍ଭ ହେବ। ୫ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ ଏବଂ ପଞ୍ଜୀକରଣ କରି ଟିକାକରଣ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଆଇଏମ୍ଆଇ ୫.୦ ନଭେମ୍ବର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ କରାଯିବ ଓ ପ୍ରତି ପର୍ଯ୍ୟାୟ ଛଅ ଦିନ ରହିବ। ପ୍ରଥମ ପର୍ଯ୍ୟାୟ ୧୧ ରୁ ୧୬, ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୯ରୁ ୧୪ ଏବଂ ତୃତୀୟ ପର୍ଯ୍ୟାୟ ନଭେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଚାଲିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡା. ପାଣିଗ୍ରାହୀ କହିଛନ୍ତି, ୩୦ଟି ଜିଲାର ୩୧୪ଟି ବ୍ଲକ୍‌ରେ ଟିକା ନେଇ ନ ଥିବା କିମ୍ବା ଆଂଶିକ ଟିକା ନେଇଥିବା ୧,୦୪,୨୬୧ ଶିଶୁ ଏବଂ ୧୯,୮୯୬ ଗର୍ଭବତୀଙ୍କ ଟିକାକରଣ ସୁନିଶ୍ଚିତ କରାଯିବ। ୟୁନିସେଫ୍‌ର ସାମାଜିକ ଓ ସ୍ୱଭାବ ପରିବର୍ତ୍ତନ ବିଶେଷଜ୍ଞ ଡ. ସୁଗତ ରଏ କହିଥିଲେ, ଟିକାର ଲାଭ ବିଷୟରେ ଜ୍ଞାନ ଅଭାବ ଯୋଗୁ ଶିଶୁ ଓ ଗର୍ଭବତୀ ମା'ମାନେ ଟିକାକରଣରେ ଭାଗ ନେଇ ନ ଥାନ୍ତି। ପରିବାର ସଦସ୍ୟଙ୍କୁ ସଚେତନ କରିବା ସହ ଟିକାକରଣ ପାଇଁ ଉତ୍ସାହିତ କରିବା ଦିଗରେ ଆମେ କାର୍ଯ୍ୟ କରିବୁ ବୋଲି ସୁଗତ କହିଛନ୍ତି। ଏହି ଅଭିଯାନରେ ୟୁନିସେଫ୍, ଡବ୍ଲ୍ୟୁଏଚ୍ଓ, ୟୁଏନ୍‌ଡିପି ଏବଂ ଜେଏସ୍ଆଇ ଆଦି ସଂସ୍ଥା ସହଯୋଗ କରିବେ।

ସୂଚନାଯୋଗ୍ୟ, ଏନ୍ଏଫ୍ଏଚ୍ଏସ୍ ୫ ରିପୋର୍ଟ ୨୦୧୯-୨୧ ଅନୁଯାୟୀ, ଦେଶରେ ସମ୍ପୂର୍ଣ୍ଣ ଟିକାକରଣରେ ଓଡ଼ିଶାର ହାର ସର୍ବାଧିକ ରହିଛି। ଏପରିକି ଏ କ୍ଷେତ୍ରରେ କ୍ରମାଗତ ଉନ୍ନତି କରି ୩୬.୧% (ଏନ୍ଏଫ୍ଏଚ୍ଏସ୍ ୧ ରିପୋର୍ଟ ୧୯୯୨-୯୩)ରୁ ୯୦.୫% (ଏନ୍ଏଫ୍ଏଚ୍ଏସ୍ ୫ ରିପୋର୍ଟ ୨୦୧୯-୨୧) ପହଞ୍ଚିପାରିଛି। ଏହାଦ୍ୱାରା ରାଜ୍ୟରେ ରୋଗ ପ୍ରତିରୋଧକ ଟିକା ହେତୁ ଶିଶୁ ମୃତ୍ୟୁ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଅଙ୍ଗନୱାଡି କେନ୍ଦ୍ରରୁ କର୍ମୀଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ



ମେଡିକାଲରେ ଉତ୍ତ୍ୟକ୍ତ ଅଙ୍ଗନୱାଡି କର୍ମୀଙ୍କ ବାପଘର ଲୋକେ।

**ବାହାନଗା, ୮।୯ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମହାରାଜପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଭିତରୁ ଶୁକ୍ରବାର କର୍ମୀଙ୍କ ମୃତଦେହ ଜବତ କରାଯାଇଛି। ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ତାଙ୍କୁ ହତ୍ୟା କରି ଟଙ୍ଗାଇ ଦିଆଯାଇଥିବା ତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଖନ୍ତାପଡା ଥାନା ମହାରାଜପୁର ଗ୍ରାମର ଅଛା ସଙ୍ଗଠନର ସଭାପତି ବିସ୍ମିତ୍ ରଞ୍ଜନ ଦାସଙ୍କ ସ୍ତ୍ରୀ ପ୍ରଜ୍ଞାପରମିତା ଦାସ(୩୦) ଅଙ୍ଗନୱାଡି କର୍ମୀ ଭାବେ ଚାକିରି କରିଥିଲେ। ସେ ଶୁକ୍ରବାର ସକାଳେ କେନ୍ଦ୍ରକୁ ଯାଇ ପିଲାଙ୍କୁ ପାଠ ପଢାଇଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ଶାଶୁ ରେଣୁକା ଦାସ ପାଖରେ ରହୁଥିବା ଆଶା କର୍ମୀଙ୍କୁ ଫୋନ କରି ବୋହୂ କଣ କରୁଛି ଦେଖିବାକୁ କହିଥିଲେ। ସମ୍ପୃକ୍ତ ଆଶା କର୍ମୀ କେନ୍ଦ୍ରକୁ ଯାଇଥିଲେ। ସେଠାରେ ପିଲାଙ୍କୁ ଓଜନ କରାଯାଉଥିବା ଦଉଡ଼ି ସାହାଯ୍ୟରେ ଅଙ୍ଗନୱାଡି କର୍ମୀ ଫାଶି ହୋଇ ଝୁଲି ରହିଥିବା ଦେଖି ଆଶାକର୍ମୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପ୍ରଜ୍ଞାପରମିତାଙ୍କ ସ୍ୱାମୀ ବିସ୍ମିତ ଓ ଶାଶୁ ରେଣୁକା ଘଟଣାସ୍ଥଳରେ ପହଞ୍ଚି ମୃତ ମହିଳାଙ୍କୁ ସେଠାରୁ ଉଦ୍ଧାର କରି ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାପଘର ଲୋକ ଖବରପାଇ ମେଡିକାଲରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଜ୍ୱାଇଁଙ୍କୁ ମାଡ଼ ମାରିବା ସହ ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ପହଞ୍ଚି ବିସ୍ମିତଙ୍କୁ ଉଦ୍ଧାର କରିବା ସହ ମା' ପୁଅ ଦୁଇଜଣଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି। ଏନେଇ ପ୍ରଜ୍ଞାପରମିତାଙ୍କ ବାପା ଖନ୍ତାପଡା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।

# ସ୍ତ୍ରୀଙ୍କ ଆଗରେ ବୁଡ଼ିଗଲେ ସ୍ୱାମୀ

**କାମାକ୍ଷାନଗର,୮।୯(ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ରେଙ୍ଗାଲି ବାମ କେନାଲରେ ଗାଧୋଇବା ସମୟରେ ସ୍ତ୍ରୀଙ୍କ ଆଖି ଆଗରେ ସ୍ୱାମୀ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଖବରପାଇ କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ନିଖୋଜ ଯୁବକ ହେଲେ କାମାକ୍ଷାନଗର ଥାନା ଜଗନ୍ନାଥପୁର ଗ୍ରାମର ବଳରାମ ସେଠୀ। ଘଟଣାରୁ ଜଣାପଡ଼ିଛି, ବଳରାମ ଶ୍ୱଶୁର ଘର ମହୁଲପାଳକୁ ଆସିଥିଲେ। ମଧ୍ୟାହ୍ନରେଶ୍ ସ୍ତ୍ରୀ ସୁନିତା ସେଠୀଙ୍କ ସହ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ସମୟରେ ବଳରାମ ପାଣିରେ ବୁଡ଼ି ଯାଇଥିଲେ। ଖବରଲେଖା ହେବା ସୁଦ୍ଧା ବଳରାମଙ୍କ ପତ୍ତା ମିଳିନାହିଁ।

# ଚୋରାଚାଲାଣ ବେଳେ ବଜ୍ରକାପ୍ତା ଜବତ, ୨ ଗିରଫ




**ଜୟପୁର, ୮।୯ (ପବନ ପାଣିଗ୍ରାହୀ)**

 କୋରାପୁଟ ଜିଲା ଜୟପୁରରେ ଶୁକ୍ରବାର ବଜ୍ରକାପ୍ତା ଚୋରାଚାଲାଣ ବେଳେ ଧରାପଡିଛି। ଏନେଇ ସୂଚନା ପାଇ ଷ୍ଟେଟ୍ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍)ର ଏକ ଟିମ୍ ଚଢାଉ କରି ଧରିଥିଲା। ବଜ୍ରକାପ୍ତା ଜବତ କରି ଏସ୍‌ଟିଏଫ୍ ଅଧିକାରୀମାନେ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବଡପଡା ଗ୍ରାମର ଦୁର୍ଯ୍ୟ ମାଟପଡିଆ ଓ କାର୍ତ୍ତିକ ହରିଜନ।

ଖବରରୁ ଜଣାପଡିଛି, ବଜ୍ରକାପ୍ତା ଚୋରାଚାଲାଣ ନେଇ ମୂଳଚାଲ୍ ହେଉଥିବା ସୂଚନା ପାଇ ଜୟପୁର ବନାଞ୍ଚଳର ଏକ ଟିମ୍ ବୈପାରିଗୁଡା ବ୍ଲକ ଖୋଲୁପଦ ଛକ ନିକଟରେ ଚଢାଉ କରିଥିଲେ। ବଜ୍ରକାପ୍ତା ବିକ୍ରି ଉଦ୍ୟମ କରୁଥିବା ଦୁର୍ଯ୍ୟ ଓ କାର୍ତ୍ତିକଙ୍କୁ ଏସ୍‌ଟିଏଫ୍ ଟିମ୍ ଧରିଥିଲା। ଅଭିଯୁକ୍ତମାନେ ଏହି ବଜ୍ରକାପ୍ତାକୁ ପଡୋଶୀ ବିହାର ରାଜ୍ୟକୁ ଚାଲାଣ ଲାଗି ଯୋଜନା କରିଥିଲେ ବୋଲି ସେମାନଙ୍କୁ ପଚରାଉଚରା ବେଳେ ଜଣାପଡିଛି। ଚଢାଉ ପରେ ଏସ୍‌ଟିଏଫ୍ ଟିମ୍ ଏ ସମ୍ପର୍କରେ ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡାଙ୍କୁ ଖବର ଦେଇଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ପରିଡା ଓ ଫରେଷ୍ଟର ରଞ୍ଜିତା ନାୟକ ଘଟଣା ସ୍ଥଳରେ ପହଞ୍ଚିବାରୁ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଏହି ବଜ୍ରକାପ୍ତା ହସ୍ତାନ୍ତର କରିଥିଲେ। ବଜ୍ରକାପ୍ତାର ଓଜନ ୮ କେଜି ୫ଶହ ଗ୍ରାମ ରହିଛି। ଏହାର ଲମ୍ବ ୩.୨ ଫୁଟ, ଗୋଲେଇ ୧୬ ଇଞ୍ଚ ଥିବା ଜଣାପଡିଛି। ବଜ୍ରକାପ୍ତାଟି ଆହତ ହୋଇଥିବାରୁ ତାକୁ ଭେଟେରିନାରି ଅଫିସରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

**ପଡ଼ୋଶୀ ରାଜ୍ୟକୁ ଚାଲାଣ ନେଇ ଯୋଜନା କରିଥିଲେ**




ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। -ଶ୍ରୀମା

# ଭେଦଭାବ ଅଭିଯୋଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଶୋକ କୁମାର ପାରମର ଏଜିଏମ୍‌ୟୁଟି (ଅରୁଣାଚଳ ପ୍ରଦେଶ-ଗୋଆ-ମିଜୋରାମ ଆଣ୍ଡ୍ ୟୁନିୟନ ଟେରିଟୋରି) କ୍ୟାଡର୍‌ର ଜଣେ ବରିଷ୍ଠ ଅଧିକାରୀ। ସେ ଜାତୀୟ ଅନୁସୂଚିତ ଜାତି ଆୟୋଗ (ଏନ୍‌ସିଏସ୍‌ସି)ରେ ଜମ୍ମୁ-କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ମନୋଜ ସିହ୍ନା ଏବଂ ମୁଖ୍ୟ ଶାସନ ସଚିବ ଅରୁଣ କୁମାର ମେହେଟାଙ୍କ ବିରୋଧରେ ନିର୍ଯାତନା ଓ ଅପମାନ ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ ପାରମର ଜମ୍ମୁ-କଶ୍ମୀରରେ ଜଳ ଜୀବନ ମିଶନ୍‌ରେ ହୋଇଥିବା ଅନିୟମିତତାକୁ ସାମ୍ନାକୁ ଆଣିଥିଲେ। ପାର୍‌ମର ଏବେ ବ୍ୟୁରୋ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସ୍‌ର ଅଧ୍ୟକ୍ଷ ଅଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜୁନ୍‌ରେ ହୋଇଥିବା ଏକ ବୈଠକରେ ଲ୍ୟୁଟ୍‌ନାଣ୍ଟ ଗଭର୍ନର ସିହ୍ନା ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କୁ ସେଥିରେ ଭାଗ ନେବା ଲାଗି ମନା କରିଥିଲେ। ଜୁଲାଇରେ ବି ମୁଖ୍ୟ ଶାସନ ସଚିବ ମେହେଟା ତାଙ୍କୁ ସଚିବଙ୍କ କମିଟି ବୈଠକରେ ଅପମାନିତ କରିଥିବା ବିଷୟ ଦାବି କରିଥିଲେ, ଯାହାଫଳରେ ତାଙ୍କୁ ବୈଠକରୁ ହଟାଇ ଦିଆଗଲା। ରାଜ୍ୟର ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଏଭଳି ସିଧାସଳଖ ଅଭିଯୋଗ କରିବା ଏକ ବିରଳ ଘଟଣା। ତେଣୁ ପାରମରଙ୍କ ଅଭିଯୋଗର ଫଳାଫଳକୁ ନେଇ ଅଧିକ ଆଗ୍ରହ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ଏହି ସମସ୍ୟାର ସମାଧାନ ଅଧିକାରୀଙ୍କ ଦାବିର ବିଶ୍ୱସନୀୟତା, କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା, ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣର ସ୍ତର ଏବଂ ସମସ୍ୟାର ମୁକାବିଲା ଲାଗି ପ୍ରଚଳିତ ଆଇନ ଓ ପ୍ରଶାସନିକ ପ୍ରକ୍ରିୟା ଉପରେ ନିର୍ଭର କରିବ। ତେବେ ପୂର୍ବ ଘଟଣାଗୁଡ଼ିକରେ ଆମେ ଲକ୍ଷ୍ୟ କରିଛୁ ଯେ,ଭାରତରେ ହ୍ୱିସିଲବ୍ଲୋୟରମାନେ ସରକାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ନିଶ୍ଚିତ କରିବାର ଲକ୍ଷ୍ୟ ସର୍ବଦା ହାସଲ କରିପାରନ୍ତି ନାହିଁ। ବାସ୍ତବରେ ଏହାର ପରିଣାମ ପ୍ରାୟତଃ ନକାରାତ୍ମକ ହୋଇଥାଏ। ଏହି କାରଣରୁ ଜମ୍ମୁ-କଶ୍ମୀରରେ ଉକ୍ତ ମାମଲାକୁ ଉତ୍କଣ୍ଠାର ସହ ଅନୁସରଣ କରାଯାଉଛି।

### ସେନା ଅଧିକାରୀଙ୍କୁ ଦାୟିତ୍ୱ

ମଣିପୁର ଘଟଣାକ୍ରମରେ ଏନ୍.ବୀରେନ୍ ସିଂ ସରକାର ଏବେ ଏକ ଉଚ୍ଚକୋଟୀର ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି। ସରକାର ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ନେକ୍ଟାର ସଞ୍ଜେନବାମଙ୍କୁ ନୂତନ ବରିଷ୍ଠ ପୋଲିସ ଅଧୀକ୍ଷକ (ଏସ୍‌ଏସ୍‌ପି) ଭାବେ ନିଯୁକ୍ତ କରିଛନ୍ତି। ରାଜ୍ୟର ଅବସ୍ଥା ଅଣାୟତ୍ତ ଥିବାବେଳେ ଏହି ନିଷ୍ପତ୍ତିର ଲକ୍ଷ୍ୟ ଏବଂ ଏହାର ଦୀର୍ଘମିଆଦୀ ସମ୍ଭାବ୍ୟ ପରିଣାମ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ , ଯେଉଁଭଳି ଭାବେ ଏହି ନିଯୁକ୍ତି କରାଯାଇଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟ ସରକାର ଏକ ନୂତନ ପଦବୀ ସୃଷ୍ଟିକରି ଉଚିତ୍ ପ୍ରକ୍ରିୟାକୁ ଦୂରେଇ ରଖିଥିବା ଜଣାପଡୁଛି। ସରକାର ଯୁକ୍ତି ଉପସ୍ଥାପନ କରୁଛନ୍ତି ଯେ, ଅନୁପ୍ରବେଶର ମୁକାବିଲା କରିବାରେ ସଞ୍ଜେନବାମଙ୍କ ଅଭିଜ୍ଞତା ରହିଛି ଓ ସେ ରାଜ୍ୟରେ ଅଶାନ୍ତି ଦୂର କରିବାକୁ ଯୋଗ୍ୟ। ଜଣେ ସେନା ଅଧିକାରୀ ଭାବେ ତାଙ୍କର ସଫଳତା ଖୁବ୍ ଆକର୍ଷକ। ତେବେ ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ପୋଲିସ ଓ ସାମରିକ କାର୍ଯ୍ୟାନୁଷ୍ଠାନର ଭିନ୍ନ ଭିନ୍ନ କ୍ଷେତ୍ର ରହିଛି । ପ୍ରତ୍ୟେକର ନିଜସ୍ୱ ନୀତି ଓ ନିୟମ ଅଛି। ଏହି ପଦକ୍ଷେପ ମଣିପୁରରେ ଆଇନ ପ୍ରଣୟନର ସାମରିକକରଣକୁ ନେଇ ମଧ୍ୟ ଚିନ୍ତା ବଢ଼ାଇଦେଇଛି। ଲାଗି ରହିଥିବା ହିଂସାକୁ ଆୟତ୍ତ କରିବା ପାଇଁ ଏହାକୁ ଏକ ସାହସିକ ପଦକ୍ଷେପ ଭାବରେ ଦେଖାଯାଉଛି, କିନ୍ତୁ ଏଥିରେ କିଛି ବିପଦ ଅଛି। ସାମରିକ ଶୈଳୀରେ ସମାଧାନ କରିବା ଲାଗି ନିଷ୍ପତ୍ତି ନେବା ଦ୍ୱାରା ସମାଧାନ ହେବା ପରିବର୍ତ୍ତେ ଉତ୍ତେଜନା ବଢ଼ିପାରେ। ତେଣୁ ନିଯୁକ୍ତିକୁ ନେଇ କେତେକଙ୍କ ମନରେ ଆଶା ସଞ୍ଚାର ହୋଇଥିଲେ ବି ଏହାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ଚିନ୍ତା ବଢ଼ାଇଦେଇଛି।

### ପ୍ରଶାସନିକ ପଦକ୍ଷେପ

ବିଳମ୍ବିତ ରାତିରେ ସଂଖ୍ୟାଧିକ ସଚିବଙ୍କ ଅଦଳବଦଳ ଘୋଷଣା ବ୍ୟାପକ ପ୍ରଶାସନିକ ପଦକ୍ଷେପ ଲାଗି ସରକାରଙ୍କ ପ୍ରସ୍ତୁତିକୁ ସୂଚାଉଥାଇପାରେ ବୋଲି ଆମେ ଚିନ୍ତା କରୁଛୁ। ଶାସନର ଶେଷ ପର୍ଯ୍ୟାୟରେ ସରକାର ସଫଳତା ହାସଲ ଲକ୍ଷ୍ୟ ରଖିଥିବା ବି ମନେହେଉଛି। ଏହି ଅଦଳବଦଳରେ ନୂତନ ନିଯୁକ୍ତି, ଲାଟେରାଲ ସିଫ୍ଟ ଏବଂ ଦୁଇ ଡଜନରୁ ଅଧିକ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଯଥା ସ୍ଥାନକୁ ପଦୋନ୍ନତି ଦେବା ବିଷୟ ଅନ୍ତର୍ଭୁକ୍ତ। ଜି -୨୦ ଶିଖର ସମ୍ମିଳନୀ ପ୍ରସ୍ତୁତି, ସଂସଦର ସ୍ୱତନ୍ତ୍ର ଅଧିବେଶନ ଏବଂ 'ଏକ ଦେଶ, ଏକ ନିର୍ବାଚନ' ପରି ଐତିହାସିକ ବିଲ୍‌କୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। କିଛି ଉଲ୍ଲେଖନୀୟ ପରିବର୍ତ୍ତନ କ୍ରମେ ଏସ୍. କ୍ରିଷ୍ଣନ୍ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ନୂତନ ସଚିବ ଏବଂ ଭି.ଏଲ୍. କାନ୍ଥା ରାଓଙ୍କୁ ଖଣି ମନ୍ତ୍ରଣାଳୟର ନୂତନ ସଚିବ ଭାବେ ନିଯୁକ୍ତ କରାଯାଇଛି। ଚଞ୍ଚଳ କୁମାରଙ୍କୁ ଉତ୍ତର ପୂର୍ବାଞ୍ଚଳର ବିକାଶ ମନ୍ତ୍ରଣାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଶ୍ରୀରାମ ତାରାନିକାନ୍ତିଙ୍କୁ ମସୁରି ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଜାତୀୟ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନର ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହିସବୁ ପରିବର୍ତ୍ତନ ବ୍ୟତୀତ, ୩ ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେନ୍ଦ୍ର କୁମାର, ରାକେଶ ରଞ୍ଜନ ଏବଂ ନୀଲମ ଶ୍ୟାମି ରାଓଙ୍କୁ ଉଚିତ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ଏହି ଅଦଳବଦଳ ନୂଆଦିଲ୍ଲୀରେ ଶାସନର ଗତିଶୀଳତାକୁ ସୂଚିତ କରେ। ସାଧାରଣ ନିର୍ବାଚନ ନିକଟତର ହୋଇଆସୁଥିବାରୁ ଦେଶର ଭବିଷ୍ୟତରେ ଏହାର ପ୍ରଭାବ କ'ଣ ରହିବ ସେ ବିଷୟରେ ଚିନ୍ତା କରିବାକୁ ବାଧ କରିଛି।

Email: dilipcherian@gmail.com

# ଦଣ୍ଡ ସଂହିତାରେ ସଂଶୋଧନର ନିହିତାର୍ଥ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ସଂସଦର ଗତ ମୌସୁମୀ ଅଧିବେଶନର ଶେଷ ଦିନରେ କେନ୍ଦ୍ର ସରକାର ଦେଶର ଫୌଜଦାରି ଦଣ୍ଡ ବ୍ୟବସ୍ଥାରେ ଏକ ବଡ଼ଧରଣର ସଂଶୋଧନ କରିବାକୁ ତିନୋଟି ବିଲ୍ ଆଗତ କରିଛନ୍ତି। ଅଚାନକ ଭାବେ ଆଗତ ଏହି ବିଲ୍‌ଗୁଡ଼ିକ ଜରିଆରେ ସରକାର ଭାରତର ଆପରାଧିକ ଦଣ୍ଡ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବା ତିନୋଟି ପ୍ରମୁଖ ସଂହିତା ଯଥା ଭାରତୀୟ ଦଣ୍ଡ ସଂହିତା (ଆଇପିସି) -୧୮୬୧, ଆପରାଧିକ ପ୍ରକ୍ରିୟା ସଂହିତା (ସିଆର୍‌ପିସି)-୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ-୧୮୭୨ର ନାମ ସହିତ ସେସବୁର ଅନେକ ଧାରାରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି। ଭାରତୀୟ ଦଣ୍ଡ ସଂହିତାକୁ ଭାରତୀୟ ନ୍ୟାୟ ସଂହିତା- ୨୦୨୩, ଫୌଜଦାରି ପ୍ରକ୍ରିୟା ଆଇନକୁ ନାଗରିକ ସୁରକ୍ଷା ସଂହିତା ବିଲ୍ - ୨୦୨୩ ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ - ୧୮୭୨କୁ ବଦଳାଇ ତା' ସ୍ଥାନରେ ଭାରତୀୟ ସାକ୍ଷ୍ୟ ବିଲ୍ - ୨୦୨୩ ଅଣାଯାଇଛି। ଭାରତୀୟ ଦଣ୍ଡ ସଂହିତାରେ ରହିଥିବା ୨୨ଟି ଧାରାକୁ ଉଚ୍ଛେଦ କରାଯାଇଥିବା ବେଳେ ୧୫୭ଟି ଧାରାରେ ସଂଶୋଧନ କରାଯାଇଛି ଏବଂ ୮ଟି ଧାରାକୁ ଏଥିରେ ନୂଆକରି ଯୋଡ଼ାଯାଇଛି। ସେହିପରି ନାଗରିକ ସୁରକ୍ଷା ବିଲ୍‌ରେ ଫୌଜଦାରି ପ୍ରକ୍ରିୟା ଆଇନର ୯ଟି ଧାରାକୁ ବାତିଲ କରାଯାଇଥିବା ବେଳେ ୧୬୦ଟି ଧାରାକୁ ସଂଶୋଧନ କରାଯାଇଛି ଏବଂ ୯ଟି ଧାରାକୁ ନୂତନ ଭାବେ ଯୁକ୍ତ କରାଯାଇଛି। ଭାରତୀୟ ସାକ୍ଷ୍ୟ ବିଲ୍‌ରେ ମଧ୍ୟ ବର୍ତ୍ତମାନର ଏଭିଡେନ୍ସ ଆକ୍ଟରେ ଥିବା ୫ଟି ଧାରାକୁ ବାତିଲ କରାଯାଇଥିବା ବେଳେ ୨୩ଟି ଧାରାରେ ସଂଶୋଧନ କରାଯାଇଛି ଏବଂ ଗୋଟିଏ ନୂତନ ଧାରାକୁ ଯୋଡାଯାଇଛି। ତେବେ ବିଲ୍ ତିନୋଟି ସଂସଦରେ ଆଗତ କରିବା ପରେ ତା' ଉପରେ ଅଧିକ ବିଚାର ଆଲୋଚନା କରିବା ନାଁରେ ସରକାର ତାକୁ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ପଠାଇ ଦେଇଛନ୍ତି।

ଏହା ନିଃସନ୍ଦେହ ଯେ ଦୀର୍ଘ ୧୬୨ ବର୍ଷ ତଳେ ବ୍ରିଟିଶ ଶାସକମାନଙ୍କ ଦ୍ୱାରା ପ୍ରଣୀତ ଦଣ୍ଡ ସଂହିତା ବର୍ତ୍ତମାନ ପରିସ୍ଥିତିର ଆବଶ୍ୟକତା ଅନୁସାରେ ପରିବର୍ତ୍ତିତ ହେବା ଜରୁରୀ ଥିଲା। ବିଶେଷକରି ଗଣତାନ୍ତ୍ରିକ ମୂଲ୍ୟବୋଧ, ବ୍ୟକ୍ତିଗତ ସ୍ୱାଧୀନତା ଓ ମାନବିକ ଅଧିକାର ଆଧାରରେ ଏହାକୁ ଅଧିକ ସରଳ ଓ ଉଦାର କରିବା ଆବଶ୍ୟକ ହୋଇପଡ଼ିଥିଲା। ନାଗରିକଙ୍କ ମାନବିକ ଅଧିକାର ଓ ବ୍ୟକ୍ତି ସ୍ୱାଧୀନତାକୁ ହନନ କରୁଥିବା ବିଭିନ୍ନ ଆଇନକୁ ଉଚ୍ଛେଦ କରିବା ସହ ମୃତ୍ୟୁଦଣ୍ଡ ପରି କଠୋର ଦଣ୍ଡର ବ୍ୟବସ୍ଥାକୁ ସମୀକ୍ଷା କରିବା ଦରକାର ଥିଲା। କିନ୍ତୁ ସରକାରଙ୍କ ପଦକ୍ଷେପ ସମସ୍ତଙ୍କୁ ନିରାଶ କରିଛି। ବିନା କୌଣସି ବିଚାରବିମର୍ଶରେ ଅତ୍ୟନ୍ତ ତରବରିଆ ଭାବେ ଅଣାଯାଇଥିବା ଏହି



ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପଛରେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ମୋଦି ସରକାର ପ୍ରସ୍ତାବିତ ସଂହିତାରେ ଔପନିବେଶିକ ଶାସନ କାଳରୁ ରହି ଆସିଥିବା ରାଷ୍ଟ୍ରଦ୍ରୋହ ଆଇନ ବା ଧାରା ୧୨୪(କ)କୁ ହଟାଇ ଦେଇଛନ୍ତି ବୋଲି ଦାବି କରିଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କୁ ଦମନ କରିବା ପାଇଁ ବ୍ରିଟିଶ ଶାସକମାନେ ଏହି ଆଇନକୁ ତିଆରି କରିଥିଲେ। ତେବେ ଦେଶରୁ ବ୍ରିଟିଶମାନେ ଯିବା ପରେ ଆମ ଶାସକମାନେ ଏହାକୁ ଅବ୍ୟାହତ ରଖିବା ସହ ସରକାରଙ୍କ ବିରୋଧରେ ଭିନ୍ନମତ ପୋଷଣ କରୁଥିବା ରାଜନୈତିକ ନେତା, ସାମାଜିକ କର୍ମୀଙ୍କ ଠାରୁ ଆରମ୍ଭକରି ସାମ୍ବାଦିକ, ଲେଖକ ଓ କାର୍ଟୁନିଷ୍ଟ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହୋଇ ଆସିଛନ୍ତି। ଏଭଳି ଦମନକାରୀ ଆଇନର ଉପସ୍ଥିତି ଏକ ଗଣତାନ୍ତ୍ରିକ ସମାଜ ପାଇଁ ବିପଦ ହୋଇଥିବାରୁ ବ୍ରିଟିଶରମାନେ ଏହାକୁ ନିଜ ଦେଶରୁ ଅନେକ ପୂର୍ବରୁ ଉଚ୍ଛେଦ କରି ସାରିଛନ୍ତି। ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କିଛି ମାସ ତଳେ ଏହି ଆଇନକୁ ନେଇ ପ୍ରଶ୍ନ କରିବା ସହ ନୂତନ ଆଇନ ନ ଆଣିବା ପର୍ଯ୍ୟନ୍ତ ବର୍ତ୍ତମାନ ରହିଥିବା ଆଇନର କାର୍ଯ୍ୟକାରିତାକୁ ସ୍ଥଗିତ ରଖିଥିଲେ ଏବଂ ଏହି ଆଇନରେ ଗିରଫ ସବୁ ବ୍ୟକ୍ତିଙ୍କୁ ତୁରନ୍ତ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରିସ୍ଥିତିରେ ସରକାର ପ୍ରସ୍ତାବିତ ନ୍ୟାୟ ସଂହିତାରେ ଯଦିଓ ରାଷ୍ଟ୍ରଦ୍ରୋହ ଆଇନର ୧୨୪(କ) ଧାରାକୁ ଉଚ୍ଛେଦ କରିଛନ୍ତି, କିନ୍ତୁ ପ୍ରସ୍ତାବିତ ଧାରା ୧୫୦ରେ ତାକୁ ପୁଣି ଥରେ ସାମିଲ କରି ତା' ପରିସରକୁ ଅଧିକ ବ୍ୟାପକ କରିଛନ୍ତି। ଫଳରେ ଏଣିକି ସରକାରଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ଦେଶଦ୍ରୋହ ଅପରାଧର ପର୍ଯ୍ୟାୟବାଚୀ ହେବ। ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଲେଖା, ଭାଷଣ, ସଭାସମିତି, ଧର୍ମଘଟ କରିବା ବି ଦେଶଦ୍ରୋହ ବୋଲି ବିଚାର କରାଯିବ ଏବଂ ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ସାତ ବର୍ଷରୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା କରାଯାଇଛି।

ସେହିଭଳି ପ୍ରସ୍ତାବିତ ସଂହିତାର ଧାରା ୧୧୧ରେ ସନ୍ତ୍ରାସବାଦକୁ ଯୋଡ଼ାଯାଇଛି। ପ୍ରଥମଥର ପାଇଁ ସନ୍ତ୍ରାସବାଦ ଦେଶର ଦଣ୍ଡ ସଂହିତାରେ ସନ୍ତ୍ରାସବାଦ ଶବ୍ଦର ଉଲ୍ଲେଖ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ ବ୍ରିଟିଶ ଶାସନ କାଳରେ ସେମାନଙ୍କ ବିରୋଧରେ ଅନେକ ସଶସ୍ତ୍ର ବିଦ୍ରୋହ ଓ ଆତଙ୍କବାଦୀ କାର୍ଯ୍ୟକଳାପ ହେଉଥିଲେ ମଧ୍ୟ ସେମାନେ ନିଜର ସଂହିତାରେ କୌଣସି ଆତଙ୍କବାଦୀ ଧାରାକୁ ରଖି ନ ଥିଲେ। ୧୯୬୭ରେ ଭାରତ ସରକାର ପ୍ରଥମ ଥର ପାଇଁ ଦଣ୍ଡ ସଂହିତାରେ ଆତଙ୍କବାଦକୁ ସାମିଲ କରି ଆଇନ ଆଣିଥିଲେ। ବର୍ତ୍ତମାନର ୟୁଏପିଏ ଆଇନରେ ସନ୍ତ୍ରାସବାଦ ବୋଲି ଏକ ଧାରା ରହିଥିଲେ ବି ତା'ର ଏକ ସୀମିତ ପରିଭାଷା ରହିଛି। ଯଦି କୌଣସି କାର୍ଯ୍ୟ ଦେଶର ଐକ୍ୟ, ସାର୍ବଭୌମତ୍ୱ ଓ ସଂହତିକୁ ବିପନ୍ନ କରୁଛି ତାହେଲେ ତାକୁ ଏକ ସନ୍ତ୍ରାସବାଦୀ କାର୍ଯ୍ୟ ବୋଲି ବିବେଚନା କରାଯିବ ବୋଲି ରହିଥିଲା। ଏପରିକି ଦେଶରେ ଆଇନ ଶୃଙ୍ଖଳା ବ୍ୟାଘାତ କଲେ, ସରକାରୀ ପଣ୍ୟ ସରବରାହ ବା ସେବାରେ ବିଘ୍ନ ଘଟାଇଲେ ବି ତାହା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୋଲି ପରିଗଣିତ ହେବ। ଏହାର ଅର୍ଥ ହେଲା, ନିକଟ ଅତୀତରେ ଦିଲ୍ଲୀରେ ରାସ୍ତା ଅବରୋଧ କରି ବର୍ଷାଧିକ କାଳ ବସିଥିବା କୃଷକମାନଙ୍କ ଆନ୍ଦୋଳନ ପ୍ରସ୍ତାବିତ ସଂହିତାରେ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ପରିଗଣିତ ହେବ। ଆଗାମୀ ଦିନରେ ସରକାରଙ୍କ ବିରୋଧରେ ସଂଗଠିତ ବିଭିନ୍ନ ଆନ୍ଦୋଳନକୁ ଆତଙ୍କବାଦୀ କାର୍ଯ୍ୟ ବୋଲି ଧରାଯାଇ ତାକୁ ଦମନ କରାଯିବ।

ନୂତନ ସଂହିତାରେ ପୋଲିସ ହାଜତରେ ଜଣେ ଅଭିଯୁକ୍ତଙ୍କୁ ରଖିବାର ମିଆଦକୁ ବର୍ତ୍ତମାନର ୧୫ ଦିନରୁ ୬୦ ଦିନକୁ ବଢ଼େଇ ଦିଆଯାଇଛି। ପୋଲିସ ହାଜତରେ ନିର୍ଯାତନାର ଅଭିଯୋଗ ବଢୁଥିବା ସତ୍ତ୍ୱେ ଏଭଳି ବ୍ୟବସ୍ଥା ପୋଲିସକୁ ଅଧିକ କ୍ଷମତା ଦେବା ସହ ଲୋକଙ୍କ ଉପରେ ହାଜତ ଭିତରେ ଦମନ ଓ ଅତ୍ୟାଚାରକୁ ଆହୁରି ବଢ଼େଇବାକୁ ଯାଉଛି। ପୂର୍ବପରି ଏଥିରେ ମଧ୍ୟ ମୃତ୍ୟୁଦଣ୍ଡକୁ ବଜାୟ ରଖାଯାଇଛି ଏବଂ 'ଭିଡ଼ ଦ୍ୱାରା ହତ୍ୟା' ବା ମବ୍ ଲିଂଚିଂ ପାଇଁ (ଯାହାର ପ୍ରଥମ ଥର ପାଇଁ ସିଧାସଳଖ ବ୍ୟବସ୍ଥା ଅଛି) ସାଧାରଣ ହତ୍ୟା ଅପେକ୍ଷା କମ୍ ଦଣ୍ଡର ବ୍ୟବସ୍ଥା ରହିଛି। ସାମ୍ପ୍ରଦାୟିକ ହିଂସାକୁ ନେଇ ରହିଥିବା ପ୍ରାବଧାନ ବି ଅତ୍ୟନ୍ତ ଭେଦଭାବପୂର୍ଣ୍ଣ ରହିଛି।

ଏକ ଫାସୀବାଦୀ ବିଚାର ଅନୁରୂପ ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନକୁ ଦବେଇବାର ଉଦ୍ଦେଶ୍ୟ ନେଇ ଏହି ନୂଆ ସଂହିତାର ପରିକଳ୍ପନା କରାଯାଇଛି। ଯଦିଓ ସଂହିତାରେ ଥିବା ଦଣ୍ଡ ବଦଳରେ ନ୍ୟାୟ କରିବା ପାଇଁ ଏକ ସଂସ୍କାରମୂଳକ ପଦକ୍ଷେପ ଭାବେ ନୂତନ ସଂହିତାକୁ ଅଣାଯାଇଛି ବୋଲି ସରକାର ଦାବି କରିଛନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ନାଗରିକମାନଙ୍କ ଉପରେ ଦଣ୍ଡ ଓ ରାଷ୍ଟ୍ରର ଦମନକୁ ବଢ଼ାଇ ଏକ ଏକଚ୍ଛତ୍ରବାଦୀ ରାଷ୍ଟ୍ର ଗଠନ କରିବାକୁ ଯାଉଛି।

ମୋ.-୯୪୩୭୧୬୭୩୯୧

# ମ୍ୟାପ କୂଟନୀତି



ଲଳିତେନ୍ଦୁ ପଲାଉରୀ

ଗତ ଅଗଷ୍ଟ ୨୪ରେ ଦକ୍ଷିଣ ଆଫ୍ରିକାର ରାଜଧାନୀ ଜୋହାନ୍‌ସବର୍ଗ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗଙ୍କ ମଧ୍ୟରେ ଦୁଇ ଦେଶର ସମ୍ପର୍କ ଉନ୍ନତି ନେଇ ସ୍ୱଳ୍ପ ଆଲୋଚନା ହେଲା। ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମାରେ ଉତ୍ତେଜନା ହ୍ରାସ ପାଇଁ ଉଭୟ ନେତା ସହମତ ହେଲେ। କିନ୍ତୁ ବୈଠକ ପରେ ଚାଇନା ମାଟିରେ ପାଦ ଦେଉ ଦେଉ ସବୁ ପ୍ରତିଶ୍ରୁତି ଭୁଲିଗଲେ ଜିନ୍‌ପିଙ୍ଗ। ଉଭୟ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ କଥାବାର୍ତ୍ତାର ଏକ ସପ୍ତାହ ନ ପୂରୁଣୁ ନୂଆ ମ୍ୟାପ ଜାରି କରି ପୁଣି କୂଟନୀତିର ଚାଲ୍ ଖେଳିଛି ଚାଇନା। ନୂଆଦିଲ୍ଲୀରେ ହେବାକୁ ଥିବା ଜି-୨୦ ବୈଠକରେ ଯୋଗଦେବାକୁ କହି ଶେଷ ମୁହୂର୍ତ୍ତରେ ଜିନ୍‌ପିଙ୍ଗ ହଠାତ ମତ ପରିବର୍ତ୍ତନ କରିଛନ୍ତି। ନିଜେ ନ ଆସି ପ୍ରଧାନମନ୍ତ୍ରୀ ଲି କିଆଙ୍ଗଙ୍କୁ ଜି -୨୦ ବୈଠକକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି।

ନୂଆ ମ୍ୟାପରେ ଚାଇନା, ଅରୁଣାଚଳ ପ୍ରଦେଶ, ଅକସାଇ ଚାଇନା ଅଞ୍ଚଳ ସହ ବିବାଦୀୟ ଦକ୍ଷିଣ ତିବ୍ବତ, ଦକ୍ଷିଣ ଚୀନ୍ ସାଗରକୁ ନିଜ ଅଞ୍ଚଳ ବୋଲି ଦର୍ଶାଇଛି। ଚାଇନା ସରକାରଙ୍କ ମିନିଷ୍ଟ୍ରି ଅଫ୍ ନାଚୁରାଲ ରିସୋର୍ସ ପକ୍ଷରୁ ଏହି ନୂଆ ମ୍ୟାପ ଜାରି କରାଯାଇଛି। ଚାଇନାର ଏଭଳି ମ୍ୟାପ ଜାରି ପରେ ଇଣ୍ଡୋନେସିଆ, ଭିଏତ୍‌ନାମ, ତାଇୱାନ ଏବଂ ଫିଲିପାଇନ୍ସ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେହିପରି ପୂର୍ବ ଏସିଆକୁ ୟୁରୋପ ସହ ଯୋଡ଼ିବାକୁ ୨୦୧୩ରୁ ଚାଇନା ପାକିସ୍ତାନକୁ ହାତକରି ଚଳାଇଥିବା ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭି ବା (ବିଆର୍‌ଆଇ)କୁ ପ୍ରଥମେ ପ୍ରଥମେ ବୁଝି ପାରି ନ ଥିବା ପାକିସ୍ତାନ ପରବର୍ତ୍ତୀ ସମୟରେ ବୁଝିବା ପରେ ଏହାକୁ ବିରୋଧ ଜାରି ରଖିଛି। ତେଣୁ ବାରମ୍ବାର ପଡୋଶୀଙ୍କ ସୀମାରେଖା ଉଲ୍ଲଂଘନ କରି ଦୁଇପାଦ ଆଗକୁ ବଢୁଥିବା ଚାଇନା, ବିରୋଧ ପରେ ଏକ ପାଦ ପଛକୁ ଘୁଞ୍ଚିବା ନୀତିରେ ନିଜର ବିସ୍ତାରବାଦ ନୀତିକୁ ଚରିତାର୍ଥ କରିଚାଲିଛି। ଭାରତ-ଚାଇନା ସୀମାର ୪ ହଜାର କିଲୋମିଟର ଏଲଏସିକୁ ବେଖାତିର କରି ଭାରତର ୨ ହଜାର ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳକୁ ଜୋର ଜବରଦସ୍ତ ଦଖଲ କରି ରଖିଛି ଚାଇନା। ଗତ ଏପ୍ରିଲରେ ମଧ୍ୟ ଚାଇନା ସରକାର ଅରୁଣାଚଳ ପ୍ରଦେଶର ୧୧ଟି ଅଞ୍ଚଳକୁ ନିଜ ଅଞ୍ଚଳ ବୋଲି ଦାବି କରିବା ସହ ସେସବୁ ଅଞ୍ଚଳର ନାମକରଣ କରିଛି। ଏହିସବୁ ଅଞ୍ଚଳକୁ ନିଜ ମ୍ୟାପରେ ସ୍ଥାନ ଦେଇଛି ଚାଇନା। ଗତ ୫ ବର୍ଷ ମଧ୍ୟରେ ଚାଇନା ତିନି ତିନି ଥର ଏଭଳି ଜୋର ଜବରଦସ୍ତ କାର୍ଯ୍ୟ କରିସାରିଲାଣି। ୨୦୨୧ରେ ଭାରତର ୧୫ଟି ଅଞ୍ଚଳକୁ ଚାଇନା ନିଜ ଅଞ୍ଚଳ କହିବା, ୨୦୧୭ରେ ୬ଟି ଅଞ୍ଚଳର ନାଁ ପରିବର୍ତ୍ତନ କରି ଚାଇନା ନିଜ ଅଞ୍ଚଳ ବୋଲି ଦାବି କରିଛି। ହେଲେ ଚାଇନାର ଏଭଳି ଏକଚାଟିଆ ମନୋଭାବକୁ ନେଇ ଭାରତ ଆଦୌ ବିବ୍ରତ ନଥିବା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ନାଁ ପରିବର୍ତ୍ତନ କଲେ କିମ୍ବା ମ୍ୟାପରେ ଦେଖାଇଲେ ସ୍ୱତ୍ୱ ବଦଳିବନି। ଅରୁଣାଚଳ



ପ୍ରଦେଶ ଭାରତର ଅବିଚ୍ଛିନ୍ନ ଅଙ୍ଗ ଥିଲା, ଅଛି, ରହିବ।

ଉଭୟ ଦେଶ ମଧ୍ୟରେ ୧୬ ରାଉଣ୍ଡ ଉଚ୍ଚସ୍ତରୀୟ କଥାବାର୍ତ୍ତା ସରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରିପାରୁନି। ସେପଟେ ଆକ୍ସାଇ ଚାଇନା ଅଞ୍ଚଳରେ ଭାରତ ଚାଇନା ସୀମାରେ ପାହାଡ଼ ଖୋଳି ବଙ୍କର ନିର୍ମାଣ କରୁଛି ପିପୁଲ ଲିବରେଶନ ଆର୍ମି ବା ପିଏଲଏ, ଯାହାକି ସାଟେଲାଇଟ ଚିତ୍ରରୁ ସ୍ପଷ୍ଟ ଦେଖାଯାଉଛି। ଏହି ଚିତ୍ର ୬ ଡିସେମ୍ବର ୨୦୨୧ରୁ ୧୮ଅଗଷ୍ଟ ୨୦୨୩ ମଧ୍ୟରେ ନିଆଯାଇଛି। ଉତ୍ତର ଲଦାଖର ଦପସାଙ୍ଗ ପ୍ଲେନ୍ସରୁ ପାଖାପାଖି ୬୦ କିଲୋମିଟର ଦୂରରେ ଏସବୁ ବଙ୍କର ଗେଟ୍ ଦେଖାଯାଉଛି। ଗତ କିଛି ମାସ ମଧ୍ୟରେ ଚାଇନା ଏହି ଅଞ୍ଚଳରେ ବହୁ ମାତ୍ରାରେ ସେନା ପରିଚାଳନା କରିଛି। ଭାରତ ସୀମାରେ ଚାଇନା ସୈନ୍ୟ ମୁତୟନଠାରୁ ଆରମ୍ଭକରି ବାରମ୍ବାର ବିଶୃଙ୍ଖଳିତ ସ୍ଥିତି ସୃଷ୍ଟି କରୁଛି। ସେପଟେ ଦକ୍ଷିଣ ଚୀନ୍ ସାଗରରେ ମଧ୍ୟ ଚାଇନା ନିଜର ଦବଦବା ଜାହିର କରି ଚାଲିଛି। ତାଇୱାନ ଉପରେ କର୍ତ୍ତୃତ୍ୱ ଜାହିର ପାଇଁ ବାରମ୍ବାର ଚେଷ୍ଟା କରୁଛି। ମ୍ୟାପରେ ତାଇୱାନକୁ ଚାଇନା ତା'ର ଅଂଶ ଭାବେ ଦର୍ଶାଇ ଆସୁଛି , ଯାହାକି ୧୯୪୮ରେ ଜାରି କରିଥିବା ନକ୍ସା ସହ ସମାନ। ଭାରତ ତାଇୱାନକୁ ପୂର୍ଣ୍ଣ ସମର୍ଥନ ଜାରି ରଖିଛି। ତାଇୱାନ ଚାଇନାର ୱାନ ଚାଇନା ନୀତିକୁ ଲଗାତର ଭାବେ ବିରୋଧ କରି ଆସୁଛି। ତେଣୁ ଭାରତ ପକ୍ଷରୁ ତାଇୱାନକୁ ସହଯୋଗ ଓ ଅନ୍ତରଙ୍ଗତାକୁ ବରଦାସ୍ତ କରିପାରୁନି ଚାଇନା।

ସାଉଥ ଚାଇନା ସାଗରରେ ଚାଇନାର ବଳପୂର୍ବକ ଅଧିକାରକୁ ନେଇ ମାଲେସିଆ ପକ୍ଷରୁ ମଧ୍ୟ କୂଟନୈତିକ ବିରୋଧାଭାସ ଜାରି ରହିଛି। ମ୍ୟାପରେ ଚାଇନା ହୋନାନ ଦ୍ୱୀପକୁ ଦକ୍ଷିଣରେ ୧୫ଶହ କିଲୋମିଟର ପର୍ଯ୍ୟନ୍ତ ୟୁରୋପ ଲାଇନ ବୋଲି କହିଛି। ଏହି ଲାଇନ ଭିଏତ୍‌ନାମ, ଫିଲିପାଇନ୍‌ସ ଆଉ ଇଣ୍ଡୋନେସିଆର ଅର୍ଥନୈତିକ ଜୋନ ମଧ୍ୟରେ ଯାଉଛି। ଚାଇନା ତା'ର ନୂଆ ମ୍ୟାପରେ ଏହାକୁ ସାମିଲ କରି ନିଜର ଭୌଗୋଳିକ ଅଞ୍ଚଳ ଭାବେ ଉଲ୍ଲେଖ କରିଛି। ଏସିଆ ମହାଦେଶରେ ଚାଇନାର ଏଭଳି ବାରମ୍ବାର ଏକଚ୍ଛତ୍ରବାଦ ଓ ବଳପୂର୍ବକ ବିସ୍ତାରବାଦ ପ୍ରୟାସ ଏହାର ପୁରୁଣା ଅଭ୍ୟାସ ବୋଲି କୁହାଯାଉଛି। ପୂର୍ବରୁ ଚାଇନା ଏଭଳି ମନଇଚ୍ଛା ନକ୍ସା ଜାରି କରିଥିଲେ ମଧ୍ୟ ଏହା କୌଣସି ଫଳପ୍ରଦ ହୋଇନି। ତେବେ ଅନ୍ତର୍ଜାତୀୟ ଫୋରମକୁ ଜାଣିଶୁଣି ନ ଆସିବା ବା ବିଶ୍ୱର ଅନ୍ୟ ଦେଶର ସାର୍ବଭୌମତ୍ୱକୁ ସମ୍ମାନ ନ ଦେଇ ବିସ୍ତାରବାଦ ନୀତିକୁ ଜାରି ରଖିଥିବା ଚାଇନାର ଏକ ନୀତିଦିନିଆ ଅଭ୍ୟାସରେ ପରିଣତ ହେଲାଣି। ତେବେ ଚଳିତବର୍ଷ ଜି-୨୦ ବୈଠକରେ ଆମେରିକା, ଭାରତ ସମେତ ବଡ଼ବଡ଼ ଦେଶ ଚାଇନାକୁ ଘେରିବା ସହ ଚେତାବନୀ ଦେବାକୁ ଏକ ପ୍ରକୃଷ୍ଟ ମଞ୍ଚ ଥିବାବେଳେ ଚାଇନା ରାଷ୍ଟ୍ରପତି ଜାଣିଶୁଣି ଏହି ମଞ୍ଚକୁ ଶେଷ ମୁହୂର୍ତ୍ତରେ ନିଜର ପ୍ରତିନିଧିଙ୍କୁ ପଠାଇ କେବଳ ଔପଚାରିକତା ପାଳନ ଚାଇନାର ବିଶ୍ୱ ବିରୋଧୀ ନୀତି ଓ ଏକଚାଟିଆ ମନୋଭାବର ଆଉ ଏକ ବଳିଷ୍ଠ ଉଦାହରଣ କହିଲେ ଭୁଲ୍ ହେବନାହିଁ।

ବାଲିପନ୍ତାଳ,ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପୋଷ୍ଟ ହାର୍ଭେଷ୍ଟ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ଏକ ରିପୋର୍ଟ ଅନୁଯାୟୀ, ପ୍ରତିବର୍ଷ ଭାରତରେ ୧୬%ରୁ ଅଧିକ ଖାଦ୍ୟ ଉତ୍ପାଦ ନଷ୍ଟ ହେଉଛି। ଭଣ୍ଡାର ସୁବିଧା ନ ଥିବା ଏବଂ ମହଙ୍ଗା ପରିବହନ ଯୋଗୁ ଏଭଳି ଘଟୁଛି। ଫଳରେ ଚାଷୀ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। ଏହି ଗମ୍ଭୀର ସମସ୍ୟାକୁ ସମାଧାନ କରିବା ଲାଗି ଇନ୍ଦୋରର ବରୁଣ ରହେଜା ଏକ ପୋର୍ଟେବଲ୍ ସୋଲାର ଡ୍ରାୟର ନିର୍ମାଣ କରିଛନ୍ତି, ଯାହା କ୍ଷୁଦ୍ର ଚାଷୀମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି। ବରୁଣ ଜଣେ ମେକାନିକାଲ ଇଞ୍ଜିନିୟର। ନଷ୍ଟ ହୋଇଯାଉଥିବା ଫସଲକୁ ପ୍ରାକୃତିକ ଉପାୟରେ ଏଥିରେ ଶୁଖାଇବା ପରେ ଅନେକ ଦିନ ସଂରକ୍ଷିତ କରି ରଖାଯାଇପାରୁଛି। ବଜାରରେ ଉପଲବ୍ଧ ଅନ୍ୟ ସୋଲାର ଡ୍ରାୟର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ରହୁଥିବାବେଳେ ବରୁଣଙ୍କ ଦ୍ୱାରା ନିର୍ମିତ ଡ୍ରାୟରର ଦାମ ମାତ୍ର ୧୫,୦୦୦ ଟଙ୍କା। ଦେଶର ସମସ୍ତ କ୍ଷୁଦ୍ରଚାଷୀ ଏହାକୁ କିଣିପାରିବେ ବୋଲି କହନ୍ତି ବରୁଣ। ଏବେ ସୁଦ୍ଧା ମୋଟ ୩୫୦୦ ଚାଷୀ ଏହାକୁ ବ୍ୟବହାର କରି ନଷ୍ଟ ହୋଇଯାଉଥିବା ଫସଲକୁ ଶୁଖାଇ ରଖୁଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ବିକ୍ରି କରି ଲାଭ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୮

- କଙ୍ଗୋସ୍ଥିତ କିଭୁ ହ୍ରଦରେ କ୍ଷମତାଠାରୁ ଅଧିକ ଯାତ୍ରୀ ବହନ କରି ନେଉଥିବା ଦୁଇଟି ନୌକା ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୨୦୦ ମୃତ।
- ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏସିଆ ଜୋନ ଉପସଭାପତି ଭାବେ ରଣଧୀର ସିଂହ ନିର୍ବାଚିତ।
- ଗୋଆ ମୁଖ୍ୟମନ୍ତ୍ରୀ ଡଃ ୱିଲଫ୍ରେଡ ଡି'ସୁଜା ରାଜ୍ୟ ବିଧାନସଭାରେ ଆସ୍ଥା ଭୋଟରେ ବିଜୟୀ ଘୋଷିତ।

## ଚିରନ୍ତନୀ

ଆଶ୍ରୟହୀନ ସୀମାହୀନ ମହାମରୁ
ମଧ୍ୟେ କେବଳ ଉଭା ଏକ ବଟ ତରୁ
ଏକାକୀ ପଥିକ ବିଶ୍ରାମ ନେବା ଆଶେ
ବହୁ ଦୂର ପଥୁଁ ଆସିଲି ତାହାରି ପାଶେ।
-(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 3 | | 7 | 1 | | 5 |
| | 1 | | | | 8 | | 7 | 4 |
| 7 | | | 6 | | | | | |
| | | 9 | | | | | | |
| 1 | 2 | | | | | | | |
| | | | | 9 | | 2 | 4 | |
| | | | | | | | | 2 |
| | | 3 | 1 | | 4 | | 9 | 7 |
| | | | | | 3 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 4 | 1 | 8 | 2 | 3 | 9 | 7 |
| 8 | 7 | 2 | 6 | 9 | 3 | 1 | 5 | 4 |
| 9 | 1 | 3 | 7 | 5 | 4 | 2 | 6 | 8 |
| 4 | 9 | 8 | 2 | 6 | 5 | 7 | 3 | 1 |
| 6 | 2 | 1 | 3 | 7 | 8 | 9 | 4 | 5 |
| 7 | 3 | 5 | 4 | 1 | 9 | 6 | 8 | 2 |
| 2 | 4 | 9 | 8 | 3 | 1 | 5 | 7 | 6 |
| 1 | 5 | 6 | 9 | 4 | 7 | 8 | 2 | 3 |
| 3 | 8 | 7 | 5 | 2 | 6 | 4 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣର ଆବଶ୍ୟକତା

ମହାଶୟ,

ଆଗପରି ଆଉ ବର୍ଷା ହେଉନାହିଁ। କାରଣ ଅନେକ ମାତ୍ରାରେ ଗଛ କଟାଯିବା କାରଣରୁ ଜଳବାୟୁରେ ଘୋର ପରିବର୍ତ୍ତନ ଦେଖାଦେଉଛି। ଫଳରେ ଯେତିକି ବୃଷ୍ଟି ହେବା କଥା ସେତିକି ହେଉନାହିଁ। ଅନାବୃଷ୍ଟି ପାଇଁ ଫସଲହାନି ଘଟୁଛି। ସହରଗୁଡ଼ିକରେ ଜଳର ପ୍ରଚୁର ବ୍ୟବହାର ହେତୁ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଛି। ଆମମାନଙ୍କର ଖିଆଲି ମନୋଭାବ ଯୋଗୁ ଅଯଥାରେ ଜଳର ଅପଚୟ ହେଉଛି। କେଉଁଠି ଚାଷୀଟିଏ ମୁଣ୍ଡରେ ହାତ ଦେଇ ବସିଛି ତ ଆଉ କେଉଁଠି ପିଇବା ପାଣି ପାଇଁ ଅନେକ ଦୂର ଯିବାକୁ ପଡୁଛି। ଏ ସବୁକୁ ଦୃଷ୍ଟିରେ ରଖି ଆମକୁ ସଚେତନ ହେବାକୁ ପଡ଼ିବ। ବର୍ଷାଜଳକୁ ସଂରକ୍ଷଣ କରି ତାକୁ କାମରେ ଲଗାଇ ଆମେ ଉପକୃତ ହୋଇପାରିବା। ମାତ୍ର ଆମ ରାଜ୍ୟରେ ଜଳ ସଂରକ୍ଷଣ ପ୍ରତି ଆଗ୍ରହ କାହା ପାଖରେ ନାହିଁ। ଯଦି ଜଳ ସଂରକ୍ଷଣ ପାଇଁ ଆମେ ଏବେଠୁ ତତ୍ପର ନ ହେବା ତେବେ ଜଳ ବିହୁନେ ସୃଷ୍ଟି ନାଶ ହେବ ହିଁ ହେବ।

-ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିପ୍ର-ମାନସିକତା ବନାମ ବିଶ୍ୱ-ଅସ୍ମିତା:

# ନୂଆ ଖଡ଼ିରେ ଓଡ଼ିଆ ଭାଗବତର ଜାତକ-କଥା

### ବହି-ବିଶେଷ



ପ୍ରଫେସର ଦାଶରଥି ଦାସ

ଭାଷା ନିର୍ବିଶେଷରେ କେବେକେବେ ଏପରି ଗୋଟିଏ ଗୋଟିଏ ଗ୍ରନ୍ଥ ପ୍ରକାଶ ପାଏ, ଯାହା ପାଠକର ଚେତନାକୁ ଆଲୋକିତ କରିଦିଏ। ବାରବାର ପଢ଼ିଥିବା ଗ୍ରନ୍ଥର ଅନବହିତ ଦ୍ୟୋତନା ସବୁକୁ ତା' ଭାବଲୋକରେ ତୋଳିଧରେ- ଏପରି ଖଣ୍ଡିଏ ଖଣ୍ଡିଏ ବହି ବହୁ ସମୟ ବ୍ୟବଧାନରେ ଲୋକଲୋଚନକୁ ଆସେ, ଯେପରି ମୋ' ହାତରେ ଥିବା ଏହି ସମୀକ୍ଷା ଓ ସୃଷ୍ଟିର ଯୁଗନଦ୍ଧ ବାଣୀରୂପ ଜଗନ୍ନାଥ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି- ପରମଶାସ୍ତ୍ର ଭାଗବତ, ଯାହାର ସମ୍ପାଦନା କରିଛନ୍ତି ଆମ ସମୟର କାଳସିଦ୍ଧ ସାହିତ୍ୟ-ସମାଲୋଚକ ପ୍ରଫେସର ଦାଶରଥି ଦାସ। ଗ୍ରନ୍ଥର ପ୍ରକାଶକ 'ନ୍ୟାଶ୍‌ନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ'। ପାଞ୍ଚଶହ ପୃଷ୍ଠା ବିଶିଷ୍ଟ ଏହି ବହିଟି କବି ଜଗନ୍ନାଥ ଦାସକୃତ ଓଡ଼ିଆ ଭାଗବତର ଏକ ଚୟିତ-ରୂପ, ଯାହା 'ଭାଗବତ ସଂସ୍କୃତି ଓ କବି ଜଗନ୍ନାଥ ଦାସ' ଶୀର୍ଷକଯୁକ୍ତ ଏକ ସୁଦୀର୍ଘ ସମୀକ୍ଷଣରେ ସମୃଦ୍ଧ ଓ ନାନାଭାବେ ଶ୍ରୀସମ୍ପନ୍ନ।

ଆଲୋଚ୍ୟ ଗ୍ରନ୍ଥର ପ୍ରକାଶକାଳ ୨୦୨୧। ଏଥିରେ ପ୍ରଥମ ସ୍କନ୍ଧରୁ ଛ'ଟି ଅଧ୍ୟାୟ, ଦ୍ୱିତୀୟ ସ୍କନ୍ଧରୁ ଗୋଟିଏ, ତୃତୀୟ ସ୍କନ୍ଧରୁ ତିନୋଟି, ଚତୁର୍ଥ ସ୍କନ୍ଧରୁ ପାଞ୍ଚୋଟି, ପଞ୍ଚମ ସ୍କନ୍ଧରୁ ଚାରୋଟି, ଷଷ୍ଠ ସ୍କନ୍ଧରୁ ଚାରୋଟି, ସପ୍ତମ ସ୍କନ୍ଧରୁ ପାଞ୍ଚୋଟି, ଅଷ୍ଟମ ସ୍କନ୍ଧରୁ ଦୁଇଟି, ନବମ ସ୍କନ୍ଧରୁ ଦୁଇଟି, ଦଶମ ସ୍କନ୍ଧରୁ ତେତିଶଟି ('ଗୋପଲୀଳା'ରୁ ୨୭ ଓ 'ଦ୍ୱାରକା-ଲୀଳା'ରୁ ୬ଟି), ଏକାଦଶ ସ୍କନ୍ଧରୁ ନ'ଟି ଏବଂ ଦ୍ୱାଦଶ ସ୍କନ୍ଧରୁ ଦୁଇଟି- ଏହିପରି ଗାଏମୋଟ ୭୬ଟି ଅଧ୍ୟାୟ ଗୃହୀତ ହୋଇଛି। ଅଧ୍ୟାୟଗୁଡ଼ିକ ପ୍ରଫେସର ଦାସଙ୍କ ଦ୍ୱାରା ପୁନଃ ପରୀକ୍ଷିତ ଓ ପ୍ରୟୋଜନସ୍ଥଳେ ସମ୍ପାଦିତ। ବହିଟିର ସବୁଠୁଁ ବଡ଼ ଉପଲବ୍ଧି ହେଉଛି ଏଥିରେ 'ମୁଖବନ୍ଧ' ସ୍ୱରୂପ ସଂଯୁକ୍ତ ଲେଖକଙ୍କର ତଥ୍ୟନିଷ୍ଠ, ମୌଳିକ ତର୍ଜମା। ଓଡ଼ିଆ ଭାଗବତକୁ ଦେଖିବାର ନୂଆ ମନ ଓ ନୂଆ ଆଖିର ଏ ଯୌଥ-ପ୍ରତିମା ଭାଗବତର ଯେ ନବାବିଷ୍କାର ଏବଂ ଏହି କାରଣରୁ ଏହାର ଆବେଦନ କାଳାତୀତ- ଏଥିରେ ସନ୍ଦେହ ନାହିଁ।

ପ୍ରଫେସର ଦାସଙ୍କ ଭାଗବତ-ସମୀକ୍ଷାରେ ରହିଛି ମୋଟ ୨୨ଟି ପରିଚ୍ଛେଦ। ପରିଚ୍ଛେଦ ନୁହେଁ ତ, ଶ୍ରୀମନ୍ଦିର ପ୍ରବେଶ-ପାବଛର ୨୨ଟି ସୋପାନ-ଅତିକ୍ରମଣ। ପ୍ରତିଟି ପାହାଚରେ ନବନବ ଅଭିଜ୍ଞାନର ଚମକପ୍ରଦ ଉନ୍ମୀଳନ। ପ୍ରଥମ ପରିଚ୍ଛେଦରେ ପରମଶାସ୍ତ୍ର ଭାଗବତର ସୃଜନକାଳ ବିଚାର, ଦ୍ୱିତୀୟରେ ଶାସ୍ତ୍ରୋକ୍ତ 'ଦେବୀ ଭାଗବତ' ସ୍ଥାନରେ ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରୀମଦ୍‌ଭାଗବତର ପ୍ରତିଷ୍ଠା କରାଇ ଏହାର ଶିଖରତ୍ୱ ପ୍ରମାଣ ଲେଖକଙ୍କର ଉଦ୍ଦେଶ୍ୟ, ଯାହାର ପ୍ରାମାଣିକତାକୁ ନିଃସଂଶୟ କରିବାକୁ ସେ ଉଦ୍ଧାର କରନ୍ତି ଶ୍ରୀଧର ସ୍ୱାମୀଙ୍କର 'ଭାଗବତର ଭାବାର୍ଥଦୀପିକା ଟୀକା' ଓ ସମର୍ଥନ ନିଅନ୍ତି 'ଗରୁଡ଼ ପୁରାଣ' ସମେତ ଏକାଧିକ ପୁରାଣର। ଲେଖକଙ୍କ ଭାଷାରେ: "x x ବେଦ ଉପନିଷଦର ପୂରା ସାର ସଂଗୃହୀତ ଭାଗବତରେ। ଏହାର ଆବିର୍ଭାବ ଏକ ଦୈବୀ ଚମତ୍କାର। ଅଧିକନ୍ତୁ ଏହା ଆମୂଳାନ୍ତ ଶ୍ରୁତିପରକ ହୋଇ ବି ମୌଳିକ ବିଶିଷ୍ଟତାଯୁକ୍ତ। ଦୁଧରେ ଘିଅ ଥାଏ, କିନ୍ତୁ ଘିଅ ଦୁଧ ନୁହେଁ, ତାହାର ସ୍ୱାଦବର୍ଦ୍ଧକ ପୃଥକ ଅସ୍ତିତ୍ୱ ଅଛି, ସ୍ୱାଦ ଅଲଗା; ତେଣୁ ଦିବ୍ୟ ପ୍ରତିପନ୍ନ ଓ ଦେବଭୋଗ୍ୟ।" ଭାଗବତରେ 'ଏକା ସାଙ୍ଗରେ ଏକା ଘଟରେ ଶାସ୍ତ୍ର ଓ ସାହିତ୍ୟ ଯୁଗନଦ୍ଧ', ଏହା 'ବ୍ୟାସଙ୍କ ସମାଧି ଭାଷା', 'ପୂରା କୃଷ୍ଣତୁଲ୍ୟ', 'ସ୍ୱାଦୁସ୍ୱାଦୁ ପଦେପଦେ'।

ବହିଟିର ପ୍ରତ୍ୟେକଟି ପରିଚ୍ଛେଦରେ ବିଶ୍ଳେଷଣର ଯେଉଁ ତିର୍ଯ୍ୟକତା ଓ ବୁଦ୍ଧି-ଆବେଗଗତ ବିଚକ୍ଷଣତା-ତାହା ପାଠକ ଓ ଶାସ୍ତ୍ରାମୋଦୀଙ୍କ ପକ୍ଷେ କେବଳ ଅନୁଗମନର ବିଷୟ ନୁହେଁ, ଭାଷାର ଅନୁପେକ୍ଷଣୀୟ ତାର୍କିକତା ସାଙ୍ଗକୁ ପଦେପଦେ ଉପଭୋଗ୍ୟ ମଧ୍ୟ। ତୃତୀୟ ପରିଚ୍ଛେଦରେ ଭାଗବତ ସମ୍ବନ୍ଧରେ ଭାରତୀୟ ଓ ପାଶ୍ଚାତ୍ୟ ବହୁ ବିଦ୍ୟାପଥିକଙ୍କ ସିଦ୍ଧାନ୍ତ ଉଲ୍ଲେଖ କରି ପ୍ରଫେସର ଦାସ କହିଛନ୍ତି: "ଭାଗବତ ବୋଧବୁଦ୍ଧି ମନନର କାବ୍ୟ, ଉଜ୍ଜ୍ୱଳ ପାଣ୍ଡିତ୍ୟର ପ୍ରତିଭୂ x x ଜ୍ଞାନଗର୍ଭ ପ୍ରଭୁସମ୍ମତ, ଶବ୍ଦପ୍ରଧାନ, ଆଜ୍ଞାଦିଏ।" ମୂର୍ତ୍ତିମାନ ରସ ଭାଗବତ। ମୂଳ ସଂସ୍କୃତ ଭାଗବତର ରଚନାକାଳ ସମ୍ପର୍କରେ ପ୍ରଚଳିତ ମୂଲ୍ୟବାନ ମତ ସକଳର ଉଲ୍ଲେଖ ପୂର୍ବକ ଲେଖକ ନିଜସ୍ୱ ମତ ରଖିଛନ୍ତି ଏହିପରି: "କହିହେବ ଯେ ଭାଗବତ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ବର୍ତ୍ତମାନ ରୂପପ୍ରାପ୍ତ x x ଏହା କୌଣସି ନିର୍ଦ୍ଦିଷ୍ଟ କାଳର ରଚନା ନୁହେଁ କି ନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତିଙ୍କ ରଚନା ନୁହେଁ। x x ସଂକ୍ଷିପ୍ତ ଭାଗବତ ଥିଲା। ଆଉ ବିଭିନ୍ନ ଯୁଗରେ ତାହାର ନବନବ ସଂସ୍କରଣ ପ୍ରସ୍ତୁତ ହୋଇଛି। ଶେଷ ସଂସ୍କରଣ ପ୍ରସ୍ତୁତ ହୋଇଛି ଦାକ୍ଷିଣାତ୍ୟରେ।"

ଲେଖକ ତାଙ୍କର ଆଲୋଚନା କ୍ରମରେ ଭାଗବତର ସୁବିଶାଳ ବିଷୟ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ଓ ନିଷ୍କର୍ଷରେ କହିଛନ୍ତି: "ଭାଗବତର ସର୍ବଶ୍ରେଷ୍ଠ ବିଷୟ ହେଉଛି କୃଷ୍ଣଲୀଳା। x x ହାସ୍ୟୋଲ୍ଲାସର ରାସଲୀଳା ଭାଗବତର ବଳିଷ୍ଠ ଦାନ।" ଭାଗବତପାଠର ଫଳଶ୍ରୁତି ପ୍ରସଙ୍ଗରେ ଲେଖକ ଚତୁର୍ବର୍ଣ୍ଣର ଲୋକେ ଭାଗବତପାଠରୁ ପ୍ରାପ୍ତ ଫଳର ଉଲ୍ଲେଖ କରି ଯେଉଁ ନୂଆ କଥାଟି କହନ୍ତି, ତାହା ହେଲା: "ଆଉ ସାହିତ୍ୟିକ? ପରମ ରମଣୀୟ ପରମ ପବିତ୍ର ମଧୁର ଓ ପ୍ରତି ମୁହୂର୍ତ୍ତରେ ନବନବ ପ୍ରତିପନ୍ନ ହେଉଥିବା ଭାଗବତ ପଢ଼ିଲେ ସାହିତ୍ୟିକ ମନନ ମହୋତ୍ସବର ଦିବ୍ୟ ଆନନ୍ଦ ଲାଭ କରିଥାଏ।" ଭାଗବତ ସାହିତ୍ୟର ଲୀଳାଭୂମି। ଏହାର ସାହିତ୍ୟିକ ମର୍ଯ୍ୟାଦା ପ୍ରାଚ୍ୟ ପାଶ୍ଚାତ୍ୟ ନିର୍ବିଶେଷରେ ସମସ୍ତ ଗବେଷକଙ୍କ ଦ୍ୱାରା ସ୍ୱୀକୃତ। ପୁରାଣ ସକଳ ରୁଚିର, କିନ୍ତୁ ଭାଗବତ ରୁଚିରତମ। ସ୍ତ୍ରୀ ଓ ଶୂଦ୍ରଙ୍କ ପାଇଁ ଜ୍ଞାନ ନିଷିଦ୍ଧ ଥିବା ଏକ କାଳଖଣ୍ଡରେ ଭାଗବତର ଅବତାରଣା ଯେ ସ୍ୱତଃ ଏକ ସାରସ୍ୱତ-ବିପ୍ଳବ- ଏ ଧାରଣାଟି ପ୍ରଫେସର ଦାସଙ୍କ ଆକଳନରୁ ସ୍ପଷ୍ଟ ହୁଏ। 'Sensuous and Glowing Poetry' ଭାବେ ଭାଗବତର ଦୀପ୍ତି ଓ ଦ୍ୟୁତିକୁ ବିଚାର୍ଯ୍ୟ ଗ୍ରନ୍ଥର ମୁଖବନ୍ଧରେ ଲେଖକ ଯେପରି ନିଜର ଲିପ୍ତ-ବିବେଚନାରେ ତୋଳି ଧରିଛନ୍ତି, ତାହା ଯେ କୌଣସି ପାଠକ ଓ ଗବେଷକଙ୍କୁ ଉଭୟ ସଂସ୍କୃତ ତଥା ଓଡ଼ିଆ ଭାଗବତ ପ୍ରତି ପ୍ରଲୁବ୍ଧ କରୁଥିବ ଓ କରିଚାଲିଥିବ- ଏଥିରେ ସନ୍ଦେହ ନାହିଁ।

### [ଦାଶରଥି ଦାସଙ୍କ 'ପରମଶାସ୍ତ୍ର ଭାଗବତ': ଏକ ଅନୁଗମନ]




ସଂସାର-ଭୟାକୁଳ, ବ୍ରହ୍ମାଙ୍କ ପ୍ରତି ଭଗବାନ ବିଷ୍ଣୁଙ୍କର ଶ୍ରୀମୁଖନିଃସୃତ ଉପଦେଶ ହେଉଛି ଭାଗବତ। ସଂସାର ଓ ମୃତ୍ୟୁଞ୍ଜୟ ହେଉଛି ଏହାର ଆଭିମୁଖ୍ୟ। ରସସୁଧାପାନ ଉପୁରି ଲାଭ। ପ୍ରଫେସର ଦାସ ଭାଗବତର ମାହାତ୍ମ୍ୟ ଓ ତା'ର ଭାଷାଗତ ଗୂଢ଼ତାକୁ ବିଶ୍ଳେଷଣ କରିବାକୁ ଯାଇ ତାଙ୍କ ଚର୍ଚ୍ଚାକୁ ଏପରି ଜନଗ୍ରାହୀ ଓ ମନଗ୍ରାହୀ କରିଛନ୍ତି ଯେ, ମୁଖବନ୍ଧଟିକୁ ଆମୂଳଚୂଳ ପଢ଼ିଲେ ଗପ ପଢ଼ିଲା ପରି ଲାଗେ। ସମୀକ୍ଷା ଯେ ତା'ର ପ୍ରେମ ଓ ପ୍ରସାଦଗୁଣରେ ଯୁଆଳି ଫିଙ୍ଗୁଥିବା ଅମଣିଆଙ୍କୁ ବଶୀଭୂତ କରିପାରେ, ଏକଥା ଦାଶରଥିଙ୍କୁ ନ ପଢ଼ିଲେ ହୃଦ୍‌ବୋଧ ହୁଏ ନାହିଁ। ସେ ବହୁପାଠୀ ଓ ତତ୍ତ୍ୱବୋଧୀ। ଏହା ସତ୍ତ୍ୱେ ଜଟିଳତାର ସରଳ ଅବତାରଣା ତାଙ୍କ ସମୀକ୍ଷାରେ ଯେପରି ଗଦ୍ୟର ଭୁଙ୍ଗିମା ନ ହରାଇ ଭୂମିସ୍ପର୍ଶୀ ହୋଇଥାଏ, ତାହା ଓଡ଼ିଆ ସମୀକ୍ଷା-ଶାସ୍ତ୍ରରେ କ୍ୱଚିତ୍ ଦେଖାଯାଏ। ଭାଗବତର ଉତ୍କର୍ଷ ସମ୍ବନ୍ଧରେ ଲେଖକ କହନ୍ତି: "ଭାଗବତକାର ଶେଷ ପର୍ଯ୍ୟନ୍ତ ଜୀବର ଉପାସନା ତତ୍ତ୍ୱଟିକୁ ଆଣି ଭାଗବତ ଶ୍ରବଣ-କୀର୍ତ୍ତନରେ ଉପନୀତ କରାଇ ଦେଇଛନ୍ତି। ଜୀବ ପରୀକ୍ଷିତ। ମରଣଶୀଳ ପ୍ରାଣୀଟିଏ। ସଂସାର ରୂପକ ତକ୍ଷକ ତାପରେ ସନ୍ତପ୍ତ। ମ୍ରିୟମାଣ। ହରିକଥାମୃତ ଭାଗବତ ସଂସାର ତାପର ମହୌଷଧି।" ଭାଗବତକୁ ଆସ୍ୱାଦ୍ୟ କରିବାକୁ ଏଥିରେ ମହୁ ମିଶାଇବାକୁ ପଡ଼େ ନାହିଁ, ଏହା ସ୍ୱୟଂ ଅମୃତମୟ। ଲକ୍ଷ୍ୟ କଲେ ତ ତତ୍ତ୍ୱ ପରିବେଷଣର ଏ ତରିକାଟିକୁ! ଜ୍ଞାନର ଏ ରସରୂପ ଯେ ଉପଲବ୍ଧ ହୁଏ 'ସମୀକ୍ଷା'ରୁ, ପ୍ରଫେସର ଦାସ ହିଁ ଭାରତୀୟ ସାହିତ୍ୟ-ସମାଲୋଚନାରେ ତା'ର ପ୍ରମାଣ।

ଜଗନ୍ନାଥ ଦାସଙ୍କ ଅନୁସୃଷ୍ଟି ଭାଗବତ ସମ୍ପର୍କରେ ଲେଖକଙ୍କ ଅନୁଭବୀ ମତଟି ଏହିପରି: "ଧର୍ମଗ୍ରନ୍ଥ ପାରାୟଣ ଉପଲକ୍ଷେ ସର୍ବତ୍ର ଯେତେବେଳେ ସଂସ୍କୃତ ଭାଷାଗ୍ରନ୍ଥକୁ ଖୋଜାଯାଏ, ଓଡ଼ିଆ ଭାଷା ପାଇଁ ଗର୍ବର କଥା ଯେ, ସେତେବେଳେ ଭାଗବତ ପାରାୟଣ ପାଇଁ ଓଡ଼ିଆ ଭାଗବତ ପଢ଼ାଯାଏ।" ସଂସ୍କୃତ ରାମାୟଣ ପରିପ୍ରେକ୍ଷୀରେ ଯେପରି ତୁଳସୀ ଦାସଙ୍କ 'ରାମଚରିତ ମାନସ'। ଭିନ୍ନ ଭିନ୍ନ ପରିଚ୍ଛେଦରେ ପ୍ରଫେସର ଦାସ ଜଗନ୍ନାଥ ଦାସଙ୍କ ଭାଗବତର ପୃଷ୍ଠଭୂମି, ଧାର୍ମିକ ଓ ସାମାଜିକ ଭାବନା, ଅନ୍ୟ ଗ୍ରନ୍ଥକାରଙ୍କ ଦ୍ୱାରା ଜଗନ୍ନାଥ ଦାସ ଓ ଭାଗବତର ଉଲ୍ଲେଖ, ବୈଷ୍ଣବ ଭକ୍ତି ଆନ୍ଦୋଳନର ଉଦ୍ଭବ ଓ ପ୍ରଭାବ ଏବଂ ତହିଁରେ ଭାଗବତର ଯୋଗଦାନ, ଶ୍ରୀକ୍ଷେତ୍ର ପ୍ରସଙ୍ଗ, ଜଗନ୍ନାଥ ଦାସଙ୍କ ଭାଗବତର ଆଧାର ଭାବେ ଶ୍ରୀଧର ସ୍ୱାମୀଙ୍କ 'ଭାବାର୍ଥ ଦୀପିକା'ର ଆଲୋଚନା, ଓଡ଼ିଶାର ମନ୍ଦିର ଗାତ୍ରରେ କୃଷ୍ଣ ଉପାସନାର ପରମ୍ପରା ଓ ସର୍ବୋପରି ଭାଗବତର ବ୍ରାହ୍ମଣ୍ୟଧର୍ମପରତା ଆଦି ବିଷୟରେ ତାତ୍ତ୍ୱିକ ଆଲୋଚନା କରିଛନ୍ତି। କିନ୍ତୁ ଅଠର ପରିଚ୍ଛେଦରେ ଓଡ଼ିଶାର ବୈଷ୍ଣବ ଭକ୍ତି ଆନ୍ଦୋଳନ ସମ୍ପର୍କରେ ଯେଉଁ ନିଜସ୍ୱ ମତଟି ରଖିଛନ୍ତି, ତାହା ଯେତିକି ପ୍ରଣିଧାନଯୋଗ୍ୟ, ସେତିକି ତର୍କସାପେକ୍ଷ। ସେ କହନ୍ତି: "ଓଡ଼ିଶାର ବୈଷ୍ଣବ ଭକ୍ତି ଆନ୍ଦୋଳନରେ ଜାତିଭେଦ ଅନୁପସ୍ଥିତ ବୋଲି ଯାହା କୁହାଯାଏ, ତାହା ନିରାଧାର। ବ୍ରାହ୍ମଣଙ୍କ ଶ୍ରେଷ୍ଠତ୍ୱବୋଧ ପ୍ରତ୍ୟୟରୁ ହିଁ ଭାଗବତ ଅନୁବାଦ କରିଛନ୍ତି ଜଗନ୍ନାଥ ଦାସ। ନିଜକୁ ବିପ୍ର ବୋଲି ଡାକି କହିଛନ୍ତି। ଯେଉଁମାନେ ତାଙ୍କୁ ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତଙ୍କ ସହିତ ନଚାଇ ଜାତିବର୍ଣ୍ଣ ନିର୍ବିରୋଧ ସାମ୍ୟ ମୈତ୍ରୀ ପ୍ରଚାରକ ବୋଲି ଭାବନ୍ତି ସେ ନା ପଢ଼ିଛନ୍ତି ଭାଗବତ ନା ଜାଣିଛନ୍ତି ଷୋଡ଼ଶ ଶତାବ୍ଦୀର ଧାର୍ମିକ -ସାଂସ୍କୃତିକ ପରିସ୍ଥିତିରେ ବ୍ରାହ୍ମଣଙ୍କ ପ୍ରତିଷ୍ଠା ଓ ପ୍ରତିପତ୍ତି କଥା।"

ଓଡ଼ିଆ ଭାଗବତ ଯୋଗୁଁ କିପରି ଓଡ଼ିଶାକୁ ଇସ୍‌ଲାମ୍ ଧର୍ମ ପ୍ରଶସ୍ତ ପ୍ରବେଶ ପଥ ପାଇପାରି ନାହିଁ-ତା'ର ବିସ୍ତୃତ ଆଲୋଚନା କରିଛନ୍ତି ପ୍ରଫେସର ଦାସ। ଓଡ଼ିଆ ଓ ସଂସ୍କୃତ ଭାଷାର ବିଶେଷତ୍ୱ ପ୍ରେକ୍ଷାପଟରେ ଜଗନ୍ନାଥ ଦାସଙ୍କ ଭାଗବତ-ଭାଷାର ଯେଉଁ ତୁଳନାତ୍ମକ ତର୍ଜମା ଆଲୋଚ୍ୟ ଗ୍ରନ୍ଥର ମୁଖବନ୍ଧରେ କରାଯାଇଛି, ତାହା ବହୁଦିନଯାଏ ଓଡ଼ିଆ ସମୀକ୍ଷା-ଧାରାରେ ଯେ ଅନତିକ୍ରମଣୀୟ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ। ଦାଶରଥି ଓଡ଼ିଆ ସାହିତ୍ୟ ସମାଲୋଚନାରେ ଏପରି ଜଣେ ଦକ୍ଷ-ରଥୀ ଯେ, ସେ ତାଙ୍କ ମତାବତାରଣାରେ ଯେତିକି ନିଆଁ ଲିଭାନ୍ତି, ସେତିକି ନିଆଁ ଧରେଇ ଦେଇ ଅନ୍ତରାଳକୁ ଖସିଯାଇଥା'ନ୍ତି। ଯେଉଁ ସମୀକ୍ଷା ଶୋଷ ନ ମାରି ଶୋଷ ବଢ଼ାଏ, ସେହି ସମୀକ୍ଷାର ଧାରକଗ୍ରନ୍ଥ ଭାବେ ଆଲୋଚ୍ୟ ପୁସ୍ତକଟିର ବିକଳ୍ପ ଯେ ଓଡ଼ିଆ ସାହିତ୍ୟ-ସମାଲୋଚନାରେ ବହୁଦିନଯାଏ ଅନୁପଲବ୍ଧ ରହିବ, ଏଥିରେ ସନ୍ଦେହ ନାହିଁ।

– ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

---

# ରୋଜଗାରିଆ

**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ଲଘୁଗଳ୍ପ

ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ସବୁବେଳେ ଗୋଟିଏ ବିଷୟକୁ ନେଇ ମୁହଁ ଫଟାଫଟି। ସ୍ୱାମୀ କୁହନ୍ତି, "ତୁମକୁ ବାହା ନ ହୋଇ ଗୋଟିଏ ରୋଜଗାରିଆ ସ୍ତ୍ରୀଲୋକକୁ ବାହା ହୋଇଥିଲେ ଭଲ ହୋଇଥା'ନ୍ତା। ଦୁଇଜଣ ରୋଜଗାର କରିଥିଲେ ଘର ଚଳେଇବା ଆହୁରି ସହଜ ହୋଇଥା'ନ୍ତା। ଦିନସାରା ଘରେ ଖାଲିଟାରେ ଯାହା ବସିଛ, ବାହାରକୁ ଯାଇ କାମ କରିଥିଲେ କିଛି ଟଙ୍କା ହେଲେ ଘରକୁ ଆସିଥା'ନ୍ତା।"

ସବୁବେଳେ ଏପରି ଅସହନୀୟ କଥା ଶୁଣିବା ପରେ ବି ସ୍ତ୍ରୀ ଚୁପ୍ ରୁହନ୍ତି। ଭାବନ୍ତି, ଅଭାବୀ ସଂସାର। ଆର୍ଥିକ ଏବଂ ମାନସିକ ଚାପରେ ସ୍ୱାମୀ କେତେବେଳେ କ'ଣ କହିଦେଲେ, ସେ କଥାଗୁଡ଼ା କ'ଣ ଧରିବା! ହେଲେ ବାରମ୍ବାର ଏସବୁ ଶୁଣି ତାଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିବାକୁ ବସିଲାଣି। ଦିନ ତମାମ ଘରର ସବୁ ଦାୟିତ୍ୱ ନେଲା ପରେ ମଧ୍ୟ ଯଦି ଏସବୁ ଶୁଣିବାକୁ ମିଳେ, ତା'ହେଲେ ମଣିଷ ଆଉ କ'ଣ କରିପାରିବ! ଅନେକ ଦିନର ନିରବତା ପରେ ଦିନେ ବାଧ୍ୟ ହୋଇ ସ୍ତ୍ରୀ ସ୍ୱାମୀଙ୍କୁ କହିଲେ, "କାମ କରିବା କଥା ଯଦି କହୁଛ ତା'ହେଲେ ଶୁଣ। କାମ ତ ସବୁ ସ୍ତ୍ରୀଲୋକ କରନ୍ତି, ସେ ଘର କାମ ହଉ କି ଅଫିସ କାମ। କିନ୍ତୁ ସେମାନଙ୍କ ଭିତରୁ ମାତ୍ର କିଛି ଜଣଙ୍କ ଭାଗ୍ୟରେ ହିଁ ଟଙ୍କା ରୋଜଗାର କରିବା ସମ୍ଭବ ହୋଇଥାଏ। ଘରୁ ବାହାରକୁ ଯାଇ ରୋଜଗାର କରିବା ପାଇଁ ପରିବାର ତରଫରୁ ସହଯୋଗ ମଧ୍ୟ ରହିବା ଦରକାର।"

ସ୍ତ୍ରୀଙ୍କ ଉତ୍ତରରେ ନିର୍ବାକ୍ ସ୍ୱାମୀଙ୍କୁ ତାଙ୍କ ଏତେଦିନର ପ୍ରଶ୍ନର ଉତ୍ତର ମିଳିସାରିଥିଲା।

ମୋ: ୬୩୭୦୫୧୬୪୭୮



### କାଳକାଳକୁ

**"ବହିଟିଏର ଯୋଜନା ପାଇଁ ପ୍ରକୃଷ୍ଟ ସମୟ ବାସନଧୁଆ ବେଳା"**
**– ଅଗାଥା କ୍ରିଷ୍ଟି**



**ଅଗାଥା କ୍ରିଷ୍ଟିଙ୍କ** ଜନ୍ମ ୧୫ ସେପ୍ଟେମ୍ବର ୧୮୯୦ରେ ଓ ମୃତ୍ୟୁ ୧୨ ଜାନୁୟାରୀ ୧୯୭୬ରେ। ୬୬ଟି ଗୁଇନ୍ଦା ଉପନ୍ୟାସ ଓ ୧୪ଟି ଗଳ୍ପ ପୁସ୍ତକ ସାଙ୍ଗକୁ ଏହି ଇଂଲିଶ୍ ଲେଖିକା ହେଉଛନ୍ତି ମେରି ୱେଷ୍ଟ୍ ମାକୋଟ୍ ଛଦ୍ମ ନାମରେ ଆଉ ୬ଟି ଉପନ୍ୟାସର ଲେଖିକା। ସେ ଲେଖିଛନ୍ତି ହତ୍ୟା ରହସ୍ୟକୁ ନେଇ ସବୁଠୁଁ ଲମ୍ବା ନାଟକ 'ଦ ମାଉସ୍‌ଟ୍ରାପ୍'। ଗୁଇନ୍ଦା ଉପନ୍ୟାସର ସୁବର୍ଣ୍ଣ ଯୁଗରେ ଅଗାଥା ଥିଲେ ସବୁଠୁଁ ଲୋକପ୍ରିୟ ଗୁଇନ୍ଦା ଲେଖିକା। ତାଙ୍କୁ 'ଅପରାଧର ରାଣୀ' କୁହାଯାଏ। ସବୁଠୁଁ ଅଧିକ ବିକ୍ରି ଉପନ୍ୟାସର ସର୍ବକାଳୀନ ଲେଖିକା ଭାବେ 'ଗିନିଜ୍ ୱାର୍ଲ୍ଡ ରେକର୍ଡ଼'ରେ ତାଙ୍କ ନାମ ପଞ୍ଜୀକୃତ ହୋଇଛି।

---

**ଜୟନ୍ତ ମହାପାତ୍ର** ଆଜି ଚଉଦ ଦିନର ଏକ ଭୁଲିହେଉ ନ ଥିବା ସ୍ମୃତି। ୨୭ ଅଗଷ୍ଟ ୨୦୨୩ ସନ୍ଧ୍ୟାରେ ସେ ଜଳୁଜଳୁ ଲିଭିଯାଇଥିବା ଅକ୍ଷରଜ୍ୟୋତି। ନିଦା କବିତାର ଏଇ ଅତି ପାଖର ମଣିଷଟିକୁ ହରାଇ ଖାଲି କଟକ ନୁହେଁ, ବିଶ୍ୱ ଆଜି ନିଃସ୍ୱ। ଆଖି ବନ୍ଦ କଲେ ତାଙ୍କରି ଶାନ୍ତ, ଚୁପ୍‌ଚାପ୍ ମୁହଁ, ତରତର ଚାଲି, ଦୁଃଖ ଲୁଚେଇ ଫୁଟିଉଠୁଥିବା ହସ ଦିଶିଯାଉଛି। କାନ ବନ୍ଦ କଲେ ସେ ଲେଖିଦେଇ "କ'ଣ ବୋଲି" କହି ଠେଲି ଦେଇଥିବା କବିତାର ଗୁଣୁଗୁଣୁ ବ୍ୟଥାବିଭୋର କରୁଛି। ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଯିବ, ପୃଥିବୀ ପୁରୁଣା ହେବ; ହେଲେ ନୂଆ ହେଇ ରହିଥିବ ଜୟନ୍ତଙ୍କ କବିତା, କାଲି ପରେ କାଲି, କେତେ କାଲିକୁ। 'ସାହିତ୍ୟାୟନ'ରେ ଆଜି ଜୟନ୍ତଙ୍କର ତିନୋଟି ଅଭୁଲା କବିତା, ପାଠିକାପାଠକଙ୍କ ପାଇଁ...







## ମଣିଷରେ ଗଣତି

**ସ୍ୱ**ପ୍ନରେ ଭାସି ଭାସି ଆଜିଯାଏ
ବୁଝିପାରି ନାଇଁରେ କେବେବି ତୋ ମନକଥା

ଆଉ ମନର ସେ ବାୟା ଚିତ୍କାର-
ବୋଧେ ଗୋଟିଏ ବୁଢ଼ା ଶାଳଗଛର ଛେଲି ପାଲଟିଚି
ତୋର ଦେହ ମୁହଁ ବୋଲି
ଥୁରୁ ଥୁରୁ ମାଘ ଶୀତରେ
ରହିପାରୁ ତୁ କେବଳ ଗୋଟିଏ ଲେଙ୍ଗୁଟି ବାନ୍ଧି
ତୋ ନାଆଁ ଥିଲା ନ ଥିଲା ପରି
ଥିଲେ ବି ତୋ ନିଜ ଦେହର
ଅନ୍ଧାର ଭିତରେ ହଜି ଯାଇଥିଲା କେବେଠୁ
ବୋଧେ ତୁ ଜନ୍ମ ହେବା ଦିନଠୁ-
ମନ୍ଦିର ଘଣ୍ଟ ବି ଶୁଣିନୁ କେବେ
କେତେ ଫୁଲ ଢାଳି ଦେଇଥିଲୁ ତୋ ଦେହରୁ
ସେ ଘଣ୍ଟ ଶୁଣିବା ଆଗରୁ?
ମୋ ଦେଶର ଛାଇରେ
ତୋ କାଳିଆ ଦେହ ଧୀରେଧୀରେ ଯାଉଚି ମରି
କିନ୍ତୁ ଦିଶୁନୁ ତ ମରିଲା ଭଳି
କାରଣ
ଛାତି ଭିତରେ କୋମଳ ଜହ୍ନକୁ ଧରି
ଚାଲିପାରିଚୁ ଦିନ ଦିନ ଧରି
ଆଉ ହାତରେ ତୋର ମହକୁଥିବା
ଶାଳ ଫୁଲର ଡିବିରି
ତୋ ବାଟ କଢ଼େଇନବା ପାଇଁ
ଜୀବନରେ ତ ନେଇନୁ କେବେ
କୌଣସି ଶପଥ ବା ପ୍ରତିଜ୍ଞା ଭଲ ପାଇବାର
ତୋର ହସ ତ ମତେ ହସେଇପାରିନି
ତୋର କାନ୍ଦ ବି ମତେ ଛୁଇଁପାରିନି
ଖାଲି ଖରଚ କରିବୁ ଶେଷରେ ବୋଲି
ବଞ୍ଚାଇ ରଖିଚୁ ସାରା ଜୀବନ
ସେଇ ଲୁହ ଟିକକ-
ଆଜି ତୋର ଗୋଟିଏ କଥା
ଯାହା ଶୁଣିଥିଲି ତୋ ଗାଆଁରେ ସେଦିନ
ଖାଲି ବାରମ୍ବାର ତାଗିଦ୍ କରୁଥାଏ ମତେ:
'ହଁ, ଭୋଟ୍ ଦେବି ନାଇଁ କିମିତି?
ନ ଦେଲେ ମନିଷ୍‌ରେ କିମିତି ହେବି ଗିନ୍‌ତି?'

## ଭାବିଲି ଅକାରଣେ

**ଭା**ବିଲି
ଆଜି ଖାଲି ବସି ରହି
ଗଣିବି କେତେ ଥର
ସେ ମୂଲିଆଣୀଟି ବାଲି ସିମିଟ୍ କଢ଼େଇ ଧରି
ଏପାଖ ସେପାଖ ହୋଉଚି
ମନେହେଲା ଅତିକମ୍‌ରେ
ବୋଧେ ଦିନ ଭିତରେ
ଦୁଇଶହ ଥର ଯିବାଆସିବା କରୁଥିବ
ସେ ସଂକୀର୍ଣ୍ଣ ଜୀବନର ପଟାଟି ଉପରେ
ଚାଲିଚାଲି ରାଜମିସ୍ତ୍ରି ପାଖକୁ
କିନ୍ତୁ ଘଣ୍ଟାଟେ ପରେ
ସବୁ କେମିତି ଗୋଳମାଳ ହେଇଗଲା
ତା' ପାଦ ଦୁଇଟି ଉପରେ
ଆଖି ପଡ଼ିଗଲା ମୋର
ଫାଟି ଫାଟି ଆଁ କରିଥିବା ପାଦ ଦୁଇଟି
ସେ ପାଦ କେମିତି ମା'ଛେଉଣ୍ଡ ପରି ଲାଗିଲା
କେହି ତା'ର ନ ଥିବା ଭଳି
ଯେମିତି ହୁକିଟୋଲା ଦ୍ୱୀପରେ
ଗଛମାନଙ୍କରେ ଭର୍ତ୍ତିଥିବା
ପାଚିଲା ବରକୋଳି:
କାହାପାଇଁ ଗଦଉ ଥାଆନ୍ତି
ମାଟିରେ ଏତେ କୋଳି?

ଭାବିଲି
ଭଲପାଇବ ବୋଲି ତ କିଏ
ତୋର ଦେହ ହେଇଚି ତିଆରି, ରେ ମୂଲିଆଣୀ
ତୋର ପାଦ ପାଇଁ ନଥାଉ
କୌଣସି କ୍ରିମ୍ ବା ଲୋସନ୍
ବାଳ ପାଇଁ ନଥାଉ ଦାମୀ ଶାମ୍ପୁ
ଆଉ ଉକୁଣି କାଢୁଥାଆନ୍ତୁ
ଗୋଟିଏ ଗୋଟିଏ
ତୋର ତିନୋଟି ଝିଅ
ତୁ ଖରା ପୋଇଁଲା ବେଳେ
ବର୍ଷକେ ଗୋଟିଏ ଛୁଟି ଦିନରେ
ତା'ପରେ ଭାବିଲି
ବୋଝ ବୋହି ବୋହି
ଅଣ୍ଟା ତ ଭାଙ୍ଗିଯିବ ନିଶ୍ଚେ ତୋର
ବୟସ ତିରିଶ ଛୁଇଁଲା ବେଳେ
ତୋରି କଥା ଗୋଟିଏ କବିତାରେ
ଲେଖିଦେଲେ ବୋଧେ
ଏ ଉପରବେଳିଆ ଟାଣଖରା
ଠେଲି ନେଇଯିବ ତୋ ମୁହଁରେ
ନ ଥିବା ହସଟିକୁ
ମୋର ସେଇ ଶବ୍ଦମାନଙ୍କ ଛାଇ ଭିତରକୁ
ଆଉ ତୋ ରକ୍ତରୁ ଚୋରି କରି
ମୁହୂର୍ତ୍ତକ ପାଇଁ ବଞ୍ଚିବାକୁ
ଗୋଟିଏ ସ୍ୱପ୍ନର ଘର।

ଭାବିଲି
ଏମିତି ବେଳଟିକୁ ଗଣି ଗଣି କାଟିଦେଲେ
ଦିନଟିର କିଛି ଆଗାମୀକାଲି ପାଇଁ ରହିଯିବ ନାଇଁ
(ମୃତ୍ୟୁ ପର ପାଉଁଶର ମାନେ କିଛି ଥାଏ?)
ଆଞ୍ଜୁଳାଏ ପାଉଁଶ ଯେମିତି
ଠକାଇପାରେନା ଆମକୁ
କବିତାର ଶବ୍ଦ ସବୁ ପରି।

ଭାବିଲି
ଯାହାକୁ ଆମେ ଟିକିଏ ବି ଭଲପାଉ
ତା'କୁ କେବେହେଲେ କେହି
ନଷ୍ଟ କରିପାରିବେ ନାଇଁ
ଥାଏ ଯଦି ତୋ ମୁହଁରେ ସେ ସହିବାପଣ
ଯିଏ ଖାଲି ସ୍ୱପ୍ନ ବିନ୍ଦୁଟିଏ
ତୋ' ଜୀବନରେ ଆସିଥିବା ଅସଂଖ୍ୟ
ଚିହ୍ନା ଅଚିହ୍ନା ଲୋକଙ୍କର।

## ଖରାବେଳ

**ଉ**ଦ୍‌ଉଦିଆ ଦି'ପହର ଝରିପଡ଼ିଚି
ମହାନଦୀର ଶୁଖିଲା ବାଲିକୁ।
ତା' ଭିତରେ
ତେର ବର୍ଷ ବୟସର
ଗୋଟିଏ ଧର୍ଷିତା ଝିଅର ଶବ।

କାହାର ବି ଅଦୃଶ୍ୟ ହାତ
ଆକାଶରୁ ଖସି ନାଇଁ ତ
ଚିତ୍କାର କରୁଥିବା ଝିଅଟିକୁ
ଘୋଷାରି ନେଲାବେଳେ
ବାଧା ଦେବାକୁ?

ଏଥି ମଧ୍ୟରେ
ଆମର ସେଇ ଭୋକିଲା
ବାଲି ତଳେ ତଳେ
ହିଂସ୍ର ବାଘଙ୍କ ନଦୀ ବୋହି ଚାଲିଲା।
ଆଉ ନେତାଙ୍କ ଗୁଣ୍ଡାମାନେ
ସାନ ପିଲାଙ୍କ କଣ୍ଠରେ
ପଚାରିଲେ: କ'ଣ ହେଲା?

ସୂର୍ଯ୍ୟ ତା'ରି ଜ୍ୟୋତିରେ ମତ୍ତ ଥିଲା।
ଖାଲି ମଲାଭୂଇଁର ଦୁର୍ଗନ୍ଧ
ଥିଲା ପବନରେ
ଖାଲି ଭୁଲିଯିବାର ବିରାଟ ଅଭିଶାପ
ରହିଥିଲା ମନରେ

ଆଉ ସେ ଛୋଟ ଝିଅଟିର ଶବରୁ
ଘାସ ବଢୁଥିଲା ମୋରି ଦେହରେ।

## ବିଧାୟକଙ୍କୁ ସମିତିସଭ୍ୟଙ୍କ ଦାବିପତ୍ର

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ନିର୍ବାଚିତ ସମିତିସଭ୍ୟ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ଭେଟି ଆଲୋଚନା କରି ୧୨ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବିକୁ ଆସନ୍ତା ବିଧାନ ସଭା ଅଧିବେଶନରେ ଉପସ୍ଥାପନା କରିବାକୁ ସମିତି ସଭ୍ୟମାନେ ଅନୁରୋଧ କରିଛନ୍ତି। ଦଳମତ ନିର୍ବିଶେଷରେ ସମିତିସଭ୍ୟମାନେ ବିଧାୟକ ମହାଲିଙ୍ଗଙ୍କୁ ଭେଟି ସେମାନେ ପଞ୍ଚାୟତ ଓ ବ୍ଲକସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

ରୁପ୍ରାରୋଡ୍,୮।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ରାକ୍ସି ପଞ୍ଚାୟତ ଅଧୀନ ଖାଇରୁଆଁ-ସରିଆଁ ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତକ ଖାଇରୁଆଁ ଗ୍ରାମର ଯୋଗୀନ୍ଦ୍ର ବାଗ(୫୫)। ଯୋଗୀନ୍ଦ୍ରଙ୍କ ୨ଜଣ ଶିଶୁ କନ୍ୟା ଏବଂ ସେମାନେ ଦୁଇ ଭାଇ। ଗୁରୁବାର ସନ୍ଧ୍ୟାରେ ତାଙ୍କ ଝିଅକୁ ଟୁଇଶନକୁ ନେଇ ଘରକୁ ଫେରିବା ପରେ ଜିନିଷପତ୍ର ଆଣିବା ପାଇଁ ସରିଆଁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ଭୋରରେ ପୁଣି ଥରେ ଖୋଜିବା ପାଇଁ ଯାଇଥିବା ବେଳେ ରାସ୍ତା କଡରେ ତାଙ୍କ ସାଇକେଲ, ଚପଲ, ପଇସା ଏବଂ ତାଙ୍କ ମୋବାଇଲ କଭର ପଡ଼ିଥିବା ଦେଖିଥିଲେ। ଆଖପାଖରେ ଖୋଜିବାରୁ ମୃତଦେହ ଏକ ଗଛରେ ଝୁଲୁ ଥିବା ଦେଖି ତୁରନ୍ତ ନର୍ଲା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପରିସ୍ଥିତି ଦେଖି ଏହା ଏକ ହତ୍ୟାକାଣ୍ଡ ଆତ୍ମହତ୍ୟା ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ସାପ କାମୁଡ଼ାରେ କଳାକାର, ସମାଜସେବୀଙ୍କ ପରଲୋକ

ଦେଓଗାଁ,୮।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ବିଶିଷ୍ଟ ସମାଜସେବୀ, କଳାକାର ତଥା ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର ଜିଲା ସଭାପତି କପିଳ କୁମ୍ଭାର (୫୬)ଙ୍କ



ବିଷାକ୍ତ ସାପ କାମୁଡ଼ାରେ ପରଲୋକ ହୋଇଯାଇଛି। ଗତ ୨୧ ତାରିଖରେ ତାଙ୍କ ଘର ପାଇଖାନାରେ ଏକ ସାପ କାମୁଡିଦେବା ପରେ ସେ ଅସୁସ୍ଥ ହୋଇପଡିଥିଲେ। ପ୍ରଥମେ ଦେଓଗାଁ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ପରଲୋକ ହୋଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀର ଦେଓଗାଁ ସ୍ଥିତ ବାସଭବନକୁ ଅଣାଯିବା ପରେ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦେଓଗାଁ ସୋନଗଡ ନଦୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କ ସାନପୁଅ ନବରତ୍ନ କୁମ୍ଭାର ମୁଖାଗ୍ନି ଦେଇଥିଲେ। ସେ ବିଶେଷକରି ଆଜକୁ ପ୍ରାୟ ଦୁଇବର୍ଷ ହେଲା ଦେଓଗାଁ ସାଗରପାଲି ସ୍ଥିତ ବନ୍ଦ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଳର ପୁନଃଚାଲୁ ପାଇଁ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ପଶ୍ଚିମ ଓଡିଶା ସେବା ସଂଘ ସହ ଏକତ୍ରିତ ଭାବେ ଅନିଶ୍ଚିତତାକାଳୀନ ଧାରଣାରେ ସାମିଲ ରହିଥିଲେ। ଏଥିପାଇଁ ଗାଁଗାଁ ବୁଲି ଚାଷୀଙ୍କୁ ସଚେତନ କରିବାସହ ଚିନିକଳ ପୁନଃ ଚାଲୁ କରିବା ପାଇଁ ଅନବରତ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ବିୟୋଗରେ ଦେଓଗାଁ ଚିନିକଳ କର୍ମଚାରୀ ସଂଘ, ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି, ଦେଓଗାଁ ସାମ୍ବାଦିକ ସଂଘ କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି।



ବିଧାୟକ ନରସିଂହ ମିଶ୍ର କିରାବାହାଲ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ନିର୍ବାଚନ ପୂର୍ବରୁ ସମସ୍ତ ସମସ୍ୟା ସମାଧାନ କରାଯିବ: ନରସିଂହ

ବଲାଙ୍ଗୀର, ୮।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତର କିରାବାହାଲଠାରେ ଲୋକମାନଙ୍କ ସମସ୍ୟା ଶୁଣି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନିର୍ବାଚନ ପୂର୍ବରୁ ସମସ୍ତ ଛୋଟବଡ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଲୋକଙ୍କ ସହ ଆଲୋଚନା କରି ସେ ଆହୁରି କହିଥିଲେ ଯେ, ବିଶେଷ କରି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ଭତ୍ତା ଯେପରି ପ୍ରତ୍ୟେକ ହିତାଧିକାରୀ ଠିକ୍ ଠିକ୍ ପାଇପାରିବେ ସେ ଦିଗରେ ସେ ତତ୍ପରତା ସହ ପଦକ୍ଷେପ ନେଉଛନ୍ତି। ଆଲୋଚନା ବେଳେ ଜଣାଯାଉଛି ଯେ ଅନେକ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ପାଇଁ ସେ ସ୍ୱତନ୍ତ୍ର ଭାବେ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଏ ପଞ୍ଚାୟତକୁ ପଠାଇ ତାର ଏକ ସବିଶେଷ ରିପୋର୍ଟ ତିଆରି କରି ହିତାଧିକାରୀ ରାସନ କାର୍ଡ କିପରି ପାଇପାରିବେ ସେ ଦିଗରେ ପଦକ୍ଷେପ ନେବେ। ଆଲୋଚନା ବେଳେ କୃଷି ଓ ଜଳସେଚନକୁ ନେଇ ମଧ୍ୟ ଗାଁ ଲୋକେ ବିଭିନ୍ନ ଦାବି କରିଥିଲେ। ଛତାମଖନା-କିରାବାହାଲ ସୁକତେଲ ନଦୀ ଉପରେ ନିର୍ମାଣ ହୋଇଥିବା ବ୍ୟାରେଜ ଓ ଯୁଧିଷ୍ଠିର ମିଶ୍ର ସେତୁ ଅଞ୍ଚଳକୁ ଅନେକ ଲୋକ ସହର ମଧ୍ୟରୁ ଭ୍ରମଣ କରିବା ପାଇଁ ଆସୁଛନ୍ତି। ଏଣୁ ଏ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନ ଉପୁଜିବ, ଲୋକେ ଶାନ୍ତିରେ ଏ ଅଞ୍ଚଳରେ ବୁଲି ପାରିବେ ସେ ଦିଗରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିରାବାହାଲ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଆଲୋକୀକରଣ କରିବା ପାଇଁ ଦୁଇଟି ହାଇମାଷ୍ଟ ଲାଇଟ ନିଜ ବିଧାୟକ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଯୁଧିଷ୍ଠିର ମିଶ୍ର ସେତୁ ଉପରେ ଲୋକମାନଙ୍କ ସହ ଆଲୋଚନା ବେଳେ ସେଠାରେ ନିର୍ମାଣଧିନ ବ୍ୟାରେଜର ପ୍ରକଳ୍ପ ଯନ୍ତ୍ରୀଙ୍କୁ ଡାକି ସେତୁ ଅଞ୍ଚଳରେ ଅନ୍ଧାର ଯୋଗୁଁ ଯେପରି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବ ତାକୁ ପ୍ରତିକାର କରିବା ପାଇଁ କିଛି ଲାଇଟର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମସ୍ତ ଆଲୋଚନାବେଳେ ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, ସତ୍ୟନାରାୟଣ ମହାକୁର, ଶୁଭ୍ରାଂଶୁ ପଣ୍ଡା, ବାଳଗୋପାଳ ମହାକୁର, ଧନୁ ସିଂ, ସକମା ସରପଞ୍ଚ ଉଗ୍ରସେନ ବରାଡ, ଟୁନୁ କରନ, ଦେବ ପ୍ରଧାନ, କାହ୍ନୁ ପଟେଲ, ଦୁର୍ଯ୍ୟୋଧନ ବର୍ଗର୍ତ୍ତଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବଲାଙ୍ଗୀର ବ୍ଲକ, ମ୍ୟୁନିସିପାଲିଟିସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ବଲାଙ୍ଗୀର, ୮।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସଭାପତିତ୍ୱରେ ବଲାଙ୍ଗୀର ବ୍ଲକ ଏବଂ ମ୍ୟୁନିସିପାଲିଟି ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଏବଂ କୁଇଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀ ମୁଖ୍ୟଅତିଥି, ଶିକ୍ଷାବିତ୍ ସନାତନ ଠାକୁର ସମ୍ମାନିତ ଅତିଥି ଏବଂ ଡିଏସ୍‌ଏସ୍ ରାଜେଶ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଆବାହକ ଭାବେ ସରୋଜ ନାଏକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରିଜର୍ଭ ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ସର୍ବମୋଟ ୨୮ଟି ବିଦ୍ୟାଳୟର ୫୬ ଜଣ ପ୍ରତିଯୋଗୀ ବିଜ୍ଞାନ ଆଲୋଚନାଚକ୍ର ଏବଂ କୁଇଜରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ନଗରପାଳ ଲିକା ସାହୁ ସମସ୍ତ ପ୍ରତିଯୋଗୀ ଏବଂ ବିଜେତାଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଆୟୁର୍ବେଦିକ କଲେଜର ପ୍ରାଧାପକ ଡ. ବୁଦ୍ଧଦେବ ମିଶ୍ର, ସ୍ନେହଲତା ପଧାନ ଏବଂ ରଣ୍ଡା ହାଇସ୍କୁଲ ଶିକ୍ଷକ ଦୀପାଞ୍ଜଳି ଯୋଷୀ ବିଚାରକ ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ କର୍ମଚାରୀ କୃଷ୍ଣପ୍ରିୟା ପଣ୍ଡା, ଶରତ ନାଗ, ଛାତ୍ରୀଛାତ୍ର, ବିଦ୍ୟାଳୟ ଆଲୁମନି କମିଟିର ଆନନ୍ଦ ଖୁଆସ, ଗୋବିନ୍ଦ ବହିଦାର, ଜୟ କିଶାନ ରଣା ଏବଂ ଜିଲା ବିଜ୍ଞାନ କମିଟିର କାର୍ଯ୍ୟକର୍ତ୍ତା ସମସ୍ତ କାର୍ଯ୍ୟକ୍ରମର ସଫଳତା ଦିଗରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସରୋଜ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ବ୍ଲକ ଏବଂ ମ୍ୟୁନିସିପାଲିଟିସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ କୁଇଜ୍ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

# ବିଜ୍ଞାନ ଆଲୋଚନାଚକ୍ର, କୁଇଜ୍ ପ୍ରତିଯୋଗିତା



ବହଲପଦର ଦମୟନ୍ତୀ ହାଇସ୍କୁଲ ପ୍ରାଙ୍ଗଣରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର, ୮।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ବହଦଲପଦର ସ୍ଥିତ ଦମୟନ୍ତୀ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଦିଲୀପ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୁଇଁତଲା ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନା, ସମ୍ମାନିତ ଅତିଥି ଭାବେ ବ୍ଲକ ଆବାହକ ଗିରିଜା ବାଙ୍କି, ବ୍ଲକ ସଂଯୋଜକ ଜୟକୃଷ୍ଣ ନାଏକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର। ପୁଇଁତଲା ବ୍ଲକର ୨୭ଟି ବିଦ୍ୟାଳୟରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଚଳିତବର୍ଷର ମୁଖ୍ୟ ବିଷୟ 'ଶ୍ରୀଅନ୍ନ- ଏକ ମୂଲ୍ୟ ବର୍ଦ୍ଧିତ ଖାଦ୍ୟ ଅଥବା ଭ୍ରାନ୍ତି ଆହାର' ବିଷୟରେ ସେମାନଙ୍କର ମନ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଓଏଭି ମହୀମୁଣ୍ଡାର ଛାତ୍ର ମନୀଷ କୁମାର ମିଶ୍ର ପ୍ରଥମ, ଛତାମଖନା ହାଇସ୍କୁଲର ରୋହନ ଶିକା ଦ୍ୱିତୀୟ ଏବଂ ସାଉନ୍ତପୁର ହାଇସ୍କୁଲର ଛାତ୍ରୀ ଅଲିସା ତାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗର କୁଇଜ୍ ପ୍ରତିଯୋଗିତାରେ ବୁବେଲ ହାଇସ୍କୁଲର ଅବିନାଶ କର୍ମୀ ପ୍ରଥମ ଓ କନିଷ୍ଠ ବିଭାଗର କୁଇଜ ପ୍ରତିଯୋଗିତାରେ ମହୀମୁଣ୍ଡା ଓଏଭି ଛାତ୍ର ଆଦିତ୍ୟ ପଟେଲ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରତାପସାଇ ପଟେଲ ଓ ଅଇଁଲାବୁଆଁ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସଞ୍ଜିବନୀ ପଣ୍ଡା ଯୋଗ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀ, ବନ୍ଧପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଆନନ୍ଦ ବଡପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ସହଯୋଗ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ।

# ୯୬ ଲିଟର ମୃତ ସଞ୍ଜୀବନୀ ବୋତଲ ଜବତ, ୪ ଗିରଫ

ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ ପକ୍ଷର ଜୟପାଟଣା ଥାନା ଅନ୍ତର୍ଗତ ଏକତାଗୁଡା, ଜୟପାଟଣା, ଚାଟିଗୁଡା, ଜୁନାପାଣି ଅଞ୍ଚଳରେ ଅଚାନକ ଚଢାଉ କରାଯାଇଥିଲା। ଏହି ସମୟରେ ୨୫୭ଟି ମୃତ ସଞ୍ଜିବନୀ ବୋତଲ ଜବତ କରାଯାଇଛି। ଯାହାକି ୯୬ ଲିଟର ବୋଲି ଜଣାପଡିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇ କରାଯାଇଛି। ଔଷଧ କାର୍ଯ୍ୟରେ ବ୍ୟବହୃତ ମୃତ ସଞ୍ଜିବନୀକୁ ଚୋରାରେ ଆଣି ନିଶା ଦ୍ରବ୍ୟ ଭାବେ ବିକ୍ରି କରୁଥିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା। ଜିଲା ଅବକାରୀ ମୋବାଇଲ ୟୁନିଟ ଭାରପ୍ରାପ୍ତ ଏସ.ଆଇ. ପି.ଭି. ରାଓଙ୍କ ତତ୍ତ୍ୱାବଧାନରେ ଚଢାଉରେ ଅବକାରୀ ଏ.ଏସ.ଆଇ. ଯୋଗେଶରୀ ନାୟକ, କନଷ୍ଟେବଳ ମହାଦେବ ମାଝି, ଭାନୁ ମାଝି, ଦୀପ୍ତି ରଞ୍ଜନ ସାହୁ ସାମିଲ ଥିଲେ।

### ଜନବସତିରୁ ଦୂରରେ ଗ୍ୟାସ ସିଲିଣ୍ଡର ରଖାଯାଉ

ଲାଠୋର, ୮।୯(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଗ୍ରାମର ଜନବସତି ଅଞ୍ଚଳମାନଙ୍କରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ ରଖି ବେପାରିମାନେ ବିକ୍ରୟ କରୁଥିବା ନେଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିପ୍ରତି ସେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ନେଇ ଲାଠୋର ଗ୍ରାମର କେତେଜଣ ସଚେତନ ଯୁବକ ଅଭିଯୋଗ କରିଛନ୍ତି। ୧୨ ୱାର୍ଡ଼ ବିଶିଷ୍ଟ ଲାଠୋର ଗ୍ରାମର ଜନସଂଖ୍ୟା ପାଖାପାଖି ୧୦ ହଜାର ହେବ। ପ୍ରତ୍ୟେକ ପରିବାର ରନ୍ଧନ କାର୍ଯ୍ୟରେ ଜାଳେଣୀ ଭାବେ ଗ୍ୟାସର ବହୁଳ ବ୍ୟବହାର କରୁଥିବା ଯୋଗୁଁ ଗ୍ରାମରେ ଗ୍ୟାସ ସିଲିଣ୍ଡରର ଚାହିଦା ବଢିଚାଲିଛି। ଏହାର ସୁଯୋଗ ନେଇ ଲାଭଖୋର ବେପାରିମାନେ ଅଧିକ ପରିମାଣରେ ଗ୍ୟାସ ସିଲିଣ୍ଡର ନିଜ ପାଖରେ ମହଜୁଦ ରଖି ବିକ୍ରୟ କରି ନିଜର ବ୍ୟବସାୟ ଚଳାଇଛନ୍ତି। ନିୟମ ମୁତାବକ ଗ୍ୟାସ ସିଲିଣ୍ଡର ଜନବସତିଠାରୁ ଦୂରରେ ରଖିବା କଥା। ହେଲେ ନିୟମକୁ ଉଲ୍ଲଂଘନ କରି ସମ୍ପୃକ୍ତ ବେପାରିମାନେ ଗ୍ରାମର ଜନବସତି ଅଞ୍ଚଳମାନଙ୍କରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ ରଖି ବିକ୍ରୟ କରୁଛନ୍ତି। ଫଳରେ କେତେବେଳେ କୌଣସି ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟିଲେ ଏଥିପ୍ରତି କିଏ ଦାୟୀ ହେବ ସେ ନେଇ ପ୍ରଶ୍ନ ଉଠୁଛି। ଅପରପକ୍ଷେ ଗ୍ୟାସ ସିଲିଣ୍ଡର ଏଜେନ୍ସି ଗାଡ଼ିରେ ଖାଉଟିମାନଙ୍କ ପାଖକୁ ଗ୍ୟାସ ସିଲିଣ୍ଡର ନେଇ ପହଞ୍ଚାଇବା ପରିବର୍ତ୍ତେ ଯେଉଁମାନେ ଗ୍ୟାସ ସିଲିଣ୍ଡର ବେପାର କରୁଛନ୍ତି ତାଙ୍କ ନିକଟକୁ ଯାଇ ସିଧାସଳଖ ଗ୍ୟାସ ସିଲିଣ୍ଡର ଦେଉଛନ୍ତି।

# 'ମୁଁ ବି ମିତା' ଅଭିଯାନ ଉଦ୍‌ଘାଟିତ

ଟିଟିଲାଗଡ଼,୮।୯(ଶରତ ମିଶ୍ର)

ପ୍ରତ୍ୟେକ ଛାତ୍ରୀଛାତ୍ର ବିଶେଷକରି ଯୁବ ଗୋଷ୍ଠୀମାନଙ୍କୁ ନୂତନ ଭୋଟର ତାଲିକାରେ ଭୋଟର ଭାବେ ପଞ୍ଜିକରଣ ନିମନ୍ତେ ଉତ୍ସାହିତ କରିବା ପାଇଁ 'ମୁଁ ବି ମିତା ଅଭିଯାନ' ଶୁକ୍ରବାର ଟିଟିଲାଗଡରେ ଆରମ୍ଭ ହୋଇଛି। ଉପଜିଲାପାଳ ଦୟାମୟ ପାଢୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଟିଟିଲାଗଡ଼ ଉପଖଣ୍ଡ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରତ୍ୟେକ ମହାବିଦ୍ୟାଳୟରେ 'ମୁଁ ବି ମିତା' ଅଭିଯାନର ପ୍ରତିନିଧିତ୍ୱ ଦାୟିତ୍ୱ ଦିଆଯାଇ ଏହି ଅଭିଯାନ ସମସ୍ତ ଯୁବ ଗୋଷ୍ଠୀଙ୍କୁ ଅଧିକରୁ ଅଧିକ ମାତ୍ରାରେ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଠିତ। ଏହି ଅଭିଯାନର ଶୁଭାରମ୍ଭରେ ଉପଜିଲାପାଳ ପାଢୀ ଯୋଗ ଦେଇ 'ମୁଁ ବି ମିତା' ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ତଥା ଅଭିଯାନକୁ ସଫଳ ରୂପାୟନ କରିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କର ବୟସ ୧୮ବର୍ଷ, ସେମାନେ କିପରି ଭାବେ ଏଥିରେ ସାମିଲ ହୋଇ ନିର୍ବାଚନରେ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରେ ସକ୍ଷମ ହୋଇପାରିବେ, ସେ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଉପସ୍ଥିତ ଛାତ୍ରୀମାନଙ୍କୁ କହିଥିଲେ। ଆଗାମୀ ଦିନରେ ବିଭିନ୍ନ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଉପଜିଲାପାଳ ପାଢୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଚନ୍ଦ୍ରପ୍ରସାଦ ଦେହୁରି, ତହସିଲଦାର ଲଳିତ ବାଗ, ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାକ୍ଷା, ମୁଁ ବି ମିତାର ପ୍ରତିନିଧିତ୍ୱ କରୁଥିବା ଛାତ୍ରୀ ଉପସ୍ଥିତ ଥିଲେ।



ଉପଜିଲାପାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ମହିଳାଙ୍କ ମଧ୍ୟରେ ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

ଖପ୍ରାଖୋଲ,୮।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ଓଡ଼ିଶା ମିଲେଟ ମିଶନ ତରଫରୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଅବସରରେ ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ଉମେଶ ଗୁପ୍ତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହିଳାମାନେ ନିଜ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ମିଲେଟ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ କରିଥିଲେ। ଭଳିକି ଭଳି ସ୍ୱାଦିଷ୍ଟ ମିଷ୍ଟାନ୍ନ, ଖାଦ୍ୟ ସାମଗ୍ରୀ ଲୋକଙ୍କୁ ବେଶ ଆକର୍ଷିତ କରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିଜୟ କୁମାର ହୋତା, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦିନବନ୍ଧୁ ବେହେରା, ୱାସନ ଜିଲା ସଂଯୋଜକ ଯଶୋବନ୍ତ ନାଏକ, ସନ୍ଧିଧା ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପାରିକ ପଦ୍ଧତିରେ ଶହଶହ ବର୍ଷ ତଳୁ ଚାଷୀ କୁଦ, ମାଣ୍ଡିଆ, ଗୁର୍ଜି, କାଂଗୁ, ବାଜରା ଭଳି ମିଲେଟ ଜୈବିକ ଉପାୟରେ ଚାଷ କରି ଆସୁଥିବା ବେଳେ ପୋଷ୍ଟିକ ଖାଦ୍ୟ ଖାଇ ନିରୋଗ ରହୁଥିଲେ। କିଛିବର୍ଷ ହେଲା ଚାଷ କମିଯିବାରୁ ମିଲେଟ ମିଶନ ମାଧ୍ୟମରେ ଏହାକୁ ପ୍ରୋତ୍ସାହିତ କରାଯାଉ ଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଦର୍ଶିତ ଖାଦ୍ୟର ବିଚାରକ ଭାବେ ଏଫିଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ତାପସ ବେହେରା, ଏସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଖାଦ୍ୟ ପ୍ରଦର୍ଶନୀରେ ପ୍ରଥମ ତେଲେନପାଲି ଗାଁର ମୋତି ମାଝୀ, ଦ୍ୱିତୀୟ ଚଚରାଭଟା ଗାଁର ମାଳତୀ ନାଏକ, ତୃତୀୟ ସାଲେପାଲି ଗାଁର ଅଞ୍ଜଳୀ ବାଗଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଜରାଜ ବରିହା, ବାସନ୍ତୀ ମୁଣ୍ଡା, ପୁରନ୍ଦର ବଞ୍ଛୋର୍, ଗଣେଶ ବଞ୍ଛୋର, ଫକୀର ସାହୁ, ସଦାନନ ବାଗ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।



ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ କରାଯାଉଛି।

# ସଂସ୍କାର ବିନା ଶିକ୍ଷା ମୂଲ୍ୟହୀନ

ବେଲପଡ଼ା,୮।୯(ମନୋଜ କୁମାର ମିଶ୍ର)

ବେଲପଡା ବ୍ଲକ ଭରୁଆମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଟିକେଶ୍ୱର୍ ବିଶି ଓ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଅଭିନବ ମିଶ୍ର, ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚକ୍ରଧର ଦୀପ ଓ ମୁଖ୍ୟବକ୍ତା ଭାବରେ ଡକ୍ଟର ଗୋବର୍ଦ୍ଧନ ନାୟକ ମଞ୍ଚାସୀନ ଥିଲେ। ସଂଯମତା ଶିଷ୍ଟତାର ପରିଚାୟକ ଛାତ୍ରୀଛାତ୍ରମାନେ ସଂଜମ ଓ ଶୃଙ୍ଖଳିତ ରହିଲେ ସମ୍ମାନିୟ ଓ ଆଦରଣୀୟ ହୋଇଥାନ୍ତି। ସଂସ୍କାର ବିନା ଶିକ୍ଷାର ମୂଲ୍ୟ ନ ଥାଏ। ଏଣୁ ଶୃଙ୍ଖଳା ଓ ସଂସ୍କାରି ରହିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷକ ସମାଜ ମଧ୍ୟ କର୍ମନିଷ୍ଠା ଦକ୍ଷତା ଛାତ୍ରମାନଙ୍କ ପ୍ରତି ସହନଶୀଳତାର ଆବଶ୍ୟକ ବୋଲି ମୁଖ୍ୟବକ୍ତା ଡକ୍ଟର ନାୟକ ମତ ଦେଇଥିଲେ। ଅଧ୍ୟକ୍ଷ ଦୀପ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ପାନୀୟ ଜଳର ଅସୁବିଧା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସେପ୍ଟେମ୍ବର ଶେଷ ସୁଦ୍ଧା ବିଦ୍ୟାଳୟରେ ଆର୍ ଓ ପ୍ଲାଣ୍ଟ ବସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଉତ୍ସବ ପାଇଁ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଡୋଲାମନି ମେହେର, ଶୁଭଲକ୍ଷ୍ମୀ ମିଶ୍ର, ରାସେଶ୍ୱରୀ ପ୍ରଧାନ, ମିରାବାଇ କୁମରା ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।




ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଆଦର୍ଶ ବିଦ୍ୟାଳୟ ଭରୁଆମୁଣ୍ଡାର ନବମ ପ୍ରତିଷ୍ଠା ଉତ୍ସବ**

## ସଂକ୍ଷେପରେ

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

ବରପାଲି,୮।୯(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଖୁଲିଆପାଲି ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ପଙ୍କଜିନୀ ଭୁଏ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇ ତଦନ୍ତ କରୁଛି। ସୂଚନା ଅନୁସାରେ, ୩ ବର୍ଷ ତଳେ ଗାଇସିଲାଟ ବ୍ଲକ ଅଇଁଲାବାହାଲ ଗ୍ରାମର ପଙ୍କଜିନୀ ଖୁଲିଆପାଲିର ଗୋପୀନାଥ ଭୁଏଙ୍କୁ ବିବାହ କରିଥିଲେ। ଗୋପୀନାଥ କାମ କରିବା ପାଇଁ ତାମିଲନାଡୁ ଯାଇଥିବା ବେଳେ ପଙ୍କଜିନୀ ଶାଶୁଘରେ ରହୁଥିଲେ ଏବଂ ତାଙ୍କର ୨ବର୍ଷର ଏକ ଶିଶୁକନ୍ୟା ଅଛି। ତେବେ ଗୁରୁବାର ରାତିରେ ପଙ୍କଜିନୀ ଘରେ ଶିଶୁକନ୍ୟା ସହ ଶୋଇଥିଲେ। ଶୁକ୍ରବାର ସକାଳେ ଶିଶୁକନ୍ୟା କାନ୍ଦିବାରୁ ଶାଶୁ ଶ୍ୱଶୁର ତାଙ୍କ କୋଠରୀକୁ ଯାଇ ପଙ୍କଜିନୀ ପଙ୍ଖାରେ ଦଉଡ଼ି ଦେଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ଖବର ଦେଇଥିଲେ। ତେବେ ମହିଳାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ନୃସିଂହନାଥଙ୍କ ନୂଆଁଖାଇ ଲଗ୍ନଧାର୍ଯ୍ୟ

ପାଇକମାଲ,୮।୯(ବଡ ଶତପଥୀ)

ବରଗଡ ଜିଲା ପାଇକମାଲସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ଶୁକ୍ରବାର ଆସନ୍ତା ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଛି। ନୃସିଂହନାଥ ମହାପ୍ରଭୁ ଓ ପାର୍ଶ୍ୱ ଦେବଦେବୀଙ୍କଠାରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ୨୦ ତାରିଖ ବୁଧବାର ୧୧ଟା ୨୧ ମିନିଟରୁ ୩୬ ମିନିଟ୍ ମଧ୍ୟରେ ଧନୁ ଲଗ୍ନରେ ନବାନ୍ନ ଭୋଗ ଲାଗି କରାଯିବା ପାଇଁ ସ୍ଥିର ହୋଇଛି। ଏହାକୁ ମନ୍ଦିର କୁଳ ପୁରୋହିତ ସୁନୀଲ କୁମାର ପୁରୋହିତଙ୍କ ଦ୍ୱାରା ଲଗ୍ନ ନିରୂପଣ କରାଯାଇଛି। ଉକ୍ତ ଲଗ୍ନ ଅନୁଯାୟୀ ପ୍ରଭୁ ନୃସିଂହନାଥ ଓ ପାର୍ଶ୍ୱ ଦେବଦେବୀଙ୍କଠାରେ ନବାନ୍ନ ଭୋଗ ଲାଗିହେବ। ଏଣୁ ନୂଆଁଖାଇ ଦିନ ଉକ୍ତ ଲଗ୍ନରେ ନବାନ୍ନ ପାଳନ କରିବା ପାଇଁ ଜନସାଧାରଣଙ୍କୁ ସୂଚନା କରାଯାଇଛି ।

### ଲୋହାରପାଲିରେ ସାମୂହିକ ବୃକ୍ଷରୋପଣ

ପଦ୍ମପୁର,୮।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଲୋହାରପାଲି ବିଦ୍ୟାଳୟ ପରିସରରେ ଶୁକ୍ରବାର ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ୟୁଜି ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଜିଲା ପରିବେଶ ସୁରକ୍ଷା ସମିତି ସମ୍ପାଦକ ତଥା ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ଅମ୍ଳଜାନ ସଙ୍କଟ ନିୟନ୍ତ୍ରଣରେ ବୃକ୍ଷର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରାମାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ ଖେଳ ପଡିଆ ଚାରିପଟରେ ଶହେ ବୃକ୍ଷରୋପଣ କରିଥିଲେ। ଜିଲା ପରିବେଶ ସମିତି ପକ୍ଷରୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ବୃକ୍ଷଚାରା ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମରୁ କମ୍ପାନୀ ଆଳ, ବଢୁଛି ଚାଷୀ ଅସନ୍ତୋଷ

**ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା**
- ଜିଲାପାଳଙ୍କ ଅଫିସରେ ତ୍ରିପାକ୍ଷିକ ବୈଠକ
- ୧୦ ଦିନରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)


ତ୍ରିପାକ୍ଷିକ ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କୃଷକଙ୍କ ପାଇଁ ରକ୍ଷା କବଚ କହି କେନ୍ଦ୍ର ସରକାର ୨୦୧୬ ଆର୍ଥିକ ବର୍ଷରୁ ସାରା ଦେଶରେ ଏହାକୁ ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟକାରୀ କରୁଛନ୍ତି। ହେଲେ ନାନା ଆଳ ଦେଖାଇ ବୀମା କମ୍ପାନୀ ଏହି ଯୋଜନାରୁ ଅନେକ ଚାଷୀଙ୍କୁ ବୀମା ସହାୟତା ଦେବାରୁ ବଞ୍ଚିତ କରୁଛି ବୋଲି କୃଷକ ସଙ୍ଗଠନ ଅଭିଯୋଗ କରିଛି। ଅନ୍ୟପଟେ ଏହି ଯୋଜନା କୃଷକଙ୍କ ସ୍ୱାର୍ଥରେ ନ ଆସି କମ୍ପାନୀମାନେ ଏଥିରେ ଅଧିକ ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ଆରମ୍ଭରୁ ବୀମା କମ୍ପାନୀ ସେଭଳି ଆଳ କରୁଥିବା ନେଇ କୃଷକ ସଙ୍ଗଠନ ଅଭିଯୋଗ କରିବା ପରେ ଶୁକ୍ରବାର ସେ ନେଇ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି।

ଜିଲାପାଳ ମୋନିଷା ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରିଲାଏନ୍ସ ବୀମା କମ୍ପାନୀ ଏବଂ କୃଷକ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଥିଲେ, ବରଗଡ଼ ଜିଲାରେ ରିଲାଏନ୍ସ ବୀମା କମ୍ପାନୀ ଟେଣ୍ଡର ପାଇଛି। ୧ଲକ୍ଷ ୬୯ହଜାର ୮୭୨ଜଣ ଚାଷୀ ୧ଲକ୍ଷ ୯୫ହଜାର ୨୫୦ ହେକ୍ଟର ଜମି ପାଇଁ ବୀମା କରିଛନ୍ତି। ସେଥିମଧ୍ୟରୁ ୨୩ହଜାର ଆବେଦନର କାଗଜପତ୍ର ଠିକ୍ ନ ଥିବା ଦର୍ଶାଇ ସେଗୁଡ଼ିକୁ ଫେରସ୍ତ କରି ଦିଆଯାଇଛି। ଗତଥର ଭଳି ଏଥର ମଧ୍ୟ ସ୍ୱଳ୍ପ ବୃଷ୍ଟିପାତ ଦେଖି ବୀମା କମ୍ପାନୀ ସେଭଳି ପଦକ୍ଷେପ ନେଉଥିବା ଚାଷୀ ପ୍ରତିନିଧିମାନେ କହିଥିଲେ । ଜିଲାପାଳ ବାନାର୍ଜୀ ଏହି ପ୍ରସଙ୍ଗରେ ବୀମା କମ୍ପାନୀର ପ୍ରତିନିଧିମାନଙ୍କୁ ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ରଖି ପାରି ନ ଥିଲେ। ଫଳରେ ଆସନ୍ତା ୧୦ଦିନ ମଧ୍ୟରେ ସେହି ଆବେଦନଗୁଡ଼ିକୁ ଗ୍ରହଣ କରିବା ପାଇଁ ଜିଲାପାଳ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଆବେଦନରେ କାଗଜପତ୍ର ଠିକ୍ ନ ଥିଲେ ଅତିରିକ୍ତ ଜିଲାପାଳଙ୍କ ସହିତ କଥାବାର୍ତ୍ତା ହୋଇ ତାର ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଛି ।

ସେହିପରି କ୍ଷତିପୂରଣ ଆକଳନ ଚଳିତବର୍ଷ କ୍ରପ୍ କଟିଂ ୭୦ ପ୍ରତିଶତ ଚାଷ ପ୍ରଣାଳୀ ସୁଚ୍ଛତା, ୩୦ ପ୍ରତିଶତ ଗଣତିକୁ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି । ପୁରୁଣା ବ୍ୟବସ୍ଥା ତଥା କୃଷି, ରାଜସ୍ୱ ଏବଂ ପରିସଂଖ୍ୟାନ ବିଭାଗ ଏହି ଆକଳନ କରିବାକୁ କୃଷକ ସଙ୍ଗଠନ ଦାବି ରଖିଛି। ଗତ ଖରିଫ ଋତୁରେ ପାଇକମାଳ ବ୍ଲକର ଭୁବନେଶ୍ୱରପୁର ପଞ୍ଚାୟତ ବୀମା କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳି ନ ଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ଏଲଡ଼ିଏମ ମହେଶ୍ୱର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଅମିୟ ସାହୁ, ସୋନାଲିକା ସାହୁ, ତୃପ୍ତିକାନ୍ତ ସେଠୀ, ରିଲାଏନ୍ସ ବୀମା କମ୍ପାନୀର ସିଆରଏମ୍ ରାକେଶ ରଞ୍ଜନ, ଜିଲା ମ୍ୟାନେଜର ରାଜେଶ ମିଶ୍ର, ରାଜବୋରାସମ୍ବର କୃଷକ ସଙ୍ଗଠନର ଅଶୋକ ସାହୁ, ରୋହିତ ପ୍ରଧାନ, ପଞ୍ଚାନନ ସାହୁ, ଅରବିନ୍ଦ ପଣ୍ଡା, ଗଜପତି ସାହୁ, ଲିଙ୍ଗରାଜ ପ୍ରଧାନ, ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ପ୍ରଭାତ ସାହୁ, ବାରପାହାଡ଼ କୃଷକ ସଙ୍ଗଠନର ଇଶାନ୍ତ ଭୋଇ, ଥବିର ପ୍ରଧାନ, ନିରଞ୍ଜନ ପ୍ରଧାନ, ବିରେନ କର, ଅଜିତ ଶତପଥି, ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଭେଡ଼େନ,୮।୯ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୪ଟି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଆଲୋଚନା କରିଥିଲେ। ସେମିନାରରେ ଶ୍ରୀଅନ୍ନ ଏକ ମୂଲ୍ୟବର୍ଦ୍ଧିତ ପୌଷ୍ଟିକ ଅଥବା ଭ୍ରାନ୍ତି ଆହାର ବିଷୟ ପ୍ରସଙ୍ଗ ରହିଥିଲା। ପ୍ରସଙ୍ଗ ସମ୍ବନ୍ଧୀୟ ଉପସ୍ଥାପନ ପାଇଁ ୩ ଜଣ ଶିକ୍ଷକଙ୍କୁ ଜାଣ୍ଡୋଲ ହାଇସ୍କୁଲର ଶିକ୍ଷକ ସୁବାଶ ଚନ୍ଦ୍ର ଦାଶ ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ। ସେହିପରି ରେମଣ୍ଡା ବାଳିକା ହାଇସ୍କୁଲର ଆଦ୍ୟା ବହିଦାର, ତେନ୍ତୁଲିଟିକ୍ରାର ଝାନ୍ସୀ ପଧାନ ଏବଂ ସାଲନା ହାଇସ୍କୁଲର ଶ୍ରେୟସ କୁମାର ଦାଶ ଜିଲାସ୍ତରୀୟ ସେମିନାରରେ ଯୋଗ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ପ୍ରମୋଦ କୁମାର ବାଗ ବିଚାରକ ଦାୟିତ୍ୱ ତୁଲାଇଥିବା ବେଳେ ଝରାପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ଦୁର୍ଘଟଣା, ୨ ମୃତ

ସରଣ୍ଡା/ଅତାବିରା,୮।୯
(ଯୁଧିଷ୍ଠିର ମହାପାତ୍ର/ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରାରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ କଣ୍ଟେନର (ଏନଏଚ୍୦୧ଏଜି/୮୬୭୦) ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ଟିକୁ ସାହୁ(୨୪) ଏବଂ ନାରାୟଣ ସେଠ(୪୫)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି। ଦୁର୍ଘଟଣା ପରେ କଣ୍ଟେନର ଡ୍ରାଇଭର ଫେରାର୍ ଅଛନ୍ତି ।

ପ୍ରକାଶ ଯେ, ଟିକୁ ଓ ନାରାୟଣ ଏବଂ ପଦ୍ମଲୋଚନ ନାଏକ ହାର୍ଭେଷ୍ଟର ମରାମତି ପାଇଁ ଅତାବିରାସ୍ଥିତ କୋବାଟା ଶୋରୁମ୍‌କୁ ଟ୍ରାକ୍ଟର ଯୋଗେ ଯାଇଥିଲେ। ସେମାନେ ଉକ୍ତ ଶୋରୁମ୍ ଆଗରେ ଟ୍ରାକ୍ଟର ରଖି ଛିଡ଼ା ହୋଇଥିଲେ। ବରଗଡ଼ ପଟରୁ ସମ୍ବଲପୁର ପଟକୁ ଦ୍ରୁତବେଗରେ ଆସୁଥିବା ଉକ୍ତ କଣ୍ଟେନର ଟ୍ରାକ୍ଟରକୁ ଧକ୍କା ଦେବାରୁ ତାହା ନିକଟସ୍ଥ ଏକ ବିଲ ଭିତରକୁ ପଶିଯାଇଥିଲା ଏବଂ କଣ୍ଟେନର ମାଡ଼ିଯିବାରୁ ଘଟଣାସ୍ଥଳରେ ଟିକୁ ଏବଂ ନାରାୟଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅତାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଝାରବନ୍ଧ,୮।୯(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବଲିଡିପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରିନ୍ସପାଲ ବିଜୟ କୁମାର ଦାନୀଙ୍କ ସଭାପତିତ୍ୱରେ ଝାରବନ୍ଧ ବିଡିଓ ରାମକୃଷ୍ଣ ମିଶ୍ର ମୁଖ୍ୟ ଅତିଥି, ଏବିଡ଼ିଓ ଭୀଷ୍ମଦେବ ମାଝି, ଏବିଇଓ ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା, ଡୁଙ୍ଗୁରିପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ସମାରୋହକୁ ଶିକ୍ଷକ କ୍ଷୀରସାଗର ମହାନନ୍ଦ ପରିଚାଳନା କରିଥିବା ବେଳେ ଶିକ୍ଷକ ଅସିତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଜିତ ବଡେଇ, ଦୁଃଖନାଶନ ପଣ୍ଡା, ପ୍ରିୟଙ୍କା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଉଦ୍‌ଯାପିତ



ଅତିଥି, ଆୟୋଜକଙ୍କ ଗହଣରେ କଳାକାରବୃନ୍ଦ ।

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ଚାଲିଥିବା ଜନ୍ମାଷ୍ଟମୀ, ନନ୍ଦୋତ୍ସବ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ଯାଦବ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୁଧବାର କଳସଯାତ୍ରା ହୋଇଥିବାବେଳେ ଗୁରୁବାର ଜନ୍ମାଷ୍ଟମୀର ପୂର୍ଣ୍ଣାହୂତି ହୋଇଥିଲା। ସେହିପରି ନନ୍ଦରାଜା, ନନ୍ଦରାଣୀ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଧରି ରଥରେ ବିରାଜମାନ ହୋଇ ନଗର ପରିକ୍ରମା କରିଥିଲେ। ଗାୟକ ରଘୁନାଥ ବଗାର, ବିରେନ୍ଦ୍ର ଯୁଆଡ଼ି, ଚନ୍ଦନ ମାହାର, ମିତ୍ରଭାନୁ ନାଗ, ବାୟକ ବିଶ୍ୱାମିତ୍ର ପାଣ୍ଡେ, ଅନୁପ ଭୋଇ, ଆନନ୍ଦ ବାଗ, ଗୌତମ ବରିହା କଳା ପରିବେଷଣ କରିଥିଲେ । ବରଗଡ଼ ବ୍ଲକ ଯାଦବ ସାଂସ୍କୃତିକ ସମାଜ ସଭାପତି ରାମନାରାୟଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଜିଲା ସଭାପତି ରାଜୁ ଘିବେଲା ମୁଖ୍ୟଅତିଥି, ଜିଲା ସଂଯୋଜକ କେଶବ ଜାଲ, ଭେଡ଼େନ ବ୍ଲକ ସମ୍ପାଦକ ନୀଳାମ୍ବର ମଲ୍ଲିକ, ବିଜେପୁର ବ୍ଲକ ସଭାପତି ଝସକେତନ ମଲ୍ଲିକ, ଧାଙ୍ଗେର ସରପଞ୍ଚ ଋତୁରାଜ ବାଗ, ସମିତିସଭ୍ୟଙ୍କ ପ୍ରତିନିଧି ନବୀନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଧ୍ୟାପକ ତଥା କବି ନାରାୟଣ ଭୋଇଙ୍କୁ ଯାଦବ କୁଳଗୌରବ ସମ୍ମାନ ଏବଂ ଶିକ୍ଷକ ତଥା ହାସ୍ୟକବି ରାମପ୍ରସାଦ ବାଗଙ୍କୁ କୁଳପ୍ରଦୀପ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ନନ୍ଦୋତ୍ସବ ଦିନ ଜିଲା ପରିଷଦ ସଭ୍ୟା ମିନାକ୍ଷୀ ପାଣ୍ଡେ ଅତିଥି ଭାବେ ଯୋଗଦାନ କରିଥିଲେ। ଦେବକୀ ଭୂମିକାରେ ତପସ୍ୱିନୀ ବନଛୋର, ବସୁଦେବ ସୁଶିଲ ବନଛୋର, ନନ୍ଦରାଜା ବେଣୁଧର ଷାଣ୍ଡ ଏବଂ ନନ୍ଦରାଣୀ ଭୂମିକାରେ ରାଜେଶ୍ୱରୀ ଷାଣ୍ଡ ଅଭିନୟ କରିଥିଲେ। ସେହିପରି ପ୍ରହରୀ ଭୂମିକାରେ ପ୍ରସନ୍ନ ଥପା ଅଭିନୟ କରିଥିବାବେଳେ ପଣ୍ଡିତ ପ୍ରଦୀପ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମନବୋଧ ବନଛୋର, ପ୍ରଫୁଲ୍ଲ ଭୋଇ, ଗଣେଶ ବନଛୋର, ବାଳମୁକୁନ୍ଦ ଷଣ୍ଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଞ୍ଚଭୂତରେ ଲୀନ ହେଲା ମହେନ୍ଦ୍ର ବଢେଇଙ୍କ ପାର୍ଥିବ ଶରୀର

ପଦ୍ମପୁର, ୮।୯ (ପ୍ରଦୀପ୍ତ ଦାଶ )

ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢେଇଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ଶୁକ୍ରବାର ଜନ୍ମମାଟି ବରଗଡ଼ ଜିଲା ପଦ୍ମପୁର ଟାଲ ଗ୍ରାମରେ ପହଞ୍ଚିବା ପରେ ସେଠାରେ ଅପରାହ୍ନ ୫ଟା ୪୫ରେ ଅନ୍ତିମ ସଂସ୍କାର କରାଯାଇଛି। ଏହି ସମୟରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ଜିଲା ସଭାପତି ପ୍ରଭାସ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସୁଧୀର ସାମଲ, ଯୁବନେତା ସୁଶାନ୍ତ ମିଶ୍ର, ବିଶାଳ ଦାସ, ଭୋଜରାଜ ସିଂ ବରିହା, ରାଜୁ ଘିବେଲା, ସରପଞ୍ଚ ତୁକାରାମ ପଟେଲ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୁଅ ଦିବ୍ୟସ୍ୱରୂପ ମୁଖାଗ୍ନି ଦେଇଥିଲେ।

## ଶିକ୍ଷାଧିକାରୀଙ୍କ ସ୍କୁଲ ପରିଦର୍ଶନ


ଶିକ୍ଷାଧିକାରୀମାନେ ସ୍କୁଲ ପରିଦର୍ଶନ କରୁଛନ୍ତି ।

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଏବଂ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଶୁକ୍ରବାର ବାଲିଯୋରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ମୋ ପୁସ୍ତକ ରାଇଜ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ ସହିତ ଲାଇବ୍ରେରୀ ପୁସ୍ତକ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଭିନ୍ନ ଶୈକ୍ଷିକ ଦକ୍ଷତା ବିକାଶ ଉପରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ ।

## ବାଳିକା ହାଇସ୍କୁଲରେ ପ୍ୟାରେଣ୍ଟ୍ସ ଆଣ୍ଡ ପାର୍ଟନର ମିଟିଂ

ପଦ୍ମପୁର,୮।୯(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର କଲ୍ୟାଣ ବିଭାଗ ଅଧୀନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ୟାରେଣ୍ଟ୍ସ ଆଣ୍ଡ ପାର୍ଟନର ମିଟିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର ମୁଖ୍ୟ ଅତିଥି, ବିଡ଼ିଓ ବିଶ୍ୱନାଥ ସାହୁ, ସହକାରୀ ଜିଲାପାଳ ମନୋରଞ୍ଜନ ନାୟକ, ବିଇଓ ଲୋକନାଥ ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ଦେଶ ଗଠନରେ ଅଭିଭାବକମାନଙ୍କ ଭୂମିକା ଉପରେ ଉପଜିଲାପାଳ ଆଲୋଚନା କରିଥିଲେ। ଭାରତକୁ ବିଶ୍ୱ ମାନଚିତ୍ରରେ ଶ୍ରେଷ୍ଠତମ ଦେଶ ରୂପେ ପ୍ରତିଷ୍ଠିତ କରିବା ପାଇଁ ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଜରୁରୀ। ତେଣୁ ସମସ୍ତ ମାତାପିତା ଓ ଅଭିଭାବକ ସାଥୀ ତଥା ସହଭାଗୀ ଭାବେ ଦାୟିତ୍ୱ ନେବାକୁ ସେ ଉତ୍ସାହିତ କରିଥିଲେ। ଅନ୍ୟ ସମସ୍ତ ଅତିଥି ମଧ୍ୟ ଅଭିଭାବକମାନଙ୍କୁ ସହଭାଗୀ ଭାବେ ଆଗେଇ ଆସିବା ପାଇଁ ଉତ୍ସାହିତ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି।

# ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଆହ୍ୱାନ

**ଜିଲାସ୍ତରୀୟ ସଂସ୍କୃତ ମହୋତ୍ସବ**

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)


ସଂସ୍କୃତ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ସଂସ୍କୃତ ଭାଷା ସମସ୍ତଙ୍କୁ ଜାତୀୟ ଏକତା ଓ ଅଖଣ୍ଡତାର ସୂତ୍ରରେ ବାନ୍ଧି ରଖେ। ଏହି ଭାଷା ଆଞ୍ଚଳିକ ବୈଷମ୍ୟ ମନୋଭାବକୁ ପ୍ରତିହତ କରିଥାଏ। ପ୍ରାଚୀନ ଭାଷା ସଂସ୍କୃତ ଆବହମାନ କାଳରୁ ଥିଲା। ଏବେ ରହିଛି ଓ ଆଗକୁ ବି ରହିବ। କେବଳ ଆନ୍ତରିକତା ଲୋଡ଼ା ବୋଲି ଶୁକ୍ରବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ସଂସ୍କୃତି ଦିବସ ପାଳନ ସମାରୋହରେ ସଂସ୍କୃତ ବିଦ୍ୱାନମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଆବଶ୍ୟକତା ଏବଂ ଏହି ପ୍ରାଚୀନ ଭାଷାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରି ଏଥିପାଇଁ ନୂତନ ପିଢ଼ି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ।

ସଂସ୍କୃତ ବିଦ୍ୱାନ ଶ୍ରୀନିବାସ ପାଠି ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ସମସ୍ତଙ୍କୁ ଯୋଡ଼ି ରଖିବା ସହିତ ଜାତୀୟ ଏକତା, ଅଖଣ୍ଡତାର ପ୍ରତୀକ ବୋଲି କହିଥିଲେ। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର, ଉପସଭାପତି ଅକ୍ଷୟ କୁମାର ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସଂସ୍କୃତର ମହନୀୟତା ପ୍ରତିପାଦନ କରିଥିଲେ। ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରମାକାନ୍ତ ମିଶ୍ର ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ବ୍ୟବହାରିକ ଦିଗ ଉପରେ ଆଲୋକପାତ କରଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ପ୍ରଫେସର ଚକ୍ରଧର ମେହେର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ସଂସ୍କୃତ ଭାଷାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁରୀ କବି ନୀତିଶ ଆଚାର୍ଯ୍ୟ ସ୍ୱରଚିତ କବିତା ମାଧ୍ୟମରେ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ୧୧ଜଣ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗତ ମାଟ୍ରିକ ପରୀକ୍ଷାରେ ସଂସ୍କୃତ ବିଷୟରେ ଶତ ପ୍ରତିଶତ ମାର୍କ ରଖିଥିବା ବିଜେପୁର ହାଇସ୍କୁଲର ଛାତ୍ର ଉତ୍କଳପ୍ରିୟ ସାହୁଙ୍କୁ ସମ୍ମାନିତ କରାଯାଇ ଥିବାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ବାଦଳ ଷଡ଼ଙ୍ଗୀଙ୍କୁ ପ୍ରଫେସର ପ୍ରହ୍ଲାଦ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଜିଲା ସଂସ୍କୃତ ଶିକ୍ଷକ ସଂଘ ସମ୍ପାଦକ ଅଗସ୍ତି ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ରାଣାପ୍ରତାପ ସ୍କୁଲର ଛାତ୍ରୀ ବୈଷ୍ଣବୀ ପ୍ରଧାନ ଏବଂ ରାଜେଶ ବାରିକଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ପ୍ରମୋଦ ଦାଶ ସଂସ୍କୃତ ଭାଷାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସଂସ୍କୃତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିବାବେଳେ ବିଶିଷ୍ଟ ସାଧନ କର୍ମୀ ବେଦପ୍ରକାଶ ଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଡାକ୍ତରଖାନାରୁ ରୋଗୀ ଫେରାର

ରାଉରକେଲା,୮।୯(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଚିକିତ୍ସାଧୀନ ଜଣେ ରୋଗୀ ଗୁରୁବାର ରାତିରେ ଫେରାର ହୋଇଯାଇଛନ୍ତି। ସେ ହେଲେ ଦିଲେଶ୍ୱର ସିଂ(୩୦)। ଏ ନେଇ ଆରଜିଏଚ ଫାଣ୍ଡିରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଲାଠିକଟା ବୁଢ଼ିକୁଦା ଗ୍ରାମର ଦିଲେଶ୍ୱରଙ୍କୁ ଗତ ୫ତାରିଖରେ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ସେ ଶଯ୍ୟାରୁ ଉଠି କୁଆଡେ ପଳାଇଯାଇଛନ୍ତି। ସକାଳ ହେବାରୁ ଡାକ୍ତର ରୋଗୀଙ୍କୁ ଦେଖିବା ପାଇଁ ରାଉଣ୍ଡରେ ଆସିଥିବାବେଳେ ଦିଲେଶ୍ୱର ବେଡ୍‌ରେ ନ ଥିବା ଦେଖିଥିଲେ ଏବଂ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

### ସଟ୍ଟା ଖେଳ, ଜଣେ ଗିରଫ

ରାଉରକେଲା,୮।୯(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମହତାବ ରୋଡରେ ଶୁକ୍ରବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି ସଟ୍ଟା ଖେଳୁଥିବା ବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦାମ ହୁସେନ୍(୨୬)। ତାଙ୍କଠାରୁ ୧୯୮୦ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଦୁର୍ବ୍ୟବହାର ଅଭିଯୋଗରେ ମାମଲା

ରାଉରକେଲା,୮।୯(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ଶନି ମନ୍ଦିର ନିକଟରେ ଗୁରୁବାର ଟାଟା ପାୱାର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୫/୨୩) ରୁଜ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଶନିମନ୍ଦିର ନିକଟରେ କୁନ୍ତୀ ଦାସ ନାମକ ମହିଳାଙ୍କ ଘରେ ରଜତ ରଞ୍ଜନ ପଟ୍ଟନାୟକ ସପରିବାର ରୁହନ୍ତି। ସେମାନେ ସର୍ଭିସ ଲାଇନ ବାଇପାସ କରିଥିଲେ। ସସ୍ମିତା ମିଶ୍ରଙ୍କ ନେତୃତ୍ୱରେ ଏହାର ନିରୀକ୍ଷଣ କରିବାକୁ ଟାଟା ପାୱାର କର୍ମଚାରୀମାନେ ଯାଇଥିବା ବେଳେ ଦୁର୍ବ୍ୟବହାର କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ଷ୍ଟାଲିନ, ରାଜାଙ୍କ କୁଶ ପୁତ୍ତଳିକା ଦାହ

ରାଉରକେଲା,୮।୯(ସଙ୍ଗୀତା ଜେନା)

ସନାତନ ଓ ହିନ୍ଦୁ ଧର୍ମ ବିରୋଧରେ ମନ୍ତବ୍ୟ ଦେଇଥିବା ଉଦୟନିଧି ଷ୍ଟାଲିନ୍ ଓ ଟି. ରାଜାଙ୍କ କୁଶପୁତ୍ତଳିକା ଶୁକ୍ରବାର ସନ୍ଧ୍ୟାରେ ଉଦିତନଗର ଆମ୍ବେଦକର ଛକରେ ବଜରଙ୍ଗ ଦଳ ପକ୍ଷରୁ ଦାହ କରାଯାଇଛି। ଏହି ୨ଜଣଙ୍କୁ ତୁରନ୍ତ କଠୋର ଦଣ୍ଡାଦେଶ ଦିଆଯାଉ ବୋଲି ଦାବି କରାଯାଇଛି। ବଜରଙ୍ଗ ଦଳର ରାଜେଶ ସିଂ, କେଦାର ପ୍ରିୟଦର୍ଶୀଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

### ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳିତ

ରାଉରକେଲା, ୮।୯(ସଙ୍ଗୀତା ଜେନା)

ରାଉରକେଲାର ସାମାଜିକ କଲ୍ୟାଣ ଅନୁଷ୍ଠାନ ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳନ କରାଯାଇଛି। ସଂସ୍ଥାର ପ୍ରତିଷ୍ଠାତା ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ମୁଖ୍ୟ ଅତିଥି, ରୋଟାରିଆନ୍ ଅଜୟ ଅଗ୍ରୱାଲ ସମ୍ମାନିତ ଅତିଥି, ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିଲୋଚନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଅଭିଭାବକମାନଙ୍କୁ ଏକ ଭୌତିକ ଚିକିତ୍ସା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ଭୌତିକ ଚିକିତ୍ସକ ମୁକେଶ କୁମାର, କୈଳାସ ପ୍ରସାଦ ରାଉତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା ଆଣ୍ଠୁଗଣ୍ଠି ବାତ, ଅଣ୍ଟା, ବେକ ଯନ୍ତ୍ରଣା, ପାରାଲିସିସ୍, ଷ୍ଟ୍ରୋକ, ଭିନ୍ନକ୍ଷମତା, ହୃତ୍‌ପିଣ୍ଡ ଜନିତ ସମସ୍ୟା, ସ୍ନାୟୁଗତ ସମସ୍ୟା ପ୍ରମୁଖ ସମ୍ପର୍କରେ ଆଲୋକପାତ କରିଥିଲେ। ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚିନ୍ମୟୀ ସାହୁ, ପାଏଲ୍ ପୋଦ୍ଦାର, ଗୀତା ସାହୁ, ଦମୟନ୍ତୀ ରାଉତ, ସୁବ୍ରତ ନାୟକ, ନେଜାଲ କୁଜୁର, ସ୍ୱପ୍ନା ନାୟକ ଓ ଲକ୍ଷ୍ମୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଶୁକ୍ରବାର ଆରଏମ୍‌ସି ଅଫିସ ଆଗରେ ବସ୍ତିବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଉଷା ସର୍ଭେରୁ ବଞ୍ଚିତ ବସ୍ତିବାସୀ

**ଏଡିଏମ୍‌ଙ୍କୁ ଭେଟି ସାମିଲ କରିବାକୁ ଦାବି କଲେ**

ରାଉରକେଲା,୮।୯(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ ଅଧୀନ ବାଲୁଘାଟ ବସ୍ତିବାସୀ ଉଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ଯୋଜନାରେ ଆର୍‌ଏମ୍‌ସି ଅଧୀନ ବିଭିନ୍ନ ସ୍ଥାନରେ ସର୍ଭେ କରାଯାଇଥିବା ବେଳେ ବାଲୁଘାଟ ବସ୍ତିରେ ବହୁ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶତାଧିକ ବସ୍ତିବାସୀ ଆରଏମ୍‌ସି କମିଶନରଙ୍କ ନିକଟରେ ଫେରାଦ ହୋଇଛନ୍ତି।

ଶୁକ୍ରବାର ଭାଜପା ନେତା ନିହାର ରାୟଙ୍କ ନେତୃତ୍ୱରେ ଉକ୍ତ ବସ୍ତିବାସୀ ଆର୍‌ଏମ୍‌ସି କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ବାଲୁଘାଟ ବସ୍ତିରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତିର ବହୁ ଲୋକ ଠିକା ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଭୂମିହୀନମାନଙ୍କୁ ବାସଗୃହ ପ୍ରଦାନ ପାଇଁ ଗତ କିଛି ମାସ ତଳେ ବସ୍ତିରେ ଅର୍ବାନ ସ୍ଲମ୍ ହାଉସହୋଲ୍ଡ ଏରିଆ (ଉଷା) ସର୍ଭେ କରାଯାଇଥିଲା। ସର୍ଭେରେ ପ୍ରାୟ ଏକ ହଜାର ଲୋକଙ୍କ ନାମ ସାମିଲ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସେଥିରୁ ୬ ଶହ ହିତାଧିକାରୀଙ୍କ ନାମ କଟିଯାଇଛି। ମାତ୍ର ୩ଶହ ଜଣଙ୍କ ନାମ ଏହି ସର୍ଭେରେ ରହିଥିବାରୁ ଏହାକୁ ନେଇ ବସ୍ତିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବଞ୍ଚିତ ହୋଇଥିବା ପ୍ରକୃତ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ବସ୍ତିବାସୀ ଦାବି କରିଥିଲେ। ଏହି କ୍ରମରେ ସେମାନେ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କ ନିକଟରେ ଦାବି କରିଥିଲେ। ଏହି ସମସ୍ୟାର ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି କମିଶନର ଡ. ମହାପାତ୍ର ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟୁନି ତନ୍ତୀ, ଯଶୋମତି ଲେଙ୍କା, ଶେଷଦେବ ମହାକୁଡଙ୍କ ସମେତ ବହୁ ବସ୍ତିବାସୀ ଉପସ୍ଥିତ ସାମିଲ ହୋଇଥିଲେ।

**ପାଣିଟ୍ରାକ୍ଟର ରଡ୍ ପଶି ଯୁବକ ମୃତ୍ୟୁ ଘଟଣା**

## କ୍ଷତିପୂରଣ ପରେ ମର୍ଗ ହାଉସରୁ ଉଠିଲା ମୃତଦେହ

ବେଦବ୍ୟାସ,୮।୯(ଆଲୋକ ସ୍ୱାଇଁ)

ପାଣି ଟ୍ରାକ୍ଟର ରଡ୍ ଛାତରେ ପଶିଯିବାରୁ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାରବର୍ଗଙ୍କୁ ଶୁକ୍ରବାର କ୍ଷତିପୂରଣ ମିଳିଛି। ଏହାପରେ ପରିବାର ଲୋକେ ମୃତଦେହକୁ ସଂସ୍କାର କରିଛନ୍ତି। ପାଣି ଟ୍ରାକ୍ଟର ମାଲିକ ବ୍ରାହ୍ମଣୀତରଙ୍ଗ ଥାନାରେ ୧ ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ମୃତଦେହ ଉଠିଥିଲା। ସୂଚନାଯୋଗ୍ୟ, ମୃତକ ସନ୍ତୋଷ ଶର୍ମା ସେକ୍ଟର-୫ ଟିମ୍ବର କଲୋନୀର ରହୁଥିଲେ। ଗୁରୁବାର ତାଙ୍କର କେହି ଜଣେ ପଡୋଶୀ ମହିଳା ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାକୁ ବେଦବ୍ୟାସ ଭିକି ଯାଦବଙ୍କ ସହ ବାଇକରେ ଯାଉଥିଲେ। ହେଲେ ଟିସିଆଇ ଛକ ନିକଟରେ ସମ୍ମୁଖରୁ ଆସୁଥିବା ପାଣି ଟ୍ରାକ୍ଟରରେ ପଛରେ ଥିବା ପାଣି ଟ୍ୟାଙ୍କର ଖୋଲିଯାଇଥିଲା। ଏଥିରେ ଥିବା ରଡ୍ ସନ୍ତୋଷଙ୍କ ଛାତିରେ ପଶିଯାଇଥିଲା। ତାଙ୍କୁ ତୁରନ୍ତ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ମର୍ଗ ହାଉସରେ ଥିବାବେଳେ ଶୁକ୍ରବାର ସନ୍ତୋଷଙ୍କ ପରିବାରବର୍ଗ କ୍ଷତିପୂରଣ ନ ମିଳିଲେ ମୃତଦେହ ନେବେ ନାହିଁ ବୋଲି ଅଡ଼ିବସିଥିଲେ। ଶେଷରେ ପୋଲିସ ହସ୍ତକ୍ଷେପରେ ଟ୍ରାକ୍ଟର ମାଲିକ କ୍ଷତିପୂରଣ ରାଶି ଦେଇଥିଲେ।

## ଡିଏମ୍‌କେ ନେତାଙ୍କ ମନ୍ତବ୍ୟକୁ ବିରୋଧ କରି ସ୍ମାରକପତ୍ର




ଭିଏଚ୍‌ପି ପ୍ରତିନିଧି ଦଳ ଏଡ଼ିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା,୮।୯(ସଙ୍ଗୀତା ଜେନା)

ତାମିଲନାଡୁର ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍ ସୋଶିଆଲ ମିଡ଼ିଆ ଜରିଆରେ ସନାତନ ଧର୍ମକୁ ନେଇ ଦେଇଥିବା ବିବାଦୀୟ ବୟାନ ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କୁ ଆଘାତ ଦେଇଛି। ଏହାକୁ ନେଇ ଦେଶ ସାରା ବିରୋଧାଭାସ ଜାରି ରହିଛି। ଷ୍ଟାଲିନ୍‌ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି କ୍ରମରେ ରାଉରକେଲା ଭିଏଚ୍‌ପି ଏହି ଘଟଣାର ଦୃଢ ପ୍ରତିବାଦ କରିବା ସହ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡ଼ିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଭିଏଚ୍‌ପି ସଭାପତି ଗୋଦାବରୀଶ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ଅରୁଣ ମଣ୍ଡଳ, ବିକାଶ ଗୋୟଲଙ୍କ ସମେତ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

## ସ୍ଲାଇଡର୍ସ, ନିଜସ୍ୱ ବିକାଶ ଦ୍ୱାରା ବିପୁଳ ସଞ୍ଚୟ ସାଧନ

ରାଉରକେଲା,୮।୯(ସଙ୍ଗୀତା ଜେନା)

ସେଲ ଆରଏସ୍‌ପି ମେକାନିକାଲ ଶପ୍ ସାମୁଦାୟିକ ଅନନ୍ୟ ଦକ୍ଷତାର ନିଦର୍ଶନ ପୂର୍ବକ ନିଜସ୍ୱ ସମ୍ବଳ ବ୍ୟବହାର କରି ଏଚଏସ୍‌ଏମ୍-୨ ବିଭାଗ ପାଇଁ ସ୍ଲାଇଡର୍ସର ବିକଶିତ କରିଛନ୍ତି। ଏହି ବୃହତ୍ ପଦକ୍ଷେପ ଉପକରଣର ଉପଲବ୍ଧିତାରେ ବୃଦ୍ଧି ଆଣିବା ସହ କମ୍ପାନୀ ପାଇଁ ସଞ୍ଚୟ ସାଧନ କରିଛି। ଏଚ୍‌ଏସ୍‌ଏମ୍-୨ ବିଭାଗର ଅନକଏଲର ମେଣ୍ଡରେଲ ଯାହା ବ୍ରୋଞ୍ଜ ସ୍ଲାଇଡର ଦ୍ୱାରା ଗଠିତ ଏବଂ ଏହା ସୁଗମ ଉତ୍ପାଦନ ସୁନିଶ୍ଚିତ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ହାଇଡ୍ରୋଲିକ ସିଲିଣ୍ଡର ସାହାଯ୍ୟରେ ଗାଇଡ୍ ଉପାୟ ଭିତରେ ସ୍ଲାଇଡ୍ ହୋଇଥାଏ। ଏଚ୍‌ଏସ୍‌ଏମ୍-୨ ବିଭାଗରେ ଉପଲବ୍ଧ ସ୍ଲାଇଡ୍‌ର ଯଥେଷ୍ଟ ପୁରୁଣା ହୋଇଥିବାରୁ ହଟ୍‌ଷ୍ଟ୍ରିପ ମିଲ୍-୨ର ନିରବିଚ୍ଛିନ୍ନ ଉତ୍ପାଦନ ବଜାୟ ରଖିବା ପାଇଁ ତୁରନ୍ତ ବଦଳାଇବା ଆବଶ୍ୟକ ହୋଇଥିଲା। ବାହ୍ୟ ଉତ୍ସରୁ ନୂତନ ଖର୍ଚ୍ଚକ୍ରୟ କରିବା ସମୟ ସାପେକ୍ଷ ଓ ବ୍ୟୟବହୁଳ ହୋଇଥାନ୍ତା। କର୍ମଚାରୀ ଅଭିଜ୍ଞତା ବ୍ୟବହାର କରି ଏହାକୁ ପ୍ରତିରୋପଣ କରିଥିଲେ।

## ଜନ୍ମାଷ୍ଟମୀ, ନନ୍ଦୋତ୍ସବ ଉଦ୍‌ଯାପିତ



ବିଧାୟକ ସୁବ୍ରତ ତରାଇ ଠାକୁରଙ୍କୁ ଦୋଳିରେ ଝୁଲାଉଛନ୍ତି।

ରାଉରକେଲା,୮।୯(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଗୁରୁବାର ରାତିରେ ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଛି। ମନ୍ଦିର ପୂଜକ ବିଜୟ କୁମାର ପାଣିଗ୍ରାହୀ ସମସ୍ତ ନୀତିକାନ୍ତି ସହ ଆଳତୀ ନିର୍ଦ୍ଧାରିତ ସମୟରେ ଶେଷ କରିଥିଲେ। ପଣ୍ଡିତ ଗୁରୁଚରଣ ନନ୍ଦ ଓ ସୁଶୀଲ କୁମାର ଦାସ ହରିବଂଶ ପାଠ କରିଥିଲେ। ପରେ କମିଟି ପକ୍ଷରୁ ନନ୍ଦୋତ୍ସବ ପାଳନ କରାଯାଇଥିଲା। ଏଥିରେ ବାସୁଦେବ ଭୂମିକାରେ ପ୍ରମୋଦ ପ୍ରଧାନ ଓ ଉଗ୍ରସେନ ଭୂମିକାରେ ପ୍ରସନ୍ନ କୁମାର ତ୍ରିପାଠୀ ଅଭିନୟ କରିଥିଲେ। ଉତ୍ସବରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଭୁଙ୍କୁ ଦୋଳିରେ ଝୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ଉପସଭାପତି ପ୍ରମୋଦ କୁମାର ରାଜ, ଶୁଶାନ୍ତ ପ୍ରଧାନ, ବରିଷ୍ଠ ସଦସ୍ୟା ଜୟନ୍ତୀ ଦାସ, ରେଖା କୋଠାରୀ, ସରସ୍ୱତୀ ବେହେରା, ବିଷ୍ଣୁପ୍ରିୟା ନାୟକ, ସୁଭଦ୍ରା ପ୍ରଧାନ, ନିଳିମା ବେହେରା, ଦୀପା ଶର୍ମା, ସଙ୍ଗୀତା ମିଶ୍ର, ସୌଦାମିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡିଆର୍‌ୟୁସିସି ସଦସ୍ୟଙ୍କ ଟାଟାନଗର ରେଳ ଷ୍ଟେଶନ ନିରୀକ୍ଷଣ

ରାଉରକେଲା,୮।୯(ଦିନେଶ ମିଶ୍ର)

ଡିଆର୍‌ୟୁସିସି ସଦସ୍ୟ ଡ. ସୁବାସ ଲେଙ୍କାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଟାଟାନଗର ରେଳ ଷ୍ଟେଶନରେ ସମସ୍ତ ବ୍ୟବସ୍ଥାକୁ ନିରୀକ୍ଷଣ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ପ୍ରଥମେ ଷ୍ଟେଶନ ପରିସରରେ ଥିବା ପ୍ଲାଟଫର୍ମ, ଭେଣ୍ଡିଂ, ହୁଇଲର, ଖାଦ୍ୟ ସାମଗ୍ରୀକୁ ଯାଞ୍ଚ କରିଥିଲା। ଏଥିସହ ସେମାନେ ରେଲୱେ ପ୍ଲାଟଫର୍ମ ନିକଟରେ ଥିବା ବିଭିନ୍ନ ଦୋକାନର ସାମଗ୍ରୀ ସାଙ୍ଗକୁ ଷ୍ଟେଶନ ପରିସରରେ ଥିବା ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ବିଶ୍ରାମଗୃହ, ଫୁଟଓଭର ବ୍ରିଜ୍, ଲିଫ୍ଟ ବ୍ୟବସ୍ଥା ସ୍ଥାନଗୁଡ଼ିକୁ ନିରୀକ୍ଷଣ କରିଥିଲେ। ରେଳ ଷ୍ଟେଶନରେ ସ୍ୱଚ୍ଛତାକୁ ନେଇ ଅବ୍ୟବସ୍ଥା ରହିଥିବାରୁ ଏହାର କାମ ଆସନ୍ତା ଡିସେମ୍ବର ୧୦ ତାରିଖରେ ଥିବା ପରବର୍ତ୍ତୀ ନିରୀକ୍ଷଣ ପୂର୍ବରୁ ଡେପୁଟି ଏସ୍.ଏସ୍. ଅନୀଲ କୁମାର ଲେଙ୍କାଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଷ୍ଟେଶନର ସିସିଆଇ ଅଞ୍ଜନି ରାଏ, ଷ୍ଟେଶନ ମ୍ୟାନେଜର ଶ୍ରୀଶର୍ମାଜି, ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଜିତେନ୍ଦ୍ର କୁମାର, ରାକେଶ କୁମାର, ନିକୁଞ୍ଜ ବିହାରୀ ଦାଶ, ଯୋଗେନ୍ଦ୍ର ଶୁକ୍ଲାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ପ୍ରତିନିଧି ଦଳ ଷ୍ଟେଶନରେ ବିଭିନ୍ନ ବ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି।

## ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ରାଉରକେଲା,୮।୯(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମଠାରେ ଆୟୋଜିତ ଆରଏସପି ମୁକ୍ତ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ-୨୦୨୩ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଦଳମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହରସେବା ବିଭାଗର ଜିଏମ୍ ବିଭବାସୁ ମଲ୍ଲିକ, ପ୍ରୋଟୋକଲ୍ ହସ୍ପିଟାଲ ଓ ସମାଜ ମଙ୍ଗଳ ବିଭାଗର ଜିଏମ୍ ଜେ. ପି. ମିଶ୍ର, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, ବିଦ୍ୟାଳୟ ପ୍ରତିନିଧି ଏବଂ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଜୁନିୟର ବର୍ଗରେ ଫାଇନାଲ ମ୍ୟାଚ୍‌ରେ ସେଣ୍ଟ ପଲ୍ସ ସ୍କୁଲ ହମିରପୁର ବାଳକ ଦଳ ରେଲୱେ ମିକ୍ସ ଉଚ୍ଚ ବିଦ୍ୟାଳୟ ବନ୍ଧମୁଣ୍ଡାକୁ ୨-୦ ଗୋଲରେ ହରାଇ ବିଜେତା ହୋଇଥିଲା। ସେହିପରି ସିନିୟର ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ କଲ୍ୟାଣୀ ରାୟ ବିଜେତା ହୋଇଥିଲା। ଅନୁରୂପ ଭାବେ ବାଳିକା ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନଏସି (ଏସ୍‌ଟି) ହାଇସ୍କୁଲ ସେକ୍ଟର-୬କୁ ୨-୧ରେ ପରାସ୍ତ କରି ବିଜେତା ହୋଇଥିଲା। ପ୍ରାରମ୍ଭରେ ଜେପି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ପରିଚାଳକ ରଘୁନନ୍ଦନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ମୁଖ୍ୟଅତିଥି କ୍ରୀଡ଼ା ଧ୍ୱଜାକୁ ଅବତାରଣ କରି ଉଦ୍‌ଯାପନୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସହରାଞ୍ଚଳରେ ମୋଟ ୩୮ଟି ବିଦ୍ୟାଳୟରୁ ୧୬ଟି ସିନିୟର, ୧୬ଟି ଜୁନିୟର ଓ ୬ଟି ବାଳିକା ବର୍ଗରେ ୨ଟି ଦଳ ଅଂଶଗ୍ରହଣ କରିଥିଲେ।




ବିଜୟୀ ବାଳିକା ଦଳ ସହ ଅତିଥିମାନେ।

## ସଂକ୍ଷେପରେ

### ଜଳପ୍ରପାତରେ ନିଖୋଜ ଯୁବକଙ୍କ ମୃତଦେହ ଜବତ

କୁଚିଣ୍ଡା,୮।୯(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ଅଧୀନ ଗୁଦ୍‌ଗୁଦା ଜଳପ୍ରପାତରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ୨୪ଘଣ୍ଟା ପରେ ଶୁକ୍ରବାର ଜବତ ହୋଇଛି। ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ସାଇନଗର ଗ୍ରାମର କୋଲିଭିରା ହନୁମାନ (୨୫) ସମ୍ବଲପୁର ଜିଲା ଭୂଷଣ ଷ୍ଟିଲ ପ୍ଲାଣ୍ଟ ଜେଏସ୍‌ଡବ୍ଲ୍ୟୁରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ସେ ତାଙ୍କର ୧୧ଜଣ ସାଙ୍ଗ ସହ ଗୁଦ୍‌ଗୁଦା ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଉଥିବାବେଳେ କୋଲିଭିରା ଗଣ୍ଡରେ ବୁଡି ନିଖୋଜ ହୋଇଯାଇଥିଲେ। କୁଚିଣ୍ଡା ଅଗ୍ନିଶମ ବାହିନୀଙ୍କ ଅକ୍ଲାନ୍ତ ଉଦ୍ୟମ ସତ୍ତ୍ୱେ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଏସ୍‌ଡିପିଓ ଅମିତାଭ ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ହେଁ ସୁଫଳ ମିଳି ନ ଥିଲା। ଶୁକ୍ରବାର ଝାରସୁଗୁଡ଼ାରୁ ଓଡ୍ରାଫ ଟିମ୍ ପହଞ୍ଚି ସର୍ଚ୍ଚ ଅପରେଶନ କରି ମୃତଦେହ ଉଦ୍ଧାର କରିଥିଲେ। କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ, ତହସିଲଦାର ପ୍ରସନ୍ନ ଟେଟେ ପ୍ରମୁଖ ଗୁଦ୍‌ଗୁଦାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏ ନେଇ ମହୁଲପାଲି ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଛି।

### ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ସାକ୍ଷରତା ଦିବସ

କୁଚିଣ୍ଡା,୮।୯(ବିରଞ୍ଚି ଦର୍କା): କୁଚିଣ୍ଡା ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ସାକ୍ଷରତା ଦିବସ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟଅତିଥି, ଭାତପୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ ରତ୍ନାକର ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ସାକ୍ଷରତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚକ୍ରଧର ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଟପ୍ପର ସୀମାରେଖା ବାଘ (ପ୍ରଥମ), ତନୁଜା କିଶାନ (ଦ୍ୱିତୀୟ) ଓ ସୁରମା ପ୍ରଧାନ (ତୃତୀୟ)ଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ବିଗତ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବିଜୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବଦର୍ଶନ ଭବନଠାରେ ଜନ୍ମାଷ୍ଟମୀ

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ବ୍ରହ୍ମାକୁମାର ପକ୍ଷରୁ ଶିବଦର୍ଶନ ଭବନଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ରୀତିନୀତିରେ ପାଳିତ ହୋଇଛି। ପଶ୍ଚିମାଞ୍ଚଳର ଭାରପ୍ରାପ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଯୋଗ ଦେଇ ଜନ୍ମାଷ୍ଟମୀର ପାଳନ କରିବାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ମଣ୍ଡପକୁ ସୁସଜ୍ଜିତ କରାଯାଇଥିଲା। ରାଧାକୃଷ୍ଣ, ଗୋପୀ ବେଶରେ ବାଳିକା ବାଳକ ସଜ୍ଜିତ ହୋଇ ବିମାନରେ ଉପବିଷ୍ଟ ହୋଇଥିଲେ। କୁମାରୀ ରୁବୀ ଓ କୁମାରୀ ଆରାଧା ନୃତ୍ୟ ପରିବେଷଣ କରିଥିଲେ। ବ୍ରହ୍ମାକୁମାର କୁମରମଣି ସ୍ୱରଚିତ ଜନ୍ମାଷ୍ଟମୀ କବିତା ଆବୃତ୍ତି କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ପ୍ରାଥମିକ ଶିକ୍ଷକ



ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଶିକ୍ଷକମାନେ।

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବିରେ ଶୁକ୍ରବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନ କ୍ରମେ ଶିକ୍ଷୟିତ୍ରୀଶିକ୍ଷକ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଶିକ୍ଷା ସହାୟକ ଅବଧିକୁ ନିୟମିତ ଗଣନା କରି ତଦନୁସାରେ ବର୍ଦ୍ଧିତ ଟଙ୍କା ପ୍ରଦାନ, ଗଣଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ, କଳା ଓ କ୍ରୀଡ଼ାଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା, ସମସ୍ତ ବର୍ଗ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ୍‌କୁ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି ନେଇ ଶିକ୍ଷକମାନେ ଆନ୍ଦୋଳନ କରିଥିଲେ। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ପ୍ରମୋଦ ତ୍ରିପାଠୀ, ମନୋରଞ୍ଜନ ମେହେର, ଗୋପୀନାଥ ପ୍ରଧାନ, ଜୟନ୍ତୀ ପଣ୍ଡା, ରଶ୍ମିତା ବେହେରା, ରୋହିତ ବେହେରା, ଧ୍ରୁବଚରଣ ରୋହିଦାସ, ଗୋପାଳ ରୋହିଦାସ, ଦୁର୍ଗାପ୍ରସାଦ ସିଂ ଧାରଣାସ୍ଥଳରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ନାକଟିଦେଉଳ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଧାରଣା ।

## ବିଇଓ ଅଫିସ ଆଗରେ ଧାରଣା

ନାକଟିଦେଉଳ,୮।୯(ବୈକୁଣ୍ଠ ନାଥ ସାହୁ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆହ୍ୱାନ କ୍ରମେ ଶୁକ୍ରବାର ନାକଟିଦେଉଳ ବ୍ଲକ ସଂଘ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ୍ ପୁନଃ ପ୍ରଚଳନ କରିବାକୁ ଦାବି କରାଯାଇଛି। ସକାଳ ୧୦ଟା ଧାରଣାସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିର ସଂଘର ସମ୍ବଲପୁର ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ନାକଟିଦେଉଳ ବ୍ଲକ ସଭାପତି ଗୁରୁଚରଣ ବିଶ୍ୱାଳ, ସମ୍ପାଦକ ମହେଶ୍ୱର ପ୍ରଧାନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଶ୍ୱିନୀ କୁମାର କର, ପୂର୍ବତନ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜକିଶୋର ସାହୁ, ଶିକ୍ଷକ ନରେଶ ଚନ୍ଦ୍ର ସାହୁ, ଲୋକନାଥ ସାମଲ, ଏନ୍‌ପିଏସ୍ ସଂଘ ସଭାନେତ୍ରୀ ରମ୍ଭା ସ୍ୱାଇଁ ପ୍ରମୁଖ ଯୋଗଦେଇ ଦାବିଗୁଡ଼ିକୁ ଶୀଘ୍ର ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ନଚେତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଶିକ୍ଷକମାନଙ୍କ ଏହି ଆନ୍ଦୋଳନ ଫଳରେ ବ୍ଲକର ପ୍ରାୟ ୧୨୦ ବିଦ୍ୟାଳୟରେ ଶିକ୍ଷାଦାନ ପ୍ରଭାବିତ ହୋଇଥିଲା।

### ଛାତ୍ରୀଙ୍କୁ ଅଶାଳୀନ ଇଙ୍ଗିତ

## ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର,୮।୯(ଶୁଭାଶିଷ ପାଢ଼ୀ) ଜଣେ ପିଜି ଛାତ୍ରୀଙ୍କୁ ଅଶାଳୀନ ଇଙ୍ଗିତ ପ୍ରଦର୍ଶନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ସହକାରୀ ପ୍ରଫେସର ଶୁକମୁନି ମେହେର ଶୁକ୍ରବାର ନିଲମ୍ବିତ ହୋଇଛନ୍ତି। ଏ ସମ୍ପର୍କରେ ରେଜିଷ୍ଟ୍ରାର ନୃପରାଜ ସାହୁ ସୂଚନା ଦେଇଛନ୍ତି। ଅଭିଯୋଗ କ୍ରମେ ସହକାରୀ ପ୍ରଫେସର ମେହେର ଗୁରୁବାର ଛାତ୍ରୀ ଜଣଙ୍କୁ ତାଙ୍କ ଚାମ୍ବରକୁ ଡାକିଥିଲେ। ପରେ ପରୀକ୍ଷାରେ ମାର୍କ ବଢାଇଦେବି କହି ଛାତ୍ରୀଙ୍କୁ ଛୁଇଁବାକୁ ଚେଷ୍ଟା କରିଥିଲେ। ଅଶ୍ଳୀଳ ଇଙ୍ଗିତ ମଧ୍ୟ କରିଥିଲେ। ଏହାକୁ ନେଇ ଛାତ୍ରୀ ଜଣଙ୍କ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିଥିଲେ। ଏହା ଉପରେ ତଦନ୍ତ କରାଯାଇ ସହକାରୀ ପ୍ରଫେସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଜୟଦୁର୍ଗା ପଣ୍ଡିତ ସଂଘର ଲଗ୍ନ ନିରୁପଣ

ପଡିଆବାହାଲ,୮।୯(ରାଧାମୋହନ ଷଡ଼ଙ୍ଗୀ): ପଞ୍ଜିକାରେ ଗୋଟିଏ ତିଥି ଦୁଇଦିନ ରହୁଥିବାରୁ ପର୍ବପର୍ବାଣି ମାନିବାରେ ଲୋକେ ଦ୍ୱିଧାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୁଯୁମୁରା ବ୍ଲକ ପଡିଆବହାଲସ୍ଥିତ ଜୟଦୁର୍ଗା ପଣ୍ଡିତ ସଂଘ ଶୁକ୍ରବାର ଦୁର୍ଗା ମଣ୍ଡପଠାରେ ଏକ ସଭା କରି ନୂଆଁଖାଇ, ଭାଇ ଜିଉଁନ୍ତିଆ ଓ ପୁଅ ଜିଉଁନ୍ତିଆ ପାଇଁ ଲଗ୍ନ ଧାର୍ଯ୍ୟ କରିଛନ୍ତି। ଆସନ୍ତା ୨୦ତାରିଖ ପୂର୍ବାହ୍ନ ୧୦ଘ. ୨୬ମି. ୪୪ସେକେଣ୍ଡରୁ ୧୦ଘ. ୪୧ମି. ୪୪ ସେକେଣ୍ଡ ମଧ୍ୟରେ ଅଞ୍ଚଳର ଦେବଦେବୀଙ୍କୁ ନବାନ୍ନ ଲାଗି କରି ନୂଆଖାଇ ପାଳିବାକୁ ସ୍ଥିର କରାଯାଇଛି। ସେହିପରି ଆସନ୍ତା ଅକ୍ଟୋବର ୬ତାରିଖରେ ପୁଅ ଜିଉଁନ୍ତିଆ ଓ ୨୧ରେ ଭାଇ ଜିଉଁନ୍ତିଆ ଉପବାସ କରିବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ପଣ୍ଡିତ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ପଣ୍ଡିତ ମହେଶ୍ୱର ନାୟକ, ସୁଦୀପ୍ତ ନାୟକ, ଶାଶ୍ୱତ ବିଦ୍ୟାଭୂଷଣ ନାୟକ ପ୍ରମୁଖ ଗଣନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ରବିନାରାୟଣ ବେହେରା, ଖବରଦାତା ରାଧାମୋହନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ବାଳିକା ହାଇସ୍କୁଲରେ 'ଅଭିଭାବକ ଆମର ଅଂଶୀଦାର' କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୮।୯(ବିରଞ୍ଚି ଦର୍କା): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡାବାହାଲ (ଏସ୍‌ଏସ୍‌ଡି) ସରକାରୀ ବାଳିକା ହାଇସ୍କୁଲରେ ଶୁକ୍ରବାର 'ଅଭିଭାବକ ଆମର ଅଂଶୀଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଅଲିମା ନାୟକ, ଅତିରିକ୍ତ ବିଡିଓ ଗୌରାଙ୍ଗ କୁସୁମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଜ୍ଞାନ ପ୍ରଭା, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଈଶ୍ୱର ଚନ୍ଦ୍ର ମୁଣ୍ଡା, କୁଚିଣ୍ଡା ସାମ୍ବାଦିକ ୟୁନିୟନ ସଭାପତି ବିରଞ୍ଚି ଦର୍କା, ସିଡିପିଓ କନକଲତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ଅଭିଭାବକଙ୍କ କର୍ତ୍ତବ୍ୟ ଓ ସମସ୍ତ ବିଷୟରେ ଜାଣିବା ପାଇଁ ସଚେତନ କରିବା ନିମନ୍ତେ ସରକାର ଏଭଳି ପଦକ୍ଷେପ ନେଇଥିବା କହିଥିଲେ। ଏହାଛଡ଼ା ସ୍କୁଲରେ ପାଠପଢା ବ୍ୟତୀତ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା, ଗୋପାଳନ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଉଥିବାରୁ ଛାତ୍ରୀମାନେ ସମସ୍ତ ବିଭାଗରେ ଜ୍ଞାନ ଆହରଣ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦାସ ବାର୍ଷିକ ବିବରଣୀ ପ୍ରଦାନ ଓ ଶିକ୍ଷକ ବୀରେନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ହରିହର ନାଏକ, ରାଜେନ୍ଦ୍ର ସାହୁ, ବିକାଶ ବିଜୟ ନାୟକ, ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ସୁଷମା ପାଣି, ତରୁଲତା ସୁନାନୀ, ପିଇଟି ଚନ୍ଦନ ମାକର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଯୋଗଦାନ କରିଥିଲେ।।

### ଜାମିନରେ ବାହାରିଲେ ଗିରଫ ଅଭିଯୁକ୍ତ

ସମ୍ବଲପୁର,୮।୯(ଶୁଭାଶିଷ ପାଢ଼ୀ) ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଗିରଫ ହୋଇଥିବା ସମନ୍ୱୟ ସମିତିର ୧୧ ସଭ୍ୟ ଶୁକ୍ରବାର ସମ୍ବଲପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। କାରାଗାର ବାହାରେ ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବରିଷ୍ଠ ସଭ୍ୟ ସୁଧିର ରଞ୍ଜନ ବହିଦାର, ଦାମୋଦର କର, ଶିବ କୁମାର ଅଗ୍ରୱାଲଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ସମୟରେ ହୋଇଥିବା ହିଂସାକାଣ୍ଡ ଘଟଣାରେ ଏମାନଙ୍କୁ ଗିରଫ କରାଯାଇଥିଲା। ଏପ୍ରିଲ ମାସରୁ ସେମାନେ ଜେଲରେ ରହିଥିଲେ। ବାରମ୍ବାର ଜାମିନ ଆବେଦନ ଖାରଜ ହୋଇଥିଲା।

## ଉଚ୍ଛେଦ ନୋଟିସକୁ ବଗରାମାଲ ବାସିନ୍ଦାଙ୍କ ବିରୋଧ



ଜିଲାପାଳଙ୍କ ଅଫିସ ଆସିଥିବା ବଗରାମାଲ ବାସିନ୍ଦା।

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଦୁର୍ଗାପାଲି ବଗରାମାଲ ବାସିନ୍ଦା ଉଚ୍ଛେଦ ନୋଟିସ ପ୍ରତିବାଦରେ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି, ୨୦୦୨ରେ ରାମସାଗର ବନ୍ଧ ନିକଟରେ ଘର କରି ରହୁଥିଲେ। ସେ ସମୟରେ ସହରର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଦୁର୍ଗାପାଲି ବଗରାମାଲ ଅଞ୍ଚଳରେ ଥଇଥାନ କରାଯାଇଥିଲା। ଦୀର୍ଘବର୍ଷ ହେବ ପ୍ରାୟ ୫୦ ପରିବାର ରହୁଥିବାବେଳେ ବର୍ତ୍ତମାନ ଏସ୍‌ଡିଏ ପକ୍ଷରୁ ଉଚ୍ଛେଦ ନୋଟିସ ଦିଆଯାଇଛି। ଏହାକୁ ବିରୋଧ କରି ସେମାନେ ସେନା ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗୋବିନ୍ଦ ଷଣ୍ଢ, ରାମ ମହାନନ୍ଦ, ଆର୍ କଲେତ, ବୁଠି ମହାନନ୍ଦ, ଗୋପାଳ ବନଛୋର, ସି ବନଛୋର, ସର କୁମ୍ଭାର ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

## ସଂସ୍କୃତ ଭାଷା ଭାରତୀୟ ଜ୍ଞାନକୁ ସୁରକ୍ଷିତ ରଖିଛି

### ମହିଳା ମହାବିଦ୍ୟାଳୟରେ ସଂସ୍କୃତ ଦିବସ




ସଂସ୍କୃତ ଦିବସରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରିଥିଲେ। ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ସହଯୋଗୀ ପ୍ରାଧାପକ ଡ. ସୀମାଞ୍ଚଳ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଯୋଗ ଦେଇ ସଂସ୍କୃତ ଭାଷା ଭାରତୀୟ ଜ୍ଞାନକୁ ସୁରକ୍ଷିତ କରି ରଖିଛି ବୋଲି କହିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ଅତିଥି ପରିଚୟ ଓ ଅଧ୍ୟକ୍ଷା ବରାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ପ୍ରଫେସର ଉମାଶଙ୍କର ଦାଶ ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ବିଭାଗର ସମ୍ପାଦିକା ପ୍ରୀତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ଭିସୁଟ୍‌ରେ ଜନ୍ମାଷ୍ଟମୀ

ସମ୍ବଲପୁର,୮।୯(ବି.ଶଙ୍କର): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ୍)ରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଭିସୁଟ୍ ଯୋଗ କ୍ଲବ ଓ ବୁର୍ଲା ଇସ୍କନ ମନ୍ଦିର ସଦସ୍ୟଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଭକ୍ତି ଗୀତ ଓ ନୃତ୍ୟରେ ବିଶ୍ୱବିଦ୍ୟାଳୟ ପରିସର ଆଧ୍ୟାତ୍ମିକମୟ ହୋଇଉଠିଥିଲା। ଭକ୍ତମାନେ ଶ୍ରୀକୃଷ୍ଣଙ୍କ ବିଗ୍ରହରେ ଦୀପ ପ୍ରଜ୍ୱଳନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବୈଦିକ ଜ୍ଞାନକୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

### ଜିଲାସ୍ତରୀୟ ପ୍ରଯୁକ୍ତି ମେଳା-୨୦୨୩

## ୬୮ ଛାତ୍ରୀଛାତ୍ରଙ୍କ ୪୨ ପ୍ରକଳ୍ପ ପ୍ରଦର୍ଶିତ

ସମ୍ବଲପୁର,୮।୯(ବି.ଶଙ୍କର): ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଟେକନୋଫେଷ୍ଟ-୨୦୨୩ (ପ୍ରଯୁକ୍ତି ମେଳା) ଶୁକ୍ରବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି । ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୬୮ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଯୁକ୍ତି ଭିତ୍ତିକ ୪୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମାରୋହରେ ଭିସୁଟ୍ ଆଇଟି ବିଭାଗ ମୁଖ୍ୟ ପ୍ରଦୀପ ସାହୁ ମୁଖ୍ୟଅତିଥି, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ୟୁକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ ଦାବି




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ।

ସମ୍ବଲପୁର,୮।୯(ଶୁଭାଶିଷ ପାଢ଼ୀ) ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ ବୋଲି ଶିକ୍ଷକ, କର୍ମଚାରୀ ସଂଘ ଦାବି କରିଛି। ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଦର୍ଶାଇଛନ୍ତି, ୧୯୬୭ରେ ଉଦ୍‌ଘାଟନ ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ଏବେ ପଶ୍ଚିମ ଓଡିଶାର ଶିକ୍ଷା ପ୍ରାଣକେନ୍ଦ୍ର ଭାବେ ପରିଗଣିତ ହେଉଛି। କ୍ରୀଡା, ସଂସ୍କୃତି କ୍ଷେତ୍ରରେ ଏହା ଅନେକ ସୁନାମ ଅର୍ଜନ କରିଛି। ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ୬୭୦ ଏକର ନିଜସ୍ୱ ଜମି ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ରହିଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ସମସ୍ତ ଗୁଣବତ୍ତା ରହିଛି। ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଦାବି କରାଯାଇଥିଲା। ଏବେ ଓଡ଼ିଶାର ଜଣେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରହିଥିବାରୁ ଶୀଘ୍ର ଦାବି ପୂରଣ କରାଯାଉ ବୋଲି କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଏମ୍‌ପି ଭବାନି ଶଙ୍କର ହୋତା, ପ୍ରଫେସର ବୁଲୁ ମହାରଣା, ଭବାନି ପ୍ରସାଦ ସିଂ, ସତ୍ୟ କର, ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ତହସିଲ ଅଫିସ ଆଗରେ ମହିଳାଙ୍କ ଧାରଣା

### ଜମି ଦଖଲ ଦିଆ ନ ଯିବାର ପ୍ରତିବାଦ




ତହସିଲ ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା ।

ସମ୍ବଲପୁର,୮।୯(ଶୁଭାଶିଷ ପାଢ଼ୀ) ଭୂମିହୀନ ବୋଲି ସରକାରୀ ଯୋଜନାରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ପଟ୍ଟା ଦିଆଗଲା। ଇତିମଧ୍ୟରେ ପ୍ରାୟ ୧୭ ବର୍ଷ ବିତିଗଲାଣି। ହେଲେ ବିଭାଗ ପକ୍ଷରୁ ଜମିକୁ ଦଖଲ ଦିଆଯାଉ ନାହିଁ। ଯୁଯୁମୁରା ତହସିଲ ଅଫିସ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇଥିବା ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରି ଏହା କହିଥିଲେ। ଭାଜପା ନେତୃତ୍ୱରେ ପ୍ରଭାବିତ ମହିଳାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତହସିଲଦାର ଅଭିଷେକ ସାହୁଙ୍କ ସହ ପ୍ରତିନିଧିମାନେ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରି ନ ଥିଲା। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କୌଣସି ତହସିଲ କର୍ମଚାରୀଙ୍କୁ ବାହାରକୁ ଛାଡି ଦିଆଯିବ ନାହିଁ ବୋଲି ମହିଳାମାନେ ଜିଦ୍ ଧରିଥିଲେ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ଶେଷରେ ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ଜମିଦଖଲ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ସ୍ଥାନୀୟ ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଭାଜପା ନେତ୍ରୀ ସସ୍ମିତା ଦେହୁରି, ଯୁଯୁମୁରା ମଣ୍ଡଳ ସଭାପତି ଓମ୍‌ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦୋତ୍ସବ ସହ ସମାପନ ହେଲା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ବେହେରା, ୮।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଯାଦବ ମହାସଭା ଆନୁକୂଲ୍ୟରେ ଦୁଇ ଦିନ ଧରି ସ୍ଥାନୀୟ ପଞ୍ଚାୟତ ଖେଳ ପଡିଆଠାରେ ଚାଲିଥିବା ନନ୍ଦୋତ୍ସବ ସହ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହା ଆଡମ୍ବରରେ ପାଳିତ ହୋଇ ସମାପନ ହୋଇଛି। ବୁଧବାର ପ୍ରଭୁ ଉପାସନା ସହ ବ୍ରତ ପାଳନ କରିଥିଲେ। ନନ୍ଦୋତ୍ସବ ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗଙ୍କ ସମେତ ଅନେକ ଯାଦବ ଧର୍ମଗଡ଼ ଜିଲା ପାଇଁ ଦାବି କରି ନାରା ଲଗାଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜିଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ, ପୂର୍ବତନ ଜିଲା ସଭାପତି ଡମ୍ବରୁ ଲହଜଳ, ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ସମ୍ପାଦକ ଲିଙ୍ଗରାଜ ବେହେରା, ଧର୍ମଗଡ଼ ଜିଲା ପରିଷଦ ଶଙ୍କର ଜୁଏଡ଼, ବରିଷ୍ଠ ଯାଦବ ଧନୁ ଗୋପାଳ, କେଦାର ଖରସେଲ, ଧନସିଂ ବାଗ, ଲାଞ୍ଜିଗଡ ଯୁବ ଯାଦବ ସଭାପତି ଦିଲେଶ ନାଗ, କୋକସରା ଯୁବ ଯାଦବ ସଭାପତି ଶରତ ରାଉତ, ଧର୍ମଗଡ଼ ଯୁବ ସଭାପତି ଲବଣି ରାଉତ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସ୍ୱାଧୀନ ବାଗ, ନିରାକାର ଗୋପାଳ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଗଣଧାରଣା

କୋକସରା/ରୁପ୍ରାରୋଡ୍,୮।୯(ଦୁଷ୍ମନ୍ତ କୁମାର ପାଟଯୋଶୀ/ ସଞ୍ଜୀବ ଦାସ)



କୋକସରା ବିଇଓ ଅଫିସ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା।

ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ୩ ଦଫା ଦାବି ନେଇ ଶୁକ୍ରବାର କଳାହାଣ୍ଡି ଜିଲା କୋକସରା ବ୍ଲକର ସମସ୍ତବର୍ଗ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପକ୍ଷରୁ ସ୍ଥାନୀୟ ବିଇଓ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ଠିକା ବ୍ୟବସ୍ଥା ଉଚ୍ଛେଦ, ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା ଏବଂ କଳା ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ଦରମା, ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପ୍ରଚଳନ ତିନି ଦଫା ଦାବିକୁ ନେଇ ବିଇଓ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ ସଭାପତି ଭୁରିଶ୍ରବା ଜାଲ, ଜିଲା ସଭାପତି ସତ୍ୟବାନ ପାଣିଗ୍ରାହୀ, ବ୍ଲକ ଉପ ସଭାପତି ବିରକିଶୋର ନାଗ, ଜିଲା ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ନାଏକ, ଜିଲା ସଂଯୋଜକ ସଞ୍ଜୀବ କୁମାର ପାଢୀ, ଜିଲା ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ, ବ୍ଲକ ସଭାପତି(ଜେଟି) ସୁମନ ଅର୍ପିତ ପଣ୍ଡା, କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ, ସନ୍ତୋଷ କୁମାର ପରିଡା ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାର ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ସେହିପରି ନର୍ଲା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସଂଘ ବ୍ଲକ ସଭାପତି ମୀନକେତନ ସାହୁ ଓ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ ବର୍ଗର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଧାରଣାରେ ବସିଥିଲେ।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଖପ୍ରାଖୋଲ,୮।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ବିଜ୍ଞାନ ଆବାହକ ଇସ୍ୱାଲ ସୁନା ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେମିନାର ଓ ବିଜ୍ଞାନ ଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେମିନାରରେ ଧଣ୍ଡାମୁଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗ ପ୍ରଶ୍ନୋତ୍ତରରେ ଓଏଭି ଖପ୍ରାଖୋଲ ଛାତ୍ର ଶାଶତ କୁମାର ଦାଶ ପ୍ରଥମ, କନିଷ୍ଠ ବର୍ଗରେ ଲୁହା ସିଂହା ଉଚ୍ଚବିଦ୍ୟାଳୟ ଛାତ୍ର ରାଘବ ଟିକେମାଲିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଚାରକ ରୂପେ କୁଶ ବାଗ, ତ୍ରିଭୁବନ ବାରିକ ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ ବ୍ଲକ ବିଜ୍ଞାନ ସଂଯୋଜକ ଓମ ପ୍ରକାଶ ମେହେର ପରିଚାଳନା କରିଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ରାସ୍ତାକଡ଼ ଗଛ କାଟିବାକୁ ବିରୋଧ

ପାଟଣାଗଡ଼, ୮।୯(ପ୍ରହଲ୍ଲାଦ ପାଢ଼ୀ)

ରାସ୍ତା ପ୍ରଶସ୍ତିକରଣ ନାଁରେ ହେଉଥିବା ବୃକ୍ଷ କଟାକୁ ପ୍ରତିବାଦ କରିଛି ଜିଲା ଆଦିବାସୀ କଲ୍ୟାଣ ସଂଘ। ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ସଂଘର କର୍ମକର୍ତ୍ତା ପାଟଣାଗଡ଼ କଚେରୀଛକରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରଶାସନର ପରିବେଶ ବିରୋଧି ସ୍ଲୋଗାନ ଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗଛକଟାକୁ ବିରୋଧକରି ଗଣଧାରଣା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ କୋଶଳ ମୁକ୍ତି ମୋର୍ଚ୍ଚାର ଆବାହକ ସୁଶୀଳ କୁମାର ଗୁରୁ, ସୁବାଷ ଚନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ସେବୀକା ରାଜହଂସ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଅଭିଳାଷ ଭୋଇ, ପ୍ରେସ କ୍ଲବ ପାଟଣାଗଡ଼, ଆଦିବାସୀ ସଂଘର ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ଟିକେଶ୍ୱର ମିର୍ଦ୍ଧା, ମଦନ ମାଝୀ, ନିତ୍ୟାନନ୍ଦ ମାଝୀ, ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ଧାରଣାରେ ଯୋଗ ଦେଇଥିଲେ। ପରେ ଉପଜିଲାପାଳ ଡା. ବିଜୟା ନନ୍ଦ ସେଠୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ୨ ରାସ୍ତାରେ ବୃକ୍ଷରୋପଣ କରିବା ପାଇଁ ୧୦ଟି ବୃକ୍ଷ ଉପହାର ଦିଆଯାଇଥିଲା।

# ବିଜୁ ମହିଳା ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ


ବୈଠକରେ ଯୋଗଦେଇଥିବା ଅତିଥି।

ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)

## ମହିଳା ସଙ୍ଗଠନକୁ ମଜଭୁତ କରିବା ନେଇ ଆଲୋଚନା

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଟାଉନ ହଲଠାରେ ଶୁକ୍ରବାର ବିଜୁ ମହିଳା ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ମୌଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବଲାଙ୍ଗୀର ଜୋନ୍ ସଭାନେତ୍ରୀ କଲ୍ୟାଣୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାଗୁଡିକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ମହିଳା ସଙ୍ଗଠନକୁ କିପରି ମଜଭୁତ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନିତୀ ପ୍ରସ୍ତୁତ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଜିଲାର କୋଣ ଅନୁକୋଣରୁ ଦଳର ମହିଳା ନେତ୍ରୀମାନେ ଯୋଗଦେଇଥିଲେ।

# ଏକ୍ସକ୍ୟାଡର ମୃତ ଶିକ୍ଷକଙ୍କ ପରିବାରଙ୍କୁ ସହାୟତା

ବେହେରା,୮।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳ ବେହେରା ଗ୍ରାମର ପ୍ରାଥମିକ ଶିକ୍ଷକ ମଧୁ ରଣାଙ୍କ ଗତ ୨୯ ତାରିଖରେ ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ଦିନରୁ ରୋଗଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ଶୁକ୍ରବାର ତାଙ୍କର ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ଶିକ୍ଷକ ସଂଘ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଥିଲେ। ସରକାରଙ୍କଠାରୁ ମିଳିବାକୁ ଥିବା ସରକାରୀ ରାଶି ବାବଦ ସମ୍ପୂର୍ଣ୍ଣ ସହଯୋଗ କରି ଅର୍ଥ ଯୋଗାଇ ଦେବାକୁ ସଂଘ ପରିବାରକୁ ପ୍ରତିଶ୍ରୁତି ଦେଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଏକ୍ସକ୍ୟାଡର ସଂଘ ସଭାପତି ଲଳିତ ନାଏକ, ରଜନୀ ନାଏକ, ତରୁଣ ଚୌଧୁରୀ, କେଶବ ଧରୁଆ, ମନୋଜ ନାଏକ, ନୀଳାମ୍ବର ପୋଡ଼, ତ୍ରିଲୋଚନ ନାଏକ, ତୁଳସୀ ରାମ ମାଝି ଯୋଗଦେଇଥିଲେ। ସ୍ୱର୍ଗତ ମଧୁ ରଣାଙ୍କ ମାଟ୍ରିକ ବ୍ୟାଚ ବନ୍ଧୁମାନଙ୍କ ମଧ୍ୟରେ ମହେନ୍ଦ୍ର ସାହୁ, ସଚ୍ଚିକାନ୍ତ ଭୋଇ, ବିକାସ ଅଗ୍ରୱାଲ, ରୁପେନ୍ଦ୍ର ସୁନାନୀ, ବିରେନ୍ଦ୍ର ଚିନ୍ଦା, ରମଣୀ ଦୂରିଆ, ତୋଫାନ ସିଂ, ବିନିତା ତିୱାରୀ, ରୋହିତ ମେହେର ସମେତ ଅନେକ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା ସହିତ ଶୋକସନ୍ତପ୍ତ ପରିବାରକୁ ଆଶାସନା ପ୍ରଦାନ କରିଛନ୍ତି।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର, ୮।୯ (ବୀରେନ୍ଦ୍ର କୁମାର ଝାଙ୍କର)


ଭୀମଭୋଇ ମେଡିକାଲ କଲେଜ ପରିଚାଳନା କମିଟି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ସଦସ୍ୟ।

## ଭୀମଭୋଇ ମେଡିକାଲ କଲେଜର ଅବ୍ୟବସ୍ଥା ସୁଧାରିବା ଉପରେ ଗୁରୁତ୍ୱ

ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଡ. ସୁରେଶ ଚନ୍ଦ୍ର ଦଲାଇ ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ପହଞ୍ଚିଥିଲେ। ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିଭିନ୍ନ ବିଭାଗଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ମହେନ୍ଦ୍ର ମହାପାତ୍ରଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ଦଲାଇ ଭୀମଭୋଇ ଭେଷଜ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡ. ଦଲାଇ ଭେଷଜ ମହାବିଦ୍ୟାଳୟର ନୂତନ ଶିକ୍ଷା ଭେଷଜ ମହାବିଦ୍ୟାଳୟର କୋଠରୀ ନିର୍ମାଣ, ବିଭିନ୍ନ ଯନ୍ତ୍ରପାତି, ବିଦ୍ୟୁତିକରଣ, ପାନୀୟ ଜଳ ଯୋଗାଣ, ରାସ୍ତା, ଔଷଧ ୱାର୍ଡ, ସେଣ୍ଟ୍ରାଲ ଆଇସିୟୁ, ଭେଷଜ ମହାବିଦ୍ୟାଳୟର ଅଧିନସ୍ତ କର୍ମଚାରୀମାନଙ୍କ ପାଇଁ ଗୃହ ନିର୍ମାଣ, ଆହାର କେନ୍ଦ୍ର, ଜରୁରୀ ଚିକିତ୍ସା (କୋଭିଡ) ହସ୍ପିଟାଲ, ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଖେଳ ଓ ଷ୍ଟାଡିୟମ ନିର୍ମାଣର ଅଗ୍ରଗତି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ମହାବିଦ୍ୟାଳୟ ସୂଚାରୁ ରୂପେ ପରିଚାଳନା କରିବା ଓ ଏକାଡେମିକ ୩ ବର୍ଷିୟା ଏମଡି /ଏମଏସ ପାଠ୍ୟକ୍ରମ ବିଷୟ ଆଲୋଚନା କରାଯାଇଥିଲା। ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟା ଏବଂ ଏହାକୁ ନେଇ ଛାତ୍ରୀଛାତ୍ର ଅସନ୍ତୋଷକୁ ନେଇ ଆଲୋଚନା କରାଯାଇଥିଲା। ପରିଚାଳନା ବୈଠକରେ ଆରଡିସି ଡ. ଦଲାଇ, ଜିଲାପାଳ ରାଣାଙ୍କ ସହ ପୌରାଧ୍ୟକ୍ଷା ଲିକା ସାହୁ, ପ୍ରଫେସର ମଧୁସୂଦନ ପତି, ଡା ମାନସୀ ପଣ୍ଡା, ଆଭାକ୍ଷୀ ମଧମରେ ଡ. ସଚ୍ଚିଦାନନ୍ଦ ମହାନ୍ତି, ଡିନ୍ ଡା. ସବିତା ମହାପାତ୍ର, ଡ. ସିକତା ନନ୍ଦ, ଡ. ଶ୍ରୀକାନ୍ତ ପଣ୍ଡା, ଛାତ ସଂସଦ ସଭାପତି ବିଶାଳ ପଣ୍ଡା, ଏବଂ କଲେଜର ବିଭିନ୍ନ ପଦାଧିକାରୀ ଅଂଶଗ୍ରହଣ କରିଥିଲେ।

# ଭାରତୀୟ ଦଳରେ ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ

## ସାଫ୍ -ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍

ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)

ନେପାଳ କାଠମାଣ୍ଡୁରେ ଆସନ୍ତା ୨୧ରୁ ୩୦ ଯାଏଁ ସାଫ୍ –ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।



ଏଥିରେ ଭାରତୀୟ ଦଳ ପକ୍ଷରୁ ଖେଳିବା ପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ ଚୟନ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଟିମ ସାଉଦିଆରବରେ ପହଞ୍ଚିଥିବାବେଳେ ସେଠାରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବେ ବୋଲି ଜଣାପଡିଛି। ପରେ ସେଠାରୁ ସେମାନେ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରିବେ। ଭାରତୀୟ ଫୁଟବଲ ଦଳରେ ରାଜା ହରିଜନ ଚୟନ ହୋଇଥିବାରୁ କଳାହାଣ୍ଡି ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ବଜ୍ରପାତରେ ମୃତ ଅସହାୟ ପରିବାରକୁ ଭେଟିଲା ପ୍ରଶାସନ

ଦେଓଗାଁ,୮।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମରେ ଗତ ସପ୍ତାହେ ତଳେ ଅରବିନ୍ଦ ଭୋଇ (୪୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ବ୍ଲକ ପ୍ରଶାସନ ତରଫରୁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଯୋଗାଣ ଅଧିକାରୀ ପ୍ରଶାନ୍ତ ପଧାନ. ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ ପ୍ରମୁଖ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବାସହ ବ୍ଲକ ଅଧ୍ୟକ୍ଷ ଖମାରୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ଓ ଅନ୍ତୋଦୟ ଯୋଜନାରେ ସାମିଲ କରି ବ୍ଲକ ପ୍ରଶାସନ ତରଫରୁ ସହାୟତା ପ୍ରଦାନ କରିବା ପାଇଁ ବ୍ଲକ ଅଧ୍ୟକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ମିଶନ ଇନ୍ଦ୍ର ଧନୁଶରେ ଉପାନ୍ତ ଅଞ୍ଚଳକୁ ବିଶେଷ ଧ୍ୟାନ ଦିଆଯିବ

ନୂଆପଡ଼ା,୮।୯(ମକାରୁ ବେମାଲ)



ଆସନ୍ତା ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ସ୍ୱତନ୍ତ୍ର ଟିକାକରଣ ଅଧିବେଶନ ମିଶନ ଇନ୍ଦ୍ର ଧନୁଶ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୯ରୁ ୧୪ ଓ ତୃତୀୟ ପର୍ଯ୍ୟାୟ ନଭେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟିକା କରଣରୁ ବଞ୍ଚିତ ଗର୍ଭବତୀ ଓ ଶିଶୁମାନଙ୍କୁ ଟିକା କରଣ ପାଇଁ ନିଷ୍ପତ୍ତି ହୋଇଛି। ବିଶେଷ କରି ଉପାନ୍ତ ଅଞ୍ଚଳ ପାଇଁ ବିଶେଷ ଧ୍ୟାନ ଯିବ ବୋଲି ସିଡିଏମଓ ଶୋଭାରାଣୀ ମିଶ୍ର ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମିଶନ ଇନ୍ଦ୍ର ଧନୁଶକୁ ନେଇ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ ସୂଚନା ଦେଇଛନ୍ତି। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ଟିକା କରଣରୁ ବଞ୍ଚିତ ଗର୍ଭବତୀ ଓ ଶିଶୁଙ୍କ ତାଲିକା ପ୍ରସ୍ତୁତ କରିବେ। ଜିଲାରେ କେହି ଜଣେ ମଧ୍ୟ ଗର୍ଭବତୀ କିମ୍ବା ଶିଶୁ ଟିକାକରଣରୁ ବଞ୍ଚିତ ନ ହେବେ, ସେଥି ପାଇଁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସିଡିଏମଓ ମିଶ୍ର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଡିପିଏମ) ଦିଲୀପ ଦୁବେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଉପପ୍ରବନ୍ଧକ (ଡିଏମଆରସିଏଚ) ରଶ୍ମୀ ରଞ୍ଜନ ମହାନ୍ତି, ଏଡିପିଏଚସିଓ କିଶୋର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୧୯-ଜିଆର୍‌ସି-ସିଇ-ସି-୦୧-୩୨-୨୦୨୩, ତାରିଖ: ୧୭।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ୍)/I, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ଚିଫ୍ ଇଞ୍ଜିନିୟର (ସିଏନ୍-I), ରାଞ୍ଚି, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ହାଟିଆ-ବଣ୍ଡାମୁଣ୍ଡା ଦୋହରୀକରଣ ପ୍ରକଳ୍ପ ସଂକ୍ରାନ୍ତରେ କାନାରୋଆଁ-ତାତି (କିମି ୫୩୬/୨୧-୨୨) ଏବଂ ପରବତୋନିଆ-ଓର୍ଗା (କିମି ୫୪୮/୧୨-୧୩) ସେକ୍ସନରେ ଯଥାକ୍ରମେ କାଷ୍ଟ ଇନ୍ ସିଟୁ ଏବଂ ବକ୍ସ ପୁଶିଂ କୌଶଳ ଦ୍ୱାରା ୨ ଗୋଟି ଏଲିଫାଣ୍ଟ ପାସ୍ (୫ ମି x ୫ ମି) ନିର୍ମାଣ । **ଆନୁମାନିକ ମୂଲ୍ୟ:** ₹୬.୯୨ କୋଟି । **ବିଡ୍ ଅମାନତ:** ₹୪,୯୬,୨୦୦/– । **ସମାପ୍ତି ଅବଧି:** ୬ ମାସ । **ସମାପ୍ତି ତାରିଖ:** ତା୧୧।୦୯।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-586)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ARC-CEL-CARDS-336, ତା.05.09.2023ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ତିନି ବର୍ଷ ସମୟ ଅବଧି ନିମନ୍ତେ HASSDAC/SSDAC (CEL ଦ୍ୱାରା ନିର୍ମିତ) ର ବିଭିନ୍ନ କାର୍ଡଗୁଡ଼ିକ ନିମନ୍ତେ ବାର୍ଷିକ ମରାମତି ଚୁକ୍ତି (ARC) ।

**ଟେଣ୍ଡର ମୂଲ୍ୟ(₹)** 1,51,33,250.02, EMD (₹): 2,25,700/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.13.09.2023ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.09.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-560/O/23-24

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.26-SBP-TRD-OT-2023-24, ତା.04.09.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ NH-217ରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-71 ପରିବର୍ତ୍ତେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍(ROB) ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (₹):** 49,82,683.32, EMD (₹): 99,700/- ।

(2) ଟେଣ୍ଡର ବିଜ୍ଞପ୍ତି ସଂ.27-SBP-TRD-OT-2023-24, ତା.05.09.2023ରିଖ

**କାର୍ଯ୍ୟର ନାମ:** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHDP-IV) ଦ୍ୱାରା ସମ୍ପାଦନ ଅଧୀନରେ ଲେଭେଲ କ୍ରସିଙ୍ଗ୍ ନଂ.ST-75 ସ୍ଥାନ ଠାରେ ରୋଡ୍ ଓଭର ବ୍ରିଜ୍ (ROB)କୁ ଅତିକ୍ରମ କରିବା ପାଇଁ ଅନୁଗୁଳ ଠାରୁ ସମ୍ବଲପୁର ସେକ୍ସନ NH-42 ପର୍ଯ୍ୟନ୍ତ 4 ଲେନ୍ (Lanning) ନିମନ୍ତେ ପୁନରୁଦ୍ଧାର ଏବଂ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (₹):** 23,94,187.97, EMD (₹): 47,900/- ।

ଶେଷ ହେବା ଅବଧି: 08 ମାସ (କ୍ରମ ସଂ.1 ପାଇଁ ) ଏବଂ 06 ମାସ (କ୍ରମ ସଂ.2 ପାଇଁ ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.09.2023 ରିଖ 1530 ଘଟିକାରେ (କ୍ରମ ସଂ.1 ପାଇଁ ) ଏବଂ ତା.27.09.2023 ରିଖ 1530 ଘଟିକାରେ (କ୍ରମ ସଂ.2 ପାଇଁ ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-559/O/23-24



**UNION BANK EMPLOYEES COOPERATIVE CREDIT SOCIETY (ODISHA) LTD.**
UBECCSOL
(Regd. No.38/1997 RCS)

This is for information of all members that the 27th Annual General Body Meeting of the Society will be held on 01-10-2023 (Sunday) at 10 AM at Institution of Engineers, Sachivalaya Marg, Unit IV, Bhubaneswar. All members are requested to attend.

Balaram Mahanta, Secretary | Satabdi Subhadarsini, Vice President | Saroj Kumar Nayak, President

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**URGENT REQUIRED**
Required Diploma/IIT (Skilled/Unsklilled) Electronics/Electrical. Contact with CV on Mob:9437012345. INTERVIEW ON MONDAY & THURSDAY

**REQUIREMENTS**
Required for Physiotherapy Department. Eligibility: ANM (Upto 1 year experience), Salary: 6,000/- (Including room).
Contact: 7008748340 9337019393

See Career Appointment on every Wednesday & Saturday

**URGENTLY REQUIRED**
JP Solutions, CDA-13, Cuttack Urgently Required Loan Recovery agent for Bank. Fresher or experience candidate for all Odisha. Telecaller experience girls. Qualification:10th/ +2
Salary 10000 upto 20000+incentive.
Contact:jpsolutions147@gmail.com
63728 04980, 82804 99801

**WALK-IN-INTERVIEW**
Between- 8.30 A.M. to 9 AM.
From 11.09.2023 to 16.09.2023
**APEX ENGLISH MEDIUM SCHOOL**
Affiliated to CBSE, New Delhi, Laliteswar Nagar, Jajpur
Phone:9437080047, Email:apexjajpur1998@gmail.com
For the Post of TGT : English, Science & S.S.T.
Salary : As per Experience and Efficiency
Sd./- DIRECTOR

ऊर्जा विभाग झारखण्ड सरकार विद्युत कार्यपालक अभियन्ता
विद्युत कार्य प्रमण्डल, इंजीनियरिंग हॉस्टल नं0–2 धुर्वा, रॉंची।
अति अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0– Energy/EWD/Ranchi/40/2023-24   दिनांक– 08/09/2023

| 1. | कार्य का नाम | प्राक्कलित राशि (रूपये में) | परिमाण विपत्र का मूल्य | अग्रधन की राशि | कार्य समाप्ति की अवधि |
|---|---|---|---|---|---|
| I | गुमला एवं लोहरदगा जिला अन्तर्गत अनुसूचित जनजाति आवासीय बालक/बालिका हाई/मध्य विद्यालय, जोभीपाट, चापाटोली, घाघरा, कन्दापाट, सखुआपानी, चौरापाट, डोकापाट, चैनपुर, तुषागॉव, जेनगुटुवा, किस्को, तुम्युपाट, बमनडीहा, पेसरार, लोहरदगा एवं आश्रम विद्यालय, सिसई, किस्को के परिसर में 16 मीटर के हाईमास्ट लाईट के अधिष्ठापन का कार्य। | 1,34,54,391=00 | 10,000=00 | 2,70,000=00 | 120 दिन |
| 2. | वेबसाईट पर निविदा प्रकाशन की तिथि | 15.09.2023 | | | |
| 3. | निविदा जमा करने की तिथि | 16.09.2023 के 10.30 बजे अपराह्न से 22.09.2023 के 2.00 बजे अपराह्न तक | | | |
| 4. | निविदा खोलने की तिथि | 23.09.2023 को 3.00 बजे अपराह्न में | | | |
| 5. | निविदा आमंत्रित करने वाले पदाधिकारी का नाम एवं पता | विद्युत कार्यपालक अभियन्ता, विद्युत कार्य प्रमण्डल, रॉंची। | | | |
| 6. | निविदा खोलने वाले पदाधिकारी का नाम एवं पता | मुख्य विद्युत अभियन्ता–सह–मुख्य विद्युत निरीक्षक, ऊर्जा विभाग, झारखण्ड, रॉंची। | | | |
| 7. | ई प्रोक्युरमेन्ट प्रकोष्ट का फोन नं0 | 0651–2490069 | | | |

नोट :– निविदा से संबंधित विस्तृत जानकारी हेतु वेबसाईट http://jharkhandtenders.gov.in मे देखा जा सकता है।

विद्युत कार्यपालक अभियन्ता
विद्युत कार्य प्रमण्डल, रॉंची।
PR 306457 Energy(23-24)D

# ଗୁରୁଙ୍କ ପଥାନୁସରଣ ବିଧେୟ

ବରଗଡ଼,୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସ୍ଥାନୀୟ ଭଗବାନ ସ୍ମୃତି ସମିତି ପକ୍ଷରୁ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ତଥା ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ବିଶିଷ୍ଟ କଳାକାରମାନଙ୍କୁ ବୁଦ୍ଧଦେବ କଳା ସାଧକ ସମ୍ମାନରେ ସମ୍ମାନିତ କରିଥିଲେ। ଗୁରୁଙ୍କୁ ସମ୍ମାନ ଦେବା ସହିତ ସେମାନଙ୍କ ପଥାନୁସରଣ କରିବା ବିଧେୟ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଲୁପୁରସିଂହାର ଦାସକାଠିଆ ଗାୟକ ଶରତ ଚନ୍ଦ୍ର ଦାଶ, ବକଟୀର ଅଭିନେତା ଭୁବନେଶ୍ୱର ଚିନ୍ଦ୍ରା, ରୂପାପାଲିର ସଞ୍ଚାର କଳାକାର ଚିନାମାଳୀ ଦାଶ, ପାଣିମୋରାର ତବଲା ବାଦକ ତରଣୀସେନ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ନାରାୟଣ ଯାଦବ ସ୍ୱାଗତ ଭାଷଣ ଓ ଉପଦେଷ୍ଟା ସନ୍ତୋଷ ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ ଏବଂ ନବକୃଷ୍ଣ ମିଶ୍ର ମାନପତ୍ର ପାଠ କରିଥିଲେ। ସଭାରେ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ଝିଅ ସୁପ୍ରଭା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କାମିନୀ ଦାଶ ଏବଂ ମୁଗ୍ଧା ଦାଶ ଭଜନ ପରିବେଷଣ କରିଥିଲେ। ସମିତିର ବରିଷ୍ଠ ସଦସ୍ୟ କମଳ ଯୋଶୀ, ସହସମ୍ପାଦକ ବିନୋଦ ସାହୁ, ନୀଳାମ୍ବର ମେହେର, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋସାଗର, ଗୋପାଳ ଷଡ଼ଙ୍ଗୀ, ସୁନିଲ ଅଗ୍ରୱାଲ ସହଯୋଗ କରିଥିଲେ। ସମିତିର ବରିଷ୍ଠ ସଦସ୍ୟ ଜଗଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ନନ୍ଦୋତ୍ସବ ସହ ସମାପନ ହେଲା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ବେହେରା, ୮।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଯାଦବ ମହାସଭା ଆନୁକୂଲ୍ୟରେ ଦୁଇ ଦିନ ଧରି ସ୍ଥାନୀୟ ପଞ୍ଚାୟତ ଖେଳ ପଡିଆଠାରେ ଚାଲିଥିବା ନନ୍ଦୋତ୍ସବ ସହ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହା ଆଡମ୍ବରରେ ପାଳିତ ହୋଇ ସମାପନ ହୋଇଛି। ବୁଧବାର ପ୍ରଭୁ ଉପାସନା ସହ ବ୍ରତ ପାଳନ କରିଥିଲେ। ନନ୍ଦୋତ୍ସବ ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗଙ୍କ ସମେତ ଅନେକ ଯାଦବ ଧର୍ମଗଡ଼ ଜିଲା ପାଇଁ ଦାବି କରି ନାରା ଲଗାଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜିଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ, ପୂର୍ବତନ ଜିଲା ସଭାପତି ଡମ୍ବରୁ ଲହଜଳ, ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ସମ୍ପାଦକ ଲିଙ୍ଗରାଜ ବେହେରା, ଧର୍ମଗଡ଼ ଜିଲା ପରିଷଦ ଶଙ୍କର ଜୁଏଡ଼, ବରିଷ୍ଠ ଯାଦବ ଧନୁ ଗୋପାଳ, କେଦାର ଖରସେଲ, ଧନସିଂ ବାଗ, ଲାଞ୍ଜିଗଡ ଯୁବ ଯାଦବ ସଭାପତି ଦିଲେଶ ନାଗ, କୋକସରା ଯୁବ ଯାଦବ ସଭାପତି ଶରତ ରାଉତ, ଧର୍ମଗଡ଼ ଯୁବ ସଭାପତି ଲବଣି ରାଉତ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସ୍ୱାଧୀନ ବାଗ, ନିରାକାର ଗୋପାଳ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବକେୟା ସହାୟତା ରାଶି ପ୍ରଦାନ ନ କଲେ ଆନ୍ଦୋଳନ ଜୋରଦାର

## ନିର୍ମାଣ ଶ୍ରମିକ ସଂଗଠନର ବୈଠକ

ବୌଦ୍ଧ,୮।୯( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ସଂଗଠନଗୁଡିକ ପକ୍ଷରୁ ଶୁକ୍ରବାର ଦିନ ସହରର ରାମମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଚଏମଏସ ନେତା ଅର୍ଜୁନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୨୦ରୁ ଅଧିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲାରେ ବିବାହ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ଦେଖାଦେଇଥିବା ଅଚଳାବସ୍ଥା ଓ ଚଞ୍ଚକତା କରି ଅର୍ଥ ହେରଫେର କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ସହାୟତା ରାଶି ଆସନ୍ତା ୧୫ ତାରିଖ ସୁଦ୍ଧା ଦିଆ ନ ଗଲେ ସମନ୍ୱୟ ସମିତି ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ରିଲେ ଅନଶନ କରିବାକୁ ଚେତାବନୀ ଦିଆଯାଇଛି। ଏନେଇ ଏକ ଦାବିପତ୍ର ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଦିଆଯାଇଛି । ବୈଠକରେ ଶ୍ରମିକ ନେତା ଅବକାଶ ସାହୁ, ସୁଧାଂଶୁ ପ୍ରଧାନ, ଲୋକନାଥ ଶତପଥୀ ,ଦିଲୀପ ବସ୍ତିଆ, ଅନିଲ ରଥ, ସାନ ବେହେରା, ଅଶୋକ ମିଶ୍ର, ରୀନା ଗିରି, ଅନିଲ ବେହେରା,ସନ୍ଧ୍ୟାରାଣୀ ବାରିକ, ଅଜିତ ପରିଡା ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାର ଶ୍ରମିକ ସଂଗଠନର କର୍ମକର୍ତ୍ତା ।

# ବିତ୍ତୀୟ ଶିକ୍ଷା ଉପରେ ଆଲୋଚନାଚକ୍ର

ବିନିକା,୮।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ଶୁକ୍ରବାର ବିତ୍ତୀୟ ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ସିକ୍ୟୁରିଟି ମାର୍କେଟ ବଲାଙ୍ଗୀର ରିସୋର୍ସପସନ ଡ଼ ଜୟକିସାନ ମେହେର ଯୋଗଦେଇ ଷ୍ଟକ ଏକଚେଞ୍ଜ, ସିକ୍ୟୁରିଟି ମାର୍କେଟ ଉପରେ ବିତ୍ତୀୟ ଶିକ୍ଷାର କି ପ୍ରଭାବ ପଡୁଛି ସେ ଉପରେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ପ୍ରାଞ୍ଜଳ ଭାବରେ ଅବଗତ କରିଥିଲେ। ଆଲୋଚନାଚକ୍ରରେ ଅର୍ଥନୀତି ବିଭାଗ ଅଧ୍ୟାପକ ବିଶ୍ୱନାଥ ମିଶ୍ର,ଓଡ଼ିଆ ବିଭାଗ ଅଧ୍ୟାପକ ଭଗବାନ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଆଲୋଚକ।

# ଏକ୍ସକ୍ୟାଡର ମୃତ ଶିକ୍ଷକଙ୍କ ପରିବାରଙ୍କୁ ସହାୟତା

ବେହେରା,୮।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳ ବେହେରା ଗ୍ରାମର ପ୍ରାଥମିକ ଶିକ୍ଷକ ମଧୁ ରଣାଙ୍କ ଗତ ୨୯ ତାରିଖରେ ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ଦିନରୁ ରୋଗଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ଶୁକ୍ରବାର ତାଙ୍କର ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ଶିକ୍ଷକ ସଂଘ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଥିଲେ। ସରକାରଙ୍କଠାରୁ ମିଳିବାକୁ ଥିବା ସରକାରୀ ରାଶି ବାବଦ ସମ୍ପୂର୍ଣ୍ଣ ସହଯୋଗ କରି ଅର୍ଥ ଯୋଗାଇ ଦେବାକୁ ସଂଘ ପରିବାରକୁ ପ୍ରତିଶ୍ରୁତି ଦେଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଏକ୍ସକ୍ୟାଡର ସଂଘ ସଭାପତି ଲଳିତ ନାଏକ, ରଜନୀ ନାଏକ, ତରୁଣ ଚୌଧୁରୀ, କେଶବ ଧରୁଆ, ମନୋଜ ନାଏକ, ନୀଳାମ୍ବର ପୋଡ଼, ତ୍ରିଲୋଚନ ନାଏକ, ତୁଳସୀ ରାମ ମାଝି ଯୋଗଦେଇଥିଲେ। ସ୍ୱର୍ଗତ ମଧୁ ରଣାଙ୍କ ମାଟ୍ରିକ ବ୍ୟାଚ ବନ୍ଧୁମାନଙ୍କ ମଧ୍ୟରେ ମହେନ୍ଦ୍ର ସାହୁ, ସଚ୍ଚିକାନ୍ତ ଭୋଇ, ବିକାସ ଅଗ୍ରୱାଲ, ରୁପେନ୍ଦ୍ର ସୁନାନୀ, ବିରେନ୍ଦ୍ର ଚିନ୍ଦା, ରମଣୀ ଦୂରିଆ, ତୋଫାନ ସିଂ, ବିନିତା ତିୱାରୀ, ରୋହିତ ମେହେର ସମେତ ଅନେକ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା ସହିତ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ପ୍ରଦାନ କରିଛନ୍ତି।

# କାର୍ଯ୍ୟରେ ଯୋଗ ଦେଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ଅମରପାଲି,୮।୯( ପୀତାମ୍ବର ସାହୁ)

ଦୀର୍ଘ ୨୨ ଦିନ ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତ ମାସ ୧୮ ତାରିଖରୁ ଦୁଇ ଦଫା ଦାବି ନେଇ ନିର୍ବାହୀ ଅଧିକାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରାୟ ୧୦ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ପ୍ରତିବାଦ କରୁଥିଲେ। ଦୀର୍ଘ ଦିନ ପ୍ରତିବାଦ ପରେ ଆନ୍ଦୋଳନକୁ ଏକ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖା ଯାଇଛି। ଶୁକ୍ରବାର ଦିନ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବିଡ଼ିଓ ମୋତିଲାଲ ସୁଲିଆଙ୍କୁ ଭେଟି କାର୍ଯ୍ୟରେ ଯୋଗ ଦେଇଛନ୍ତି।

**UNION BANK EMPLOYEES COOPERATIVE CREDIT SOCIETY (ODISHA) LTD.**
UBECCSOL
(Regd. No.38/1997 RCS)
This is for information of all members that the 27th Annual General Body Meeting of the Society will be held on 01-10-2023 (Sunday) at 10 AM at Institution of Engineers, Sachivalaya Marg, Unit IV, Bhubaneswar. All members are requested to attend.
Balaram Mahanta, Secretary | Satabdi Subhadarsini, Vice President | Saroj Kumar Nayak, President

# ନୀଳ ଆକାଶ ଲାଗି ସ୍ୱଚ୍ଛ ବାୟୁ ଦିବସ ପାଳିତ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ନୀଳ ଆକାଶ ନିମନ୍ତେ ସଚ୍ଛ ବାୟୁ ଦିବସ ନାରାୟଣପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୪୦୦ ଜଣ ଛାତ୍ରୀଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ, ସହକାରୀ ପରିଚାଳିକା ଅଣସଂକ୍ରାମକ ରୋଗ ଗୀତାଞ୍ଜଳି ମେହେର ଓ ସାସ୍ଥ୍ୟ କର୍ମଚାରୀଙ୍କୁ ନେଇ ଏକ ସଚେତନତା ରାଲି ବିଦ୍ୟାଳୟରୁ ବାହାରି ନାରାୟଣପୁର ଛକ ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇ ପୁଣି ବିଦ୍ୟାଳୟକୁ ଫେରିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ରାମଶଙ୍କର ତ୍ରିପାଠୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୁବନେଶର ପାଣିଗ୍ରାହୀ ମିଳିତ ଭାବେ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ମାନସ ରଞ୍ଜନ ଭୋଇ, ଓମ ପ୍ରକାଶ ପୂଝାରୀ ଏବଂ କଲ୍ୟାଣ ସାମଲ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ମିଳନ ମହାକୁର, ଅର୍ପିତା ସାହୁ ଓ ମୀନତି ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ସଚେତନତା ସଭାରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନସାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ଶାନ୍ତନୁ ମେହେର, ଦୀପକ ସାହୁ, ରତନ ବିଶି, ଶିକ୍ଷକ ହରେଶ ମେହେର ଓ ଶିକ୍ଷୟତ୍ରୀ ଶିକ୍ଷକମାନେ ଆୟୋଜନରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ୪ ସେପ୍ଟେମ୍ବର ଠାରୁ ୯ ସେପ୍ଟେମର ପର୍ଯ୍ୟନ୍ତ ଏହି ଦିବସ ଏକ ଅଭିଯାନ ଭାବେ ସମଗ୍ର ବିଶ୍ୱରେ ପାଳିତ ହେଉଛି।



ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି।

# ଭାରତୀୟ ଦଳରେ ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ

## ସାଫ୍ -ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍

ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)



ନେପାଳ କାଠମାଣ୍ଡୁରେ ଆସନ୍ତା ୨୧ରୁ ୩୦ ଯାଏଁ ସାଫ୍ -ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ଦଳ ପକ୍ଷରୁ ଖେଳିବା ପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ ଚୟନ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଟିମ ସାଉଦିଆରବରେ ପହଞ୍ଚିଥିବାବେଳେ ସେଠାରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବେ ବୋଲି ଜଣାପଡିଛି। ପରେ ସେଠାରୁ ସେମାନେ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରିବେ। ଭାରତୀୟ ଫୁଟବଲ ଦଳରେ ରାଜା ହରିଜନ ଚୟନ ହୋଇଥିବାରୁ କଳାହାଣ୍ଡି ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର, ୮।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଡ. ସୁରେଶ ଚନ୍ଦ୍ର ଦଲାଇ ଗୁରୁବାର ବଲାଙ୍ଗୀର ଜିଲା ଗସ୍ତରେ ପହଞ୍ଚିଥିଲେ। ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିଭିନ୍ନ ବିଭାଗଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ମହେନ୍ଦ୍ର ମହାପାତ୍ରଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ଦଲାଇ ଭୀମଭୋଇ ଭେଷଜ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଡ. ଦଲାଇ ଭେଷଜ ମହାବିଦ୍ୟାଳୟର ନୂତନ ଶିକ୍ଷା ଭେଷଜ ମହାବିଦ୍ୟାଳୟର କୋଠରୀ ନିର୍ମାଣ, ବିଭିନ୍ନ ଯନ୍ତ୍ରପାତି, ବିଦ୍ୟୁତିକରଣ, ପାନୀୟ ଜଳ ଯୋଗାଣ, ରାସ୍ତା, ଔଷଧ ୱାର୍ଡ, ସେଣ୍ଟ୍ରାଲ ଆଇସିୟୁ, ଭେଷଜ ମହାବିଦ୍ୟାଳୟର ଅଧିନସ୍ତ କର୍ମଚାରୀମାନଙ୍କ ପାଇଁ ଗୃହ ନିର୍ମାଣ, ଆହାର କେନ୍ଦ୍ର, ଜରୁରୀ ଚିକିତ୍ସା (କୋଭିଡ) ହସ୍ପିଟାଲ, ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଖେଳ ଓ ଷ୍ଟାଡିୟମ ନିର୍ମାଣର ଅଗ୍ରଗତି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିତ କରିଥିଲେ। ମହାବିଦ୍ୟାଳୟ ସୂଚାରୁ ରୂପେ ପରିଚାଳନା କରିବା ଓ ଏକାଡେମିକ ୩ ବର୍ଷିୟା ଏମଡି /ଏମଏସ ପାଠ୍ୟକ୍ରମ ବିଷୟ ଆଲୋଚନା କରାଯାଇଥିଲା। ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟା ଏବଂ ଏହାକୁ ନେଇ ଛାତ୍ରୀଛାତ୍ର ଅସନ୍ତୋଷକୁ ନେଇ ଆଲୋଚନା କରାଯାଇଥିଲା। ପରିଚାଳନା ବୈଠକରେ ଆରଡିସି ଡ. ଦଲାଇ, ଜିଲାପାଳ ରାଣାଙ୍କ ସହ ପୌରାଧକ୍ଷା ଲିକା ସାହୁ, ପ୍ରଫେସର ମଧୁସୂଦନ ପତି, ଡା ମାନସୀ ପଣ୍ଡା, ଆଭାଷୀ ମଧ୍ୟମରେ ଡ. ସଚ୍ଚିଦାନନ୍ଦ ମହାନ୍ତି, ଡିନ୍ ଡା. ସବିତା ମହାପାତ୍ର, ଡ. ସିକତା ନନ୍ଦ, ଡ. ଶ୍ରୀକାନ୍ତ ପଣ୍ଡା, ଛାତ ସଂସଦ ସଭାପତି ବିଶାଳ ପଣ୍ଡା, ଏବଂ କଲେଜର ବିଭିନ୍ନ ପଦାଧିକାରୀ ଅଂଶଗ୍ରହଣ କରିଥିଲେ।

# ମିଶନ ଇନ୍ଦ୍ର ଧନୁଶରେ ଉପାନ୍ତ ଅଞ୍ଚଳକୁ ବିଶେଷ ଧ୍ୟାନ ଦିଆଯିବ

ନୂଆପଡ଼ା,୮।୯(ମକାରୁ ବେମାଲ)

ଆସନ୍ତା ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପ୍ରଥମ ପର୍ଯ୍ୟାୟରେ ସ୍ୱତନ୍ତ୍ର ଟିକାକରଣ ଅଧିବେଶନ ମିଶନ ଇନ୍ଦ୍ର ଧନୁଶ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୯ରୁ ୧୪ ଓ ତୃତୀୟ ପର୍ଯ୍ୟାୟ ନଭେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟିକା କରଣରୁ ବଞ୍ଚିତ ଗର୍ଭବତୀ ଓ ଶିଶୁମାନଙ୍କୁ ଟିକା କରଣ ପାଇଁ ନିଷ୍ପତ୍ତି ହୋଇଛି। ବିଶେଷ କରି ଉପାନ୍ତ ଅଞ୍ଚଳ ପାଇଁ ବିଶେଷ ଧ୍ୟାନ ଯିବ ବୋଲି ସିଡିଏମଓ ଶୋଭାରାଣୀ ମିଶ୍ର ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମିଶନ ଇନ୍ଦ୍ର ଧନୁଶକୁ ନେଇ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ ସୂଚନା ଦେଇଛନ୍ତି। ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ଟିକା କରଣରୁ ବଞ୍ଚିତ ଗର୍ଭବତୀ ଓ ଶିଶୁଙ୍କ ତାଲିକା ପ୍ରସ୍ତୁତ କରିବେ। ଜିଲାରେ କେହି ଜଣେ ମଧ୍ୟ ଗର୍ଭବତୀ କିମ୍ବା ଶିଶୁ ଟିକାକରଣରୁ ବଞ୍ଚିତ ନ ହେବେ, ସେଥି ପାଇଁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଛି ବୋଲି ସିଡିଏମଓ ମିଶ୍ର କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଡିପିଏମ) ଦିଲୀପ ଦୁବେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଉପପ୍ରବନ୍ଧକ (ଡିଏମଆରସିଏଚ) ରଶ୍ମୀ ରଞ୍ଜନ ମହାନ୍ତି, ଏଡିପିଏଚସିଓ କିଶୋର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।



**ଦ.ପୂ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୧୯-ଜିଆରସି-ସିଇ-ସି-୦୧-୩୨-୨୦୨୩, ତାରିଖ: ୧୭।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/I, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍-I), ରାଞ୍ଚି, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ହାଟିଆ-ବଣ୍ଡମୁଣ୍ଡା ଦୋହରୀକରଣ ପ୍ରକଳ୍ପ ସଂକ୍ରାନ୍ତରେ କାନାରୋଆଁ-ତାତି (କିମି ୫୩୬/୨୧-୨୨) ଏବଂ ପରବଟୋନିଆ-ଓର୍ଗା (କିମି ୫୪୮/୧୨-୧୩) ସେକ୍ସନରେ ଯଥାକ୍ରମେ କାଷ୍ଟ ଇନ୍ ସିଟୁ ଏବଂ ବକ୍ସ ପୁଶିଂ କୌଶଳ ଦ୍ୱାରା ୨ ଗୋଟି ଏଲିଫାଣ୍ଟ ପାସ୍ (୫ ମି x ୫ ମି) ନିର୍ମାଣ । **ଆନୁମାନିକ ମୂଲ୍ୟ:** ₹୬.୯୨ କୋଟି । **ବିଡ୍ ଅମାନତ:** ₹୪,୯୬,୨୦୦/- । **ସମାପ୍ତି ଅବଧି:** ୬ ମାସ । **ସମାପ୍ତି ତାରିଖ:** ତା୧୧।୦୯।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-586)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ARC-CEL-CARDS-336, ତା.05.09.2023ରିଖ
**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ତିନି ବର୍ଷ ସମୟ ଅବଧି ନିମନ୍ତେ HASSDAC/SSDAC (CEL ଦ୍ୱାରା ନିର୍ମିତ) ର ବିଭିନ୍ନ କାର୍ଡଗୁଡ଼ିକ ନିମନ୍ତେ ବାର୍ଷିକ ମରାମତି ଚୁକ୍ତି (ARC) ।
**ଟେଣ୍ଡର ମୂଲ୍ୟ(₹)** 1,51,33,250.02, EMD (₹): 2,25,700/- ।
ବିଡ୍ ଆରମ୍ଭ ହେବା ତାରିଖ: ତା.13.09.2023ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.09.2023 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-560/O/23-24

**ପୂର୍ବ ତଟ ରେଳପଥ**
(1) ଟେଣ୍ଡର ବିଜ୍ଞପ୍ତି ସଂ.26-SBP-TRD-OT-2023-24, ତା.04.09.2023ରିଖ
**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ NH-217ରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-71 ପରିବର୍ତ୍ତେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍(ROB) ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
**ଆନୁମାନିକ ମୂଲ୍ୟ (₹):** 49,82,683.32, EMD (₹): 99,700/- ।
(2) ଟେଣ୍ଡର ବିଜ୍ଞପ୍ତି ସଂ.27-SBP-TRD-OT-2023-24, ତା.05.09.2023ରିଖ
**କାର୍ଯ୍ୟର ନାମ:** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHDP-IV) ଦ୍ୱାରା ସମ୍ପାଦନ ଅଧୀନରେ ଲେଭେଲ କ୍ରସିଙ୍ଗ୍ ନଂ.ST-75 ସ୍ଥାନ ଠାରେ ରୋଡ୍ ଓଭର ବ୍ରିଜ୍ (ROB)କୁ ଅତିକ୍ରମ କରିବା ପାଇଁ ଅନୁଗୁଳ ଠାରୁ ସମ୍ବଲପୁର ସେକ୍ସନ NH-42 ପର୍ଯ୍ୟନ୍ତ 4 ଲେନ୍ (Lanning) ନିମନ୍ତେ ପୁନରୁଦ୍ଧାର ଏବଂ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
**ଆନୁମାନିକ ମୂଲ୍ୟ (₹):** 23,94,187.97, EMD (₹): 47,900/- ।
ଶେଷ ହେବା ଅବଧି: 08 ମାସ (କ୍ରମ ସଂ.1 ପାଇଁ ) ଏବଂ 06 ମାସ (କ୍ରମ ସଂ.2 ପାଇଁ ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.09.2023 ରିଖ 1530 ଘଟିକାରେ (କ୍ରମ ସଂ.1 ପାଇଁ ) ଏବଂ ତା.27.09.2023 ରିଖ 1530 ଘଟିକାରେ (କ୍ରମ ସଂ.2 ପାଇଁ ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-559/O/23-24

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIRED**
Required Diploma/IIT (Skilled/Unsklilled) Electronics/Electrical.
Contact with CV on Mob:9437012345.
INTERVIEW ON MONDAY & THURSDAY

**REQUIREMENTS**
Required for **Physiotherapy Department**.
**Eligibility**: ANM (Upto 1 year experience), Salary: 6,000/- (Including room).
Contact: 7008748340 9337019393

See Career Appointment on every Wednesday & Saturday

**URGENTLY REQUIRED**
JP Solutions, CDA-13, Cuttack Urgently Required Loan Recovery agent for Bank. Fresher or experience candidate for all Odisha. Telecaller experience girls. Qualification:10th/ +2
Salary 10000 upto 20000+incentive.
Contact:jpsolutions147@gmail.com
63728 04980, 82804 99801

**WALK-IN-INTERVIEW**
Between- 8.30 A.M. to 9 AM.
From 11.09.2023 to 16.09.2023
**APEX ENGLISH MEDIUM SCHOOL**
Affiliated to CBSE, New Delhi, Laliteswar Nagar, Jajpur
Phone:9437080047, Email:apexjajpur1998@gmail.com
For the Post of TGT : English, Science & S.S.T.
Salary : As per Experience and Efficiency
Sd./- DIRECTOR

ऊर्जा विभाग झारखण्ड सरकार विद्युत कार्यपालक अभियन्ता
विद्युत कार्य प्रमण्डल, इंजीनियरिंग हॉस्टल नं0–2 धुर्वा, रॉंची।
अति अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0– **Energy/EWD/Ranchi/40/2023-24** दिनांक– 08/09/2023

| 1. | कार्य का नाम | प्राक्कलित राशि (रूपये में) | परिमाण विपत्र का मूल्य | अग्रधन की राशि | कार्य समाप्ति की अवधि |
|---|---|---|---|---|---|
| I | गुमला एवं लोहरदगा जिला अन्तर्गत अनुसूचित जनजाति आवासीय बालक/बालिका हाई/मध्य विद्यालय, जोभीपाट, चापाटोली, घाघरा, कन्दापाट, सखुआपानी, चौरापाट, डोकापाट, चैनपुर, तुषागॉंव, जेनगुटुवा, किस्को, तुम्युपाट, बमनडीहा, पेसरार, लोहरदगा एवं आश्रम विद्यालय, सिसई, किस्को के परिसर में 16 मीटर के हाईमास्ट लाईट के अधिष्ठापन का कार्य। | 1,34,54,391=00 | 10,000=00 | 2,70,000=00 | 120 दिन |
| 2. | वेबसाईट पर निविदा प्रकाशन की तिथि | 15.09.2023 | | | |
| 3. | निविदा जमा करने की तिथि | 16.09.2023 के 10.30 बजे अपराह्न से 22.09.2023 के 2.00 बजे अपराह्न तक | | | |
| 4. | निविदा खोलने की तिथि | 23.09.2023 को 3.00 बजे अपराह्न में | | | |
| 5. | निविदा आमंत्रित करने वाले पदाधिकारी का नाम एवं पता | विद्युत कार्यपालक अभियन्ता, विद्युत कार्य प्रमण्डल, रॉंची। | | | |
| 6. | निविदा खोलने वाले पदाधिकारी का नाम एवं पता | मुख्य विद्युत अभियन्ता–सह–मुख्य विद्युत निरीक्षक, ऊर्जा विभाग, झारखण्ड, रॉंची। | | | |
| 7. | ई प्रोक्युरमेन्ट प्रकोष्ट का फोन नं0 | 0651–2490069 | | | |

नोट :– निविदा से संबंधित विस्तृत जानकारी हेतु वेबसाईट http://jharkhandtenders.gov.in मे देखा जा सकता है।
विद्युत कार्यपालक अभियन्ता
विद्युत कार्य प्रमण्डल, रॉंची।
PR 306457 Energy(23-24)D

# ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଗଣଧାରଣା

କୋକସରା/ରୁପ୍ରାରୋଡ୍,୮।୯(ଦୁଷ୍ମନ୍ତ କୁମାର ପାଢଯୋଶୀ/ ସଞ୍ଜୀବ ଦାସ)

ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ୩ ଦଫା ଦାବି ନେଇ ଶୁକ୍ରବାର କଳାହାଣ୍ଡି ଜିଲା କୋକସରା ବ୍ଲକର ସମସ୍ତବର୍ଗ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପକ୍ଷରୁ ସ୍ଥାନୀୟ ବିଇଓ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ଠିକା ବ୍ୟବସ୍ଥା ଉଚ୍ଛେଦ, ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା ଏବଂ କଳା ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ଦରମା, ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପ୍ରଚଳନ ତିନି ଦଫା ଦାବିକୁ ନେଇ ବିଇଓ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରାଥମିକ ଶିକ୍ଷକ ସଂଘ କୋକସରା ବ୍ଲକ ସଭାପତି ଭୁରିଶ୍ରବା ଜାଲ, ଜିଲା ସଭାପତି ସତ୍ୟବାନ ପାଣିଗ୍ରାହୀ, ବ୍ଲକ ଉପ ସଭାପତି ବିରକିଶୋର ନାଗ, ଜିଲା ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ନାଏକ, ଜିଲା ସଂଯୋଜକ ସଞ୍ଜୀବ କୁମାର ପାଢୀ, ଜିଲା ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ, ବ୍ଲକ ସଭାପତି(ଜେଟି) ସୁମନ ଅର୍ପିତ ପଣ୍ଡା, କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ, ସନ୍ତୋଷ କୁମାର ପରିଡା ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାର ଦାବି ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋନଳରତ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ସେହିପରି ନର୍ଲା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସଂଘ ବ୍ଲକ ସଭାପତି ମୀନକେତନ ସାହୁ ଓ ସମ୍ପାଦକ ଅମିତ କୁମାର ଶର୍ମାଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ ବର୍ଗର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଧାରଣାରେ ବସିଥିଲେ।



କୋକସରା ବିଇଓ ଅଫିସ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା।

## ନନ୍ଦୋତ୍ସବ ସହ ସମାପନ ହେଲା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ବେହେରା, ୮।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଯାଦବ ମହାସଭା ଆନୁକୂଲ୍ୟରେ ଦୁଇ ଦିନ ଧରି ସ୍ଥାନୀୟ ପଞ୍ଚାୟତ ଖେଳ ପଡିଆଠାରେ ଚାଲିଥିବା ନନ୍ଦୋତ୍ସବ ସହ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହା ଆଡମ୍ବରରେ ପାଳିତ ହୋଇ ସମାପନ ହୋଇଛି। ବୁଧବାର ପ୍ରଭୁ ଉପାସନା ସହ ବ୍ରତ ପାଳନ କରିଥିଲେ। ନନ୍ଦୋତ୍ସବ ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗଙ୍କ ସମେତ ଅନେକ ଯାଦବ ଧର୍ମଗଡ଼ ଜିଲା ପାଇଁ ଦାବି କରି ନାରା ଲଗାଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜିଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ, ପୂର୍ବତନ ଜିଲା ସଭାପତି ଡମ୍ବରୁ ଲହଜଳ, ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ସମ୍ପାଦକ ଲିଙ୍ଗରାଜ ବେହେରା, ଧର୍ମଗଡ଼ ଜିଲା ପରିଷଦ ଶଙ୍କର କୁଏଡ଼, ବରିଷ୍ଠ ଯାଦବ ଧନୁ ଗୋପାଳ, କେଦାର ଖରସେଲ, ଧନସିଂ ବାଗ, ଲାଞ୍ଜିଗଡ ଯୁବ ଯାଦବ ସଭାପତି ଦିଲେଶ ନାଗ, କୋକସରା ଯୁବ ଯାଦବ ସଭାପତି ଶରତ ରାଉତ, ଧର୍ମଗଡ଼ ଯୁବ ସଭାପତି ଲବଣି ରାଉତ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସ୍ୱାଧୀନ ବାଗ, ନିରାକାର ଗୋପାଳ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଖପ୍ରାଖୋଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଖପ୍ରାଖୋଲ,୮।୯(ଅଭୟ ତ୍ରିପାଠୀ)

ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ବିଜ୍ଞାନ ଆବାହକ ଇସ୍ୱାଲ ସୁନା ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେମିନାର ଓ ବିଜ୍ଞାନ ଭିଡିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେମିନାରରେ ଧଣ୍ଡାମୁଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ରୀ ସ୍ୱାଗତିକା ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗ ପ୍ରଶ୍ନୋତ୍ତରରେ ଓଏଭି ଖପ୍ରାଖୋଲ ଛାତ୍ର ଶାଶତ କୁମାର ଦାଶ ପ୍ରଥମ, କନିଷ୍ଠ ବର୍ଗରେ ଲୁହା ସିଂହା ଉଚ୍ଚବିଦ୍ୟାଳୟ ଛାତ୍ର ରାଘବ ଟିକେମାଲିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଚାରକ ରୂପେ କୁଶ ବାଗ, ତ୍ରିଭୁବନ ବାରିକ ସମେତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ ବ୍ଲକ ବିଜ୍ଞାନ ସଂଯୋଜକ ଓମ ପ୍ରକାଶ ମେହେର ପରିଚାଳନା କରିଥିଲେ।



ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କୋର୍ଟ ରୋଡର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

# ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

**ଡାହିଜିରା ବାଳିକା ଉଚ୍ଚ ବିଦ୍ୟାଳୟ**

କୁତ୍ରା, ୮।୯(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠପଢ଼ି ପିତାମାତାଙ୍କ ନାଁ ଉଜ୍ଜ୍ୱଳ କରିବା ପାଇଁ ଉପଦେଶ ଦେଇଥିଲେ। ବିଶେଷ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗଦେଇ ଛାତ୍ରୀ,ଅଭିଭାବକଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଛାତ୍ରୀମାନେ କିପରି ଉଚ୍ଚତର ଶିକ୍ଷା ଲାଭ ପୂର୍ବକ ଜୀବନରେ ସଫଳତା ଲାଭ କରିବେ, ସେଥିପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ କୌସ୍ତୁବ ହୋତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ, କୃଷି ଅଧିକାରୀ ସୁମିତ୍ରା ମାଝି, ଜିପିଓ ନଗେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆମେ ଜାଣିବା ଆମେ ଜିଣିବା ବିଷୟରେ ବକ୍ତୃତା, ସାଧାରଣ ଜ୍ଞାନ, ସୃଜନ ଲିଖନ, ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ମୀନକେତନ ସେଟ, ନରୋତ୍ତମ ଗୁରୁ,ଏମ୍‌ଡି ଅତିକ, ମାଧୁରୀ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନାଏକ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବ୍ଲକ ମଙ୍ଗଳ ଅଧିକାରୀ ବିନିରାଣୀ ସ୍ୱରେନ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ଏକ୍ସକ୍ୟାଡର ମୃତ ଶିକ୍ଷକଙ୍କ ପରିବାରଙ୍କୁ ସହାୟତା

ବେହେରା,୮।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳ ବେହେରା ଗ୍ରାମର ପ୍ରାଥମିକ ଶିକ୍ଷକ ମଧୁ ରଣାଙ୍କ ଗତ ୨୯ ତାରିଖରେ ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ଦିନରୁ ରୋଗଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ଶୁକ୍ରବାର ତାଙ୍କର ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ଶିକ୍ଷକ ସଂଘ ଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗ କରିଥିଲେ। ସରକାରଙ୍କଠାରୁ ମିଳିବାକୁ ଥିବା ସରକାରୀ ରାଶି ବାବଦ ସମ୍ପୂର୍ଣ୍ଣ ସହଯୋଗ କରି ଅର୍ଥ ଯୋଗାଇ ଦେବାକୁ ସଂଘ ପରିବାରକୁ ପ୍ରତିଶ୍ରୁତି ଦେଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଏକ୍ସକ୍ୟାଡର ସଂଘ ସଭାପତି ଲଳିତ ନାଏକ, ରଜନୀ ନାଏକ, ତରୁଣ ଚୌଧୁରୀ, କେଶବ ଧରୁଆ, ମନୋଜ ନାଏକ, ନୀଳାମ୍ବର ପୋଡ଼, ତ୍ରିଲୋଚନ ନାଏକ, ତୁଳସୀ ରାମ ମାଝି ଯୋଗଦେଇଥିଲେ। ସ୍ୱର୍ଗତ ମଧୁ ରଣାଙ୍କ ମାଟ୍ରିକ ବ୍ୟାଚ ବନ୍ଧୁମାନଙ୍କ ମଧ୍ୟରେ ମହେନ୍ଦ୍ର ସାହୁ, ସଚ୍ଚିକାନ୍ତ ଭୋଇ, ବିକାସ ଅଗ୍ରୱାଲ, ରୁପେନ୍ଦ୍ର ସୁନାନୀ, ବିରେନ୍ଦ୍ର ଚିନ୍ଦା, ରମଣୀ ଦୁରିଆ, ତୋଫାନ ସିଂ, ବିନିତା ତିୱାରୀ, ରୋହିତ ମେହେର ସମେତ ଅନେକ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା ସହିତ ଶୋକସନ୍ତପ୍ତ ପରିବାରକୁ ଆଶାସନା ପ୍ରଦାନ କରିଛନ୍ତି।

# ତ୍ରିଦିବସୀୟ ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାଗ ନେଇଥିବା ଖେଳାଳି।

ବଡ଼ଗାଁ, ୮।୯( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମରେ ସ୍ଥାନୀୟ ଜୟ ଜଗନ୍ନାଥ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଟଙ୍କଧର ଖିଲାର, ପୂର୍ଣ୍ଣଚନ୍ଦ୍ର ରାଉତ, ଟିକେଶ୍ୱର ସୁର୍ଣ୍ୟନି ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦ଟି ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବାଲିଶଙ୍କରା ବ୍ଲକର ପଡେଇମୁଣ୍ଡା ଓ ବଡ଼ଗାଁ ବ୍ଲକର ସିଆଁମାଲ ମଧ୍ୟରେ ହୋଇଥିଲା। ୫-୪ ଗୋଲରେ ପଡେଇମୁଣ୍ଡା ମ୍ୟାଚ୍ ଜିତିଥିଲା। ଆସନ୍ତା ୧୦ରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଏଥିରେ ଭକ୍ତି ମୁଣ୍ଡା, ବିକ୍ରମ ସିଂହ ଓ ରବି ଜତର୍ମା ଖେଳ ପରିଚାଳନା କରିଥିଲାବେଳେ ଆୟୋଜିତ କମିଟିର କର୍ମକର୍ତ୍ତା ଅର୍ଜୁନ ମହାକୁଡ, ସଞ୍ଜୀବ କିଷାନ, ପ୍ରକାଶ ମାଝି, ଜଗନ୍ନାଥ ମହାକୁଡ, ଚୂଡ଼ାମଣି ମାଝି, ଜିନେଶ ଲାକ୍ରା, ସୁରଜ୍ ଲାକ୍ରା ପ୍ରମୁଖ ଯୁବକ ସହଯୋଗ କରୁଛନ୍ତି। ଚାମ୍ପିୟନ ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ।

## ଭାରତୀୟ ଦଳରେ ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ

**ସାଫ୍ -ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍**

ଭବାନୀପାଟଣା,୮।୯(ଉତ୍ତମ କୁମାର ଦାଶ)

ନେପାଳ କାଠମାଣ୍ଡୁରେ ଆସନ୍ତା ୨୧ରୁ ୩୦ ଯାଏଁ ସାଫ୍ -ୟୁ ୧୯ ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ଦଳ ପକ୍ଷରୁ ଖେଳିବା ପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲର ରାଜା ହରିଜନ ଚୟନ ହୋଇଛନ୍ତି। ଶୁକ୍ରବାର ଭାରତୀୟ ଟିମ ସାଉଦିଆରବରେ ପହଞ୍ଚିଥିବାବେଳେ ସେଠାରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବେ ବୋଲି ଜଣାପଡିଛି। ପରେ ସେଠାରୁ ସେମାନେ କାଠମାଣ୍ଡୁ ଅଭିମୁଖେ ଯାତ୍ରା କରିବେ। ଭାରତୀୟ ଫୁଟବଲ ଦଳରେ ରାଜା ହରିଜନ ଚୟନ ହୋଇଥିବାରୁ କଳାହାଣ୍ଡି ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



## ବଜ୍ରପାତରେ ମୃତ ଅସହାୟ ପରିବାରକୁ ଭେଟିଲା ପ୍ରଶାସନ

ଦେଓଗାଁ,୮।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମରେ ଗତ ସପ୍ତାହେ ତଳେ ଅରବିନ୍ଦ ଭୋଇ (୪୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ବ୍ଲକ ପ୍ରଶାସନ ତରଫରୁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଯୋଗାଣ ଅଧିକାରୀ ପ୍ରଶାନ୍ତ ପଧାନ. ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ ପ୍ରମୁଖ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବାସହ ବ୍ଲକ ଅଧ୍ୟକ୍ଷ ଖମାରୀ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ଓ ଅନ୍ତୋଦୟ ଯୋଜନାରେ ସାମିଲ କରି ବ୍ଲକ ପ୍ରଶାସନ ତରଫରୁ ସହାୟତା ପ୍ରଦାନ କରିବା ପାଇଁ ବ୍ଲକ ଅଧ୍ୟକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ୪ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ

**ଜିଲା ସ୍ତରୀୟ ମହିଳା ଫୁଟ୍‌ବଲ ଚମ୍ପିୟାନଶିପ**

ସୁନ୍ଦରଗଡ,୮।୯(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ଓ ଫାଓ ଆନୁକୂଲ୍ୟରେ ଚାଲିଥିବା ୨ୟ ଜିଲା ମହିଳା ଫୁଟବଲ ଚମ୍ପିୟାନସିପର ଶୁକ୍ରବାର ଥିଲା ୬ଷ୍ଠ ଦିବସ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନର ଅଧ୍ୟକ୍ଷ ସଞ୍ଜୟ ନନ୍ଦ, ବରିଷ୍ଠ ଖବରଦାତା ମନୋରଞ୍ଜନ ଦାସ ଓ ସାମାଜିକ କର୍ମୀ ଜୟନ୍ତ ଧଳ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ ତେଲେନଡିହି ହାଇସ୍କୁଲ ଓ ତୁଡାଲଗା ହାଇସ୍କୁଲ ମଧ୍ୟରେ ୧-୧ ଗୋଲ ହୋଇ ଡ୍ର ହୋଇଥିଲା। ୨ୟ ମ୍ୟାଚରେ ରାଜଗାଙ୍ଗପୁର ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲ ୨-୦ଗୋଲରେ ସବ୍‌ଡେଗା ହାଇସ୍କୁଲଠାରୁ ବିଜୟୀ ହୋଇଥିଲା। ୩ୟ ମ୍ୟାଚରେ ସୁନ୍ଦରଗଡ ଟାଉନ ହାଇସ୍କୁଲ ଓ କୁଆଁରମୁଣ୍ଡା ୟଙ୍ଗ ଆସୋସିଏଶନ ମଧ୍ୟରେ ୧-୧ଗୋଲ ହୋଇ ଖେଳ ଡ୍ର ହୋଇଥିଲା। ଶେଷ ମ୍ୟାଚ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୪-୦ ଗୋଲରେ ସୁନ୍ଦରଗଡ ଷ୍ଟାର କ୍ଲବ ଠାରୁ ବିଜୟୀ ହୋଇଛି। ଶନିବାରଠାରୁ ନକ୍ ଆଉଟ ଭିତ୍ତିରେ ୪ଟି କ୍ୱାର୍ଟର ମ୍ୟାଚ ହେବ।



୬ଷ୍ଠ ଦିବସରେ ଭାଗ ନେଇଥିବା ଖେଳାଳି।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୧୯-ଜିଆରସି-ସିଇ-ସି-୦୧-୩୨-୨୦୨୩, ତାରିଖ: ୧୭।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ)/I, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଡେପୁଟି ଚିଫ୍ ଇଞ୍ଜିନିୟର (ସିଏନ-I), ରାଞ୍ଚି, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାରରେ ହାଟିଆ-ବଣ୍ଡମୁଣ୍ଡା ଦୋହରୀକରଣ ପ୍ରକଳ୍ପ ସଂକ୍ରାନ୍ତରେ କାନାରୋଆଁ-ତାତି (କିମି ୫୩୬/୨୧-୨୨) ଏବଂ ପରବଟୋନିଆ-ଓର୍ଗା (କିମି ୫୪୮/୧୨-୧୩) ସେକ୍ସନରେ ଯଥାକ୍ରମେ କାଷ୍ଟ ଇନ୍ ସିଟୁ ଏବଂ ବକ୍ସ ପୁଶିଂ କୌଶଳ ଦ୍ୱାରା ୨ ଗୋଟି ଏଲିଫାଣ୍ଟ ପାସ୍ (୫ ମି x ୫ ମି) ନିର୍ମାଣ । ଆନୁମାନିକ ମୂଲ୍ୟ: ₹୬.୯୨ କୋଟି । ବିଡ୍ ଅମାନତ: ₹୪,୯୬,୨୦୦/- । ସମାପ୍ତି ଅବଧି: ୬ ମାସ । ସମାପ୍ତି ତାରିଖ: ତା୧୧।୦୯।୨୦୨୩ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-586)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-ARC-CEL-CARDS-336, ତା.05.09.2023ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ତିନି ବର୍ଷ ସମୟ ଅବଧି ନିମନ୍ତେ HASSDAC/SSDAC (CEL ଦ୍ୱାରା ନିର୍ମିତ) ର ବିଭିନ୍ନ କାର୍ଡ଼ଗୁଡ଼ିକ ନିମନ୍ତେ ବାର୍ଷିକ ମରାମତି ଚୁକ୍ତି (ARC) ।
ଟେଣ୍ଡର ମୂଲ୍ୟ(₹) 1,51,33,250.02, EMD (₹) : 2,25,700/- ।
ବିଡ୍ ଆରମ୍ଭ ହେବା ତାରିଖ: ତା.13.09.2023ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.27.09.2023 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-560/O/23-24

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.26-SBP-TRD-OT-2023-24, ତା.04.09.2023ରିଖ
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ NH-217ରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-71 ପରିବର୍ତ୍ତେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍(ROB) ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
ଆନୁମାନିକ ମୂଲ୍ୟ (₹): 49,82,683.32, EMD (₹): 99,700/- ।
(2) ଟେଣ୍ଡର ବିଜ୍ଞପ୍ତି ସଂ.27-SBP-TRD-OT-2023-24, ତା.05.09.2023ରିଖ
କାର୍ଯ୍ୟର ନାମ: ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (NHDP-IV) ଦ୍ୱାରା ସମ୍ପାଦନ ଅଧୀନରେ ଲେଭେଲ କ୍ରସିଙ୍ଗ୍ ନଂ.ST-75 ସ୍ଥାନ ଠାରେ ରୋଡ୍ ଓଭର ବ୍ରିଜ୍ (ROB)କୁ ଅତିକ୍ରମ କରିବା ପାଇଁ ଅନୁଗୁଳ ଠାରୁ ସମ୍ବଲପୁର ସେକ୍ସନ NH-42 ପର୍ଯ୍ୟନ୍ତ 4 ଲେନ୍ (Lanning) ନିମନ୍ତେ ପୁନଃରୁଦ୍ଧାର ଏବଂ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
ଆନୁମାନିକ ମୂଲ୍ୟ (₹):23,94,187.97, EMD (₹): 47,900/- ।
ଶେଷ ହେବା ଅବଧି: 08 ମାସ (କ୍ରମ ସଂ.1 ପାଇଁ ) ଏବଂ 06 ମାସ (କ୍ରମ ସଂ.2 ପାଇଁ ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2023 ରିଖ 1530 ଘଟିକାରେ (କ୍ରମ ସଂ.1 ପାଇଁ ) ଏବଂ ତା.27.09.2023 ରିଖ 1530 ଘଟିକାରେ (କ୍ରମ ସଂ.2 ପାଇଁ ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-559/O/23-24

**UNION BANK EMPLOYEES COOPERATIVE CREDIT SOCIETY (ODISHA) LTD.**
UBECCSOL
(Regd. No.38/1997 RCS)
This is for information of all members that the 27th Annual General Body Meeting of the Society will be held on 01-10-2023 (Sunday) at 10 AM at Institution of Engineers, Sachivalaya Marg, Unit IV, Bhubaneswar. All members are requested to attend.
Balaram Mahanta, Secretary | Satabdi Subhadarsini, Vice President | Saroj Kumar Nayak, President

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIRED**
Required Diploma/IIT (Skilled/Unsklilled) Electronics/Electrical.
Contact with CV on
Mob:9437012345.
INTERVIEW ON MONDAY & THURSDAY

**REQUIREMENTS**
Required for Physiotherapy Department.
Eligibility: ANM (Upto 1 year experience), Salary: 6,000/- (Including room).
Contact: 7008748340 9337019393

See Career Appointment on every Wednesday & Saturday

**URGENTLY REQUIRED**
JP Solutions, CDA-13, Cuttack Urgently Required Loan Recovery agent for Bank. Fresher or experience candidate for all Odisha. Telecaller experience girls. Qualification:10th/ +2
Salary 10000 upto 20000+incentive.
Contact:jpsolutions147@gmail.com
63728 04980, 82804 99801

**WALK-IN-INTERVIEW**
Between- 8.30 A.M. to 9 AM.
From 11.09.2023 to 16.09.2023
**APEX ENGLISH MEDIUM SCHOOL**
Affiliated to CBSE, New Delhi, Laliteswar Nagar, Jajpur
Phone:9437080047, Email:apexjajpur1998@gmail.com
For the Post of TGT : English, Science & S.S.T.
Salary : As per Experience and Efficiency
Sd./- DIRECTOR

ऊर्जा विभाग झारखण्ड सरकार विद्युत कार्यपालक अभियन्ता
विद्युत कार्य प्रमण्डल, इंजीनियरिंग हॉस्टल नं0–2 धुर्वा, रॉंची।
अति अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0– Energy/EWD/Ranchi/40/2023-24 दिनांक– 08/09/2023

| 1. | कार्य का नाम | प्राक्कलित राशि (रूपये में) | परिमाण विपत्र का मूल्य | अग्रधन की राशि | कार्य समाप्ति की अवधि |
|---|---|---|---|---|---|
| I | गुमला एवं लोहरदगा जिला अन्तर्गत अनुसूचित जनजाति आवासीय बालक/बालिका हाई/मध्य विद्यालय, जोभीपाट, चापाटोली, घाघरा, कन्दापाट, सखुआपानी, चौरापाट, डोकापाट, चैनपुर, तुषागॉंव, जेनगुटुवा, किस्को, तुम्पुपाट, बमनडीहा, पेसरार, लोहरदगा एवं आश्रम विद्यालय, सिसई, किस्को के परिसर में 16 मीटर के हाईमास्ट लाईट के अधिष्ठापन का कार्य। | 1,34,54,391=00 | 10,000=00 | 2,70,000=00 | 120 दिन |
| 2. | वेबसाईट पर निविदा प्रकाशन की तिथि | 15.09.2023 | | | |
| 3. | निविदा जमा करने की तिथि | 16.09.2023 के 10.30 बजे अपराह्न से 22.09.2023 के 2.00 बजे अपराह्न तक | | | |
| 4. | निविदा खोलने की तिथि | 23.09.2023 को 3.00 बजे अपराह्न में | | | |
| 5. | निविदा आमंत्रित करने वाले पदाधिकारी का नाम एवं पता | विद्युत कार्यपालक अभियन्ता, विद्युत कार्य प्रमण्डल, रॉंची। | | | |
| 6. | निविदा खोलने वाले पदाधिकारी का नाम एवं पता | मुख्य विद्युत अभियन्ता–सह–मुख्य विद्युत निरीक्षक, ऊर्जा विभाग, झारखण्ड, रॉंची। | | | |
| 7. | ई प्रोक्युरमेन्ट प्रकोष्ट का फोन नं0 | 0651–2490069 | | | |

नोट :– निविदा से संबंधित विस्तृत जानकारी हेतु वेबसाईट http://jharkhandtenders.gov.in मे देखा जा सकता है।
विद्युत कार्यपालक अभियन्ता
विद्युत कार्य प्रमण्डल, रॉंची।
PR 306457 Energy(23-24)D

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ମୁରିବାହାଲ,(ଶ୍ରୀବତ୍ସ ବେହେରା): ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ମୁରିବାହାଲ ନଗର ପରିକ୍ରମା କରି ସାକ୍ଷର ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶୁନିଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିହାରି, ଅତିରିକ୍ତ ତହସିଲଦାର ବିଶ୍ୱମ୍ବର ପଣ୍ଡା, ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଆଲୁମିନି ସଭାପତି ଘନଶ୍ୟାମ ଖମାରି ଯୋଗଦାନ କରିଥିଲେ।

### ସଂକ୍ଷେପରେ

## ଜୁନାଗଡ଼କୁ ଜିଲା, ସଦରମହକୁମା ମାନ୍ୟତା ଦାବି

**ଆଜିଠୁ ଅନିର୍ଦ୍ଦିଷ୍ଟକାଳ ଗଣଧାରଣା**

ଜୁନାଗଡ଼,୮।୯(ସୁନୀଲ କୁମାର ସିଂହ)

କଳାହାଣ୍ଡିର ପୁରାତନ ରାଜଧାନୀ ଜୁନାଗଡକୁ ଜିଲା ଓ ସଦରମହକୁମା ମାନ୍ୟତା ଦାବି ନେଇ ଆସନ୍ତା ୯ ତାରିଖ (ଶନିବାର)ରୁ ସ୍ଥାନୀୟ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣା ଦିଆଯିବ। ଏ ନେଇ ଜୁନାଗଡ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଧର୍ମଗଡ ଉପଜିଲାପାଳ ଓ ଏସ୍‌ଡିପିଓଙ୍କ ଉଦ୍ଦେଶ୍ୟରେ ଜୁନାଗଡ ଥାନାଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ତଥା ସ୍ଥାନୀୟ ନଗରପାଳ ମୁକେଶ ଅଗ୍ରୱାଲ, ଆବାହକ ହିମାଂଶୁ ଶେଖର ବରାଡ, ପ୍ରଭାତ କୁମାର ଦାଶ, କାର୍ଯ୍ୟକାରୀ ସଦସ୍ୟ ଅନୀଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ ଥାନା ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୮।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନାରେ ନୂତନ ଥାନାଧିକାରୀ ଭାବେ ବିଜୟଲକ୍ଷ୍ମୀ ହିକକା ଯୋଗଦେଇଛନ୍ତି। ଥାନାରେ ଯୋଗ ଦେବା ପରେ ଶୁକ୍ରବାର ତାଙ୍କୁ ଲାଞ୍ଜିଗଡ଼ ପ୍ରେସ କ୍ଲବ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକାଙ୍କୁ ସାକ୍ଷାତ କରିବା ସହିତ ଅଞ୍ଚଳର ଆଇନଶୃଙ୍ଖଳାସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଲାଞ୍ଜିଗଡ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ରାୟଗଡା ଜିଲାକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ରାୟଗଡା ଜିଲାରୁ ବିଜୟଲକ୍ଷ୍ମୀ ହିକକା ଥାନାଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି।

## ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ଖଡ଼ିଆଳ,୮।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଭୁଲିଆ ସିକୁଆ ଗ୍ରାମଠାରେ ଭୁଲିଆ ସିକୁଆଁ ମେହେର ସମାଜ ଓ ବି.ଏମ. ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ମିଳିତ ଉଦ୍ୟମରେ କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମେଜର ଡଃ ରାମଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ପ୍ରାଧାପକ ବିଜୟ କୁମାର ବାରିକ, ଭୁଲିଆ ସମାଜ ସଭାପତି ଲିଙ୍ଗରାଜ ମେହେର, ଉପସଭାପତି ହରିହର ମେହେର, ଡୋନର ବିବେକାନନ୍ଦ ମେହେର, ଅଧାପିକା ରଶ୍ମି ରାଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେହେରଙ୍କ ଜୀବନୀ, ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧକ୍ଷ ନାରାୟଣ ସାହୁ ସଭାପତିତ୍ୱ କରିଥିବା ବେଳେ ଅଧାପକ ଦୁଷ୍ମନ୍ତ ମେହେର ସଂଯୋଜନା କରିଥିଲେ। ବହୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇଥିଲେ। କାମଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ

ବେହେରା,୮।୯(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ମଣ୍ଡଳ ପର୍ଲା ପଞ୍ଚାୟତଠାରେ ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବୀ ମା' ଠାକୁରାଣୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲା ଭାଜପା ଉପସଭାପତି ଲକ୍ଷ୍ମୀ କାନ୍ତ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ଶହ ଶହ ଜନସାଧାରଣ ଯୋଗଦେଇ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ପରଲା ମାଟି ଦେବୀ ମନ୍ଦିରରୁ ମାଟି ସଂଗ୍ରହ ଯାଇଥିଲା। ସଂଗୃହିତ ମାଟିକୁ ଦିଲ୍ଲୀର କର୍ତ୍ତବ୍ୟ ପଥ ପଠାଯିବ ଓ ସେଠାରେ ଅନୁଷ୍ଠିତ ହେବାକୁ ଥିବା ଅମୃତ ବାଟିକା କାର୍ଯ୍ୟକ୍ରମରେ ଶହୀଦଙ୍କ ନାମରେ ସମର୍ପିତ କରାଯିବ। ଏହି କର୍ଯ୍ୟକ୍ରମ ସଫଳ ପାଇଁ ସମସ୍ତେ ଏକତ୍ରିତ ହେବା ପାଇଁ ଅଞ୍ଚଳବାସୀଙ୍କୁ ଆହ୍ୱାନ କରିଛନ୍ତି ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ। କାର୍ଯ୍ୟକ୍ରମରେ ଧର୍ମଗଡ଼ ପୂର୍ବତନ ସରପଞ୍ଚ ଜନ୍ମେଜୟ ନାଏକ, ପରାଶର ଭୋଇ, ଶରତ କୁମାର ଦାସ ଗ୍ରାମ ଗୌନ୍ତିଆଙ୍କ ସମେତ ଅନେକ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# ୩ କି.ମି. କାନ୍ଧରେ ବୁହାହେଲେ ରୋଗୀ

■ ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ
■ ବଡ଼ସେମେଲପଦର ଗାଁକୁ ନାହିଁ ରାସ୍ତା

ଲାଞ୍ଜିଗଡ଼,୮।୯(ରମେଶ ଚନ୍ଦ୍ର ନାୟକ)


ରୋଗୀଙ୍କୁ କାନ୍ଧରେ ବୋହି ନିଆଯାଉଛି।

ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଫଳରେ ରୋଗୀଙ୍କୁ ୩ କି.ମି. କାନ୍ଧରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିଲା। ପରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ଏଭଳି ଘଟଣା କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡସେମେଲ ପଦର ଗାଁରେ ଶୁକ୍ରବାର ଦେଖିବାକୁ ମିଳିଛି। ସୂଚନା ଯେ, ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡସେମେଲ ପଦର ଗାଁର ମହେନ୍ଦ୍ର ମାଝି (୨୨)ଙ୍କୁ କିଛି ଦିନ ହେବ ଜ୍ୱର ହୋଇଥିଲା। ଅର୍ଥ ଅଭାବରୁ ଚିକିତ୍ସା ନ ହୋଇ ଘରେ ପଡିରହିଥିଲେ। ୧୦୮ ଆମ୍ବୁଲାନ୍ସକୁ ୨ ଦିନ ଯୋଗାଯୋଗ ପରେ ମଧ୍ୟ ଗାଁକୁ ଆସି ନ ଥିଲା। ପୁଣି ଥରେ ପରିବାର ଲୋକେ ନେହୁରା ହୋଇ ଯୋଗାଯୋଗ କରିବାର ୩ ଦିନ ପରେ ଆମ୍ବୁଲାନ୍ସ ଗାଁକୁ ପହଞ୍ଚିଥିଲା। କିନ୍ତୁ ଯିବା ପାଇଁ ରାସ୍ତା ସୁବିଧା ନ ଥିବାରୁ ଗାଁକୁ ପହଞ୍ଚି ନ ପାରି ଗାଁଠାରୁ ୩ କି.ମ. ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ଫଳରେ ରୋଗୀଙ୍କୁ ପରିବାର ଲୋକେ ୩ କି.ମି. କାନ୍ଧରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ଦେଶ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଅନେକ ଗାଁ ଅଛି ପକା ରାସ୍ତା ତ ଦୂରର କଥା କଚା ମାଟି ରାସ୍ତା ମଧ୍ୟ ହୋଇ ପାରିନି। ଫଳରେ ଅନେକ ସମସ୍ୟା ଦେଇ ଗତି କରୁଥିବା ଚିତ୍ର ସାମ୍ନାକୁ ଆସୁଛି। ବଡସେମେଲ ପଦର ଗାଁକୁ ଏବେ ଯାଏଁ ମାଟି ରାସ୍ତା ନ ଥିବାରୁ ଲୋକେ ଆମ୍ବୁଲାନ୍ସ ସେବାରୁ ମଧ୍ୟ ବଞ୍ଚିତ ରହୁଛନ୍ତି। ଅନେକ ଗରିବ ଶ୍ରେଣୀ ଲୋକଙ୍କ ପାଇଁ ଆମ୍ବୁଲାନ୍ସ ସେବା ବରଦାନ ସ୍ୱରୂପ ପାଲଟି ଥିବା ବେଳେ ରାସ୍ତା ପାଇଁ ଅନେକ ନିରୀହ ଏହି ସେବାରୁ ବଞ୍ଚିତ ରହୁଛନ୍ତି ଓ ଅନେକ ଲୋକଙ୍କ ଜନଜୀବନ ମଧ୍ୟ କ୍ଷତି ଘଟୁଛି। ରାସ୍ତା ପାଇଁ ବାରମ୍ବାର ପ୍ରଶାସନକୁ ଗୁହାରି କଲା ପରେ ମଧ୍ୟ ଏବେ ଯାଏଁ କୌଣସି ଗୁହାରି ଶୁଣୁନାହାନ୍ତି ଜିଲା ବା ବ୍ଲକ ପ୍ରଶାସନ ବୋଲି ଗଣମାଧ୍ୟମ ଆଗରେ ବଡ ସେମେଲ ପଦର ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ବଡସେମେଲ ପଦର ଗାଁକୁ ରାସ୍ତା ଯୋଗାଇ ଦେବାକୁ ବ୍ଲକ ତଥା ଜିଲା ପ୍ରଶାସନକୁ ଗୁହାରି କରୁଛନ୍ତି ଶିବ ମାଝି, ଦୁକୁ ମାଝି, ବୁଡୁ ମାଝି, ରାଜୁ ମାଝି, ବାଛୁ ମାଝି, ତେଲି ମାଝି, ସୁନ୍ଧାରୀ ମାଝି, ଶ୍ରାବଣୀ ମାଝି, ୱାର୍ଡ ମେମ୍ବର ଘାସିରାମ ସମେତ ଗ୍ରାମବାସୀ। ବ୍ଲକ ଓ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଟିପିଡବ୍ଲ୍ୟୁଓଡିଏଲର ଅଭିଯୋଗ ପ୍ରତିବିଧାନ ମଞ୍ଚ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଭବାନୀପାଟଣା,୮।୯ (ଉତ୍ତମ କୁମାର ଦାଶ)

**ଉପକୃତ ହେବେ କଳାହାଣ୍ଡି, ନୂଆପଡା ଜିଲାର ୨ଲକ୍ଷ ୮୦ହଜାର ଉପଭୋକ୍ତା**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ପୁରୁଣାପଡାରେ ଶୁକ୍ରବାର ଟିପିଡବ୍ଲ୍ୟୁଓଡିଏଲର ଅଭିଯୋଗ ପ୍ରତିବିଧାନ ମଞ୍ଚ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଇଆରସି ଅଧକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ଅଭିଯୋଗ ପ୍ରତିବିଧାନ ମଞ୍ଚ ଦ୍ୱାରା କଳାହାଣ୍ଡି ଓ ନୂଆପଡା ଜିଲାର ୨ଲକ୍ଷ ୮୦ହଜାର ଉପଭୋକ୍ତା ଉପକୃତ ହେବ। ପୂର୍ବରୁ ଉପରୋକ୍ତ ଜିଲାର ଉପଭୋକ୍ତାମାନେ କୌଣସି ବିଦ୍ୟୁତ ସମ୍ପନ୍ଧୀୟ ଅଭିଯୋଗ ପାଇଁ ବଲାଙ୍ଗୀରକୁ ଯିବାକୁ ପଡୁଥିଲା। ଏବେ ଭବାନୀପାଟଣାରେ ଅଭିଯୋଗ ପ୍ରତିବିଧାନ ମଞ୍ଚ ହେବା ପରେ ହାତ ପାହାନ୍ତରେ ଏହି ସୁବିଧା ପାଇପାରିବେ। କାର୍ଯ୍ୟକ୍ରମରେ ଓଇଆରସିର ଆଇନ ପରାମର୍ଶଦାତା ଜି.ମହାପାତ୍ର, ସନ୍ତୋଷ କୁମାର ରାୟ ମହାପାତ୍ର, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଂ ଗଜାନନ କାଲେ, ଭବାନୀପାଟଣା ଅଭିଯୋଗ ପ୍ରତିବିଧାନ ମଞ୍ଚ ସଭାପତି ରଞ୍ଜନ କୁମାର ନାୟକ, କଳାହାଣ୍ଡି ଏସ୍‌ଇ ଦେବଦତ୍ତ ସବ୍ୟସାଚୀ ମିଶ୍ର, ପୂର୍ବ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ମାଟି, ପଶ୍ଚିମ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲୋକନାଥ ଦାଶ, ଜନ ସମ୍ପର୍କ ବିଭାଗର ବିଶ୍ୱଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୂଆପଡ଼ା,୮।୯(ମକାରୁ ବେମାଲ)

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଦାବିପତ୍ର**

ନୂଆପଡା ଜିଲାର ବିଭିନ୍ନ କାର୍ଯ୍ୟାଳୟ, ଦପ୍ତରରେ କାମ କରୁଥିବା ଶ୍ରମିକ, କର୍ମଚାରୀ ଓ ଏମଡିଏମ ପାଚିକା ସହାୟିକାମାନଙ୍କ ସମୂହ ଦାବି ଶୀଘ୍ର ପୂରଣ କରିବା ଦାବିରେ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟିକା ସଂଘ ଓ ଓଡିଶା ନିର୍ମାଣ ଶ୍ରମିକ ନୂଆପଡା ମିଳିତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ, ପାଚିକା ସହାୟିକା ଓ କର୍ମଚାରୀମାନେ ଏକତ୍ରିତ ହୋଇ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୨ ତାରିଖ (ମଙ୍ଗଳବାର) ଏହାର ଆଲୋଚନା କରାଯିବ ବୋଲି ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରତିଶ୍ରୁତି ଦେଇଛନ୍ତି। ନିର୍ମାଣ ଶ୍ରମିକମାନଙ୍କ ଗୋଟେ ମାସ ଭିତରେ ପଞ୍ଜୀକରଣ କରିବା, ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦଲାଲଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରିବା, ଏମଡିଏମ ପାଚିକା ସହାୟିକାଙ୍କୁ ସରକାରୀ ମାନ୍ୟତା ଓ ମାସିକ ଭତ୍ତା ପ୍ରତ୍ୟେକ ମାସ ୧୦ ତାରିଖ ସୁଦ୍ଧା ପ୍ରଦାନ, କୃଷକମାନଙ୍କ ଫସଲ ଉତ୍ପାଦନର ସହାୟକ ମୂଲ୍ୟ କୁଇଣ୍ଟାଲ ୩ ହଜାର ଟଙ୍କା କରିବା, କୃଷକମାନଙ୍କୁ ୬୦ ବର୍ଷ ପରେ ୫ ହଜାର ଟଙ୍କା ପେନସନ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ଓଡିଶା ନିର୍ମାଣ ଶ୍ରମିକ ସଂଘ ନୂଆପଡା ସଭାପତି ବଂଶିଧର ପ୍ରଧାନଙ୍କ ସମେତ ପଶ୍ଚିମ ଓଡିଶା ଏଆଇଟିୟୁସି ସମ୍ପାଦକ ନଟୁ ଗୋପାଳ, ଓଡିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଜିଲା ପାଚିକା ସହାୟିକା ସଂଘ ଉପସଭାପତି ପାଣ୍ଡବ ଭୋଇ, ବିକଳା ରାଉତ, ପୂର୍ଣ୍ଣକାନ୍ତି ପ୍ରଧାନ, ରାଜ କୁମାର ରାଉତ, ଯୋଗେଶ ଚନ୍ଦ୍ରକାର, ପୁନିଆ ବାଇ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୁଟିଆ କନ୍ଧ ଉନ୍ନୟନ ସଂସ୍ଥାରେ ସବୁ ପଞ୍ଚାୟତ ସାମିଲ ଦାବି

**କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କଲେ ସରପଞ୍ଚ ସଂଘ କର୍ମକର୍ତ୍ତା**

ଲାଞ୍ଜିଗଡ଼,୮।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା କୁଟିଆ କନ୍ଧ ଆଦିବାସୀ ସମୂହ ତଥା ସେମାନଙ୍କ ବସତି ଅଞ୍ଚଳ ସମେତ ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳକୁ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାରେ ସାମିଲ କରିବା ସହିତ ସେହିସବୁ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ଦାବି କରାଯାଇଛି। ଏହିକ୍ରମରେ ଶୁକ୍ରବାର ଲାଞ୍ଜିଗଡ଼ ବ୍ଲକ ସରପଞ୍ଚ ସଂଘ କର୍ମକର୍ତ୍ତାମାନେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଅବସରରେ ସଂଘ କର୍ମକର୍ତ୍ତା କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। କୁଟିଆକନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରବନ୍ଧକ ଲମ୍ବୋଦର ପ୍ରଧାନ ମଧ ଉପସ୍ଥିତ ଥିଲେ। ସରପଞ୍ଚ ସଂଘ କର୍ମକର୍ତ୍ତା ତଥା ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝି, କାନକୁଟ୍ରୁ ସରପଞ୍ଚ ବନମାଳୀ ମାଝି, ବେନଗାଁ ସରପଞ୍ଚ ପୁରାଣା ମାଝି, ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝି, କମର୍ଦ୍ଧା ସରପଞ୍ଚ ସୁଶୀଳା ନାଏକ, ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ମମତା ଶବର, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝି, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ବାଡେଲିମା ସରପଞ୍ଚ କରୁଣା ମାଝି, ଲାଖବାହାଲି ସରପଞ୍ଚ ପଦ୍ମିନୀ ମାଝିଙ୍କ ସମେତ ଅନ୍ୟ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ସେହିପରି ସରପଞ୍ଚ ସଂଘ କର୍ମକର୍ତ୍ତା ଲାଞ୍ଜିଗଡ଼ ଗସ୍ତରେ ଆସିଥିବା ପିଏ ଆଇଟିଡିଏ ଟୁନୁ ମେହେରଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

# ମିଶନ ଶକ୍ତି କାଫେକୁ ଏନ୍‌ଏସିର ମିଶନ ଶକ୍ତିକୁ ଦିଆଯାଉ



ଦାପିପତ୍ର ପ୍ରଦାନ କରାଯାଉଛି।

ଖଡ଼ିଆଳ,୮।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସହର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ରାଜ୍ୟ ସରକାର ମିଶନ ଶକ୍ତି ସଙ୍ଗଠନ ମହିଳାଙ୍କ ପାଇଁ ଏକ କାଫେ ନିର୍ମାଣ କରାଯାଇଛି। ଗତ ୨ ତାରିଖରେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଓ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଏହି କାଫେକୁ ବ୍ଲକ ମହିଳା ମିଶନ ଶକ୍ତି ସଙ୍ଗଠନକୁ ଚଳାଇବା ପାଇଁ ପ୍ରଦାନ କରାଯାଇଛି। କିନ୍ତୁ ଖଡ଼ିଆଳ ଏନଏସି ପରିସରରେ କାଫେ ତିଆରି ହୋଇଥିବାରୁ ଏନଏସି ମହିଳା ମିଶନ ଶକ୍ତି ସଙ୍ଗଠନକୁ ପ୍ରଦାନ କରିବା ଦାବିରେ ଏନ୍‌ଏସିର ଶତାଧିକ ମହିଳା ଖଡ଼ିଆଳ ସହର ପରିକ୍ରମା ପରେ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓ ବିରସେନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ ପ୍ରଶାସନ ଯଦି ଏଥିପ୍ରତି ଅତିଶୀଘ୍ର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବା ସହିତ ରାସ୍ତା ଅବରୋଧ କରି ଅଖଚଖ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ରାଲିରେ ଏନଏସି ମହିଳା ଶକ୍ତି ମିଶନ ସଙ୍ଗଠନ ସଭାପତି ତୃପ୍ତିରାଣୀ ସିଂ ଲାଲ , ସମ୍ପାଦିକା ମାନିନୀ ଦୁବେ, ରାଜ ଦୁଲାଳି ଭୋଇ, ଶାନ୍ତନୁ ।ଲା ବେହେରା, ସ୍ମିତା ରାଣୀ ବେହେରା, କନକ ଲତା ଦାଶ, ଗୀତା ପଣ୍ଡା, ଏନଏସି ଭାଇସ ଚେରମେନ ଶକୁନ୍ତଳା ରାଉତ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ବିସ୍ଥାପିତ ଜନସଚେତନ ମଞ୍ଚ ପକ୍ଷରୁ ଲୋୟର ଇନ୍ଦ୍ର କାର୍ଯ୍ୟାଳୟ ଘେରାଉ

ଖଡ଼ିଆଳ,୮।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ବିସ୍ଥାପିତମାନେ ବିସ୍ଥାପିତ ଜନସଚେତନ ମଞ୍ଚ କୋନାବିରାଙ୍କ ନେତତୃତ୍ୱରେ କଟଅଫ ତାରିଖ ବୃଦ୍ଧି ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ୧୦ଟି ସମ୍ପୂର୍ଣ୍ଣ ବୁଡି ଗ୍ରାମ ଓ ୨୦ଟି ଆଂଶିକ ବୁଡିଗ୍ରାମ ମୋଟ ୩୦ଟି ବିସ୍ଥାପିତମାନେ ବକେୟା ଥଇଥାନ ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ସେହିପରି କଟଅପ ଡେଟକୁ ଘୁଞ୍ଚାଇବା ଦାବିରେ ଶୁକ୍ରବାର ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଜନ ସଚେତନ ମଞ୍ଚ କୋନାବିରାଙ୍କ ନେତତୃତ୍ୱରେ ୩୦ ଖଣ୍ଡ ଗାଁର ବିସ୍ଥାପିତମାନେ ଖଡିଆଳଠାରେ ଏକ ବିରାଟ ଶୋଭାଯାତ୍ରାରେ ଆସି ଲୋୟରଇନ୍ଦ୍ର କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। ଆନ୍ଦୋଳନକାରୀମାନେ ରାଜ୍ୟ ସରକାରଙ୍କୁ ଯେଉଁ ନିର୍ଦ୍ଧାରଣ କରିଥିବା ୧।୧।୨୦୧୪ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଉଦଘାଟନ ଦିନକୁ ୨୧।୧।୨୦୨୧କୁ କଟଅଫ ତାରିଖ ନିର୍ଦ୍ଧାରଣ କରିବା ପାଇଁ ଦାବି କରିଛନ୍ତି। ପୂର୍ବରୁ ନିର୍ଦ୍ଧାରିତ କଟଅପ ତାରିଖରେ ଅନେକ ଯୁବକ ଯୁବତୀ ଥଇଥାନ ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ବକେୟା ଥଇଥାନ ରାଶି ପାଇବାରୁ ଅନେକ ବୁଡି ଅଞ୍ଚଳର ଲୋକେ ବଞ୍ଚିତ ହୋଇଥିବା ଦାବି କରିଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ନୂଆପଡ଼ା,୮।୯(ମକାରୁ ବେମାଲ)

ନୂଆପଡା ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ମଞ୍ଚ ପକ୍ଷରୁ ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଅବରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ସଦର ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟଅତିଥି, ଚୁଲାଭାଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା ସମ୍ମାନିତ ଭାବେ ଯୋଗଦେଇ ମଣିଷ କରି ଗଢି ତୋଳୁଥିବା ଶିକ୍ଷକଙ୍କ ଅବଦାନ ଚିରସ୍ମରଣ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ୨୦୨୨ରୁ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ଅବସର ଗ୍ରହଣ କରିଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ ଯାଇଥିଲା। ସେମାନେ ହେଲେ ଅଜିତ କୁମାର ସିଂ, ମୋହନ ଲାଲ ଚନ୍ଦ୍ରକାର, ପରମାନନ୍ଦ ସାହୁ, ମାନିକ ଲାଲ ସାହୁ, ଶୁକ୍ର ଚନ୍ଦ୍ର ବାଗ, ପୁରନ୍ଦର ପଣ୍ଡା, ଭାନୁ ପ୍ରତାପ ଦେବାଙ୍ଗନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଉମାକାନ୍ତ ମହକା ଓ ମଧୁସୁଦନ ପାଣ୍ଡାଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ମାନପତ୍ର ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଧେଶ୍ୟାମ ସାହା ମଞ୍ଚ ପରିଚାଳନା କରିଥିବା ବେଳେ ନବୀନ କୁମାର ଦଣ୍ଡସେନା ଅନ୍ୟବାଦ ଅର୍ପଣ କରିଥିଲେ।


ଅବସର ଗ୍ରହଣ କରିଥିବା ଶିକ୍ଷକବୃନ୍ଦ।

# ପୂର୍ବ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ଖାରଜ

ନୂଆପଡ଼ା/ସିନାପାଲି,୮।୯(ମକାରୁ ବେମାଲ/ମନଫୁଲ ମେହେର

**ପୁଣି ଜିଲାପାଳଙ୍କ ସ୍ଥାନ ପରିଦର୍ଶନ ନେଇ ଚର୍ଚ୍ଚା**



ଜିଲାପାଳ ଅନୁଧାନ କରୁଛନ୍ତି।

ନୂଆପଡା ଜିଲା ସିନାପାଲି ବ୍ଲକରେ ବହୁ ପ୍ରତୀକ୍ଷିତ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ସରଜମିନ ତଦନ୍ତ ଚାଲିଛି। ହେଲେ ବସଷ୍ଟାଣ୍ଡ ନିର୍ମାଣରେ ଅହେତୁକ ବିଳମ୍ବ ହେବା ନେଇ ସିନାପାଲି ଅଞ୍ଚଳ ଜନସଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ସିନାପାଲି ସହରରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅଞ୍ଚଳର ଜନସଧାରଣ ବହୁବାର ଦାବି ଜଣାଇଛନ୍ତି। ଦାବି ଯଥାର୍ଥ ମନେ କରି ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ତଦନ୍ତ କରି ଫେରିଯାଇଛନ୍ତି। ସେହି ସମୟରେ ସିନାପାଲି ସହରର କିଛି ନେତୃବର୍ଗ ଦାବି ଉପସ୍ଥାପନା କରିଥିବା ଜାଗା ଉପରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଉପଯୁକ୍ତ ଜାଗା ନୁହେଁ ବୋଲି ଘୋଷଣା କରିଥିଲେ। ହେଲେ କିଛିଦିନ ତଳେ ସରପଞ୍ଚ ସଂଘ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସରକାରୀ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବି ନେଇ ଜିଲାପାଳ ହେମକାନ୍ତ ସାଏ ଜିଲା ପରିବହନ ଅଧିକାରୀ ପ୍ରଜ୍ଞା ପାରମିତା ଭୋଳ ଓ ସ୍ଥାନୀୟ ତହସିଲଦାରଙ୍କୁ ସରଜମିନ ତଦନ୍ତ କରି ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶୁକ୍ରବାର ନୂଆପଡା ଜିଲାପାଳ ସାଏ ସିନାପାଲି ଆସି ପୂର୍ବରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅଯୋଗ୍ୟ ଘୋଷିତ ଜାଗାକୁ ପୁଣିଥରେ ତଦନ୍ତ କରିଥିଲେ। ଏହାକୁ ନେଇ ସିନାପାଲି ଅଞ୍ଚଳ ବୁଦ୍ଧିଜୀବୀ ମହଲରେ ତୀବ୍ର ସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯୋଗ୍ୟ ଯେ, ଦୀର୍ଘବର୍ଷ ପୂର୍ବରୁ ସିନାପାଲିରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସହରର କିଛି ସ୍ଥାନକୁ ଅଞ୍ଚଳର ଜନସଧାରଣ ଗୁରୁତ୍ୱ ମନେକରି ସ୍ଥାନ ନିରୂପଣ କରିଥିଲେ। ହେଲେ ଦାବି କରିଥିବା ଜମି ଉପରେ ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଏହି ସ୍ଥାନ ଉପଯୁକ୍ତ ନୁହେଁ ବୋଲି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ହେଲେ ପୂର୍ବ ପ୍ରସ୍ତାବିତ ସ୍ଥାନରେ ଜିଲାପାଳ କିଭଳି ପୁଣି ଥରେ ତଦନ୍ତ କରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରୁଛନ୍ତି ତାକୁ ନେଇ ସିନାପାଲି ଅଞ୍ଚଳରେ ଭିନ୍ନ ଏକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ତତ୍‌କଳିନ ଜିଲାପାଳ ତଦନ୍ତ କରି ଅନୁପଯୁକ୍ତ ଜାଗା ବୋଲି ବସଷ୍ଟାଣ୍ଡ ନିର୍ମାଣ ହୋଇପାରି ନ ଥିଲା। ଜିଲା ପ୍ରଶାସନ ଏ ଦିଗରେ ବିଚାର କରି ଉପଯୁକ୍ତ ସ୍ଥାନରରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରୁଛନ୍ତି।

# ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ

## ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ

■ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ବିରୋଧ

■ ଖଇରମାଳ, ଗୋଧନେଶ୍ୱର ପ୍ରକଳ୍ପ ପାଇଁ ସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିମଳେନ୍ଦୁ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଠେଲା ନିଜ ଅଭିଭାଷଣରେ ଜିଲାର ବିକାଶ ପାଇଁ ସମସ୍ତ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମେହେର ଗତ ମେ ୨୪ ତାରିଖରେ ଅନୁଷ୍ଠିତ ପରିଷଦ ବୈଠକର ବିବରଣୀ ପଠନ କରିଥିଲେ। ଆଲୋଚନା ପରେ ଗତ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଯୋଗଦାନ କରି ଜିଲାର ବିକାଶ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଏ ଦିଗରେ ଯତ୍ନବାନ ହେବା ସହ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟ ସମ୍ପର୍କିତ ଆଲୋଚନାରେ ମନ୍ତ୍ରୀ ପୂଜାରୀ ଅଂଶଗ୍ରହଣ କରି କହିଥିଲେ ଯେ, ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ମେଗା ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅତି ଧିମା ଗତିରେ ଚାଲିଛି। ଜଳ ଜୀବନ ମିଶନ ଅଧୀନରେ ୧୯୯ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ ୨୦୧୯ ମସିହାରୁ ଆରମ୍ଭ ହୋଇଛି। ଚୁକ୍ତିନାମା ଅନୁଯାୟୀ କାମ କରାଯାଉନି। ଠିକା ସଂସ୍ଥା କାମ ଅବଧି ବଢ଼ାଇ ଚାଲିଛନ୍ତି। ଯେପରି ଢଙ୍ଗରେ କାମ ଚାଲିଛି, ଆସନ୍ତା ଡିସେମ୍ବର ମାସ ସୁଦ୍ଧା କାମ ସରିବା ନେଇ ମନ୍ତ୍ରୀ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପାଇପ ବିଛା ଓ ଓଭର ହେଡ୍ ଟାଙ୍କି କାମ ନିମ୍ନମାନର ହେଉଛି। ଯେତିକି କାମ ହୋଇନି ଠିକା ସଂସ୍ଥାକୁ ତା ଠୁ ଅଧିକ ବିଲ୍ ପ୍ରଦାନ କରାଯାଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସରକାରଙ୍କୁ ଚିଠି ଲେଖିବା ସକାଶେ ବୈଠକରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଗୁରୁତର ଥିବା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜିଲାର ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ନେଇ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବିଭାଗର ଟ୍ରାନ୍ସଫର୍ମରଗୁଡିକ ମୁକୁଳା ପଡିଥିବା ବେଳେ ସେଗୁଡିକୁ ଆବଦ୍ଧ କରାଯାଉନି। ଗତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ ଟାଟା ପାୱାର କୌଣସି ପଦକ୍ଷେପ ନେଇ ନ ଥିବା ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା ଅଭିଯୋଗ କରିଥିଲେ। ଏହି ଅବସରରେ ମହାନଦୀର ଖଇରମାଳ ଓ ଗୋଧନେଶ୍ୱର ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅନୁମୋଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ ଦ୍ୱାରା ଶିକ୍ଷକ ନିଯୁକ୍ତି, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା, କୋଠାବାଡି ଓ ପୋଲ ନିର୍ମାଣ, କୃଷି ବିଭାଗ, ବନ ବିଭାଗ ଦ୍ୱାରା ସାମାଜିକ ବନୀକରଣ ଓ ପଥପାର୍ଶ୍ୱ ବନୀକରଣ, ତେଲ ଜଳସେଚନ, ମେଗା ଉଠା ଜଳସେଚନ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ଏମଜିଏନଆରଇଜିଏସ୍, ସ୍ୱଚ୍ଛ ଭାରତ ମିଶନ, ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ ସମ୍ପର୍କରେ ମୁଖ୍ୟ ଉନ୍ନୟନ ଅଧିକାରୀ ମେହେର ଆଲୋଚନା କରିଥିଲେ। ଏହି ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ପଞ୍ଚଦଶ ଅର୍ଥ କମିଶନ ଦ୍ୱାରା ଜିଲା ପଞ୍ଚାୟତ ଉନ୍ନୟନ ଯୋଜନା ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ନିମନ୍ତେ ଗୃହରେ ଉପସ୍ଥାପନ କରାଯାଇଥିଲା। ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ସମସ୍ତ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟା ସଭ୍ୟ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସନତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।




ଜିଲା ପରିଷଦ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ଗଙ୍ଗାଧର ସାହିତ୍ୟରେ ରହିଛି ପ୍ରକୃତିର ପ୍ରତିଛବି



ସୁବଳୟା କଲେଜରେ ଅନୁଷ୍ଠିତ ଗଙ୍ଗାଧର ଜୟନ୍ତୀ ସମାରୋହରେ ଅତିଥିମାନେ।

## ସୁବଳୟା କଲେଜରେ ଗଙ୍ଗାଧର ଜୟନ୍ତୀ ପାଳିତ

ଅମରପାଲି,୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ତରଭା ଏଇଏସ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସେ ଗଙ୍ଗାଧର ମେହେରଙ୍କ ସାହିତ୍ୟ ସମ୍ଭାର ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ରମାକାନ୍ତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକୃତିର ସୌନ୍ଦର୍ଯ୍ୟ ନିଖୁଣ ଭାବେ ବର୍ଣ୍ଣିତ ହୋଇଥିବା ବେଳେ ସେ ପ୍ରକୃତିର ଉପାସକ ଥିଲେ। ତେଣୁ ଗଙ୍ଗାଧର ସାହିତ୍ୟରେ ପ୍ରକୃତିର ପ୍ରତିଛବି ଦେଖିବାକୁ ମିଳେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେହିପରି ଦ୍ୱିତୀୟ ବର୍ଷର ଛାତ୍ରୀମାନେ ଗଙ୍ଗାଧର କବିତା ଆବୃତ୍ତି କରିଥିଲେ। ପ୍ରାଧ୍ୟାପକ ରମାକାନ୍ତ ପୁରୋହିତ ଓ ଓଡ଼ିଆ ବିଭାଗର ଅଧ୍ୟାପିକା ମାନିନୀ ପଧାନ ଗଙ୍ଗାଧରଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ଦେବାଶିଷ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ନଦା ମିଶ୍ର, ଚୁନା ମେହେର, ଦିଲୀପ କୁମାର ମେହେର, ସୁରେନ୍ଦ୍ର କୁମାର ସାହୁ, ଶମ୍ଭୁ ପ୍ରସାଦ ସାହୁ, ଗୋପାଳ ଭୋଇ, ହରିହର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମାନିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ପୋଢ଼, କିଶୋର ମେହେର, ସତ୍ୟବାନ ମହାକୁର, ଜିତେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜନ୍ମ ଦିନରେ ଶରୀର ଦାନ ପାଇଁ ନିଷ୍ପତ୍ତି

ତରଭା,୮।୯(ମାନଭଞ୍ଜନ ମିଶ୍ର)

ଜନ୍ମଦିନ ଅବସରରେ ନିଜର ଶରୀର ଦାନ ଓ ରକ୍ତ ଦାନ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ (ବେଲମୁଣ୍ଡା) ଗ୍ରାମର ସୁଶାନ୍ତ କୁମାର ମଲ୍ଲିକ । ସେ କୃଷି ବିଭାଗରେ ଚାକିରି କରନ୍ତି। ଯୁବ ସାମାଜିକ କର୍ମୀ ଅଜୟ କୁମାର ନାଗଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ମର ଶରୀରକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ଦାନ କରିବାକୁ ମନସ୍ଥ କରିଥିବା କହିଛନ୍ତି। ସେ ଭୀମଭୋଇ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦିବ୍ୟା ବାରାଙ୍କ ନିକଟରେ ଶରୀର ଦାନ ଆବେଦନପତ୍ର ପୂରଣ କରି ସତ୍ୟପାଠ ଦାଖଲ କରିଥିଲେ। ସେ କହିଥିଲେ, ନିଜ ମରଶରୀର ଡାକ୍ତରୀ ବିଦ୍ୟା ଅଧ୍ୟୟନ କାମରେ ଲାଗିପାରିଲେ ଜୀବନ ସାର୍ଥକ ହୋଇପାରିବ। ଏହି ଅବସରରେ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲରେ ଜଣେ ଗର୍ଭବତୀ ମହିଳାଙ୍କୁ ଜରୁରୀ ପରିସ୍ଥିତିରେ ରକ୍ତଦାନ କରିଥିଲେ। ଏହି ମହତ କାର୍ଯ୍ୟରେ ସୁଶାନ୍ତଙ୍କ ସ୍ତ୍ରୀ ରଶ୍ମିତା କୁମ୍ଭାର, ବିପିନ ବିହାରୀ ବାରିକ, ସାମାଜିକ କର୍ମୀ ଦେବରାଜ ମହାନନ୍ଦ, ମେଡିକାଲ କର୍ତ୍ତୃପକ୍ଷ ଶ୍ରୀକାନ୍ତ ତ୍ରିପାଠୀ ଓ ଉତ୍ତମ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

### ଗଞ୍ଜେଇ ମାମଲାର ଫେରାର ଅଭିଯୁକ୍ତ ଗିରଫ

ଘଣ୍ଟାପଡ଼ା,୮।୯( ପ୍ରଭାତ କୁମାର ସାହୁ)

ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀମାନେ ଘଣ୍ଟାପଡ଼ା ଥାନା ମସିଣାଗୋରା ନିକଟରୁ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ମସିଣାଗୋରା ଗ୍ରାମର ଦେବାର୍ଚ୍ଚନ ସାହୁ (୪୨)। ସେ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ଶୁକ୍ରବାର ଅବକାରୀ ବିଭାଗର ଏକ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାଙ୍କ ଗ୍ରାମରେ ଚଢ଼ାଉ କରି ଧରିଥିଲେ ସୂଚନାଯୋଗ୍ୟ, ଗତ ମେ ମାସ ୧୦ତାରିଖରେ ଅବକାରୀ ବିଭାଗ କର୍ମଚାରୀମାନେ ଏକ ବୋଲେରୋ ପିକ୍‌ଅପ୍( ନଂ ଓଆର୍ ୧୫କେ ୫୪୨୪)ରେ ଗଞ୍ଜେଇ ଚୋରା ଚାଲାଣ କରାଯିବା ବେଳେ ଧରିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି ଗାଡ଼ି ଛାଡ଼ି ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ପରେ ବିଭାଗୀୟ କର୍ମଚାରୀମାନେ ବୋଲେରୋ ଗାଡ଼ି ସହ ୪ କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୨୩/୨୦୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତ ଦେବାର୍ଚ୍ଚନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ଜଣା ପଡ଼ିଛି।

# ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

## ବାଘ ଛାଲ ଚୋରା ଚାଲାଣ ମାମଲା

କନ୍ଧମାଳ,୮।୯( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସତ୍ୟ ନାରାୟଣ ଦାସ ଏକ ବାଘ ଛାଲ ଚୋରା ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୦୨୧ ମସିହା ଏପ୍ରିଲ ମାସରେ ମନମୁଣ୍ଡା- କନ୍ଧମାଳ ରାସ୍ତାର ଜାଲପାଲି ଛକଠାରେ ଏକ ବାଘ ଛାଲ ଚୋରା ଚାଲାଣ ହେଉଥିବା ଖବର ପାଇ ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମନମୁଣ୍ଡା ଥାନା ବାଦଲଗୁଡା ଗ୍ରାମର ମହେନ୍ଦ୍ର ଭୋଇନା ଏକ ବାଘ ଛାଲ ଧରି ରାସ୍ତାକଡରେ ଠିଆ ହୋଇଥିବା ବେଳେ ଏସଟିଏଫ କର୍ମଚାରୀ ଚଢ଼ାଉ କରି ତାଙ୍କ ପାଖରୁ ବାଘ ଛାଲ ଜବତ କରିଥିଲେ। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ଏକ ମାମଲା ରୁଜୁ କରାଯାଇ ବିଚାର ପାଇଁ କୋର୍ଟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଏସ୍‌ଟିଏଫ ପକ୍ଷରୁ ବାଘ ଛାଲକୁ ପରୀକ୍ଷା ପାଇଁ ଡେରାଡୁନ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ମାମଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶଙ୍କ ଅଦାଲତରେ ସିଟି ନଂ.୮୮/୨୧ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୭ ଜଣ ସାକ୍ଷୀଙ୍କ ବୟାନ ଓ ବାଘ ଛାଲ ପରୀକ୍ଷାକୁ ନେଇ ପ୍ରମାଣ ଥିବାରୁ ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଦଣ୍ଡାଧୀଶ ୩ ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ ହେଲେ ଆଉ ଅଧିକ ୬ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସାଇରଞ୍ଜନ ମହାନନ୍ଦିଆ ପରିଚାଳନା କରୁଥିଲେ।

# ବେକରୁ ଝାମ୍ପି ନେଲେ ସୁନା ଚେନ

ବୌଦ୍ଧ,୮।୯(ଅଜିତ କୁମାର ବାରିକ)

ବୌଦ୍ଧ ସହରରେ ଚେନ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ସାନ୍ଧ୍ୟ ଭ୍ରମଣରେ ବାହାରିଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବାବୁସାହିର ବିଜୟା ପ୍ରଧାନ ସବୁଦିନ ଭଳି ଗୁରୁବାର ସାନ୍ଧ୍ୟ ଭ୍ରମଣରେ ବାହାରିଥିଲେ। ରାଜନପାଲି ପୋଲରୁ ଖଲିଆବଗିଚା ପେଟ୍ରୋଲ ପମ୍ପ ମଧ୍ୟରେ ଜଣେ ଦୁର୍ବୃତ୍ତ ହଠାତ୍ ବିଜୟାଙ୍କ ସାମ୍ନାକୁ ଆସି ତାଙ୍କ ବେକରୁ ୨୨ ଗ୍ରାମ ଓଜନର ସୁନା ଚେନ ଝାମ୍ପି ନେଇଥିଲା । ପରେ ଦୁର୍ବୃତ୍ତ ଜଣକ ବାଇକ୍‌ରେ ଅପେକ୍ଷାରତ ଅନ୍ୟ ଜଣେ ଲୁଟେରା ସହ ଫେରାର ହୋଇ ଯାଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଆର୍‌ଏମ୍‌ସିରେ କୃଷକ ମେଳା

## ମୃତ୍ତିକା ସୁରକ୍ଷା ପାଇଁ ପ୍ରୟାସ ହେବା ଜରୁରୀ

ଅମରପାଲି,୮।୯ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ଜିଲା ତରଫରୁ ବଡଖମାରଠାରେ ଥିବା ଆରଏମସି ମଣ୍ଡି ପରିସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ନେଇ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୃତ୍ତିକା ପରୀକ୍ଷଣ ଅଧିକାରୀ ଅମରେଶ ରାଉତରାୟ ଯୋଗଦେଇ ମୃତ୍ତିକା ପରୀକ୍ଷାର ଆବଶ୍ୟକତା ଏବଂ ମୃତ୍ତିକା ପରୀକ୍ଷା କରି ଚାଷ କଲେ କିଭଳି ଲାଭବାନ ହେବେ ସେନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷି ସ୍କିମ ଅଧିକାରୀ ସ୍ୱସ୍ତିକ ହୋତା ଓ ଶୁଭଲକ୍ଷ୍ମୀ ସାହୁ ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ସରକାରଙ୍କ ଦ୍ୱାରା କୃଷକମାନଙ୍କ ପାଇଁ ଥିବା ଯୋଜନା ବିଷୟରେ ସୂଚନା ଦେଇଥିଲେ। ବୀରମହାରାଜପୁର ବ୍ଲକ କୃଷି ବୈଷୟିକ ଅଧିକାରୀ ଜିତେନ୍ଦ୍ର ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ବୈଷୟିକ ଅଧିକାରୀ ମୀନକେତନ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ ମକରଧ୍ୱଜ ପଟେଲଙ୍କ ସହିତ ବ୍ଲକ କୃଷକ ଉପଦେଷ୍ଟା କମିଟି ସଭାପତି ବିବସ୍ୱତୀ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ ୧ ଜିଲା ପରିଷଦ ସଭ୍ୟ ତଥା ବ୍ଲକ କୃଷକ ଉପଦେଷ୍ଟା କମିଟି ସଭ୍ୟ ଲବକୁମାର ସାହୁ ଯୋଗଦେଇ କୃଷକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଡିପିସି ବିଶ୍ୱନାଥ ପରିଡା, ବିପିସି ଶାନ୍ତନୁ ମେହେର, ବିପିଏମ ମନୋଜ ବାଗଙ୍କ ସହିତ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକା ଗୋଷ୍ଠୀର ସଦସ୍ୟା ଓ ଅଞ୍ଚଳର କୃଷକମାନେ ଉପସ୍ଥିତ ଥିଲେ।



ବଡ଼ଖମାରରେ ଅନୁଷ୍ଠିତ କୃଷକ ମେଳାରେ ମଞ୍ଚାସୀନ ଅତିଥି ଓ ଅଧିକାରୀ।

# ଛାତ୍ରୀଛାତ୍ରଙ୍କ ବୈଠକ

ବିନିକା,୮।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ପାପକ୍ଷୟ ଘାଟଠାରେ ଗୁରୁବାର ଏନଏସୟୁଆଇ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଛାତ୍ର କଂଗ୍ରେସ କାର୍ଯ୍ୟକାରୀ ସଭାପତି ଟିକୁ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ବିଭିନ୍ନ ସ୍ଥାନର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବୈଠକରେ ୩ ପ୍ରମୁଖ ଦାବି ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୧ ତାରିଖରେ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଛାତ୍ରୀଛାତ୍ରମାନେ ଦେଇଥିବା ପରୀକ୍ଷାର ମୂଲ୍ୟାଙ୍କନ ଠିକ ଭାବରେ କରିବା, କେବଳ ଇଂରାଜୀରେ ପ୍ରଶ୍ନପତ୍ର ନ ଦେଇ ଓଡ଼ିଆରେ ଦେବା, ସେମିଷ୍ଟାର ପରୀକ୍ଷାର ରେଜଲ୍ଟ ନିର୍ଦ୍ଧାରିତ ସମୟରେ ପ୍ରକାଶ ଆଦି ଦାବି ରହିଛି ।

# ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ପ୍ରଶିକ୍ଷଣ ଶିବିରରେ ଅତିଥି।

ବୌଦ୍ଧ,୮।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ବଡବନ୍ଧଠାରେ ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ତଥା ଶିଶୁ ଅଧିକାର ଓ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଓ ହରଭଙ୍ଗା ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ, ଅଧୀକ୍ଷକ, ସେବିକା, ମେଟ୍ରନ, ସିସିଏମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ଘାସିରାମ ପଣ୍ଡା, ରାଜ୍ୟ ସଂଯୋଜକ, ଏକ୍ସନ.ଏଡ ଭୁବନେଶ୍ୱର ଯୋଗଦେଇ କିଶୋର ନ୍ୟାୟ ଅଧିନିୟମ, ଶିଶୁ ଅଧିକାର, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା ଆଇନର ସାମାଜିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ କମିଟି ଗଠନ କରି ଆବଶ୍ୟକ ପଦକ୍ଷେପ ନେବା ଲାଗି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଧୀକ୍ଷକ, ମେଟ୍ରନ, ସିସିଏମାନଙ୍କୁ ବିଦ୍ୟାଳୟର ନିୟମାବଳୀ, ଛାତ୍ରୀଛାତ୍ରଙ୍କ ନିରାପତ୍ତା ତଥା ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ଅସୁବିଧା ଜଣାଇବା ପାଇଁ ପରାମର୍ଶ ଦେଇଥିଲେ । ବଡବନ୍ଧ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରନ ସାହୁ ଯୋଗଦେଇ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଖୁସି ବ୍ୟକ୍ତ କରିବା ସହ ସମସ୍ତେ ସହୃଦୟତାର ସହିତ ଛାତ୍ରୀଛାତ୍ରମାନଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ଦେ, ଜିଲା ସଂଯୋଜିକା, ଏକ୍ସନ.ଏଡ ପ୍ରବିଜ୍ଞା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହରଭଙ୍ଗା ଓ ବୌଦ୍ଧ ବ୍ଲକର ୧୫ଟି ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ଓ ଶିଶୁଯତ୍ନ ଅନୁଷ୍ଠାନରର ୭୦ ଜଣ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ। ପରାମର୍ଶଦାତା ବସନ୍ତ ଦିଶିରି ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟରୁ ଚିତ୍ରସେନ ସାହୁ , ରଞ୍ଜିତ ସାହୁ ଓ ବଡବନ୍ଧ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା

ବୌଦ୍ଧ,୮।୯(ଅଜିତ କୁମାର ବାରିକ)

ଶୁକ୍ରବାର ବୌଦ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ମୂଳବେତନ ଲେବୁଲ-୯ ଗ୍ରେଡପେ ୪୨ ଶହ ଅନୁଯାୟୀ ପ୍ରଦାନ କରିବା, ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନକୁ ପୁନଃ ପ୍ରଚଳନ ଦାବିରେ ଗଣଧାରଣା ଦିଆଯାଇଥିଲା। ଏହାସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାପଡିଛି । ଶମ୍ଭୁ ଗିରି, ରଶ୍ମି ରଞ୍ଜନ ଦାସ, ଉତ୍ତମ ନାୟକ,ରଞ୍ଜିତା ମିଶ୍ର, ସୁଶାନ୍ତ ଅମାତ, ଅଶୋକ ଘିବେଲା, ସନ୍ତୋଷ ଶତପଥୀଙ୍କ ସମେତ ସମସ୍ତ ଶିକ୍ଷକ ଧାରଣା ଦେଇଥିଲେ ।



ବୌଦ୍ଧ ବିଇଓ ଅଫିସ ଆଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣଧାରଣା।

# ବିଭିନ୍ନ ପ୍ରସଙ୍ଗ ନେଇ ଅଧିକାରୀଙ୍କ ଉପରେ ବର୍ଷିଲେ ନେତା

## ଜିଲା ପରିଷଦ ବୈଠକ

ବୌଦ୍ଧ,୮।୯(ଅଜିତ କୁମାର ବାରିକ)

ଶୁକ୍ରବାର ଦିନ ବୌଦ୍ଧ ଜିଲା ପରିଷଦ ବୈଠକ ପଞ୍ଚାୟତ ଭବନଠାରେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ ଓ ପରିବେଶ, ପାନୀୟଜଳ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, କନ୍ଧମାଳ ବିଧାୟକ ମହୀଧର ରଣା ଓ ଜିଲା ପରିଷଦର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ବୈଠକ ପରିଚାଳନା କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟାସଭ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ଜିଲାସ୍ତରୀୟ ଅଧିକାରୀଙ୍କ ଉପରେ ବର୍ଷିଥିବା ଦେଖିବାକୁ ମିଳିଥିଲା। ବୈଠକ ପୂର୍ବରୁ ଆଲୋଚନା ଉପରେ କୌଣସି ସୂଚନା ଦିଆଯାଉ ନ ଥିବାରୁ ଏମ୍‌ପି ସାମନ୍ତ କ୍ଷୋଭ ପ୍ରକାଶ କରିଥିଲେ ଓ ବୈଠକର ବହୁ ପୂର୍ବରୁ ଆଲୋଚନା ଉପରେ ସୂଚନା ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ବର୍ତ୍ତମାନ ଜିଲାରେ ପାନୀୟ ଜଳ ନେଇ ବହୁ ସମସ୍ୟା ଥିବା ଜିଲାପରିଷଦ ସଭ୍ୟାସଭ୍ୟ ମାନେ ଅଭିଯୋଗ କରିଥିଲେ। ଜିଲାରେ ପାନୀୟଜଳ ଯୋଗାଣ ଉପରେ ସମସ୍ତ ତଥ୍ୟ ଦେବାକୁ କହିଥିଲେ । କିନ୍ତୁ କୌଣସି ଅଧିକାରୀ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ବୈଠକରେ ନେତାମାନେ ବର୍ଷିଥିଲେ । ଅଧିକାରୀମାନେ ନୂଆ ଥିବାରୁ ଏନେଇ ସୁଚନା ଦେଇପାରି ନ ଥିବା କହିଥିଲେ। ପୂର୍ବରୁ କନ୍ଧମାଳ ବ୍ଲକରେ ଜଳଛାୟା ପ୍ରକଳ୍ପ ଦ୍ୱାରା ବିଭିନ୍ନ କାର୍ଯ୍ୟର ଅନିୟମିତତା ହୋଇଥିବା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏନେଇ ସଭ୍ୟାସଭ୍ୟ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ସଭ୍ୟାସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଜିଲାପାଳ ସ୍ୱାଇଁ ଓ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ ୭ ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାସହ ବୈଠକରେ ଏମଜିଏନଆରଇଜିଏସ ଯୋଜନା, କୃଷିକ୍ଷେତ୍ର, ପୋଖରୀ ଖନନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜିଲା ପରିଷଦ ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଭାରିଯାନ ଧକ୍କାରେ ଜଣେ ମୃତ

ବଡ଼ଗାଁ, ୮।୯ ( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ଗାଁ ନିକଟ ରାଜ୍ୟ ରାଜପଥ ୧୦ରେ ଗୁରୁବାର ରାତିରେ କୌଣସି ଏକ ଭାରିଯାନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସନ୍ଧ୍ୟା (୬ଟା) ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ବୁଦ୍ଧଦେବ ନାଏକ ସୂଚନା ପାଇ ଘଟଣାସ୍ଥଳରୁ ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛନ୍ତି। ୯୬ ଘଣ୍ଟା ମଧ୍ୟରେ ମୃତଦେହ ଚିହ୍ନଟ ନ ହେଲେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡ଼ା,୮।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ନିଶ୍ଚିତପୁରୁ ଗ୍ରାମର ପ୍ରଶାନ୍ତ କୁମାର ମାହାନ୍ତ (୩୦) କୌଣସି କାରଣରୁ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଟ୍ରକ ଓଲଟି ଚାଳକ ଆହତ

ଲହୁଣୀପଡ଼ା,୮।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ରକ୍ସି ନିକଟରେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେ ହେଲେ କନ୍ହେୟା ହରିଜନ। ପୋଲିସ ଘଟଣା ସ୍ଥଳରୁ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଓଆର-୦୪ଏଲ - ୭୭୪୧ ଟ୍ରକଟି ରାଉରକେଲାରୁ ବଡ଼ବିଲ ଯାଉଥିବା ବେଳେ ରକ୍ସି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



ବଡ଼ଗାଁ, ୮।୯ ( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସିଙ୍ଗାରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁ ବାଟିକାର ଛାତ୍ରୀଛାତ୍ର କୃଷ୍ଣ, ବଳରାମ, ରାଧା ଆଦି ବିଭିନ୍ନ ଦେବୀ ଦେବତାଙ୍କ ରୂପରେ ସଜ୍ଜିତ ହୋଇ ପ୍ରଦର୍ଶିତ କରିବା ସହିତ ନୃତ୍ୟ ପରିବେଷଣ କରିଥିଲେ। ଗୁରୁମା କମଳା ଆପଟ, ଲିନା ସୁନ୍ୟାନି, ଦୀପ୍ତିଲତା ବାରିକ୍, ତୁଳସୀ ଖଡ଼ିଆ, ପ୍ରିୟଙ୍କା ଲାକ୍ରା, ମଧୁମିତା ସୁନ୍ୟାନି, ଅନିତା ତିର୍କୀ, ଫାଲଗୁନୀ ଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଲୋକକଳା ସୂଚନା ଶିକ୍ଷା ଯୋଗାଯୋଗ ତାଲିମ କାର୍ଯ୍ୟକ୍ରମ

ବଡ଼ଗାଁ, ୮।୯( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଫିସ ସଭାଗୃହରେ ଲୋକକଳା ସୂଚନା ଶିକ୍ଷା ଯୋଗାଯୋଗ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦଳର ମୁଖିଆଙ୍କୁ ଆସନ୍ତା ୧୧ ଓ ୧୨ ତାରିଖରେ ହେବାକୁ ଥିବା ଚୟନ କାର୍ଯ୍ୟକ୍ରମ ଏବଂ ସମସ୍ତ ଗାଁଗୁଡିକରେ ରାଜ୍ୟ ସରକାରଙ୍କ ଜନ ମଙ୍ଗଳ ଯୋଜନାଗୁଡ଼ିକ ଉପରେ ଲୋକଙ୍କୁ ଅବଗତ କିପରି କରାଯିବ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ, ବ୍ଲକ ସାମାଜିକ ଅଧିକାରୀ ସୌରଭ କେରକେଟା, ସିଡିପିଓ ସୁଜାତା ବେକ୍, ଜିଲା ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ଫକୀର ବାଡ଼ା ଓ ବିଭିନ୍ନ ସାଂସ୍କୃତିକ ଦଳର ମୁଖିଆ ଯୋଗଦେଇଥିଲେ।



ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧାରଣା

ଲହୁଣୀପଡ଼ା,୮।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ତରଫରୁ ଶୁକ୍ରବାର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଏକ ସ୍ମାରକପତ୍ର ବିଇଓଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ ନିଖିଳ ଉତ୍କଳ ଶିକ୍ଷକ ଫେଡରେଶନର ଆହ୍ୱାନ କ୍ରମେ ସବୁ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶୁକ୍ରବାର ଠାରୁ ସମୂହ ଛୁଟିରେ ଯିବା ସହିତ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଗତ ବର୍ଷ ନଭେମ୍ବର ମାସରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ଦାବି ପୂରଣ ପାଇଁ ବିଧାନସଭା ସମ୍ମୁଖରେ ୪ଦିନ ଧରି ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବି ଗୁଡିକ ପୂରଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ହେଲେ ୮ମାସ ବିତି ଯାଇଥିଲେ ମଧ୍ୟ ସରକାର ପ୍ରତିଶ୍ରୁତି ରକ୍ଷା କରି ପାରି ନାହାଁନ୍ତି। ଫଳରେ ଗତ ୫ରେ ବିଇଓଙ୍କ ମାଧ୍ୟମରେ ଏବଂ ୧୧ ତାରିଖରେ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ଜରିଆରେ ବ୍ଲକ ଓ ଜିଲା ଫେଡରେଶନ ତରଫରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶିକ୍ଷା ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ସରକାର କୌଣସି ଗୁରୁତ୍ୱ ନ ଦେବାରୁ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଏହି ଧାରଣାରେ ଲହୁଣୀପଡ଼ା ପ୍ରାଥମିକ ଶିକ୍ଷକ ଫେଡରେଶନ ସଭାପତି ବିଜୟ କୁମାର ବିଶ୍ୱାଳ, ସମ୍ପାଦକ କମଳ ଲୋଚନ ମାହାନ୍ତ, ଛନ୍ଦା ଚରଣ ସାହୁ, ମନୋଜ କୁମାର ସାମଲ, କର୍ପୁ ମାହାନ୍ତ, ଗଣେଶ ଚନ୍ଦ୍ର ଧରୁଆ, ତୃପ୍ତିମୟୀ ନାଏକ, କିରଣ ମୟୀ ପାତ୍ର, ତପନ କୁମାର କିଷାନ, ଫକୀର ମୋହନ ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାକୁଡ଼, ନାଥୁରାମ ମାହାନ୍ତ, ଭରତ ଚନ୍ଦ୍ର ପାତ୍ର, ଅଶ୍ୱିନୀ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବହୁ ସଂଖ୍ୟାରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିବା ଜଣାପଡ଼ିଛି।

# ବଡ଼ଗାଁ ସରପଞ୍ଚଙ୍କ ନାଁରେ ଏତଲା

## ବିଡିଓଙ୍କ ଚିଠି ବିରୋଧରେ ସରପଞ୍ଚ ସଂଘର ପ୍ରତିକ୍ରିୟା

ବଡ଼ଗାଁ,୮।୯( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲାର ସମସ୍ତ ସରପଞ୍ଚ ଅଗଷ୍ଟ ୧ରୁ ସଦରମହକୁମାରେ ୧୦ ଦଫା ଦାବି ନେଇ କଲମଛାଡ ଆନ୍ଦୋଳନ କରି ଆସୁଛନ୍ତି। ଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଏଭଳି ପରିସ୍ଥିତିରେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ ସରପଞ୍ଚ ସୁଗାଡ ସମୁଆଲ ସଏଙ୍କୁ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ନ ଦେଲେ ଥାନାରେ ଏତଲା ଦେବାକୁ ଚିଠି କରିବା ଓ ଚିଠିକୁ ଜନ ପ୍ରତିନିଧିଙ୍କ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପକାଇବା ପରେ ଜିଲା ଓ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ଜିଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିଷାନ, ଉପ ସଭାପତି ଅଜିତ ତିର୍କୀ, ସମ୍ପାଦକ ତ୍ରିଲୋଚନ ପ୍ରଧାନ, ବ୍ଲକ ସଂଘ ସଭାପତି ଯୋଗେନ୍ଦ୍ର କିଷାନ, ଉପ ସଭାପତି ସୁନ୍ଦର ସମୁଆଲ ସଏ, ସମ୍ପାଦିକା ମେନକା କଲୋଙ୍କ ସହିତ ସମସ୍ତ ଉପଦେଷ୍ଟା ମଣ୍ଡଳୀର ସଦସ୍ୟଙ୍କ ଉପସ୍ଥିତିରେ ଡାକବଙ୍ଗଳାଠାରେ ଅନୁଷ୍ଠିତ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ବିଡିଓଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ସମସ୍ତ ଜିଲା ଓ ବ୍ଲକ କର୍ମକର୍ତ୍ତା ବିଡିଓଙ୍କୁ ଅପରାହ୍ନରେ ସାକ୍ଷାତ କରି ସରପଞ୍ଚଙ୍କୁ ମାନସିକ ନିର୍ଯାତନା ଦେଇଥିବା ଓ ଭୟଭୀତ କରିବା ପାଇଁ ଥାନାରେ ଏତଲା ଦେବାକୁ ଚିଠି କରିଥିବା ଅଭିଯୋଗ କରିଥିଲେ। କ୍ଷମା ନ ମାଗିଲେ ମାନହାନି ମକଦ୍ଦମା କରିବାକୁ ଚେତାବନୀ ଦେଇଥିଲେ। ତେବେ ଜିଲାର ସମସ୍ତ ବ୍ଲକର ସରପଞ୍ଚ ସଂଘ କଲମଛାଡ ଆନ୍ଦୋଳନରେ ଥିବାରୁ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଦେବାକୁ ସରପଞ୍ଚ ମନା କରିବା ପରେ ତାଙ୍କ ନାଁରେ ଏତଲା କରିବାକୁ ଚିଠି କରିଥିଲେ। ଚିଠିରେ ଦର୍ଶାଯାଇଛି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ଶ୍ରମିକ ମଜୁରି ପ୍ରଦାନରେ ବାଧା ଉପୁଜିଥିବା ଓ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, ଏହା ଶ୍ରମିକ ମଜୁରିକୁ ନିଶ୍ଚିତ କରିବା ପାଇଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାବଳୀ ଓ ସରକାରୀ ନିୟମ ଅନୁସାରେ ଦସ୍ତଖତ ନ ଦେବା ନିୟମର ଉଲ୍ଲଂଘନ। ଏ ନେଇ ବିଡିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ନିୟମ ଅନୁଯାୟୀ କାମ କରିଛି ।



ବିଡିଓଙ୍କୁ ସାକ୍ଷାତ କରିବାକୁ ଆସିଥିବା ଜିଲା ଓ ବ୍ଲକ ସଂଘର ସଦସ୍ୟ ଓ କର୍ମକର୍ତ୍ତା।

## ନିଆଁ ଲାଗି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ବାଲିଶଙ୍କରା,୮।୯(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ବାଲିଶଙ୍କରା ପଞ୍ଚାୟତ ତେଲିଯୋର ଗ୍ରାମର ଦିଲ୍ଲୀପ ବଢ଼େଇଙ୍କ ଘରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁଲୋଚନା ସୁଆରୀ, ଜିଲା ପରିଷଦ 'ଖ' ଜୋନ୍ ସଦସ୍ୟା ଜୟନ୍ତୀ ଏକ୍କା ଘଟଣାସ୍ଥଳରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଦିଲ୍ଲୀପଙ୍କ ସ୍ତ୍ରୀ ଲିନା ମହମବତି ଜାଳି ଘର ଭିତରକୁ ଯାଉଥିବା ସମୟରେ ତାଙ୍କ ଅଜାଣତରେ ନିଆଁ ପଲଙ୍କରେ ପଡ଼ିଯାଇଥିଲା। ନିମିଷକ ମଧ୍ୟରେ ନିଆଁ ହୁତୁହୁତୁ ହୋଇ ଜଳିଥିଲା। ପରିବାର ଲୋକ ଦମକଳ ବାହିନୀକୁ ଖବର ଦେଇଥିଲେ ହେଁ ବିଳମ୍ବ ଯୋଗୁ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା।

# ପଶୁ ଡାକ୍ତରଖାନାରୁ ଗଳୁଛି ପାଣି, ନଷ୍ଟ ହେଉଛି ଔଷଧ

ଲାଠିକଟା,୮।୯(ରାମେଶ୍ୱର ଖାଡଙ୍ଗା)

ଲାଠିକଟା ପଶୁ ଡାକ୍ତରଖାନା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହା ଆଜବେଷ୍ଟ ଘର ହୋଇଥିବାରୁ ଚାରିଆଡେ ଫାଟି ଆଁ କରିଛି। ବର୍ଷାଦିନେ ପାଣି ଗଳିବାରୁ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେଉଛି।



ପଶୁ ଡାକ୍ତରଖାନାର ଆଜବେଷ୍ଟ ଫାଟି ଆଁ କରିଛି।

ଏଥିସହ ପାଣି ଗଳିବା ଯୋଗୁ କାନ୍ଥ ଭୁଶୁଡିବା ଅବସ୍ଥାରେ ରହିଛି। ପାଖରେ ଏକ ନୂତନ ଘର ତିଆରି ହୋଇଛି। ହେଲେ ତାହା ଅଧାପନ୍ତରିଆ ହୋଇ ପଡ଼ି ରହିଛି, ଯାହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼,୮।୯(ଜୟ ନାରାୟଣ ମେଣ୍ଟୁଲି )

ଜିଲା ଦୌରା ଜଜ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଶମ୍ଭୁନାଥ ଜୟପୁରିଆ (୩୪)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫ହଜାର ଟଙ୍କା ଜୋରିମାନା ଓ ଆନାଦେୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୪ ଅକ୍ଟୋବର ୩୧ରେ କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାତୋଳି ଗ୍ରାମରେ ଏହି ଘଟଣା ଘଟିଥିଲା। ପୂର୍ବ ଶତ୍ରୁତ୍ରାକୁ କେନ୍ଦ୍ର କରି ମୃତଫାଙ୍କୁ ଅଭିଯୁକ୍ତ ନିଜ ଘରକୁ ଡାକି ଛୁରୀ ଦ୍ୱାରା ଆକ୍ରମଣ କରିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଆସିଥିବା ସିଙ୍ଘ ଜୟପୁରିଆ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ସେ ଆକ୍ରମଣ କରିଥିଲା। ଶମ୍ଭୁନାଥଙ୍କ ଆକ୍ରମଣରେ ମୃତଫାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏନେଇ ଅଭିଯୋଗକାରୀ (ମୃତଫାର ପିତା) କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ସେ ସମୟରେ ଥିବା ଥାନା ଅଧିକାରୀ ମାମଲା ନଂ ୮୩।୧୪ ରେ ୩୦୨ ଦଫାରେ କେଶ କରି ତଦନ୍ତ କରିଥିଲେ। ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ ଯୁକ୍ତି ଏବଂ ପ୍ରତେକ୍ଷ୍ୟଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ଜିଲା ଦୌରା ଜଜ ପଟ୍ଟନାୟକ ଦଫା ୩୦୨ ଅନୁଯାୟୀ ଜୟପୁରିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା କରିଛନ୍ତି। ଏଥିସହ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ତାଙ୍କ ପରିବାର ଲୋକଙ୍କୁ ଦେବାପାଇଁ ଆଦେଶ କରିଥିବା ସରକାରି ଓକିଲ ସୂଚନା ଦେଇଛନ୍ତି। ଏହି କେଶଟିକୁ ସରକାରଙ୍କୁ ତରଫରୁ ପୂର୍ବତନ ଜିଲା ମୁଖ୍ୟ ସରକାରୀ ଓକିଲ ଅବଦୁଲ ସମିମ ଅଖତର ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ ଏବଂ ଇନ ଚାର୍ଜ ସରକାରୀ ଓକିଲ ଅଶୋକ କୁମାର କୁମାର ସ୍ୱାଇଁ ଯୁକ୍ତି ଉପସ୍ଥାପନ କରିଥିଲେ।

# ଅକେଇଶିଳା ଜଳ ପ୍ରପାତର ଉନ୍ନତୀକରଣ ପାଇଁ ଦାବି



ଅକେଇଶିଳା ଜଳ ପ୍ରପାତ।

ବିଶ୍ରା,୮।୯( ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ତୁଳସୀକାନି ପଞ୍ଚାୟତର ସୀମାନ୍ତ ଗାଁରେ ଅକେଇଶିଳା ଜଳ ପ୍ରପାତ ରହିଛି। ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବାରୁ ଶୀତଦିନେ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମି ଥାଏ। ହେଲେ ଏହାର ରକ୍ଷଣବେକ୍ଷଣ ଅଭାବରୁ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ରାଜ୍ୟ ସରକାର ୫- ଟି ଜରିଆରେ ଏହାର ଉନ୍ନତକରଣ କରିବାକୁ ଦାବି ହେଉଛି। ଏହାର ଉନ୍ନତିକରଣ ହେଲେ ସ୍ଥାନୀୟ ଚାଷ ଜମି ଜଳସେଚିତ ହେବା ସହ ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟିକା କୁସୁମ



ବିଧାୟିକା କୁସୁମ ଜଣେ ବୃଦ୍ଧାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସୁନ୍ଦରଗଡ,୮।୯(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ବ୍ଲକ ଛଟେନପାଲିଠାରେ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଏକତ୍ରିତ କରି ଶୁକ୍ରବାର ବିଧାୟିକା କୁସୁମ ଟେଟେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଭାରେ ବିଧାୟିକା ଅଞ୍ଚଳର ସୁବିଧା ଅସୁବିଧା ବୁଝିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକାରୀ ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ବିଗତ ବର୍ଷମାନଙ୍କରେ ବରିଷ୍ଠ ନାଗରିକଙ୍କ ନିଜ ଅଞ୍ଚଳ ପ୍ରତି ଯେଉଁ ସବୁ ଅବଦାନ ରହି ଆସିଛି ତାହାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଅଣାଯାଇଥିଲା। ତାଙ୍କର ଅବଦାନ ପାଇଁ ବିଧାୟିକା କୁସୁମ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ସମସ୍ତ ବରିଷ୍ଠଙ୍କୁ ବ୍ୟକ୍ତିଗତଭାବେ ଭେଟି ସମ୍ବର୍ଦ୍ଧନା ଜଣାଇବା ସମ୍ଭବ ହୋଇ ପାରୁ ନ ଥିବାରୁ ଏହି ସଭା ଆୟୋଜନ କରିଥିବା ନେଇ ବିଧାୟିକା କୁସୁମ ନିଜର ଅଭିଭାଷଣରେ କହିବା ସହ ବରିଷ୍ଠ ନାଗରିକଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିସହ ବିଭିନ୍ନ ବୟୋଜ୍ୟେଷ୍ଠ ବ୍ୟକ୍ତି ନିଜର ମତ ଦେବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ସରକାରୀ କଲେଜରେ ମୁଁ ବି ମିତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୮।୯ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସରକାରୀ କଲେଜରେ ମୁଁ ବି ମିତା କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଭୋଟର ପରିଚୟ ପତ୍ର ନ ଥିବା ଛାତ୍ରୀଛାତ୍ରଙ୍କୁ ଭୋଟର ପରିଚୟପତ୍ର ପାଇଁ ନାମ ପଞ୍ଜୀକରଣ କରିବାକୁ କହିଥିଲେ। ସଦର ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜଣେ ଉତ୍ତମ ନାଗରିକ ଭାବେ ଛାତ୍ରୀଛାତ୍ରଙ୍କ ମୌଳିକ ଅଧିକାର, ଜଣେ ଦକ୍ଷ ଜନ ପ୍ରତିନିଧି ପାଇଁ ଯୁବପିଢ଼ିଙ୍କ କର୍ତ୍ତବ୍ୟ ଭୋଟଦେବା ଅଧିକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲଚନା କରିଥିଲେ। ବରିଷ୍ଠ ଅଧ୍ୟାପକ ଆଲୋକ କୁମାର ନାଏକ, ସହକାରୀ ପ୍ରଫେସର ନୂତନ ଖମାରୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେକସନ ଅଫିସର ପ୍ରଦୀପ କୁମାର ବହିଦାର,ଜିଲା ପ୍ରଶାସନର କର୍ମଚାରୀ ବୃନ୍ଦ, ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

# ମନୁଷ୍ୟର ଜୀବନ ଧାରଣ ପାଇଁ ସ୍ୱଚ୍ଛ ବାୟୁ ଅପରିହାର୍ଯ୍ୟ

## ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ

ସୁନ୍ଦରଗଡ,୮।୯(ଜୟ ନାରାୟଣ ମେଣ୍ଟୁଲି)

ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଝୁରିମାଲ ବନ ସୁରକ୍ଷା ସମିତିର ଜୟ ବଜରଙ୍ଗ ଫଳ ବଗିଚାଠାରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଆନ୍ତର୍ଜାତିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ଜଗଦୀଶ ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମନୁଷ୍ୟର ଜୀବନ ଧାରଣ ପାଇଁ ସ୍ୱଚ୍ଛ ବାୟୁ ଅପରିହାର୍ଯ୍ୟ। ତେଣୁ ଆମେ ସମସ୍ତେ ଏଥି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଏବଂ ମିଳି ମିଶି କାମ କରିବାକୁ ସେ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ଓ ଜାତୀୟ ସ୍ତରୀୟ କୁଇଜ ପ୍ରତିଯୋଗୀ, ବିଜେତା ତଥା ରିଭରଷ୍ଟୋନ ଇଣ୍ଟରନ୍ୟାସନାଲ ସ୍କୁଲର କୃତି ଛାତ୍ର ସ୍ୱରିତ ଉପାଧ୍ୟାୟ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ନଷ୍ଟ ତଥା ବିଭିନ୍ନ ପ୍ରଦୂଷଣର ଖରାପ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରିଭରଷ୍ଟୋନ ଇଣ୍ଟରନ୍ୟାସନାଲ ସ୍କୁଲର କୃତି ଛାତ୍ର ସ୍ୱରିତଙ୍କ ବହୁମୁଖୀ ପ୍ରତିଭା ନିମନ୍ତେ ତଥା ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକରିଥିବା ଝୁରିମାଲର ୨ ଜଣ ବୟସ୍କ ବ୍ୟକ୍ତି ମହେଶ୍ୱର ଭୈଷାଲ ଓ ମିଲକୁ ଖାଟୀଙ୍କୁ ପୁରସ୍କୃତ ଓ ସମ୍ମାନୀତ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝୁରିମାଲ ବନ ସୁରକ୍ଷା ସମିତି ଚିକିତ୍ସା ଅଧିକ୍ଷକ ଡ. ଜଗଦୀଶ ଦେହୁରୀ, ଚିକିତ୍ସା ଅଧିକାରୀ ଡ. ବିନୋଦ ବିହାରୀ ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଦୀପକ ଶର୍ମା, ବ୍ଲକ ଆକାଉଣ୍ଟ ମ୍ୟାନେଜର କୃପାସିନ୍ଧୁ ସାହୁ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଉଜ୍ଜଳପୁର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ, ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ବନରକ୍ଷୀ ରୂପାଲି ସେନାପତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଝୁରିମାଲ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ପରିଚାଳନା କରିଥିଲେ।



ସ୍ୱରିତ ଉପାଧ୍ୟାୟଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଭାରିଯାନ ଧକ୍କାରେ ଜଣେ ମୃତ

ବଡ଼ଗାଁ, ୮।୯ ( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ଗାଁ ନିକଟ ରାଜ୍ୟ ରାଜପଥ ୧୦ରେ ଗୁରୁବାର ରାତିରେ କୌଣସି ଏକ ଭାରିଯାନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସନ୍ଧ୍ୟା (୬ଟା) ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ବୁଦ୍ଧଦେବ ନାଏକ ସୂଚନା ପାଇ ଘଟଣାସ୍ଥଳରୁ ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛନ୍ତି। ୯୬ ଘଣ୍ଟା ମଧ୍ୟରେ ମୃତଦେହ ଚିହ୍ନଟ ନ ହେଲେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡ଼ା,୮।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ନିଶ୍ଚିତପୁରୁ ଗ୍ରାମର ପ୍ରଶାନ୍ତ କୁମାର ମାହାନ୍ତ (୩୦) କୌଣସି କାରଣରୁ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଟ୍ରକ ଓଲଟି ଚାଳକ ଆହତ

ଲହୁଣୀପଡ଼ା,୮।୯(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ରକ୍ସି ନିକଟରେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେ ହେଲେ କନ୍ହେୟା ହରିଜନ। ପୋଲିସ ଘଟଣା ସ୍ଥଳରୁ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଓଆର-୦୪ଏଲ - ୭୬୪୧ ଟ୍ରକଟି ରାଉରକେଲାରୁ ବଡ଼ବିଲ ଯାଉଥିବା ବେଳେ ରକ୍ସି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଚାଳକକୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ

ବଡ଼ଗାଁ, ୮।୯ ( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସିଙ୍ଗାରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିଶୁ ବାଟିକାର ଛାତ୍ରୀଛାତ୍ର କୃଷ୍ଣ, ବଳରାମ, ରାଧା ଆଦି ବିଭିନ୍ନ ଦେବୀ ଦେବତାଙ୍କ ରୂପରେ ସଜ୍ଜିତ ହୋଇ ପ୍ରଦର୍ଶିତ କରିବା ସହିତ ନୃତ୍ୟ ପରିବେଷଣ କରିଥିଲେ। ଗୁରୁମା କମଳା ଆପଟ, ଲିନା ସୁନ୍ୟାନି, ଦୀପ୍ତିଲତା ବାରିକ୍, ତୁଳସୀ ଖଡ଼ିଆ, ପ୍ରିୟଙ୍କା ଲାକ୍ରା, ମଧୁମିତା ସୁନ୍ୟାନି, ଅନିତା ତିର୍କୀ, ଫାଲଗୁନୀ ଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବାସୁଦେବପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ।

# ସ୍କୁଲ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

ଦେବଗଡ଼, ୮।୯(ଶଶାଙ୍କ ଶେଖର ଝାଙ୍କର)

- ବିପଦକୁ ଆମନ୍ତ୍ରଣ କରୁଛି ଶୁଖିଲା ଆମ୍ବଗଛ
- ମଣ୍ଡପରେ ହେଲା ପାଠପଢ଼ା

ବିଦ୍ୟାଳୟ ପରିସରରେ କାଳ ସଦୃଶ ଠିଆ ହୋଇଛି ବିଶାଳକାୟ ଶୁଖିଲା ଆମ୍ବଗଛ। ହେଲେ ଏହାର ଶୁଖିଲା ଖଣ୍ଡ ସବୁ ଭାଙ୍ଗି ବିଦ୍ୟାଳୟ ପରିସରରେ ପଡିବାସହ ଏହା କୁନି ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିଛି। ହେଲେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ ଉକ୍ତ ଶୁଖା ଆମ୍ବ ଗଛଟିକୁ କାଟିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କ୍ରମରେ ଗୁରୁବାର ପିଲାମାନେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କରୁଥିବା ବେଳେ ଉକ୍ତ ଆମ୍ବଗଛରୁ ଏକ ବଡ ଆକାରର ଶୁଖିଲା ଖଣ୍ଡ ବିଦ୍ୟାଳୟ ପରିସରରେ ପଡିଥିଲା । ତେବେ ସୌଭାଗ୍ୟବଶତଃ ଏହା କାହାରି ଉପରେ ପଡି ନ ଥିବାରୁ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ଫଳରେ ଏନେଇ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଉତ୍ତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଶୁକ୍ରବାର ପିଲାଙ୍କୁ ବିଦ୍ୟାଳୟକୁ ନ ଛାଡି ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ତେବେ ସିଆରସିସି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପରାମର୍ଶ ପରେ ଅଭିଭାବକମାନେ ପିଲାଙ୍କୁ ଛାଡିଥିଲେ ଓ ପିଲାଏ ନିକଟସ୍ଥ ମଣ୍ଡପରେ ବସି ପାଠ ପଢିଥିଲେ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା ତିଳେଇବଣି ବ୍ଲକ କଲଣ୍ଡା ଗ୍ରାମ ପଞ୍ଚାୟତର ବାସୁଦେବପୁର ଗ୍ରାମରେ। ସୂଚନା ଅନୁଯାୟୀ ବାସୁଦେବପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ମୋଟ ୩୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଶିକ୍ଷାଦାନ ପାଇଁ ରହିଛନ୍ତି ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ। ତେବେ ଦୀର୍ଘବର୍ଷ ହେଲା ଉକ୍ତ ବିଦ୍ୟାଳୟ ପରିସର ବାହାରେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମିରେ ଏକ ବିରାଟ ଶୁଖିଲା ଆମ୍ବଗଛ ରହିଥିବାରୁ ସମୟେ ସମୟେ ଉକ୍ତ ଗଛକୁ ଶୁଖିଲା କାଠ ଖଣ୍ଡ ବିଦ୍ୟାଳୟ ପରିସରରେ ପଡିଥାଏ। ଫଳରେ ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ବିପଦରେ ପଡିବାର ଆଶଙ୍କା କରି ଗ୍ରାମବାସୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା ସମିତି ଓ ଏପରିକି ପ୍ରଧାନ ଶିକ୍ଷକ ମଧ୍ୟ ଏକାଧିକବାର ଏ ସମ୍ପର୍କରେ ବିଭାଗୀୟ ବ୍ଲକ ଶିକ୍ଷାଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ସହ ଗଛଟିକୁ କାଟିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାର ଆଧାରରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଗଛଟିକୁ କଟାଇବା ପାଇଁ ଜିଲା ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ବେହେରା ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ପତ୍ର ପାଇବାପରେ ବନକଣ୍ଡ ଅଧିକାରୀ ଉକ୍ତ ଗଛଟିକୁ କାଟିବା ପାଇଁ ଓଡିଶା ବନ ଉନ୍ନୟନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଚିଠି ଦ୍ୱାରା ଜଣାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ଗଛଟିକୁ କଟାଯାଇନାହିଁ। ଶୁକ୍ରବାର ପିଲାଙ୍କୁ ବିଦ୍ୟାଳୟକୁ ନ ଛାଡି ବିଦ୍ୟାଳୟ ଫାଟକରେ ତାଲା ପକାଇବା ସୂଚନା ପାଇ ସୁଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ଓ ତିଳେଇବଣୀ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଧର ସାହୁ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଉକ୍ତ ଗଛକୁ କାଟିବା ପାଇଁ ପ୍ରକ୍ରିୟା ଚାଲିଥିବା ପ୍ରକାଶ କରିଥିଲେ। ମାତ୍ର ଗ୍ରାମବାସୀ ନିଜର ଜିଦରେ ଅଟଳ ରହିବା ସହ ଉକ୍ତ ଗଛ କଟା ନ ଯିବା ପର୍ଯ୍ୟନ୍ତ ସ୍କୁଲର ତାଲା ଖୋଲିବେ ନାହିଁ ବୋଲି ରୋକଠୋକ ଭାବେ ଉତ୍ତର ଦେଇଥିଲେ। ଫଳରେ ବିଦ୍ୟାଳୟ ନିକଟରେ ଥିବା ଏକ ମଣ୍ଡପରେ ପାଠପଢା ହୋଇଥିଲା । ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଉପରୋକ୍ତ ଶୁଖିଲା ଗଛକୁ କାଟି ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ମୋ ସ୍କୁଲ ଅଭିଯାନ ପକ୍ଷରୁ ବୈଠକ: ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଦେବଗଡ଼, ୮।୯(ଶଶାଙ୍କ ଶେଖର ଝାଙ୍କର)

ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟର ମୋ ସ୍କୁଲ୍ ଅଭିଯାନର ସଭାପତି ବର୍ଷା ବୈଶାଳୀ ସ୍ମିତା ଶାଳିନୀ ନାଏକ, ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦେବ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଷୟବସ୍ତୁ ଉପରେ ଆଲୋଚନା କରି ପୁରାତନ ଛାତ୍ରୀଙ୍କୁ ଅବଗତ କରିଥିଲେ। ନିଜର ସ୍କୁଲର ଅନୁଭୂତି ପ୍ରଦାନ କରିଥିଲେ। ଉପସ୍ଥିତ ଥିବା ପୁରାତନ ଛାତ୍ରୀମାନେ ନିଜର ଅନୁଭୂତି ବାଣ୍ଟିବା ସହ ଖୁସି ପ୍ରକାଶ କରିଥିଲେ ଓ ଆଗାମୀ ଦିନରେ ମୋ ସ୍କୁଲ ଅଭିଯାନରେ ହାତ ମିଳାଇବା ସହ ସ୍କୁଲର ଉନ୍ନତିକରଣ କାମରେ ସହଯୋଗ କରିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଅବସରରେ ସ୍କୁଲ ପରିସରେ ଶିକ୍ଷୟିତ୍ରୀ ଅଭିଭାବକ ନୂତନ ଓ ପୁରାତନ ଛାତ୍ରୀମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମନୀଷା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ପାତ୍ର, ଲୀନା ମିଶ୍ର, ନିକିତା ବାଘ, ପୁରାତନ ଛାତ୍ରୀ ବନ୍ଦିତା ବେହେରା, ତାରାମଣି ନାଏକ, କାନ୍ଦବିନି ପ୍ରଧାନଙ୍କ ସମେତ ଅନ୍ୟ ଛାତ୍ରୀମାନେ ଉପସ୍ଥିତ ଥିଲେ।



ମୋ ସ୍କୁଲ ଅଭିଯାନ ପକ୍ଷରୁ ବୈଠକରେ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରୀ।

## ସାର୍ବଜନୀନ ଗଣେଶ ମେଳା ନିମନ୍ତେ ସମନ୍ୱୟ ବୈଠକ

ଦେବଗଡ଼, ୮।୯(ଶଶାଙ୍କ ଶେଖର ଝାଙ୍କର)



ସାର୍ବଜନୀନ ଗଣେଶ ମେଳା ଲାଗି ସମନ୍ୱୟ ବୈଠକରେ ଅଧିକାରୀ ଓ କର୍ମକର୍ତ୍ତା।

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ସାର୍ବଜନୀନ ଗଣେଶ ମେଳାର ସଫଳତା ଓ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ନିମନ୍ତେ ଶୁକ୍ରବାର ଗଣେଶ ମେଳା କମିଟି, ଜିଲା ପ୍ରଶାସନ - ଜିଲା ପୋଲିସର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମନ୍ୱୟ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପରୀକ୍ଷୀତ ସାହୁ, ସାର୍ବଜନୀନ ଗଣେଶ ମେଳାର ଆୟୋଜକ ଜିଲା ବ୍ୟବସାୟୀ ସଂଘର ସଭାପତି ଶମ୍ଭୁନାଥ ଗୋଏଲ, ସମ୍ପାଦକ ଶୁକଦେବ ଭଞ୍ଜ, ଉପସଭାପତି ଅରୁଣ କୁମାର ଗୋଏଲ ଓ କୋଷାଧ୍ୟକ୍ଷ ଅଜୟ କୁମାର ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଏହି ଗଣେଶ ମେଳା ୭୫ବର୍ଷ (ପ୍ଲାଟିନମ ଜୁବୁଲି)ରେ ପଦାର୍ପଣ କରୁଥିବାରୁ ଏହାକୁ କିଭଳି ଭାବେ ଅଧିକ ଆକର୍ଷଣୀୟ ଏବଂ ଯାକଜମକର ସହିତ ପାଳନ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଚଳିତବର୍ଷ ଦୀର୍ଘ ୧୨ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ଠାରୁ ଆରମ୍ଭ କରି ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ବେଆଇନ ମାଦକ ଦ୍ରବ୍ୟ ନିୟନ୍ତ୍ରଣ, ସୁବ୍ୟବସ୍ଥିତ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତିକରଣ, ଅଗ୍ନି ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ମେଳା ସମୟରେ ବିଶୃଙ୍ଖଳା ଓ ମଦ୍ୟପ ମାନଙ୍କର ପ୍ରାଦୁର୍ଭାବ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର 'ମଦ୍ୟପ ନିୟନ୍ତ୍ରଣ ଯାନ'ର ବ୍ୟବସ୍ଥା କରାଯିବା ପାଇଁ ମଧ୍ୟ ଏହି ଅବସରରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମନ୍ୱୟ ବୈଠକରେ ଦେବଗଡ ପୌର ପରିଷଦ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ), ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଦେବଗଡ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ରିଜର୍ଭ ଇନ୍ସପେକ୍ଟର ହାମ୍ବିରା ସୋରେନଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ମିଶନ 'ଇନ୍ଦ୍ରଧନୁଶ' ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୮।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଶୁକ୍ରବାର ମିଶନ 'ଇନ୍ଦ୍ରଧନୁଶ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସାଧନା ଦାଶ, ଏଡିପିଏଚଓ ଡାକ୍ତର ଧନୁର୍ଜୟ ମହନ୍ତ, ଜିଲା ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ଉମେଶ ପ୍ରସାଦ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦିଆଯାଉଥିବା ଟିକାରୁ ବଞ୍ଚିତ ଥିବା କିମ୍ବା କୌଣସି କାରଣରୁ ଟିକା ନେଇ ପାରି ନ ଥିବା ଶିଶୁମାନଙ୍କୁ ମିଶନ 'ଇନ୍ଦ୍ରଧନୁଶ' ଜରିଆରେ ଟିକା ପ୍ରଦାନ କରାଯିବ। ୨ ରୁ ୫ ବର୍ଷ ବୟସର ଶିଶୁମାନେ ଏହି ଟିକା ନେଇପାରିବେ। ଯେଭଳି କୌଣସି ଜଣେ ହେଲେ ଶିଶୁ ଟିକା ନେବାରୁ ବଞ୍ଚିତ ହେବେ ନାହିଁ ଏବଂ ସମସ୍ତେ ଟିକା ନେଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଶନ 'ଇନ୍ଦ୍ରଧନୁଶ' କାର୍ଯ୍ୟକାରୀ ହେଉଥିବା ଜଣାପଡିଛି। ଶିଶୁଙ୍କୁ ରୋଗଦାଉରୁ ରକ୍ଷା କରିବା ପାଇଁ ସବୁ କାମ ଛାଡି ଅଭିଭାବକ ପ୍ରଥମେ ଶିଶୁଙ୍କୁ ଟିକା ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରଥମ ରାଉଣ୍ଡ ସେପ୍ଟେମ୍ବର ୧୧ ରୁ ୧୫, ଦ୍ୱିତୀୟ ରାଉଣ୍ଡ ଅକ୍ଟୋବର ୯ ରୁ ୧୪ ଏବଂ ତୃତୀୟ ରାଉଣ୍ଡ ନଭେମ୍ବର ୬ ରୁ ୧୧ ତାରିଖ ଯାଏଁ ଚାଲିବ ବୋଲି ଜଣାପଡିଛି।

## ପ୍ରଶାସନ ଶୁଣିଲାନି, ରାସ୍ତା କଲେ କଲୋନୀବାସୀ

ଦେବଗଡ଼, ୮।୯( ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୫ ଶହ ମିଟର ଦୂର ୱାର୍ଡ ନମ୍ବର ୧୧ ବାବୁସାହି ନୂଆ କଲୋନୀ ଦେଇ ଯାଇଥିବା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଫଳରେ ବର୍ଷା ଟିକେ ହେଲେ ଯିବା ଆସିବା ବହୁତ କଷ୍ଟକର ହୋଇପଡୁଛି। ଏପରିକି ଉକ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଅଳିଆ ଆବର୍ଜନା ଉକ୍ତ ରାସ୍ତା ଉପରେ ଭାସୁଛି। ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି। ରାସ୍ତାରେ ଯିବା ଆସିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କଲୋନୀ ବାସିନ୍ଦା। ଦୁଃଖ ଓ ପରିତାପର ବିଷୟ ଯେ, କଲୋନୀ ବାସିନ୍ଦା ବାରମ୍ବାର ଜିଲାପାଳ, ପୌର ପରିଷଦ ନିର୍ବାହୀ ଅଧିକାରୀ ଏପରିକି ୫-ଟି ମୁଖ୍ୟ ସଚିବ ଭି କେ ପାଣ୍ଡିଆନଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶୁକ୍ରବାର କଲୋନୀ ବାସିନ୍ଦା ଶ୍ରମଦାନ ଦେଇ ଉକ୍ତ ରାସ୍ତାକୁ ମରାମତି କରିଛନ୍ତି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ସୁବିଧା ନ କରିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କଲୋନୀ ବାସିନ୍ଦା ଚେତାବନୀ ଦେଇଛନ୍ତି।



ରାସ୍ତା ମରାମତି କରୁଛନ୍ତି କଲୋନୀ ବାସିନ୍ଦା।

## ବିହନ ସବ୍‌ସିଡି ଦାବିରେ ଅଧିକାରୀଙ୍କୁ ଘେରିଲେ ଚାଷୀ

ରିଆମାଳ, ୮।୯(ନିରଞ୍ଜନ ବେହେରା)

**ବିହନ ସବସିଡି ଦେବାରେ କୃଷି ବିଭାଗର ଟାଳଟୁଳ ନୀତିକୁ ବିରୋଧ**

ଦେବଗଡ ଜିଲା ରିଆମାଳ ବ୍ଲକର ୪୦୦ରୁ ଅଧିକ ଚାଷୀ ଗତ ଖରିଫ ଋତୁରେ ବ୍ଲକ କୃଷିବିଭାଗରୁ ୪୦୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ବିହନ ନେଇଥିଲେ। ବିହନ ଗୋଟିଏ ହେକ୍ଟରରେ ୨୦ କେଜିକୁ ୨୬୮୦ଟଙ୍କା ଦେଇ ଗତ ଫେବୃଆରୀ ମାସରେ କିଣିଥିଲେ ଏବଂ ଚାଷ କରିଥିଲେ। କୃଷିବିଭାଗ ତରଫରୁ ମାର୍ଚ୍ଚରେ ସେମାନଙ୍କୁ ୨୭୦୦ଟଙ୍କା ଇନପୁଟ ସବସିଡି ଭାବରେ ଫେରାଇବା କଥା। କିନ୍ତୁ ଆଜକୁ ଆଠମାସ ହୋଇଯାଇଥିଲେ ମଧ୍ୟ ସେମାନଙ୍କୁ ସବସିଡି ମିଳିନାହିଁ । ବହୁ ସମୟରେ ଚାଷୀମାନେ ବ୍ଲକ କୃଷି କାର୍ଯ୍ୟାଳୟକୁ ଦୌଡି ଦୌଡି କେବଳ ଆଶ୍ୱାସନା ପାଉଥିଲେ। ଫଳରେ ଦୁଇ ଦୁଇ ଥର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଉକ୍ତ ବିଷୟରେ ଅଭିଯୋଗ କରିଥିଲେ। ଜିଲାପାଳ ଶୀଘ୍ର ଏହାର ସମାଧାନ କରି ଚାଷୀଙ୍କୁ ସେମାନଙ୍କୁ ସବସିଡି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରିଆମାଳ ବ୍ଲକ କୃଷି ବିଭାଗର ବି.ଏ.ଓ ରାଜେଶ ଚୌଧୁରୀ ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ବେଖାତିର କରିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁସାରେ ବିଏଓ ଚୌଧୁରୀ ନିଜ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ଏହି ବାବଦରେ ସମସ୍ତ ତଥ୍ୟ ଦିଆଯାଇଥିଲା। କିନ୍ତୁ ସେ ନିଜର ପାରିବା ପଣିଆଁକୁ ଜାହିର କରି ଚାଷୀଙ୍କୁ ମୁଗ କିଣିଥିବାର ରସିଦ ମାଗିଥିଲେ। କିନ୍ତୁ ସୂଚନା ଥାଉକି ମୁଗ କିଣାର ଇ-ରସିଦ କେବଳ କୃଷି ବିଭାଗ ପାଖରେ ଥାଏ । ଏହା ଜାଣିବା ପରେ ମଧ୍ୟ ସେ ଆଉ ସବସିଡି ପ୍ରଦାନକୁ ଗୁରୁତ୍ୱ ଦେଇ ନ ଥିଲେ। ଶୁକ୍ରବାର ଚାଷୀ ଟଙ୍କଧର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଜିଲା କୃଷି ଅଧିକାରୀଙ୍କୁ ସାତ ଦିନର ମହଲତ ଦେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଆଗାମୀ ସାତ ଦିନରେ ମୁଗ ବିହନର ସବସିଡି ଚାଷୀଙ୍କୁ ନ ମିଳେ ତା'ହେଲେ କୃଷି କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚରମବାଣୀ ଦେଇଥିଲେ। ବି.ଏ.ଓଙ୍କ ଅନୁପସ୍ଥିତିରେ ଏଏଓ ବିଦେଶୀ ଶତପଥୀ ଚାଷୀଙ୍କ ପାଖରୁ ଦାବିପତ୍ର ଗ୍ରହଣ କରିବା ସହିତ ଏହା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ଓ ତାଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ। ବି.ଏ.ଓ ଚୌଧୁରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯିବାରୁ ସେ ଫୋନ ଉଠାଇ ନ ଥିଲେ।



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ପ୍ରଧାନ ଶିକ୍ଷକଙ୍କଠାରୁ ଝାମ୍ପି ନେଲେ ୫୪ହଜାର

**ଜଳେଶ୍ୱର, ୮।୯(ରବିନାରାୟଣ ପାତ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱରରେ କିଛି ମାସ ହେଲା କଳା ପଲସରର ଆତଙ୍କ ଦେଖାଦେଇଛି। ଶୁକ୍ରବାର ଅପରାହ୍ଣରେ ନଛିମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଣବ କୁମାର ଦାସ ଲୁଟ୍‌ର ଶିକାର ହୋଇଛନ୍ତି। କଳା ପଲସରରେ ଜଣେ ଯୁବକ ଆସି ପ୍ରଧାନ ଶିକ୍ଷକଙ୍କଠାରୁ ୫୩ ହଜାର ୮୮୫ ଟଙ୍କା ଲୁଟି ନେଇଛନ୍ତି। ପ୍ରଧାନ ଶିକ୍ଷକ ଜଳେଶ୍ୱର ଥାନାରେ ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ଦାସ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଚେକ୍ ଯୋଗେ ଟଙ୍କା ଉଠାଇ ଥାନା ନିକଟସ୍ଥ ସୁଷମା ଏଜେନ୍ସି ବହି ଦୋକାନରୁ ବହି ଓ ଖାତା କିଣି ବ୍ୟାଗ୍‌ରେ ରଖୁଥିବା ବେଳେ କଳା ପଲସରରେ ଯୁବକ ଆସି ଶିକ୍ଷକଙ୍କ ହାତରୁ ବ୍ୟାଗ୍‌କୁ ଛଡାଇ ନେଇଥିଲେ। ସେ ପାଟି କରୁଥିବା ବେଳେ ବାଇକ ଦ୍ରୁତଗତିରେ ବଡବଜାର ଓ ପଶ୍ଚିମବଙ୍ଗ ଅଭିମୁଖେ ଚମ୍ପଟ ମାରିଥିଲା।

# ଧାରୁଆ ଅସ୍ତ୍ରରେ ହାଣି ଜଣଙ୍କୁ ହତ୍ୟା, ୩ ଅଟକ

**ବଡ଼ବିଲ,୮।୯ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଦାମୁ ହଟିଂସ୍ଥିତ ଭୂୟାଁ ସାହିରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ଜଣକ ଦାମୁହଟିଂ ଅଞ୍ଚଳରେ ରହୁଥିବା ମହେନ୍ଦ୍ର ମହାକୁଡ଼ ଓରଫ ମୁନ୍ନା (୩୫)। ଗୁରୁବାର ରାତିରେ ମହେନ୍ଦ୍ରଙ୍କ ମୁଣ୍ଡକୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଛି। ପୋଲିସ ଶୁକ୍ରବାର ସକାଳେ ପହଞ୍ଚିବା ସହ ସାଇଣ୍ଟିଫିକ ଟିମ୍‌ର ସହାୟତାରେ ମୃତଦେହ ଜବତ କରିଥିଲା। ତେବେ ମହେନ୍ଦ୍ରଙ୍କ ନାମରେ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବାରୁ

## ମୃତକଙ୍କ ନାମରେ ଥିଲା ଏକାଧିକ ମାମଲା

କୌଣସି ଶତ୍ରୁତା ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଗୁରୁବାର ରାତିରେ ମହେନ୍ଦ୍ର ଓ କେତେକ ଦୁର୍ବୃତ୍ତଙ୍କ ମଧ୍ୟରେ ଦାମୁ ହଟିଂଠାରେ ବଚସା ହୋଇଥିଲା। ସନ୍ଦେହରେ ୩ ଜଣଙ୍କୁ ନେଇ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରୀ ରଖିଛି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା(ନଂ. ୨୪୬/୨୩)ରୁଜୁ ହୋଇଛି। ରିପୋର୍ଟ ଲେଖାହେବା ଯାଏଁ ହତ୍ୟାକାଣ୍ଡର ଠିକ୍ କାରଣ ଜଣାପଡ଼ିନାହିଁ।

# ଓଏସ୍‌ଡବ୍ଲ୍ୟୁସି ଗୋଦାମ ଅଧୀକ୍ଷକ ଗିରଫ

## ଦେବୀପ୍ରସାଦଙ୍କଠାରୁ ୪.୬୭ ଲକ୍ଷ ଜବତ କଲା ଭିଜିଲାନ୍ସ

**ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ ନିମାପଡ଼ା (ଚିତ୍ରାନନ୍ଦ ସାହୁ),୮।୯**

ବେଆଇନ ଅର୍ଥ ରଖିବା ଅଭିଯୋଗରେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି)ର ପୁରୀ ଜିଲା ନିମାପଡ଼ା ବ୍ଲକ୍ ଗୋଦାମ ଅଧୀକ୍ଷକ ଦେବୀପ୍ରସାଦ ମହାନ୍ତି ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଭିଜିଲାନ୍ସ ଟିମ୍ ମୋଟ ୪ ଲକ୍ଷ ୬୭ ହଜାର ୮୧୦ ଟଙ୍କା ଜବତ କରିଛି। ଏହି ଟଙ୍କା ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଟିମ୍ ଦେବୀପ୍ରସାଦଙ୍କୁ ଗିରଫ କରିଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୁକ୍ତ


ଦେବୀପ୍ରସାଦ ମହାନ୍ତି

ଦେବୀପ୍ରସାଦଙ୍କ ବିରୋଧରେ ଏକ ମାମଲା (ନଂ.୨୨/୨୦୨୩) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦେବୀପ୍ରସାଦଙ୍କୁ ମାମଲା ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଶନିବାର ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବା ବୋଲି ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ନହନ୍ତରା ଛକ ନିକଟରେ ଥିବା ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଗୋଦାମରେ ଦେବୀପ୍ରସାଦ ଦୀର୍ଘଦିନ ଧରି କାମ କରି ଆସୁଛନ୍ତି। ତେବେ ସେ ସ୍ଥାନୀୟ ଚାଉଳ ମିଲରମାନଙ୍କଠାରୁ ବିପୁଳ ପରିମାଣରେ ବେଆଇନ ଟଙ୍କା ଗ୍ରହଣ କରିଥିବା ଭିଜିଲାନ୍ସ ସୂଚନା ପାଇଥିଲା। ଏହା ପରେ ଭିଜିଲାନ୍ସ ଟିମ୍ ଦେବୀପ୍ରସାଦଙ୍କୁ ଧରିବାକୁ ଜାଲ ବିଛାଇଥିଲା। ପୂର୍ବାହ୍ଣ ୧୧ଟାରେ ନିମାପଡ଼ାଠାରେ ଦେବୀପ୍ରସାଦ ବସ୍‌କୁ ଅପେକ୍ଷା କରିଥିବାବେଳେ ୭ଜଣିଆ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ପାଖରୁ ମୋଟ୍ ୨ ଲକ୍ଷ ୧୪ ହଜାର ଟଙ୍କା ଜବତ ହୋଇଥିଲା। ଏହାପରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ଟିମ୍ ଦେବୀପ୍ରସାଦଙ୍କ ଭୁବନେଶ୍ୱର ୟୁନିଟ-୮ ସରକାରୀ କ୍ୱାର୍ଟର୍ସ, କଟକ ସାଲେପୁର ଅନ୍ତର୍ଗତ ଦୌଡ଼ପୁର ଗ୍ରାମସ୍ଥିତ ପୈତୃକ ଘର ଏବଂ କଟକ ମହାନଦୀ ବିହାରସ୍ଥିତ ଘରେ ଯାଞ୍ଚ କରିଥିଲା। ଏହି ସମୟରେ ଆଉ ୫୯ ହଜାର ୬୧୦ ଟଙ୍କା ମିଳିଥିଲା। ପରେ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ୧ ଲକ୍ଷ ୯୪ ହଜାର ୨୦୦ ଟଙ୍କା ମିଳିଥିଲା।

# ୨୮୦ ବ୍ଲକ୍‌ରେ ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନର ଆହ୍ୱାନକ୍ରମେ ଶୁକ୍ରବାରଠାରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୩ଦଫା ଦାବି ନେଇ ପ୍ରଥମ ଦିନରେ ରାଜ୍ୟର ପ୍ରାୟ ୨୮୦ଟି ବ୍ଲକରେ ଏହି ଆନ୍ଦୋଳନ କରାଯାଇଛି। ଆଗାମୀ ଦିନରେ ୩୧୪ ବ୍ଲକରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ହାରରେ ଦରମା, ଜୁନିୟର ଶିକ୍ଷକଙ୍କୁ ନିୟମିତ ମାନ୍ୟତା, ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡରରୁ ହଟାଇବା ଆଦି ଦାବି ନେଇ ପ୍ରାୟ ୧ ଲକ୍ଷରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ଯାଏ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ଚାଲିବ। ସଂଘର ମହାସଚିବ ଚାରୁଲତା ମହାପାତ୍ର କହିଛନ୍ତି, ଅଗଷ୍ଟ ୫ରେ ୩୧୪ ବ୍ଲକ ଶିକ୍ଷାଧିକାରୀ ଓ ୧୧ ତାରିଖରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନିମନ୍ତେ ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବଙ୍କ ସହ ବହୁବାର ଆଲୋଚନା କରାଯାଇଥିଲା। ଗୁରୁଦିବସରେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି ଶିକ୍ଷକମାନେ ଆଶା ରଖିଥିଲେ। ମାତ୍ର ସେପରିକିଛି ହେଲାନାହିଁ। ଏହା ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଗଭୀର ଆଘାତ ପ୍ରଦାନ କରିଛି। ତେବେ ଏହାଦ୍ୱାରା ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏହା ବ୍ୟତୀତ ପିଲାମାନେ ପ୍ରତିଦିନ ଖାଉଥିବା ମଧ୍ୟାହ୍ନ ଭୋଜନରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଉଭୟ ଶିକ୍ଷକ ସମାଜ ଓ ବିଦ୍ୟାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ସଂଘର ଦାବି ମାନିନେବା ଉଚିତ ବୋଲି ମହାସଚିବ କହିଛନ୍ତି।










# ଆୟୁଷ ଡାକ୍ତରଙ୍କ ବିକ୍ଷୋଭ



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ।

**ସମ୍ବଲପୁର,୮।୯ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାର ଆୟୁଷ ଡାକ୍ତରମାନେ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଛାତ୍ରୀଛାତ୍ର ପରୀକ୍ଷାରେ ସଫଳ ହେବା ପରେ ମଧ୍ୟ ଫଳ ମିଳୁନାହିଁ। ସରକାର ୨୦୦୧ରୁ ଆୟୁଷ ବିଭାଗରେ ନୂତନ ପଦବୀ ସୃଷ୍ଟି କରୁନାହାନ୍ତି। ତେଣୁ ଆୟୁର୍ବେଦିକ ଓ ହୋମିଓପାଥି ଡାକ୍ତରଙ୍କ ଭବିଷ୍ୟତ ଅନ୍ଧକାରରେ ରହୁଛି। ଶୀଘ୍ର ଆୟୁର୍ବେଦରେ ୫୦୦ ଓ ହୋମିଓପାଥିରେ ୫୦୦ ନୂତନ ପଦବୀ ସ୍ୱୀକୃତି ଦେବା ସହ ମେଡିକାଲ କଲେଜ ସଂଖ୍ୟା ବୃଦ୍ଧି କରାଯାଉ। ୫୦୦୦ ଜନସଂଖ୍ୟାରେ ଗୋଟିଏ ଲେଖାଏ ଡିସ୍ପେନସରି ରହିବାର ନିୟମ ଥିବାବେଳେ ତାହା ପାଳନ ହେଉ ନାହିଁ। ଏପରି କି ୨୦୦୨ ପରେ ନୂଆ ପଦବୀ ସୃଷ୍ଟି ହୋଇ ନାହିଁ ବୋଲି ଅଭିଯୋଗ କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଡା. ଆଶୁତୋଷ ମିଶ୍ର, ଡା. ଜନ୍ମଜୟ ପ୍ରଧାନ, ଡା. ସୁବ୍ରତ ମିଶ୍ର, ଡା. ପ୍ରତିଶ ମିଶ୍ର ନେତୃତ୍ୱ ନେଇଥିଲେ।

## ବଙ୍ଗୋମୁଣ୍ଡା ଓଡ଼ଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ଉଦ୍‌ଘାଟିତ

**କୋକସରା,୮।୯(ଦୁଷ୍ମନ୍ତ କୁମାର ପାଇଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗ ମୁଖ୍ୟଅତିଥି ଭାବେ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ କରଙ୍କ ତତ୍ତ୍ୱାବଧାନ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ବାଗ, ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ଯୋଗଦେଇଥିଲେ। ଭଲ ଶିକ୍ଷା ଗ୍ରହଣ କରି ଜଣେ ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ହୋଇ ରାଜ୍ୟ ଓ ଜିଲାର ନାମ ରଖିବାକୁ ବିଧାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀନିବାସ ଉଦଘାଟନରେ ବିଦ୍ୟାଳୟ ଶିକ୍ଷକ କମଳାକାନ୍ତ ସାହୁ, ଅମୂଲ୍ୟ ସିଂ, ଶଙ୍କର ରାଉତ, ଧୀରେନ୍ଦ୍ର ନାଥ ଠାକୁର, ବିଶ୍ୱ ରଞ୍ଜନ ସାହୁ, ପଦ୍ମମୁଖୀ ଚଳାନ, ମଳୟ ସରାବୁ, ଶିକ୍ଷୟିତ୍ରୀ ମମତା ରାଣି ଧ. ମାଝି, ରଞ୍ଜିତା କାନୁନଗୋ, ନଳିନୀ ପ୍ରଭା ନାଏକ, ଅଞ୍ଜଳି ମହାପାତ୍ର ସମେତ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ।




# ଡିସେମ୍ବର ସୁଦ୍ଧା ସରିବ ହରିଶଙ୍କର ଓ ନୃସିଂହନାଥ ପୀଠର ଉନ୍ନତୀକରଣ କାର୍ଯ୍ୟ

**ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)**

ହରିଶଙ୍କର ଓ ନୃସିଂହନାଥ ପୀଠର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ସମାପ୍ତ ହେବ। ଏଠାରେ ପାର୍କିଂ, ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ, ପାନୀୟ ଜଳ, ସ୍ଥାନୀୟ ଦୋକାନୀଙ୍କ ପାଇଁ ଆଧୁନିକ ଶୈଳୀରେ ଦୋକାନ ଗୃହ ନିର୍ମାଣ ଆଦି କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର(ଡବ୍ଲୁଓଡିସି) ଅଧ୍ୟକ୍ଷ ଅସୀତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ବଲାଙ୍ଗୀର ଜିଲା ଗସ୍ତ କରି ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ହରିଶଙ୍କର ପୀଠର ଉନ୍ନତୀକରଣକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାର ସଫଳ ରୂପାୟନକୁ ନେଇ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ପର୍ଯ୍ୟଟନର ବିକାଶ ହେଲେ ଓଡ଼ିଶାର ସାମଗ୍ରିକ ବିକାଶ ହୋଇପାରିବ। ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ପାଇଁ ସୁଯୋଗମାନ ସୃଷ୍ଟି ହେବ ବୋଲି ଦର୍ଶାଇ ଅସୀତ୍ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ପର୍ଯ୍ୟଟନର ଅଭିବୃଦ୍ଧି ଓ ଭିତ୍ତିଭୂମି ବିକାଶ ଉପରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଅସୀତ୍ ଉପରୋକ୍ତ ମର୍ମରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ତୁରନ୍ତ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ବଲପୁର ଜିଲାରେ ହୀରାକୁଦ ବୋଟ୍ କ୍ଲବ୍‌ର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ହୀରାକୁଦ ଜଳଭଣ୍ଡାରରେ ମାସକ ମଧ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବଡ଼ କ୍ରୁଜ୍ କାର୍ଯ୍ୟକାରୀ କରାଯିବ। ଉପକୂଳ ଓଡ଼ିଶାରେ ଥିବା ଗୋପାଳପୁର, ଚାନ୍ଦିପୁର, ତଳସାରି, ପାରାଦୀପ ଓ ସୋନାପୁର ଇତ୍ୟାଦି ବେଳାଭୂମିରେ ପ୍ରାୟ ୧୫ଟି ଅସ୍ଥାୟୀ ଗୃହ(ବିଚ୍ ସ୍ୟାକ) ନିର୍ମାଣ କରାଯିବ। ଏସବୁ ସ୍ଥାନରେ ବସିବା ସ୍ଥାନ, ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ ଏବଂ ପାର୍କିଂ ଇତ୍ୟାଦି ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଛି।

# ଗାଁରେ ପହଞ୍ଚିଲା ଚିକିତ୍ସକ ଦଳ

**ପଡିଆବାହାଲ, ୮।୯(ରାଧାମୋହନ ଷଡ଼ଙ୍ଗୀ)**

ଯୁଯୁମୁରା ବ୍ଲକ ନୂଆଁ ବରଗଂମାଳ ପଞ୍ଚାୟତର ଗୋବର୍ଦ୍ଧନ ବଡ଼ମାଳରେ ଝାଡ଼ାବାନ୍ତି ରୋଗ ଦେଖାଦେଇଛି। ଏଥିରେ ଆକ୍ରାନ୍ତ ଲୋକେ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମରେ ଚିକିତ୍ସା ଆରମ୍ଭ କରିଛନ୍ତି। ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ଜଳ ଉତ୍ସ ବିଶୋଧନ ପାଇଁ ପଦକ୍ଷେପ ନେଇଛନ୍ତି। ଏହାସହ ପରିବେଶ ସଫାସୁତୁରା ରଖିବା ପାଇଁ ସଚେତନ କରାଇଛନ୍ତି। ଯୁଯୁମୁରା ବିଡ଼ିଓ ମଧ୍ୟ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରିଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ Bhubaneswar, Saturday, September 9/ 2023

# ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ରିଜର୍ଭ ଡେ’

କଲମ୍ବୋ, ୮।୯ (ପି.ଟି.)

ପାଣିପାଗ ଠିକ୍ ରହୁ ନ ଥିବା ଦୃଷ୍ଟିରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଏଠାରେ ଖେଳାଯିବାକୁଥିବା ଏସିଆ କପ୍ କ୍ରିକେଟର ସୁପର-୪ ମ୍ୟାଚ୍ ପାଇଁ ଏସିଆନ କ୍ରିକେଟ କାଉନ୍ସିଲ (ଏସିସି) ପକ୍ଷରୁ ସ୍ୱତନ୍ତ୍ର ଭାବେ ରିଜର୍ଭ ଡେ’ର ବ୍ୟବସ୍ଥା କରାଯାଇଛି। ଶ୍ରୀଲଙ୍କାରେ ଅନ୍ୟ କୌଣସି ସୁପର-୪ ମ୍ୟାଚ ପାଇଁ ରିଜର୍ଭ ଡେ’ର ବ୍ୟବସ୍ଥା କରାଯାଇ ନାହିଁ। କଲମ୍ବୋସ୍ଥିତ ଆର. ପ୍ରେମାଦାସ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଭାରତ-ପାକିସ୍ତାନ ମ୍ୟାଚ ସେପ୍ଟେମ୍ବର ୧୦ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଯଦି ସେଦିନ ବର୍ଷା ଯୋଗୁ ମ୍ୟାଚ ଅଟକି ଯାଏ ତେବେ ପରଦିନ ଅସମାପ୍ତ ମ୍ୟାଚକୁ ସମ୍ପୂର୍ଣ୍ଣ କରାଯିବ। ଏସିଆ କପ୍ ଫାଇନାଲ ସେପ୍ଟେମ୍ବର ୧୭ରେ ଖେଳାଯିବ। ଶ୍ରୀଲଙ୍କା ରାଜଧାନୀରେ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ମ୍ୟାଚ ପାଇଁ ରିଜର୍ଭ ଡେ’ର ବ୍ୟବସ୍ଥା କରାଯାଇଛି। ଏଭଳି ପରିସ୍ଥିତି ଉପୁଜିଲେ ଦର୍ଶକମାନଙ୍କ ଲାଗି ସେମାନଙ୍କ ମ୍ୟାଚ ଟିକେଟ ରିଜର୍ଭ ଡେ’ ପାଇଁ ବୈଧ ରହିବ। ନିକଟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମ୍ୟାନେଜମେଣ୍ଟ କମିଟି ବୈଠକ ଏହାର ଚେୟାରମ୍ୟାନ ଜାକା ଅସ୍ରଫଙ୍କ ଅଧ୍ୟକ୍ଷତାରେ ବସିଥିଲା। ଶ୍ରୀଲଙ୍କାର ଷ୍ଟାଡିୟମଗୁଡ଼ିକରେ ଦର୍ଶକ ଉପସ୍ଥାନ କମ୍ ରହୁଥିବାରୁ ରାଜସ୍ୱ ହାନି ହେଉଛି। ଏଥିପାଇଁ ଅଶ୍ରଫ କ୍ଷତିପୂରଣ ଦାବି କରି ଏସିସି ଚେୟାରମ୍ୟାନ ଜୟ ଶାହାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବର୍ଷା ଯୋଗୁ ଭାରତ-ପାକିସ୍ତାନ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଥିଲା। ଏହି ମ୍ୟାଚରେ ଭାରତ ୨୬୬ ରନ କରିଥିଲା। ଖବର ଅନୁସାରେ ପିସିବିକୁ ଏସିସି କ୍ଷତିପୂରଣ ଦେବାର କୌଣସି ସମ୍ଭାବନା ନାହିଁ। ସେଥିପାଇଁ ରିଜର୍ଭ ଡେ’ର ବ୍ୟବସ୍ଥା କରାଯାଇଛି।

# ଗଫ୍-ସାବାଲେଙ୍କା ଫାଇନାଲ

ନ୍ୟୁୟର୍କ, ୮।୯ (ପି.ଟି.)

ଚଳିତ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ଆମେରିକାର କୋକୋ ଗଫ୍ ଏବଂ ବେଲାରୁଷର ଆରିନା ସାବାଲେଙ୍କା ପ୍ରବେଶ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସାବାଲେଙ୍କା ୨୦୧୭ ୟୁଏସ୍ ଓପନ ରନରଅପ୍ ଆମେରିକାର ମାଡିସନ କିଜ୍‌ଙ୍କୁ ୦-୬, ୭-୬ (୭/୧), ୭-୬ (୧୦/୫) ସେଟ୍‌ରେ ପରାସ୍ତ କରିଥିଲେ। କିଜ୍ ପ୍ରଥମ ସେଟକୁ ସହଜରେ ଜିତିଥିଲେ ହେଁ ପରେ ସାବାଲେଙ୍କା କଡ଼ା ଟକ୍କର ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ୧୯ ବର୍ଷୀୟା ଗଫ୍ ୬-୪, ୭-୫ ସେଟ୍‌ରେ ଚେକ୍ ରିପବ୍ଲିକର କାରୋଲିନା ମୁଚୋଭାଙ୍କୁ ହରାଇଥିଲେ। ପରିବେଶ କର୍ମୀଙ୍କ ପ୍ରତିବାଦ ଯୋଗୁ ଦ୍ୱିତୀୟ ସେମିଫାଇନାଲ ୫୦ ମିନିଟ ବାଧାପ୍ରାପ୍ତ ହୋଇଥିଲା। ଫ୍ଲୁଶିଂ ମାଡୋସରେ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରି ଗଫ୍ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ‘‘ମୁଁ ଏବେ ଟାଇଟଲ ଜିତିବା ପାଇଁ ପରିପକ୍ୱ ହୋଇଯାଇଥିବା ଅନୁଭବ କରୁଛି। ଶନିବାର ଫାଇନାଲରେ କ’ଣ ହେବ ଏହା ଜଣାନାହିଁ। ମାତ୍ର ଗତ କିଛି ସପ୍ତାହଧରି ଯେପରି ଖେଳି ଆସୁଛି ସେଥିରେ ମୁଁ ଗର୍ବ ଅନୁଭବ କରୁଛି’’ ବୋଲି ଗଫ୍ ପ୍ରକାଶ କରିଛନ୍ତି। ଏହି ଆମେରିକାନ ଟିନ୍‌ଏଜର ଗତବର୍ଷ ଫ୍ରେଞ୍ଚ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଟାଇଟଲ ମୁକାବିଲାରେ ହାରି ଯାଇଥିଲେ।





ସେମିଫାଇନାଲ ଜିତିବାପରେ ଆରିନା ସାବାଲେଙ୍କା ଓ କୋକୋ ଗଫ୍‌ଙ୍କ ପ୍ରତିକ୍ରିୟା।

## ନମ୍ବର ୱାନ ହେବେ ସାବାଲେଙ୍କା

ଗତ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନ ଜିତିଥିବା ସାବାଲେଙ୍କାଙ୍କର ଚଳିତ ସିଜନରେ ଗ୍ରାଣ୍ଡସ୍ଲାମ ବିଜୟ ରେକର୍ଡ ୨୩-୨ ରହିଛି। ଆସନ୍ତା ସପ୍ତାହରେ ସେ ପ୍ରଥମଥର ପାଇଁ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ନମ୍ବରୱାନ ହେବା ନିଶ୍ଚିତ ହୋଇଯାଇଛି। କିଜ୍‌ଙ୍କ ବିପକ୍ଷ ସେମିଫାଇନାଲରେ ସେ ପରାଜୟର ନିକଟତର ହୋଇଥିଲେ ହେଁ କ୍ରମାଗତ ୧୨ ପଏଣ୍ଟ ହାସଲ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ।

**ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ**

## ପାଦରେ ଅଠା ଲଗାଇ ପ୍ରତିବାଦ

ଗଫ ପ୍ରଥମ ସେଟ୍ ଜିତି ଦ୍ୱିତୀୟ ସେଟ୍‌ରେ ୧-୦ରେ ଆଗୁଆ ରହିଥିବାବେଳେ ୪ ପରିବେଶ କର୍ମୀ ଆରେନାର ଉପରିଭାଗରେ ଥାଇ ଖେଳରେ ବାଧା ପହଞ୍ଚାଇଥିଲେ। ସମସ୍ତ ୪ ଜଣଯାକ ଗିରଫ ହୋଇଥିଲେ। ୩ ଜଣଙ୍କୁ ସଙ୍ଗେସଙ୍ଗେ ବାହାରକୁ ନିଆଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଖାଲି ପାଦରେ ଅଠା ଲଗାଇ ଷ୍ଟାଣ୍ଡର କଂକ୍ରିଟ ଚଟାଣରେ ରଖି ଦେଇଥିଲେ। ଏହାକୁ କାଢ଼ିବା ପାଇଁ ସମୟ ଲାଗିଥିଲା। ଖେଳ ପୁଣି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଉଭୟ ଖେଳାଳି ଲକର ରୁମ୍‌ରେ ସମୟ ବିତାଇଥିଲେ।

# ‘ଖେଳାଳିଙ୍କ ତ୍ୟାଗ, ପରିଶ୍ରମ ସମସ୍ତଙ୍କ ପାଇଁ ପ୍ରେରଣା’

## ପଦକ ବିଜୟୀ ଦୃଷ୍ଟିବାଧିତ କ୍ରିକେଟ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦୃଷ୍ଟିବାଧିତ ମହିଳା ଓ ପୁରୁଷ ଖେଳାଳି।

ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍‌ଏ) ୱାର୍ଲ୍ଡ ଗେମ୍ସ-୨୦୨୩ରେ ପଦକ ବିଜୟୀ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳର ସଦସ୍ୟ ଥିବା ଓଡ଼ିଶାର ୭ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଏହି ଦଳରେ ଓଡ଼ିଶାର ୪ ଖେଳାଳି ପଦ୍ମିନୀ ଟୁଡୁ, ବାସନ୍ତି ହାଁସଦା, ଝିଲି ବରୁଆ ଓ ଫୁଲ ସୋରେନ ସାମିଲ ଥିଲେ। ଏହି ଖେଳାଳିମାନଙ୍କୁ ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ରୌପ୍ୟ ପଦକ ବିଜୟୀ ଭାରତୀୟ ପୁରୁଷ ଦଳ ପକ୍ଷରୁ ଓଡ଼ିଶାର ୩ ଖେଳାଳି ମହମ୍ମଦ ଜାଫର ଇକବାଲ, ନକୁଳ ବଡ଼ନାୟକ ଓ ପଙ୍କଜ ଭୁଏ ଖେଳିଥିଲେ। ଏହି ଖେଳାଳିଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଖେଳାଳିଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ‘‘ଏହି ସ୍ତରରେ ପହଞ୍ଚିବା ପାଇଁ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ ଚମତ୍କାର ପ୍ରଦର୍ଶନ କରି ଖେଳାଳିମାନେ ଆମକୁ ଗର୍ବିତ କରିଛନ୍ତି। ସେମାନଙ୍କ ପ୍ରତିଭା, ତ୍ୟାଗ ଏବଂ କଠିନ ପରିଶ୍ରମ ସମସ୍ତଙ୍କ ପାଇଁ ପ୍ରେରଣା’’।

# ଉଦ୍‌ଘାଟନୀ ମ୍ୟାଚ ପରିଚାଳନା କରିବେ ମେନନ, ଧର୍ମସେନା

ଦୁବାଇ, ୮।୯ (ପି.ଟି.)

ଅକ୍ଟୋବର ୫ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁଥିବା ବିଶ୍ୱକପ୍ କ୍ରିକେଟ ଉଦ୍‌ଘାଟନୀ ମ୍ୟାଚର ପରିଚାଳନା କରିବେ ଭାରତର ନୀତୀନ ମେନନ ଓ ଶ୍ରୀଲଙ୍କାର କୁମାର ଧର୍ମସେନା। ପୂର୍ବତନ ପେସ୍ ବୋଲର ଜାଭାଗଲ ଶ୍ରୀନାଥ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଛି। ଅହମଦାବାଦରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟ ଓପନର ପାଇଁ ପଲ୍ ୱିଲସନ ଓ ସାଇକାତ୍‌ଙ୍କୁ ଯଥାକ୍ରମେ ଟିଭି ଅମ୍ପାୟର ଓ ଚତୁର୍ଥ ଅମ୍ପାୟର ଭାବେ ମନୋନୀତ କରାଯାଇଛି। ଟୁର୍ନାମେଣ୍ଟର ୧୩ତମ ସଂସ୍କରଣରେ ମ୍ୟାଚ ପରିଚାଳନା ପାଇଁ ୧୬ ଅମ୍ପାୟର ମନୋନୀତ କରାଯାଇଛି। **ଅମ୍ପାୟର ତାଲିକା:** କ୍ରିସ୍ ବ୍ରାଉନ୍, କୁମାର ଧର୍ମସେନା, ମାରାଇସ ଇରାସମସ, କ୍ରିସ୍ ଗାଫାନି, ମାଇଲେକ ଗଫ୍, ଆଡ୍ରିଆନ ହୋଲ୍ଡଷ୍ଟକ୍, ରିଚାର୍ଡ ଏଲିଙ୍ଗୱର୍ଥ, ରିଚାର୍ଡ କେଟେଲବୋରୋ, ନୀତୀନ ମେନନ, ଏହସାନ ରାଜା, ପଲ୍ ରିଫିଲ, ସାଫୁଦୋଲା ଇବନି ଶାଇଦ, ରଡ୍ ଟକର, ଆଲେକ୍ସ ହ୍ୱାର୍ଫ, ଜୋଏଲ ୱିଲସନ ଏବଂ ପଲ୍ ୱିଲସନ।

# ଅମିତ ସ୍ୱର୍ଣ୍ଣ, ଜଗନ୍ନାଥଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)

ନେପାଳର କାଠମାଣ୍ଡୁରେ ୫୫ତମ ଏସୀୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ଏବଂ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ରାଜ୍ୟ

**ଏସୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ତଥା ଅନ୍ତର୍ଜାତୀୟ ବିଚାରକ ସୁମିତ୍ରା ତ୍ରିପାଠୀଙ୍କ ନେତୃତ୍ୱରେ ଓଡ଼ିଶାର ୪ ପ୍ରତିଯୋଗୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୭୦ କେଜି ଓଜନ ବର୍ଗରେ ବଲାଲ ଖାଁ ଓ ଅମିତ କୁମାର ଭୂୟାଁ, ୭୫ କେଜିରେ ଜଗନ୍ନାଥ ଖୁଣ୍ଟିଆ ଏବଂ ମେନ୍ସ ଫିଜିକ୍ ସ୍ପୋର୍ଟ୍ସରେ ପୁପୁନ ସ୍ୱାଇଁ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଅମିତ ସ୍ୱର୍ଣ୍ଣ ଏବଂ ଜଗନ୍ନାଥ ବ୍ରୋଞ୍ଜ ପଦକ ପାଇଛନ୍ତି। ଏସୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିବାରେ ଅମିତ ହେଉଛନ୍ତି ଓଡ଼ିଶାର ପ୍ରଥମ। ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ପ୍ରତିଯୋଗିମାନଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, କାର୍ଯ୍ୟକାରୀ ଉପସଭାପତି ବାବୁଲି ସ୍ୱାଇଁ, ଉପଦେଷ୍ଟା କମିଟି ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ଏବଂ ଅନ୍ୟ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଥିଲେ।



ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀଙ୍କୁ ବିମାନବନ୍ଦରରେ ରାଜ୍ୟ ସଂଘ କର୍ମକର୍ତ୍ତାମାନେ ଶୁକ୍ରବାର ସ୍ୱାଗତ କରୁଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, September 9/2023 Page 20 ₹ 7.00 | SAMBALPUR



**ଗଲ୍ଫ ଖେଳିଲେ ଧୋନୀ**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଗଲ୍ଫ ଖେଳିଛନ୍ତି ଭାରତ ପୂର୍ବତନ କ୍ରିକେଟ ଅଧିନାୟକ ଏମ୍.ଏସ୍. ଧୋନୀ।

୦୬

୦୨

**୧୦୦ କୋଟି କ୍ଲବରେ 'ଯବାନ'**

ବଲିଉଡ କିଙ୍ଗ ଶାହରୁଖ ଖାନ୍‌ଙ୍କ ଫିଲ୍ମ ଯବାନ ଘରୋଇ ବଜାରରେ ୭୫ କୋଟି ଟଙ୍କା ଏବଂ ବିଶ୍ୱରେ ୧୦୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଛି।



# ତାଳଗଛ କରିବ ବଜ୍ରପାତ ମୁକାବିଲା

ଭୁବନେଶ୍ୱର,୮।୯(ଅନିଲ ଦାସ)



ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଜୀବନ ଚାଲିଯାଉଛି। ଏଥିରୁ ଲୋକମାନଙ୍କୁ ବଞ୍ଚାଇବା ପାଇଁ ପାରମ୍ପରିକ ପଦ୍ଧତି ଆପଣାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବଜ୍ରପାତଜନିତ ମୃତ୍ୟୁକୁ ହ୍ରାସ କରିବାକୁ ରାଜ୍ୟରେ ବହୁ ପରିମାଣରେ ତାଳଗଛ ଲଗାଯିବ। ଗ୍ରାମାଞ୍ଚଳରେ ବହୁ ପରିମାଣରେ ତାଳଗଛ ଲଗାଇବାକୁ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) ସତ୍ୟବ୍ରତ ସାହୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ଏବଂ କୃଷି ଓ ସଶକ୍ତୀକରଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗତ ସେପ୍ଟେମ୍ବର ୨ ତାରିଖରେ ଗୋଟିଏ ଦିନରେ ବଜ୍ରପାତ ଯୋଗୁ ୧୨ ଜଣଙ୍କ ମୃତ୍ୟୁ ହେବା ପରେ ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି। ଅଧିକାଂଶ ବଜ୍ରପାତଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ହେଉଥିବାରୁ ତାଳଗଛ ଏଥିରୁ ସୁରକ୍ଷା ଦେଇପାରିବ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ବହୁଳ ମାତ୍ରାରେ ତାଳଗଛ ଲଗାଇବାକୁ ଉଭୟ ବିଭାଗକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ରାଜ୍ୟର ଗ୍ରାମାଞ୍ଚଳରେ ବହୁ ପରିମାଣର ତାଳଗଛ ଥିଲା। ଏହା ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ସହାୟକ ହେଉଥିଲା। ସହରୀକରଣ ଯୋଗୁ ସମୟ କ୍ରମେ ତାଳଗଛ ଲୋପ ପାଇଯିବାରୁ ବଜ୍ରପାତ ସିଧା ଭୂମିରେ ପଡୁଛି। ଯଦ୍ୱାରା ବିଲବାଡ଼ିରେ କାମ କରୁଥିବା କୃଷକ ଓ ଶ୍ରମିକମାନେ ଏହାର ଶିକାର ହେଉଛନ୍ତି। ବିଶେଷ କରି ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବଜ୍ରପାତ ଯୋଗୁ ଅନେକ ଲୋକ ମୃତାହତ ହେଉଛନ୍ତି। ବଜ୍ରପାତ ମୁଖ୍ୟତଃ ଡେଙ୍ଗା ଗଛ ଯଥା ତାଳ ଓ ନଡିଆ ଗଛ ଉପରେ ହୋଇଥାଏ। ପୂର୍ବରୁ ତାଳଗଛ ଯେ କେବଳ ବଜ୍ରପାତରୁ ରକ୍ଷା କରୁ ନ ଥିଲା ବରଂ ଏହାର ଫଳକୁ ଖାଦ୍ୟ ଓ ପାନୀୟ ଆକାରରେ ବ୍ୟବହାର କରାଯାଉଥିଲା। ତାଳଗଛର ବାହୁଙ୍ଗାକୁ ଛପର ଓ ଟୋକେଇ ତିଆରିରେ ବ୍ୟବହୃତ କରାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ୨୦୧୮ରେ ସମସ୍ତ ରାଜ୍ୟ ଓ ଜାତୀୟ ରାଜପଥ, ଗ୍ରାମାଞ୍ଚଳ, ସଂରକ୍ଷିତ ଜଙ୍ଗଲ ଓ କ୍ଷେତରେ ତାଳଗଛ ଲଗାଇବାକୁ ଜଙ୍ଗଲ ବିଭାଗ ରାଜ୍ୟର ସମସ୍ତ ବନଖଣ୍ଡକୁ ଜଣାଇଥିଲା। ହେଲେ ତାହା ଫଳପ୍ରଦ ହୋଇପାରି ନାହିଁ। ତାଳଗଛ ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ଅନେକାଂଶରେ ସହାୟକ ହେବ ବୋଲି ପରିବେଶବିତ୍ ମତ ଦେଉଛନ୍ତି। ବଜ୍ରପାତଜନିତ ମୃତ୍ୟୁକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି।

# ଅନ୍ଧାରି ମୂଲକରେ ଆଲୋକବର୍ତ୍ତିକା ବର୍ଷା

ସମ୍ବଲପୁର,୮।୯ (ଶୁଭାଶିଷ ପାଢ଼ୀ)

## କଲେଜ ଯାଇ ପ୍ରେରଣା ସାଜିଲେ ୩ ଛାତ୍ରୀଛାତ୍ର



ଗାଁରୁ କଲେଜ ବାହାରିଛନ୍ତି ବର୍ଷା ଗୁରୁ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ବାବୁପାଲି ଏକ ରାଜସ୍ୱ ଗ୍ରାମ। ବଣଜଙ୍ଗଲ ଘେରା ଏହି ଗ୍ରାମରେ ପ୍ରାୟ ୧୨୦ ଆଦିବାସୀ ପରିବାର କାହିଁ କେଉଁ କାଳରୁ ବସବାସ କରିଆସୁଛନ୍ତି। ଗାଁଟି ସହରଠାରୁ ୧୦ କି.ମି. ଓ ୫୫ନଂ. ଜାତୀୟ ରାଜପଥର ଭବାନିପାଲି ଗ୍ରାମ ଛକରୁ ପ୍ରାୟ ୪ କି.ମି. ଦୂରରେ ରହିଛି। ଅନ୍ଧାରି ମୂଲକରେ ରହିଥିବା ଗାଁ ଲୋକଙ୍କ ପାଖରେ ପହଞ୍ଚିପାରି ନାହିଁ ଶିକ୍ଷାର ଆଲୋକ। ଅଭିଭାବକ ଅଶିକ୍ଷିତ ରହିଥିବାବେଳେ ଯୁବବର୍ଗ ମଧ୍ୟ ଉଚ୍ଚ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ଆର୍ଥିକ ଅନଟନ ରୋଜଗାର ପାଇଁ ବାଧ୍ୟ କରୁଛି। ପେଟ ପୋଷିବା ପାଇଁ ପାଠ ଛାଡ଼ି ରୋଜଗାର କରିବାକୁ ବାଧ୍ୟ ହେଉଛନ୍ତି ଯୁବବର୍ଗ। ଏଭଳି ପରିସ୍ଥିତିରେ ଗ୍ରାମର ଯୁବତୀ ବର୍ଷା ଗୁରୁ ମହାବିଦ୍ୟାଳୟ ମାଟି ମାଡି ଆଲୋକବର୍ତ୍ତିକା ସାଜିଛନ୍ତି। ଉଚ୍ଚ ଶିକ୍ଷା ପାଇଁ ସେ ନାଁ ଲେଖାଇ ନିୟମିତ କଲେଜ ଯାଉଛନ୍ତି। ତାଙ୍କ ସହ ଗାଁର ଆଉ ୨ ଛାତ୍ର ମଧ୍ୟ ଉଚ୍ଚଶିକ୍ଷା ପାଇଁ ଆଗେଇ ଆସି ଆଗାମୀ ଯୁବପିଢି ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ବର୍ଷା ମାନେଶ୍ୱର ମାନ୍ଧାତା ବାବା ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ସେହିଭଳି ଚନ୍ଦନ ପଲକା ଯୁଯୁମୁରା ଭିଏସ୍ଏସ୍ କଲେଜ ଓ ସାହିଲ ଭୋଇ ପରମାଣପୁର କଲେଜର ଛାତ୍ର ଅଟନ୍ତି। ବର୍ଷାଙ୍କ ବାପା ମଣିଚନ୍ଦ୍ର ଗୁରୁ ଲୁହୁରା କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଯକ୍ଷ୍ମାରୋଗରେ ୫ବର୍ଷ ପୂର୍ବରୁ ତାଙ୍କର ପରଲୋକ ହୋଇଥିଲା। ବାପା ଚାଲିଯିବା ପରେ ମା' ସନ୍ତୋଷିନୀ ଝିଅ ପାଠପଢା ଉପରେ ଫୋକସ୍ କରିଥିଲେ। ବର୍ଷା ଏବେ ଦୈନିକ ୧୦ କି.ମି. ସାଇକେଲରେ କଲେଜକୁ ଯିବାଆସିବା କରୁଛନ୍ତି। ପାଠ ସାରିବା ପରେ ଜଣେ ଆଦର୍ଶ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଗ୍ରାମରେ ଆଗାମୀ ପିଢିର ଯୁବବର୍ଗ ଯେପରି ଉଚ୍ଚଶିକ୍ଷା ଲାଭ କରିବେ ସେ ନେଇ କାମ କରିବେ ବୋଲି ବର୍ଷା କହିଛନ୍ତି। ଅନ୍ୟପଟେ ଅନ୍ୟ ଦୁଇ ଛାତ୍ରଙ୍କ ପରିବାର ପିଲାଙ୍କୁ କାମଧନ୍ଦାରେ ନ ଲଗାଇ ☞ପୃଷ୍ଠା–୩





ୟୁକ୍ରେନ୍‌ର କ୍ରିଭି ରିହରେ ରୁଷିଆର କ୍ଷେପଣାସ୍ତ୍ର ଆକ୍ରମଣରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

# ଲୋକ ସଭା ନିର୍ବାଚନ ପାଇଁ ଭାଜପା-ଜେଡିଏସ୍ ବୁଝାମଣା

## ୪ ଆସନରେ ଲଢ଼ିବ ଦେବେଗୌଡ଼ାଙ୍କ ଦଳ

ବେଙ୍ଗାଲୁରୁ,୮।୯(ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ଲାଗି ଭାଜପା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନେତୃତ୍ୱାଧୀନ ଜେଡିଏସ୍ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହୋଇଛି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଶୁକ୍ରବାର ଏହା ଘୋଷଣା କରିବା ପରେ ରାଜ୍ୟରେ ରାଜନୈତିକ ଉଷ୍ମତା ବଢ଼ିଯାଇଛି। ନିର୍ବାଚନ ବୁଝାମଣା ଅନୁଯାୟୀ କର୍ନାଟକର ମୋଟ ୨୮ ଲୋକ ସଭା ଆସନରୁ ୪ ଆସନରେ ଜେଡିଏସ୍ ଲଢ଼ିବ। ଦେବେଗୌଡ଼ା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ୪ ଆସନ ଚୂଡ଼ାନ୍ତ କରିଛନ୍ତି। ଜେଡିଏସ୍‌କୁ ୪ ଆସନ ଛାଡ଼ିଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସହମତ ହୋଇଥିବା ୟେଦୁରପ୍ପା କହିଛନ୍ତି। କର୍ନାଟକରେ ଜେଡିଏସ୍ ସହ ବୁଝାମଣା ଆମକୁ ସାମର୍ଥ୍ୟ ଦେବ ଏବଂ ଆମେ ମିଳିତ ଭାବେ ୨୫ରୁ ୨୬ ଲୋକ ସଭା ଆସନ ଜିତିପାରିବୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ସଂସଦୀୟ ବୋର୍ଡ ସଦସ୍ୟ କହିଛନ୍ତି। ୨୦୧୯ ନିର୍ବାଚନରେ କର୍ନାଟକରୁ ଭାଜପା ୨୫ ଆସନ ଜିତିଥିବାବେଳେ ଏହା ସମର୍ଥନରେ



ଏଚ୍.ଡି. ଦେବେଗୌଡ଼ା

ଜଣେ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନ ପାଇଥିଲେ। କଂଗ୍ରେସ ଏବଂ ଜେଡିଏସ୍ ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଥିଲେ। ତେବେ ଗତ ମେ'ରେ ଅନୁଷ୍ଠିତ ୨୨୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୩୫ ଆସନ ମିଳିଥିବାବେଳେ ଭାଜପା ୬୬ ଏବଂ ଜେଡିଏସ୍ ୧୯ ଆସନରେ ଜିତିଥିଲା। ଏହି ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଜେଡିଏସ୍ ଲୋକ ସଭା ନିର୍ବାଚନରେ ଭାଜପା ସହ ମେଣ୍ଟ କରିବା ନେଇ ଚର୍ଚ୍ଚା ହୋଇ ଆସୁଥିଲା।

## ସଂକ୍ଷେପରେ

### ପ୍ରସିଦ୍ଧ କାର୍ଟୁନିଷ୍ଟ ଅଜିତ ନିନାନଙ୍କ ପରଲୋକ

**ମୈସୁର,୮।୯:** ଲୋକପ୍ରିୟ କାର୍ଟୁନିଷ୍ଟ ଅଜିତ ନିନାନଙ୍କ ଶୁକ୍ରବାର ମୈସୁରଠାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ରାଜନୀତି ସମ୍ପର୍କିତ କାର୍ଟୁନ ପ୍ରସ୍ତୁତ କରି ସେ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କର କାର୍ଟୁନଗୁଡ଼ିକ ଜାତୀୟସ୍ତରୀୟ ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଥିଲା।



ହୃଦଘାତ ଯୋଗୁ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାର ସଦସ୍ୟ ଜଣାଇଛନ୍ତି। ମୃତ୍ୟୁ ପଛରେ ନିନାନ ସ୍ତ୍ରୀ, ଦୁଇ ଝିଅ ଏବଂ ଦୁଇ ନାତି ନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି। ନିନାନ ଗତ ଦୁଇବର୍ଷ ହେଲା ମୈସୁରରେ ଏକାକୀ ରହୁଥିଲେ। ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ସେ ଗୋଆରେ ଝିଅଙ୍କ ପାଖରେ ରହୁଥିଲେ। 'ଡିଟେକ୍ଟିଭ୍ ମୁଚ୍ଛ୍‌ୱାଲା' ତାଙ୍କ ଲୋକପ୍ରିୟ କାର୍ଟୁନ ମଧ୍ୟରୁ ଗୋଟିଏ ଥିଲା। ଏହା ଶିଶୁ ପତ୍ରିକା 'ଟାର୍ଗେଟ'ରେ ପ୍ରକାଶିତ ହୋଇଥିଲା।

### ଏୟାରହୋଷ୍ଟେସ ହତ୍ୟା ଅଭିଯୁକ୍ତଙ୍କ ହାଜତ ମୃତ୍ୟୁ

**ମୁମ୍ବାଇ,୮।୯:** ଏୟାରହୋଷ୍ଟେସ ରୁପାଲ ଓଗ୍ରେଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ବିକ୍ରମ ଅଟୱାଲଙ୍କ ପୋଲିସ ହାଜତରେ ମୃତ୍ୟୁ ଘଟିଛି। ରବିବାର ରାତିରେ ମୁମ୍ବାଇର ଅନ୍ଧେରୀ ଅଞ୍ଚଳରେ ଥିବା ଏକ ଫ୍ଲାଟରେ ରୁପାଲଙ୍କ ମୃତଦେହ ଠାବ ହୋଇଥିଲା। ଏହାପରେ ପୋଲିସ ବିକ୍ରମଙ୍କୁ ଗିରଫ କରି ଅନ୍ଧେରୀ ଥାନାକୁ ଆଣିଥିଲା। ତେବେ ଶୁକ୍ରବାର ସକାଳେ ସେ ଶୌଚ ପାଇଁ ଯାଇ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ କହିଛି। ଛତିଶଗଡ଼ର ରୁପାଲ ଏୟାରହୋଷ୍ଟେସ ତାଲିମ ପାଇଁ ଗତ ଏପ୍ରିଲରେ ମୁମ୍ବାଇ ଆସିଥିଲେ। ରୁପାଲ ରହୁଥିବା ଫ୍ଲାଟରେ ଅଭିଯୁକ୍ତ ବିକ୍ରମ କାମ କରୁଥିଲେ। ତେବେ ସେ ହିଁ ରୁପାଲଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ମଣିପୁରରେ ପୁଣି ହିଂସାକାଣ୍ଡ

# ୨ ମୃତ, ୫୦ ଆହତ

ଗୁଆହାଟୀ,୮।୯

ମଣିପୁରର ଟେଙ୍ଗନୌପାଲ ଓ କାକଚିଂ ଜିଲାରେ ଶୁକ୍ରବାର ପୁଣି ହିଂସାକାଣ୍ଡ ଘଟିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ସକାଳୁ ପେଲଲ ସହରରେ ଆସାମ ରାଇଫଲ୍ସର ଯବାନ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଅଞ୍ଚଳରେ ମହିଳାମାନେ ରାସ୍ତା ଅବରୋଧ କରିଥିବାବେଳେ ସୁରକ୍ଷାକର୍ମୀ ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଶୁକ୍ରବାର ଅପରାହ୍ନ ୧୨ଟାରୁ କର୍ଫ୍ୟୁ ଜାରି କରିଛି। ସୂଚନାନୁସାରେ ମେଇତି ସମ୍ପ୍ରଦାୟର କିଛି ବ୍ୟକ୍ତି ପ୍ରଥମେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି କୁକି ସମ୍ପ୍ରଦାୟ ଅଭିଯୋଗ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଜଣେ ଯବାନଙ୍କ



ସମେତ କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଇଣ୍ଡିଜେନସ ଟ୍ରାଇବାଲ ଲିଡର୍ସ ଫୋରମ(ଆଇଟିଏଲ୍‌ଏଫ୍) ମୁଖପାତ୍ର ଗିଞ୍ଜା ଭୁଆଲଜଙ୍ଗ କହିଛନ୍ତି, ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ଚୁକ୍ତିନାମା ହୋଇଥିଲା। କିନ୍ତୁ ଶୁକ୍ରବାରର ଗୁଳିକାଣ୍ଡ ପରେ ଏହା ଭଙ୍ଗ ହୋଇଛି। ଅପରପକ୍ଷେ ମେଇତି ସମ୍ପ୍ରଦାୟ ଅଭିଯୋଗ କରିଛନ୍ତି, ଆଦିବାସୀ ସମ୍ପ୍ରଦାୟ ପ୍ରଥମେ ଗୁଳିକାଣ୍ଡ ଘଟାଇଥିଲେ। ସେହିପରି କୁକି ସମ୍ପ୍ରଦାୟ ସେମାନଙ୍କ ଦୁଇଟି ଘରକୁ ଜାଳି ଦେଇଥିଲେ। ଫଳରେ ଏହି ହିଂସାକାଣ୍ଡ ଘଟିଥିଲା। ନୂଆଦିଲ୍ଲୀରେ ଜି୨୦ ସମ୍ମିଳନୀ ଆରମ୍ଭ ହୋଇଥିବାବେଳେ ପୂର୍ବ ଯୋଜନା ମୁତାବକ ଏହି ହିଂସାକାଣ୍ଡ ଘଟାଯାଉଛି ବୋଲି ମଣିପୁର ଇଣ୍ଟିଗ୍ରିଟି କମିଟି ମୁଖ୍ୟ ଅଟୌବା ଖୁରାଇଜାମ କହିଛନ୍ତି। ବୁଧବାର ହଜାର ହଜାର ବିକ୍ଷୋଭକାରୀ ବିଷ୍ଣୁପୁର ଜିଲାର ଫୋଉଗାଚୋ ଅଞ୍ଚଳରେ ବିକ୍ଷୋଭ କରିବା ସହ ସୁରକ୍ଷାକର୍ମୀଙ୍କ ବ୍ୟାରିକେଡ ହଟାଇ ନିଜ ନିଜ ଘରକୁ ଫେରିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷାକର୍ମୀ ବିକ୍ଷୋଭକାରିଙ୍କୁ ପ୍ରତିରୋଧ କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାପରେ ରାଜ୍ୟର ୫ଟି ଜିଲାରେ କର୍ଫ୍ୟୁ ଜାରି କରାଯାଇଥିଲା।

## ଦିନେଶ ଶର୍ମା ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ



ଲକ୍ଷ୍ନୌ,୮।୯(ପି.ଟି.)

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ଉତ୍ତରପ୍ରଦେଶରୁ ଭାଜପା ପ୍ରାର୍ଥୀ ଭାବେ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ କେବଳ ଭାଜପା ନେତା ଦିନେଶ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ପୂର୍ବତନ ଭାଜପା ଏମ୍‌ପି ହରଦ୍ୱାର ଦୁବେଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ ଜରୁରୀ ହୋଇଥିଲା। ଦିନେଶ ରାଜ୍ୟ ସଭା ସଦସ୍ୟ ଭାବେ ୨୦୨୬ ନଭେମ୍ବର ପର୍ଯ୍ୟନ୍ତ ରହିବେ।

# ଅଜିତଙ୍କ ନିଯୁକ୍ତି ଅସାମ୍ବିଧାନିକ: ପାୱାର ଗୋଷ୍ଠୀ

ନୂଆଦିଲ୍ଲୀ,୮।୯

ଅଜିତ ପାୱାର ରାଷ୍ଟ୍ରୀୟତାବାଦୀ କଂଗ୍ରେସ(ଏନ୍‌ସିପି)ର ଜାତୀୟ ଅଧ୍ୟକ୍ଷ ନୁହଁନ୍ତି ଏବଂ ତାଙ୍କ ନିଯୁକ୍ତି ଅସାମ୍ବିଧାନିକ ବୋଲି ଶରଦ ପାୱାର ଗ୍ରୁପ ନିର୍ବାଚନ କମିଶନଙ୍କୁ ଜଣାଇଛି। ଅଜିତ ଗ୍ରୁପ ଏନସିପିର ଦଳୀୟ ଚିହ୍ନ ଜାରି କରିବା ଲାଗି କେନ୍ଦ୍ର ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିଥିଲେ। ଏହାପରେ ନିର୍ବାଚନ କମିଶନ ଶରଦ ଗ୍ରୁପକୁ ଏନେଇ ନିଜର ପ୍ରତିକ୍ରିୟା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଦଳର ସମ୍ବିଧାନ ବିଧାୟକମାନଙ୍କୁ ଦଳୀୟ ମୁଖ୍ୟ ଚୟନ କରିବାର ଅଧିକାର ଦେଇନାହିଁ। ତେବେ ଅଜିତ ପାୱାର ତାଙ୍କର କିଛି ଆନୁଗତ୍ୟ ବିଧାୟକଙ୍କ ସ୍ୱାକ୍ଷର ଜରିଆରେ ନିଜକୁ



ଅଜିତ୍ ପାୱାର

ଦଳୀୟ ମୁଖ୍ୟ ବୋଲି ପ୍ରତିପାଦନ କରିଛନ୍ତି। ତେଣୁ ଏହା ଅସାମ୍ବିଧାନିକ ବୋଲି ଶରଦ ପାୱାର ଗ୍ରୁପ, ନିର୍ବାଚନ କମିଶନଙ୍କୁ ଜଣାଇଛି। ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଅଜିତ ତାଙ୍କ ଦାଦା ଶରଦଙ୍କ ବିରୋଧରେ ବିଦ୍ରୋହ କରିବା ସହ କିଛି ବିଧାୟକଙ୍କୁ ନେଇ ଭାଜପା-ଶିବସେନା(ଏକନାଥ ଗ୍ରୁପ) ସରକାରର ଅଂଶୀଦାର ଭାବେ ଯୋଗଦେଇଥିଲେ। ଏହାପରେ ଅଜିତ ଏକ ଜାତୀୟ ସମ୍ମିଳନୀ କରିଥିଲେ। ତେବେ ଏନେଇ ସେ କୌଣସି ନୋଟିସ ଜାରି କରିନଥିଲେ କିମ୍ବା କୌଣସି ରିଟର୍ନିଂ ଅଫିସରଙ୍କୁ ମଧ୍ୟ ନିଯୁକ୍ତ କରିନଥିଲେ ବୋଲି ଶରଦ ଗ୍ରୁପ ଅଭିଯୋଗ କରିଛି। ଅଜିତ ୪୦ ଜଣ ବିଧାୟକଙ୍କୁ ନେଇ ଶାସକ ଦଳ ସହ ହାତ ମିଳାଇଥିଲେ। ଏବେ ସେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ କରିଥିବାରୁ ୨୯ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରାଯାଉ ବୋଲି ଶରଦ ଗ୍ରୁପ ସେପ୍ଟେମ୍ବର ୫ରେ ଏକ ପିଟିଶନ ଦାଖଲ କରିଥିଲେ। ଏହାପରେ ଶରଦ ଗ୍ରୁପ ଯେଉଁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ପିଟିଶନ ଦାଖଲ କରାଯାଇଛି ସେମାନଙ୍କୁ ସଂଖ୍ୟା ଗରିଷ୍ଠତା ପ୍ରମାଣବେଳେ ଗଣାଯିବ ନାହିଁ ବୋଲି ଏକ ଶ୍ୱେତପତ୍ର ଦାଖଲ କରିଥିଲେ।



ହିମାଚଳ ପ୍ରଦେଶର କନୁର ଜିଲା ନେଗୁଲସାରି ନିକଟରେ ଭୁସ୍ଖଳନ ଯୋଗୁ ୫ ନଂ ଜାତୀୟ ରାଜପଥ ଅବରୋଧ ହୋଇଛି।

## ଏଏସ୍‌ଆଇକୁ ଆଉ ୮ ସପ୍ତାହ ସମୟ

### ଜ୍ଞାନବାପି ସର୍ଭେ

ବାରାଣସୀ,୮।୯(ପି.ଟି.)

ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନସମ୍ମତ ସର୍ଭେ କାର୍ଯ୍ୟ ଶେଷ କରି ରିପୋର୍ଟ ଦାଖଲ କରିବା ଲାଗି ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ବାରାଣସୀର ଏକ ଅଦାଲତ ଶୁକ୍ରବାର ଆଉ ୮ ସପ୍ତାହ ସମୟ ଦେଇଛନ୍ତି। ଜିଲା ଜଜ୍ ଏ.କେ. ବିଶ୍ୱେଷ ମସ୍‌ଜିଦ ପରିଚାଳନା କମିଟିର ଆପତ୍ତିକୁ ଖାରଜ କରିଦେବା ସହ ଏଏସ୍‌ଆଇକୁ ଅଧିକ ସମୟ ମଞ୍ଜୁର କରିଥିବା ସରକାରୀ ଓକିଲ ରାଜେଶ ମିଶ୍ରା କହିଛନ୍ତି। ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିରକୁ ଲାଗି ରହିଥିବା ଜ୍ଞାନବାପି ମସ୍‌ଜିଦର ବିଜ୍ଞାନସମ୍ମତ ସର୍ଭେ କାର୍ଯ୍ୟ ଏଏସ୍‌ଆଇ ଜାରି ରଖିଛି। ସପ୍ତଦଶ ଶତାବ୍ଦୀର ଏହି ମସ୍‌ଜିଦ ପୂର୍ବରୁ ଥିବା ହିନ୍ଦୁ ମନ୍ଦିର ଭଗ୍ନାବଶେଷ ଉପରେ ହୋଇଛି କି ନାହିଁ, ତାହା ନିର୍ଦ୍ଧାରଣ



କରିବା ଏହି ସର୍ଭେର ଉଦ୍ଦେଶ୍ୟ। ଜିଲା କୋର୍ଟଙ୍କ ରାୟକୁ ଆଲ୍ଲାହାବାଦ ହାଇକୋର୍ଟ କାଏମ ରଖିବା ପରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା।

# ଜି୨୦ ସମିଟ୍ ପାଇଁ ଟ୍ରାଫିକ୍ କଟକଣା

ନୂଆଦିଲ୍ଲୀ,୮।୯

ଜି୨୦ ସମିଟ୍ ପାଇଁ ନୂଆଦିଲ୍ଲୀ ଜିଲାରେ ଶୁକ୍ରବାର ସକାଳେ ଟ୍ରାଫିକ୍ କଟକଣା କଡ଼ାକଡ଼ି ହୋଇଛି। ଜି୨୦ ସମ୍ମିଳନୀ ହେବାକୁ ଥିବା ସ୍ଥାନ ଓ ଅତିଥିମାନେ ରହିବାକୁ ଥିବା ହୋଟେଲ୍ ଅଞ୍ଚଳରେ ଔଷଧକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ଅନ୍‌ଲାଇନ୍ ଡେଲିଭରି ସେବାକୁ ବନ୍ଦ କରିଦିଆଯାଇଛି। ଶୁକ୍ରବାର ସକାଳ ୫ଟାରୁ ରବିବାର ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଜିଲାକୁ ନିୟନ୍ତ୍ରିତ ଜୋନ୍-୧ ଘୋଷଣା କରାଯାଇଛି। ଇଣ୍ଡିଆ ଗେଟ୍ ଏବଂ କର୍ତ୍ତବ୍ୟ ପଥକୁ ଭ୍ରମଣ, ସାଇକ୍ଲିଂ କିମ୍ବା ପିକ୍‌ନିକ୍ ପାଇଁ ନ ଯିବାକୁ ଜନସାଧାରଣଙ୍କୁ ପୋଲିସ ନିବେଦନ କରିଛି। ନୂଆଦିଲ୍ଲୀ ଜିଲାରେ ଗାଡ଼ିମୋଟର





ଟ୍ରାଫିକ୍ କଟକଣା ଯୋଗୁ ଦିଲ୍ଲୀ-ଗୁରୁଗ୍ରାମ ଏକ୍ସପ୍ରେସ୍‌ୱେ ଖାଁ ଖାଁ।

ଚଳାଚଳ ଉପରେ କଟକଣା ଜାରି ହୋଇଥିବାବେଳେ ଆମ୍ବୁଲାନ୍ସ ଏବଂ ଉକ୍ତ ଅଞ୍ଚଳରେ ରହୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଉପଯୁକ୍ତ ପରିଚୟପତ୍ର ଦେଖାଇ ଯା'ଆସ କରିପାରିବେ ବୋଲି ପୋଲିସ କହିଛି। ଦିଲ୍ଲୀ ପୋଲିସର ଅନୁରୋଧକ୍ରମେ ୮, ୯ ଏବଂ ୧୦ ତାରିଖରେ ଦିଲ୍ଲୀ ମେଟ୍ରୋ ଏହାର ସମସ୍ତ ଲାଇନ୍‌ରେ ସେବା ଭୋର ୪ଟାରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ସମିଟ୍ ଅବସରରେ ୫୦ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମଚାରୀ ସହ ଡଗ୍ ସ୍କ୍ୱାଡ୍, ସଶସ୍ତ୍ର ପୋଲିସ କଡ଼ା ନଜର ରଖିବେ। ମାଲ୍‌ଗାଡ଼ି, ବସ୍, ଅଟୋରିକ୍ସା ଏବଂ ଟ୍ୟାକ୍ସି ଯାତାୟାତ ଉପରେ କଟକଣା ଲଗାଯାଇଥିବାବେଳେ ଲୋକମାନଙ୍କୁ ମେଟ୍ରୋ ସେବାର ସୁଯୋଗ ନେବା ଲାଗି କୁହାଯାଇଛି। କଟକଣା ଜାରି ରହିଥିବା ଯାଏ ଲୋକଙ୍କୁ ନାଭିଗେଶନ ଆପ୍ 'ମ୍ୟାପ୍ ମାଇଁ ଇଣ୍ଡିଆ'ର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ମହାତ୍ମା ଗାନ୍ଧୀ ମାର୍ଗର ସମୁଦାୟ ରିଙ୍ଗ୍ ରୋଡ୍ ଅଞ୍ଚଳ ରେଗୁଲେଟେଡ୍ ଜୋନ୍ ଘୋଷିତ ହୋଇଛି। ଅର୍ଥାତ୍ କେବଳ ବାସ୍ତବିକ ନିବାସୀ, ପ୍ରାଧିକୃତ ଯାନ, ଜରୁରୀ ଯାନ ଏବଂ ବିମାନବନ୍ଦର, ପୁରୁଣା ଦିଲ୍ଲୀ ନୂଆଦିଲ୍ଲୀ ରେଳଷ୍ଟେଶନକୁ ଯାଉଥିବା ଯାନଗୁଡ଼ିକୁ ରିଙ୍ଗ୍ ରୋଡ୍‌ରୁ ନୂଆଦିଲ୍ଲୀ ଜିଲା ମଧ୍ୟରେ ଯିବାଆସିବା ଲାଗି ଅନୁମତି ମିଳିବ। ରବିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ୧୬ଟି ରାସ୍ତା ଓ ଛକକୁ ନିୟନ୍ତ୍ରିତ ଜୋନ୍-୨ରେ ରଖାଯାଇଛି। ସେଥିରେ ଡବ୍ଲ୍ୟୁ-ପଏଣ୍ଟ, ଏ-ପଏଣ୍ଟ, ଡିଡିୟୁ ମାର୍ଗ, ବିକାଶ ମାର୍ଗ, ବାହାଦୁର ଶାହ ଜାଫର ମାର୍ଗ ଏବଂ ଦିଲ୍ଲୀ ଗେଟ୍ ରହିଛି। ରେଗୁଲେଟେଡ୍ ଏବଂ କଣ୍ଟ୍ରୋଲ୍ଡ ଜୋନରେ ଯାତାୟାତ ନ କରିବାକୁ ପୋଲିସ ଜନସାଧାରଣଙ୍କୁ ଅନୁରୋଧ କରିଛି। ଏହା ପରିବର୍ତ୍ତେ ବିକଳ୍ପ ରାସ୍ତାର ଏକ ତାଲିକା ପୋଲିସ ଜାରି କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ | Bhubaneswar, Saturday, September 9/2023 | ପୃଷ୍ଠା-୧

# ରାଜପଥରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

## ୫୫ନଂ. ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍

ବଅଁରପାଳ,୮।୯(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ବଅଁରପାଳସ୍ଥିତ ପାଞ୍ଚଗଡ଼ ବିଜୟ କୁମାର ହାଇସ୍କୁଲର ୬ଷ୍ଠ ଶ୍ରେଣୀର ଛାତ୍ରୀ ପୂଜା ସାହୁ (୧୧)ଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ପରଠାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଶୁକ୍ରବାର ଅପରାହ୍ନ ୧ଟାରୁ ଛାତ୍ରୀଛାତ୍ରମାନେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା ଚଳାଇଥିଲେ ମଧ୍ୟ ରାସ୍ତାରୋକୋ ଜାରି ରହିଥିବାରୁ ରାତି ଯାଏ ରାଜପଥ ଉପରେ ସହସ୍ରାଧିକ ଗାଡ଼ି ଅଟକି ରହିଛି।

ପ୍ରକାଶ ଯେ, ଗୁରୁବାର ସ୍କୁଲ ଛୁଟି ପରେ ପୂଜା ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ୍ ୫୫ନଂ. ଜାତୀୟ ରାଜପଥର ହାଟ ଛକଠାରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପୂଜାଙ୍କ ମୃତ୍ୟୁ ହୋଇଥିଲା। ସ୍କୁଲ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍କୁଲ ଆସିବା ଓ ଯିବା ସମୟରେ ରାଜପଥରେ ଟ୍ରାଫିକ କଣ୍ଟ୍ରୋଲ କରିବା, ସକାଳ ୮ଟାରୁ ରାତି ୧୦ଟା ଯାଏ ଭାରିଯାନ ଚଳାଚଳ ବନ୍ଦ ରଖିବା ଦାବିରେ ଅପରାହ୍ନ ୧ଟାରୁ ଛାତ୍ରୀଛାତ୍ରମାନେ ରାଜପଥରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଏପରି କି ପୂର୍ବାହ୍ନ ୧୦ଟାରୁ ସେମାନେ ସ୍କୁଲରୁ ରାଜପଥକୁ ଚାଲି ଆସିବାକୁ ଉଦ୍ୟମ କରିଥିଲେ ହେଁ କର୍ତ୍ତୃପକ୍ଷ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ହେଲେ ଅପରାହ୍ନରେ ଛାତ୍ରୀଛାତ୍ରମାନେ ତାଲା ଭାଙ୍ଗି ରାଜପଥରେ ଆନ୍ଦୋଳନ ଆରମ୍ଭ କରିଥିଲେ। ସେମାନଙ୍କୁ ପାଞ୍ଚଗଡ଼ ସୋମନାଥ ସିଂହ ମହାବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ସହଯୋଗ କରିବାରୁ ଆନ୍ଦୋଳନ ଜୋର୍‌ଦାର ହୋଇଥିଲା। ସେମାନେ ବଅଁରପାଳ ମୁଖ୍ୟଛକର ତିନି ଦିଗକୁ ଯାଇଥିବା ରାସ୍ତାକୁ ଅବରୋଧ କରିଥିଲେ। ମୃତା ଛାତ୍ରୀ ପୂଜା ସାହୁଙ୍କ ଫଟୋଚିତ୍ର ଧରି ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ନାୟକ ଓ ବଅଁରପାଳ ଥାନା ଅଧିକାରୀ ନିରୁପମା ଜେନା ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ପହଞ୍ଚି ଆଲୋଚନା କରିଥିଲେ। ହେଲେ ଛାତ୍ରୀଛାତ୍ରମାନେ ଜିଲାପାଳ ଘଟଣାସ୍ଥଳକୁ ଆସନ୍ତୁ ବୋଲି ଅଡ଼ିବସିବା ସହ ଆନ୍ଦୋଳନ ଜାରି ରଖିଥିବାରୁ ରାତି ଯାଏ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଉତ୍ତେଜନାକୁ ଦେଖି ଘଟଣାସ୍ଥଳରେ ୪ ପ୍ଲାଟୁନ ଫୋର୍ସ ଜଗି ରହିଛନ୍ତି।


ସ୍କୁଲ ଛାତ୍ରୀଛାତ୍ରମାନେ ରାଜପଥରେ ଆନ୍ଦୋଳନ କରୁଛନ୍ତି।

# ୧୪ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୮।୯(ଅନିଲ ଦାସ)

ଆସନ୍ତା ୧୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ୧୪ ତାରିଖରେ ଲଘୁଚାପରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ଉପକୂଳ ସମେତ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଏ ପର୍ଯ୍ୟନ୍ତ ୬ଟି ଲଘୁଚାପ ହୋଇଥିଲେ ମଧ୍ୟ ରାଜ୍ୟକୁ ସ୍ୱାଭାବିକ ବର୍ଷା ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ୨୦ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୦ ଜିଲାରେ ଜମି ଫାଟି ଆଁ କରିଛି। ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ସ୍ୱଳ୍ପ ବର୍ଷା ହୋଇଥିଲା। ଜୁଲାଇରେ କିଛି ବର୍ଷିଲା। ମାତ୍ର ଅଗଷ୍ଟରେ ନିଅଣ୍ଟିଆ ବର୍ଷା ଚାଷ ପାଇଁ ବାଧକ ସାଜିଛି।

ରାଜ୍ୟକୁ ଏ ପର୍ଯ୍ୟନ୍ତ ଯେତିକି ବର୍ଷା ମିଳିବା କଥା ସେଥିରୁ ୧୧ ପ୍ରତିଶତ କମ୍ ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ସେପ୍ଟେମ୍ବର ୮ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୯୯୨.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୮୮୫ ମିଲିମିଟର। କେବଳ ସେତିକି ନୁହେଁ, ବର୍ଷାଭାବରୁ ରାଜ୍ୟରେ ୯ ଜିଲା ମରୁଡ଼ି ସଙ୍କଟର ସମ୍ମୁଖୀନ ହୋଇଛି। ନବରଙ୍ଗପୁରରେ ୩୭ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୨, ଗଞ୍ଜାମ ୨୯, କଳାହାଣ୍ଡି ୩୬, ପୁରୀ ୨୪, ଜଗତ୍‌ସିଂହପୁର ୨୫, ରାୟଗଡ଼ା ୨୪, ବଲାଙ୍ଗୀର ୨୦ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକ ଠାରୁ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି।

ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। କଟକରେ ୩୨.୮ ମିଲିମିଟର ବର୍ଷା ହୋଇଥିବା ବେଳେ ପାରାଦୀପ ୩୩.୨, ଭୁବନେଶ୍ୱର ୧୯.୫, ଅନୁଗୋଳ ୩୨, ବାରିପଦା ୩୨, ଝାରସୁଗୁଡ଼ା ୫୨, ହୀରାକୁଦ ୧୨.୬, ତାଳଚେର ୪୨, ବଲାଙ୍ଗୀର ୨୨, କୋରାପୁଟ ୨୧.୬, ଫୁଲବାଣୀ ୨୦, ମାଲକାନଗିରି ୩୧.୨, ଦାରିଙ୍ଗବାଡ଼ି ୧୩, ନୟାଗଡ଼ ୧୨, ଯାଜପୁର ୩୦, ଭଦ୍ରକ ୨୨, ପୁରୀ ୩୫, ଢେଙ୍କାନାଳରେ ୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ମଧ୍ୟପ୍ରଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର,ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଦେବଗଡ଼ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ଟଙ୍କା ଫେରାଇଲେନି, ଅନୁପ୍ରାସଙ୍କ ଜମି ଦଖଲକୁ ନେଲା ବ୍ୟାଙ୍କ

କଟକ,୮।୯ (କାର୍ତ୍ତିକ ସାହୁ)

ଋଣ ଶୁଝି ନ ପାରିବା କାରଣରୁ ଏମ୍‌ପି ଅନୁଭବ ମହାନ୍ତିଙ୍କ ଭାଇ ଅନୁପ୍ରାସ ମହାନ୍ତିଙ୍କ ଜମି ଦଖଲକୁ ନେଇଛି ଅର୍ବାନ କୋ ଅପରେଟିଭ ବ୍ୟାଙ୍କ। କଟକ ସେଲ୍‌ଟର ଛକ ନିକଟ ନେତାଜୀ ନଗରରେ ଥିବା ଏହି ଜମିକୁ ବ୍ୟାଙ୍କ ଦଖଲକୁ ନେବାବେଳେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଜମି ଦଖଲକୁ ବିରୋଧ କରିଥିଲେ। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ଉକ୍ତ ଜମିକୁ ଅକ୍ତିଆର କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁସାରେ, ଅନୁପ୍ରାସ ୨୦୧୩ ମସିହାରେ ଗଣ୍ଡରପୁରସ୍ଥିତ କଟକ ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ଶାଖାରୁ ୫୬ ଲକ୍ଷ ଟଙ୍କାର ଲୋନ୍ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କ କିସ୍ତି ପଇଠ କରି ନ ଥିଲେ। ଏପରି କି ମୂଳ ଟଙ୍କା ମଧ୍ୟ ଜମା କରି ନ ଥିଲେ। ବ୍ୟାଙ୍କ ପକ୍ଷରୁ ଋଣ ପରିଶୋଧ ନେଇ ବାରମ୍ବାର ନୋଟିସ କରାଯାଇଥିଲେ ସୁଦ୍ଧା ଅନୁପ୍ରାସ ଟଙ୍କା ପଇଠ କରୁ ନ ଥିଲେ। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ସମସ୍ତ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ଉକ୍ତ ଜମି ଦଖଲକୁ ନେବା ପାଇଁ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ବିରୋଧ କରିବା ସହ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା।



# ଇଭି ଇଣ୍ଡଷ୍ଟ୍ରିରେ ଟେକ୍ନୋ-ଇନୋଭେଶନ ପରିଚାଳନା

ଭୁବନେଶ୍ୱର, ୮।୯ (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ବୈଦ୍ୟୁତିକ ଯାନ (ଇଭି) ଦିବସ ପାଳିତ ହୋଇଯାଇଛି। ଏପରି କି ଉଚ୍ଚମାନର ବିଶ୍ୱସ୍ତରୀୟ ଉତ୍ପାଦ ପରିସର ମଧ୍ୟରେ କମ୍ପାନୀ ଇଭି ଶିଳ୍ପର ବୃଦ୍ଧି ପାଇଁ ଟେକ୍ନୋ-ଇନୋଭେଶନ ପରିଚାଳନା କରୁଛି, କମ୍ପାନୀର ଅତ୍ୟାଧୁନିକ ଉତ୍ପାଦ ପୋର୍ଟଫୋଲିଓରେ ଇଞ୍ଜିନ ବ୍ଲକ ଓ ସିଲିଣ୍ଡର ହେଡ ପ୍ରୟୋଗ, ବ୍ୟାଟେରି କାସିଙ୍ଗ ପାଇଁ ବିଲେଟ, ଏଚ୍‌ଭିଏସି ସିଷ୍ଟମ ଓ ଇଭି ଫ୍ରେମ୍ ପାଇଁ ପ୍ରାଥମିକ ଫାଉଣ୍ଡ୍ରି ଆଲଏଜ ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ଏହା କାର୍ବନ ଫୁଟ ପ୍ରିଣ୍ଟକୁ କମ୍ କରିବା ସହିତ ଯୋଗାଣ ଶୃଙ୍ଖଳା ନିର୍ଭରଯୋଗ୍ୟତା ଦ୍ୱାରା ସମର୍ଥିତ ଶ୍ରେଷ୍ଠ ଶ୍ରେଣୀ ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକୁ ପ୍ରବେଶ କରିବାକୁ ଅଟୋମୋବାଇଲ ଶିଳ୍ପକୁ ସକ୍ଷମ କରାଏ। ସେହିଭଳି ଆଲୁମିନିୟମ୍‌ର ଅନନ୍ୟ ଗୁଣ ଯଥା ଉଚ୍ଚ ଶକ୍ତି ଓଜନ ଅନୁପାତ, ସୁଲଭ କ୍ଷତି ପ୍ରତିରୋଧକ, ବ୍ୟତିକ୍ରମିକ ଡିଜାଇନ ନମନୀୟତା ଇତ୍ୟାଦି ରହିଛି। ଇଭି ଶିଳ୍ପରେ ଆଲୁମିନିୟମର ଅଧିକ ବ୍ୟବହାର ବ୍ୟାଟେରି ଓଜନ ଅଫ୍‌ସେଟ କରି ଏହାର ପରିଚାଳନା ପରିସରକୁ ବୃଦ୍ଧି କରିଥାଏ ; ଯାହାଦ୍ୱାରା ଅତିରିକ୍ତ ସୁରକ୍ଷା ଯୋଗ ହୋଇଥାଏ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଆଗାମୀ ଦିନରେ ଇଭି ଶିଳ୍ପ ଏକ ସ୍ଥାୟୀ ଓ ପରିବେଶ ଉପଯୋଗୀ ଭୂମିକା ଗ୍ରହଣ କରିବ। ଏହା ଦ୍ୱାରା କାର୍ବନ ଫୁଟ ପ୍ରିଣ୍ଟ କମ୍ ହେବା ସହିତ ବିଶ୍ୱସ୍ତରୀୟ ଉତ୍ପାଦର ବିକାଶ ହେବା ସମ୍ଭବ ହୋଇପାରିବ। ଫଳରେ ଆମର ଉତ୍ପାଦଗୁଡ଼ିକ ମଧ୍ୟ ଗୁଣାତ୍ମକ ମାନର ହୋଇପାରିବ। ଏପରି କି କମ୍ପାନୀ ନିକଟରେ ଅନେକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ଲାଭ କରିଛି ଓ ସ୍ଥିରତା ଏବଂ ଗୁଣବତ୍ତାକୁ ସୁନିଶ୍ଚିତ କରୁଛି। ସେହିଭଳି ବାଲ୍‌କୋର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ରାଜେଶ କୁମାର କହିଛନ୍ତି, ଆମେ ସର୍ବଦା ବିଶ୍ୱସ୍ତରୀୟ ଉତ୍ପାଦ ପ୍ରସ୍ତୁତି ଲକ୍ଷ୍ୟରେ ଅଛୁ। ଏହା ସହିତ ଆମର ଆର୍ ଏଣ୍ଡ ଡି ନବସୃଜନ ଓ ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳକୁ ଏକାଠି କରିବା ପାଇଁ ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରିଛୁ। ଶ୍ରେଷ୍ଠ ଶ୍ରେଣୀର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆମେ ଆମର ଉତ୍ପାଦର ବ୍ୟାପକ ପୋର୍ଟଫୋଲିଓ ସହ ବେଦାନ୍ତ ଆଲୁମିନିୟମ ଇଭିର ଦ୍ରୁତ ବିକାଶଶୀଳ ଚାହିଦାକୁ ପୂରଣ କରିବା ଲାଗି ଭଲ ସ୍ଥିତିରେ ଅଛି। ଅପରପକ୍ଷରେ ଇଭି ଶିଳ୍ପର କଞ୍ଚାମାଲ ଆବଶ୍ୟକତାକୁ ଦୃଷ୍ଟି ଦେଇ ବେଦାନ୍ତ ଆଲୁମିନିୟମ ଇଭି ପ୍ରଯୁକ୍ତି ଗ୍ରହଣ କରିବାରେ ଏକ ଅଗ୍ରଣୀ ଭୂମିକା ବହନ କରୁଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର, ୮।୯

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାରରେ କାରବାର ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୫ମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୩୩ (୩୩୩.୩୫) ପଏଣ୍ଟ ବଢ଼ି ୬୬,୫୯୯ (୬୬,୫୯୮.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୩ (୯୨.୯୦) ପଏଣ୍ଟ ବୃଦ୍ଧି ଘଟି ୧୯,୮୨୦(୧୯,୮୧୯.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ମିନୁ ଜେଏସ୍‌ଏଲ୍‌ର ପ୍ରଥମ ଓସିଓ

ଭୁବନେଶ୍ୱର, ୮।୯



ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍)ର ଓଡ଼ିଶା ୟୁନିଟ (ଜେଏସ୍‌ଏଲ୍, ଯାଜପୁର) ଷ୍ଟିଲ ମେଲଟିଂ ସ୍କ୍ରାପରେ କାର୍ଯ୍ୟରତ ମିନୁ ମହନ୍ତ ପ୍ରଥମ ଓଭରହେଡ କ୍ରେନ ଅପରେଟର (ଓସିଓ) ଭାବେ ମାନ୍ୟତା ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବହୁ ଘାତ ପ୍ରତିଘାତ ମଧ୍ୟରେ ମିନୁ ମହନ୍ତ ମନରେ ସାହସ ଓ ଆଗ୍ରହ ଏବଂ ପ୍ରଚେଷ୍ଟା ଜାରି ରଖି ଏହି ସଫଳତା ପାଇଛନ୍ତି। ଏପରି କି ସେ ପ୍ରଥମେ ଏକ ଘରୋଇ ପଥର ଭଙ୍ଗା କ୍ରଶରରେ କାର୍ଯ୍ୟ ଆରମ୍ଭ କରି ଶେଷରେ କାରଖାନାର ଏକମାତ୍ର ମହିଳା ଓସିଓ (ଓଭର ହେଡ୍ କ୍ରେନ ଅପରେଟର) ହୋଇପାରିଥିଲେ। ବିଶେଷ କରି ମିନୁଙ୍କ ଜୀବନର ଏହି କାହାଣୀ ପଛରେ ଅସୀମ ପ୍ରେରଣା ଓ ସାହସ ରହିଥିଲା। ଯାହାଫଳରେ ସେ କଠିନ ପରିଶ୍ରମ ଓ ପରିସ୍ଥିତି ସତ୍ତ୍ୱେ ନିଜର କର୍ତ୍ତବ୍ୟକୁ ଠିକ ଭାବେ ପାଳନ କରି ବେଶ୍ ସଫଳ ହୋଇପାରିଛନ୍ତି। ମିନୁଙ୍କ ଜୀବନ କାହାଣୀ ଅନେକ ମହିଳାଙ୍କୁ ପ୍ରଭାବିତ କରିଛି, ଏପରି କି ସୁନିତା ହେମ୍ବ୍ରମ ଓ ବବିତା ଦଳାଇ ମିନୁଙ୍କ ପଥ ଅନୁସରଣ କରି କ୍ରେନ ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ସେ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ଓ ଅନ୍ୟମାନଙ୍କ ନୈରାଶ୍ୟରେ ସାନ୍ତ୍ୱନା ମଧ୍ୟ ଦେଇଥାନ୍ତି। ଅପରପକ୍ଷରେ ମିନୁ ମହନ୍ତ ଯାଜପୁର ଜିଲାର ଟମକା ଗ୍ରାମର କିଆ ଝରରେ ଜନ୍ମ ଗ୍ରହଣ କରିଥିଲାବେଳେ କମ୍ ବୟସ ଏବଂ ଗୋଷ୍ଠୀର ନିୟମ ଅନୁସାରେ ତାଙ୍କୁ ୧୪ ବର୍ଷ ବୟସରେ ବିବାହ କରି ଦିଆଯାଇଥିଲା।

## ଲାଇଫ୍‌ଷ୍ଟାଇଲର ନୂତନ କଲେକ୍ସନ

ଭୁବନେଶ୍ୱର, ୮।୯

ଲାଇଫଷ୍ଟାଇଲର ନୂତନ କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଲାଇଫଷ୍ଟାଇଲ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପେନ୍‌ର ଲୁକ୍‌ଗୁଡିକୁ ପ୍ରସ୍ତୁତ କରିବା ପାଇଁ ଷ୍ଟକ୍‌ହୋମ୍‌ସ୍ଥିତ ଷ୍ଟାଇଲିଷ୍ଟ ଟେରେଜା ଓର୍‌ଟିଜ୍‌ଙ୍କ ସହ ସହଭାଗିତା କରାଯାଇଛି। ଏପରିକି ଲାଇଫଷ୍ଟାଇଲର ବହୁ ପ୍ରତୀକ୍ଷିତ ଅଟମ୍-ୱିଣ୍ଟର କଲେକ୍ସନ ଅତୁଳନୀୟ ଷ୍ଟାଇଲ୍ ଓ ବିଳାସପୂର୍ଣ୍ଣତାର ଏକ ଋତୁ ପାଇଁ ପ୍ରସ୍ତୁତ ରହିଛି। ଏ ସମ୍ପର୍କରେ ଲାଇଫଷ୍ଟାଇଲର ମାର୍କେଟିଂ ବିଭାଗର ସହ ଉପାଧ୍ୟକ୍ଷ ରୋହିଣୀ ହଲ୍‌ଡିଆ କହିଛନ୍ତି, ଆମେ ଆମର ଅଟମ୍-ୱିଣ୍ଟର-୨୦୨୩ କଲେକ୍ସନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରି କି ଆମେ ଆମର ଫ୍ୟାଶନେବୁଲ ଯାତ୍ରାକୁ ପରବର୍ତ୍ତୀ ସ୍ତରକୁ ନେଇଛୁ। ଆମେ ଚିକ୍ ଫ୍ୟାଶନ ପିସ୍‌ଗୁଡିକର ଏକ ଶୃଙ୍ଖଳାକୁ ଯତ୍ନର ସହ ଏକତ୍ରିତ କରିଛୁ, ଯାହାକୁ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯାଇଛି। ସେହିଭଳି ଅଟମ୍-ୱିଣ୍ଟର ସିଜନ ପାଇଁ ଗ୍ରାହକଙ୍କର ଷ୍ଟାଇଲ୍‌କୁ ଉନ୍ନତକରି ଲାଇଫଷ୍ଟାଇଲ୍‌ର ନୂତନ କଲେକ୍ସନ ପ୍ରଦର୍ଶିତ ହେଉଛି। ଉକ୍ତ କଲେକ୍ସନ ଡିଜାଇନ, ଟେକ୍ସଚର ଓ କଲରର ଏକ ଆକର୍ଷଣୀୟ ଶୃଙ୍ଖଳା ପ୍ରଦାନ କରୁଛି ଯାହା ବିବିଧ ପସନ୍ଦକୁ ପୂରଣ କରୁଛି। ଲାଇଫଷ୍ଟାଇଲ୍‌ର ଏହି ନୂଆ କଲେକ୍ସନରେ କୋଜି କାର୍ଡିଗାନ୍‌ସ, ହାଲୁକା ଜ୍ୟାକେଟ୍, ସ୍ଲିକ୍ ସିଲ୍‌ହୌଟେ, ବ୍ଲାକ୍, ସେରେନ୍ ହ୍ୱାଇଟ୍ ଓ ମ୍ୟୁଟେଡ୍ ଗ୍ରେର କ୍ଲାସିକ୍ ସେଡ୍‌ଗୁଡିକରେ ନ୍ୟୁଟ୍ରାଲ ଭଳି ବହୁମୁଖୀ ପିସ୍ ସାମିଲ ରହିଛି। ଲାଇଫଷ୍ଟାଇଲ୍ ପକ୍ଷରୁ ସ୍ପୋର୍ଟି ଆଥ୍‌ଲେଜର ସମେତ ହୁଡିଜ୍, ଷ୍ଟାଇଲିଶ ଟ୍ରାକ୍ ପ୍ୟାଣ୍ଟ୍, ଆଥ୍‌ଲେଟିକ୍-ଅନୁପ୍ରାଣିତ ଆକ୍‌ସେସରି ଆଦି ପ୍ରଦାନ କରାଯାଉଛି। ସ୍ପୋର୍ଟସ ୱେର ଓ ଷ୍ଟ୍ରିଟ୍ ଷ୍ଟାଇଲ୍‌ର ଏହି ଫ୍ୟୁଶନ ଉଭୟ ଫ୍ୟାଶନ ଓ ଫଙ୍କ୍ସନାଲିଟି ଚାହୁଁଥିବା ଗ୍ରାହକଙ୍କ ପାଇଁ ଉପଯୁକ୍ତ। ଲାଇଫଷ୍ଟାଇଲର ନୂଆ ମେନ୍‌ସ କଲେକ୍ସନରେ କଟନ ଗ୍ରାଫିକ୍ସ ଟି, ଟ୍ରାକ୍ ପ୍ୟାଣ୍ଟ, ହୁଡିସ୍, ସ୍ପୋର୍ଟସ୍ ସାର୍ଟ, ଆକ୍ଟିଭ୍ ୱେର, ହେଭି ସ୍ୱେଟର, ଫ୍ଲାନେଲ୍ ଶାର୍ଟ ଓ ଡେନିମ୍ ଶାର୍ଟ, ୱାଟର-ରିପେଲାଣ୍ଟ ପଫର୍ ଜ୍ୟାକେଟ୍ ଆଦି ସାମିଲ ରହିଛି। ସେହିପରି ୱିମେନ୍ସ କଲେକ୍ସନରେ ମୋନୋକ୍ରୋମାଟିକ୍ ପ୍ରଫେସନାଲ ଆଟାୟାର, ପ୍ରିଣ୍ଟେଡ୍ ସିଫନ୍ ଇଭ୍‌ନିଂ ଡ୍ରେସ୍, ଜୀବନ୍ତ ରଙ୍ଗର ଟ୍ୟୁନିକ୍, ଡ୍ରେସ୍, କୋ-ଅର୍ଡ ସେଟ୍ ଆଦି ସାମିଲ ରହିଛି।

## ଆଇଏଫ୍‌ଏମ୍ ସହ ବିଜିୟୁର ବୁଝାମଣା



ଭୁବନେଶ୍ୱର, ୮।୯

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଭୁବନେଶ୍ୱର ଏବଂ ତାଞ୍ଜାନିଆସ୍ଥିତ ଡାର୍-ଏସ୍-ସଲାମର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାଇନାନ୍ସ ମ୍ୟାନେଜମେଣ୍ଟ (ଆଇଏଫ୍‌ଏମ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସହ ଚୁକ୍ତିପତ୍ର ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର ଏବଂ ଆଇଏଫ୍‌ଏମ୍‌ର ପ୍ରଫେସର ଜୋସେଫଟ୍ ଡାନିଏଲ ଲୋଟୋ ଉକ୍ତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ବିଜିୟୁର ରେଜିଷ୍ଟ୍ରାର ପ୍ରଫେସର ବି.କେ.ଦାସ, ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି.ନାୟକ, ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା, ଆଇଏଫ୍‌ଏମ୍‌ର ପ୍ରଫେସର ଟେଡୋ ସଙ୍ଗା, ଆଇଏଫ୍‌ଏମ୍‌ର ବରିଷ୍ଠ ଅଧ୍ୟାପକ ବର୍ନାଡ ମଞ୍ଜଭା, ବିଜିୟୁର ଆସୋସିଏଟ୍ ପ୍ରଫେସର ପି.କେ. ସନ୍ୟାଲ, ଇଣ୍ଟରନ୍ୟାଶନାଲ ରିଲେଶନ୍ସ କମିଟିର ଅଧ୍ୟକ୍ଷ ତଥା ଆସୋସିଏଟ୍ ପ୍ରଫେସର ଡ. ଅର୍ଚ୍ଚନା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଦୁଇ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ର ଅନ୍ତର୍ଜାତୀୟ ବୁଝାମଣାକୁ ସୁଦୃଢ଼ କରିବା ସହ ରିସର୍ଚ୍ଚ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବ, ଯାହା ଉଭୟ ଶିକ୍ଷାନୁଷ୍ଠାନ ପାଇଁ ବେଶ୍ ସହାୟକ ହେବ।

## ଏନ୍‌ଭିଡିଆ ସହ ଜିଓର ସହଭାଗିତା

ଭୁବନେଶ୍ୱର, ୮।୯

ଦେଶର ପ୍ରମୁଖ ଘରୋଇ ଟେଲିକମ ସଂସ୍ଥା ଜିଓ ପ୍ଲାଟଫର୍ମ୍ସ ଏବଂ ଏନ୍‌ଭିଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ଘୋଷଣା କରାଯାଇଛି। ବିଶେଷ କରି ଅତ୍ୟାଧୁନିକ କ୍ଲାଉଡ୍‌ଭିତ୍ତିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଢାଞ୍ଚା ବିକାଶ କରିବା ଲାଗି ଏହି ସହଭାଗିତା ହୋଇଛି। ଏପରି କି ଦେଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ବହୁତ କାମ ହେଉଥିବା ବେଳେ ଭାରତକୁ ଏହି କ୍ଷେତ୍ରରେ ଦ୍ରୁତଗତିରେ ଆଗକୁ ବଢ଼ିବାରେ ଉକ୍ତ ସହଭାଗିତା ବେଶ୍ ସହାୟକ ହେବ। ଏ ସମ୍ପର୍କରେ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି, ଭାରତରେ ବିପୁଳ ପରିମାଣର ଡାଟା ବ୍ୟବହାର ହେଉଛି, କିନ୍ତୁ ଆମକୁ ଆହୁରି ଆଗକୁ ଯିବାକୁ ହେବ। ଆମେ ବର୍ତ୍ତମାନ ଜ୍ଞାନକୌଶଳ ଢାଞ୍ଚା ବିକାଶ କରୁଛୁ, ଯାହା ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଏନ୍‌ଭିଡିଆ ସହିତ ମିଶି ଆମେ କମ୍ପ୍ୟୁଟିଂ ଓ ପ୍ରଯୁକ୍ତି ସୁପର ସେଣ୍ଟର ତିଆରି କରୁଛୁ। ଜିଓ ଆସିବା ପରେ ଡିଜିଟାଲ୍ କ୍ଷେତ୍ରରେ ଯେଉଁଭଳି ଲାଭ ମିଳିଥିଲା ଏହା ଜରିଆରେ ସେଭଳି ଲାଭ ମିଳିବ। ଜିଓ ଓ ଏନ୍‌ଭିଡିଆ ମିଳିତ ଭାବେ ଗୋଟିଏ ଲକ୍ଷ୍ୟ ହାସଲ କରିବା ଲାଗି ମିଳିତ ଭାବେ ଏକ ଯାତ୍ରାର ଶୁଭାରମ୍ଭ କରୁଥିବାରୁ ମୁଁ ବହୁତ ଖୁସି। ସେହିଭଳି ଏନ୍‌ଭିଡିଆର ପ୍ରତିଷ୍ଠାତା ଓ ସିଇଓ ଜେନ୍‌ସେନ୍ ହୁଆଙ୍ଗ କହିଛନ୍ତି, ଭାରତରେ ଅତ୍ୟାଧୁନିକ ଏଆଇ ସୁପର କମ୍ପ୍ୟୁଟର ପ୍ରସ୍ତୁତ କରିବା ଲାଗି ରିଲାଏନ୍ସ ସହିତ ସହଯୋଗିତା ସ୍ଥାପନ କରି ଆମେ ବହୁତ ଖୁସି। ଭାରତ ପାଖରେ ବ୍ୟାପକ ଡାଟା ଓ ପ୍ରତିଭା ରହିଛି, ସବୁଠୁ ଉନ୍ନତ ଏଆଇ କମ୍ପ୍ୟୁଟିଂ ଭିତ୍ତିଭୂମି ଜରିଆରେ ରିଲାଏନ୍ସ ଏହାକୁ ନିର୍ମାଣ କରିପାରିବ। ସେହିପରି ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଅତ୍ୟାଧୁନିକ ପ୍ରଯୁକ୍ତିର ଉପଲବ୍ଧତା ଓ ଉପଯୋଗକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ଭାରତର ବୈଷୟିକ ବିପ୍ଳବକୁ ପ୍ରୋତ୍ସାହିତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ନିକଟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଲାଭ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

ଫୁର୍‌ସତ୍

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

### ଜୀବନ ବଞ୍ଚାଏ ପ୍ରାଥମିକ ଚିକିତ୍ସା




କୌଣସି ଶାରୀରିକ ସମସ୍ୟା କ୍ଷେତ୍ରରେ ପ୍ରକୃତ ଡାକ୍ତରୀ ଚିକିତ୍ସା ଆରମ୍ଭ କରାଯିବା ପୂର୍ବରୁ ପ୍ରାଥମିକ ଚିକିତ୍ସା ବା ଫାଷ୍ଟ ଏଡ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ପ୍ରାଥମିକ ଚିକିତ୍ସା ଜୀବନ ବଞ୍ଚାଇଥାଏ।

ଆମ ଦେଶରେ ପ୍ରତି ବର୍ଷ ହାରାହାରି ୧୩.୪ ଲକ୍ଷ ଲୋକଙ୍କର ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁ ଘଟିଥାଏ। ବିଶ୍ୱସ୍ତରରେ ମଧ୍ୟ ପ୍ରାଥମିକ ଚିକିତ୍ସା ଅଭାବରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇଥାଏ। ତେଣୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷରେ ଏହା ସେପ୍ଟେମ୍ବର ୯ରେ ପାଳନ କରାଯାଉଛି। ଏହି ଦିବସରେ ଲୋକମାନଙ୍କ ମଧ୍ୟରେ ପ୍ରାଥମିକ ଚିକିତ୍ସା ବିଷୟରେ ସଚେତନତା ଦିଆଯାଇଥାଏ। ଏହା ଦ୍ୱାରା କିଭଳି ଜୀବନ ବଞ୍ଚାଇବା ସହଜ ହୋଇଥାଏ ସେ ସମ୍ପର୍କରେ ଅବଗତ କରାଯାଇଥାଏ। ପ୍ରଥମେ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ରେଡକ୍ରସ କ୍ରିସେଣ୍ଟ ସୋସାଇଟି ୨୦୦୦ମସିହାରେ ଏହି ଦିବସର ପାଳନ ଆରମ୍ଭ କରିଥିଲା।

ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପରିସ୍ଥିତିରେ ଜଣେ ଲୋକର କିଭଳି ପ୍ରାଥମିକ ଚିକିତ୍ସା କରାଯାଇପାରିବ ସେ ବିଷୟରେ ଜାଣିବା ନିହାତି ଦରକାର। ଏଥିପାଇଁ କୌଣସି ପ୍ରଶିକ୍ଷଣ ଦରକାର ହୁଏନାହିଁ। ସାଧାରଣ ଭାବରେ ଆମ ପାଖରେ ହେଉ କିମ୍ବା ଘର କିମ୍ବା ଗାଡି ହେଉ ସବୁବେଳେ ଫାଷ୍ଟ ଏଡ୍ କିଟ୍ ରଖିବା ଜରୁରୀ।

## ୧୦୦ କୋଟି କ୍ଲବରେ 'ଯବାନ'



ଶାହରୁଖ ଖାନ୍

**ମୁମ୍ବାଇ:** ବଲିଉଡ କିଙ୍ଗ ଖାନ୍ ଶାହରୁଖ ବ୍ୟାକ୍ ଟୁ ବ୍ୟାକ୍ ହିଟ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। 'ପଠାନ' ପରେ 'ଯବାନ' ଏବେ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଓପନିଂ ଡେ'ରେ ଫିଲ୍ମ 'ଯବାନ' ଘରୋଇ ବଜାରରେ ୭୫ କୋଟି ଟଙ୍କା ଏବଂ ବିଶ୍ୱରେ ୧୦୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ଇତିହାସ ସୃଷ୍ଟି କରିଛି। କିଙ୍ଗ ଖାନ୍‌ଙ୍କ ଏହି ଫିଲ୍ମ ପାଇଁ ଦର୍ଶକଙ୍କ କ୍ରେଜ୍ ବଢ଼ିବାରେ ଲାଗିଛି। 'ଯବାନ' ଦେଖିବା ପାଇଁ ପ୍ରେକ୍ଷାଳୟରେ ଦର୍ଶକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଏହା ସହିତ 'ଯବାନ' ରିଲିଜ ହେବାର ଦ୍ୱିତୀୟ ଦିନର ଆନୁମାନିକ ରୋଜଗାର ମଧ୍ୟ ଆକଳନ କରାଯାଇଛି। ପ୍ରାରମ୍ଭିକ ଟ୍ରେଣ୍ଡ ଅନୁଯାୟୀ, 'ଯବାନ' ରିଲିଜ ହେବାର ଦ୍ୱିତୀୟ ଦିନରେ ଅର୍ଥାତ୍ ଶୁକ୍ରବାର ସମସ୍ତ ଭାଷାରେ ୪୫ କୋଟି ଟଙ୍କାର ବ୍ୟବସାୟ କରିପାରିବ, ଯେଉଁଥିରେ ହିନ୍ଦୀ ଏବଂ ତାମିଲ ଆଗରେ ଅଛି। ଏହା ସହିତ ଦୁଇଦିନ ମଧ୍ୟରେ ଫିଲ୍ମର ମୋଟ ରୋଜଗାର ୧୨୦ କୋଟି ଟଙ୍କା ହେବ। ୩୦୦ କୋଟି ବଜେଟରେ ନିର୍ମିତ ହୋଇଥିବା 'ଯବାନ' ହିନ୍ଦୀ, ତାମିଲ ଏବଂ ତେଲଗୁ ଭାଷାରେ ମୁକ୍ତିଲାଭ କରିଛି। ଫିଲ୍ମରେ ସୁପରଷ୍ଟାର ଶାହରୁଖଙ୍କ ଦମ୍‌ଦାର ଆକ୍ସନ ରହିଛି। ପ୍ରସିଦ୍ଧ ନିର୍ଦ୍ଦେଶକ ଏଟଲିଙ୍କ ନିର୍ଦ୍ଦେଶିତ 'ଯବାନ' ଫିଲ୍ମରେ ଶାହରୁଖଙ୍କ ବ୍ୟତୀତ ଦୀପିକା ପାଦୁକୋନ, ନୟନତାରା, ସାନ୍ୟା ମାଲହୋତ୍ରା, ସୁନୀଲ ଗ୍ରୋଭର, ଯୋଗୀ ବାବୁ ଏବଂ ତା' ସହିତ ବିଜୟ ସେତୁପତିଙ୍କୁ ଭିନ୍ନ ଏକ ଅନ୍ଦାଜରେ ଦେଖିବାକୁ ମିଳିଛି।

# ଚପଲର ଦାମ ୧୦୦ କୋଟି

ମୁମ୍ବାଇ



ମହିଳାମାନେ ବିଭିନ୍ନ ଡିଜାଇନର ଚପଲ ପିନ୍ଧିବାକୁ ପସନ୍ଦ କରନ୍ତି। ଚପଲର ଦାମ୍ ଯେତେ ହେଉନା କାହିଁକି ପସନ୍ଦ ଆସିଲା ମାନେ ନିଶ୍ଚିନ୍ତ କିଣିଥାନ୍ତି। ଏବେ ସେମିତି ଏକ ଦାମୀ ଚପଲକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏକ ରିପୋର୍ଟ ଅନୁଯାୟୀ, ଇଟାଲୀ ଡିଜାଇନର୍ ଆଣ୍ଟୋନିଓ ଭିଏଟ୍ରି ଦୁବାଇରେ ଦୁନିଆର ସବୁଠାରୁ ଦାମୀ ଚପଲ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନ କରିବାକୁ ମନୋନୀତ ସ୍ଥାନ ମଧ୍ୟ ବହୁତ ସ୍ୱତନ୍ତ୍ର ରହିଥିଲା। ସେ ଏହି ଚପଲକୁ ଦୁନିଆର ସବୁଠୁ ବଡ଼ ବିଲ୍ଡିଂ ବୁର୍ଜ ଖଲିଫାରେ ପ୍ରଦର୍ଶନ କରିଥିଲେ। ଏହାର ନାମ ହେଉଛି 'ମୁନ ଷ୍ଟାର ଶୁ'। ଏହି ଚପଲ ମାଧ୍ୟମରେ ସେ ଦୁନିଆର ସବୁଠୁ ବଡ଼ କୋଠାକୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଥିଲେ। ଇଟାଲୀରେ ନିର୍ମିତ ଏମିରେଟ୍ସରେ ଡିଜାଇନ ହୋଇଥିବା ଏହି ଚପଲ ମିଡ୍ ଫ୍ୟାଶନ ସପ୍ତାହରେ ଲୋକଙ୍କ ମଧ୍ୟରେ ପରିଚିତ ହୋଇଥିଲା। ଏବେ ପ୍ରଶ୍ନ ଉଠୁଛି, ଏହି ଚପଲ କାହିଁକି ଏତେ ମହଙ୍ଗା? ବାସ୍ତବରେ, ଏହି ଚପଲରେ ୩୦ କ୍ୟାରେଟ ହୀରା ଲାଗିଛି। ଚପଲର ଗୋଇଠି ସୁନାରେ ତିଆରି। କେବଳ ଏତିକି ନୁହେଁ, ଏହା ୧୫୭୬ରେ ଆର୍ଜେଣ୍ଟିନାରେ ପଡ଼ିଥିବା ଏକ ମେଟେରାଇଟରୁ ନିର୍ମିତ। ସେତେବେଳେ ଏହି ଚପଲର ମୂଲ୍ୟ ୧୯.୯ ନିୟୁତ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୬୫ କୋଟି ଟଙ୍କା ଥିଲା। ଉଲ୍ଲେଖଥାଉ କି, ଆଣ୍ଟୋନିଓ ଭିଏଟ୍ରି ପ୍ରଥମ ଥର ନୁହେଁ ମୂଲ୍ୟବାନ ପଥରରୁ ଚପଲ ତିଆରି କରିଥିଲେ। ୨୦୧୭ରେ ସେ ୨୪ କ୍ୟାରେଟ ସୁନାରେ ନିର୍ମିତ ବିଶ୍ୱର ପ୍ରଥମ ଜୋତା ତିଆରି କରିଥିଲେ। ଯେଉଁମାନେ ଏହାକୁ କିଣିଥିଲେ, ହେଲିକପ୍ଟର ଯୋଗେ ଗ୍ରାହକଙ୍କୁ ବିତରଣ କରାଯାଇଥିଲା। ନିଲାମରେ ବିକ୍ରି ହୋଇଥିବା ଦୁନିଆର ସବୁଠୁ ଦାମୀ ସ୍ନେକର୍ ଜୋତା ହେଉଛି ନାଇକର ଏୟାର ଜୋର୍ଡାନ। ଯାହା ୧୭ ମେ' ୨୦୨୦ରେ ୪ କୋଟିରେ ବିକ୍ରି ହୋଇଥିଲା। ଏହି ଜୋତାକୁ ମହାନ ବାସ୍କେଟବଲ ଖେଳାଳି ମାଇକେଲ ଜୋର୍ଡାନ ୧୯୮୫ରେ ଏକ ଖେଳରେ ପିନ୍ଧି ଥିଲେ।

## ଭୟଙ୍କର ଷ୍ଟଣ୍ଟ

**ମୁମ୍ବାଇ:** ଲୋକମାନେ ଭାଇରାଲ ହେବା ପାଇଁ ସୋସିଆଲ ମିଡ଼ିଆରେ ବିଭିନ୍ନ ପ୍ରକାର ଭିଡିଓ ଅପ୍‌ଲୋଡ଼ କରୁଛନ୍ତି। ପପୁଲାର ହେବା ପାଇଁ ବିପଜ୍ଜନକ ଷ୍ଟଣ୍ଟ ଦେଖାଉଛନ୍ତି। ଯାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ବର୍ତ୍ତମାନ ଏକ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ଜଣେ ଯୁବତୀ ରାସ୍ତାରେ ଭୟଙ୍କର ଷ୍ଟଣ୍ଟ ଦେଖାଉଛନ୍ତି। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଯୁବତୀଙ୍କ ଷ୍ଟଣ୍ଟ ବେଳେ ଜଣେ ସାଇକେଲଆରୋହୀ ତାଙ୍କ ଉପର ଦେଇ ଯାଉଥିବାର ଦେଖାଯାଉଛି। ଇନ୍‌ଷ୍ଟାଗ୍ରାମର @yusufbmx ନାମକ ଏହି ହ୍ୟାଣ୍ଡଲ୍‌ରେ ଭିଡିଓଟି ଶେୟାର କରାଯାଇଛି। ଏଥିରେ ଜଣେ ଯୁବତୀ ରାସ୍ତାରେ ଏଭଳି ଷ୍ଟଣ୍ଟ କରୁଛନ୍ତି, ତାହା ଆପଣ ପୂର୍ବରୁ କେବେ ଦେଖି ନ ଥିବେ। ଯୁବତୀ ଜଣକ ମୁଣ୍ଡ ତଳକୁ କରି ଦୁଇ ଗୋଡ଼କୁ ୧୮୦ ଡିଗ୍ରୀ ଆଙ୍ଗେଲ୍‌ରେ ରଖିଛନ୍ତି। ତା'ପରେ ଜଣେ ଯୁବକ ସାଇକେଲ ଚଳାଇ ଯୁବତୀଙ୍କ ଉପରକୁ ଲମ୍ଫ ପ୍ରଦାନ କରି ଷ୍ଟଣ୍ଟ ଦେଖାଉଛନ୍ତି। ଏହି ଭିଡିଓଟି ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



କ୍ରିଷ୍ଣା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିପଦ ସଂକେତ ଉପରେ ଜଳକା

ରୂପସା, ୮।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୃଦ୍ଧିପାଇଛି। ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ଏହି ନଦୀର ଜଳସ୍ତର ଧୀରେ ଧୀରେ ବଢ଼ିବା ସହିତ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

ମଥାନୀଠାରେ ଏହି ନଦୀର ବିପଦସଙ୍କେତ ୫.୫୦ମିଟର ଥିବାବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ୬.୩୦ମିଟରରେ ପହଞ୍ଚିଥିଲା। ଶୁକ୍ରବାର ସକାଳ ୫ଟାରେ ଜଳସ୍ତର ୬.୪୧, ୬ଟାରେ ୬.୪୨, ୭ଟାରେ ୬.୪୩ ଓ ୯ଟାରେ ୬.୪୪ ମିଟରରେ ପ୍ରବାହିତ ହେଉଥିଲା। ଦିନ ୧୨ଟା ପର୍ଯ୍ୟନ୍ତ ଜଳକାର ଜଳସ୍ତର ୬.୪୪ ମିଟରରେ ସ୍ଥିର ଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୬.୩୯ ମିଟରରେ ପ୍ରବାହିତ ହେଉଛି। ଫଳରେ ନଦୀତଳିଆ ଅଞ୍ଚଳରେ ପାଣି ମାଡ଼ିବା ସହିତ ନଦୀ ନିକଟରେ ଥିବା ଚାଷଜମି ସବୁ ଜଳମଗ୍ନ ହୋଇଛି। ଏହି ନଦୀର ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଫଳରେ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଶୁକ୍ରବାର ରାତିରେ ଉପରମୁଣ୍ଡରେ ବର୍ଷା ହେଲେ ଜଳକା ନଦୀର ଜଳସ୍ତର ଅଧିକ ବଢ଼ିବା ସହିତ ଏକ ବଡ଼ ବନ୍ୟାର ଆଶଙ୍କା ମଧ୍ୟ ରହିଛି। ଅପରପକ୍ଷରେ ବନ୍ୟା ପରିସ୍ଥିତି ପ୍ରତି ପ୍ରଶାସନ ସଜାଗ ଅଛି ବୋଲି ବସ୍ତା ତହସିଲଦାର ଓ ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ କହିଛନ୍ତି।

# ସୁରଭି-୨୦୨୩ ପାଇଁ ନିୟମାବଳୀ ଜାରି

ଭୁବନେଶ୍ୱର, ୮।୯(ଅସମାପିକା ସାହୁ)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୩' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କେଉଁଦିନ କ'ଣ କରାଯିବ, ସେ ନେଇ ସବିଶେଷ ନିୟମାବଳୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇସାରିଛି। ଏ ନେଇ ବିଭାଗର ଶାସନ ସଚିବ ଅଶ୍ୱଥୀ ଏସ୍. ସମସ୍ତ ଜିଲାପାଳ ତଥା ସମଗ୍ର ଶିକ୍ଷା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ନଭେମ୍ବର ୧୪ରୁ ୧୬ତାରିଖ ଭୁବନେଶ୍ୱରର ୟୁନିଟ୍-୯ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ସୁରଭି' ଅନୁଷ୍ଠିତ ହେବ। ବିଷୟବସ୍ତୁ ରହିଛି 'ଶିକ୍ଷା ପାଇଁ ପୋଷଣ'। ଚଳିତବର୍ଷ 'ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ' ପାଳନ କରାଯାଉଛି। ସେଥିପାଇଁ କୃଷି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ମିଲେଟ୍ ମିଶନ ଏବଂ ଗଣଶିକ୍ଷା ବିଭାଗର ସହଭାଗିତାରେ ବିଦ୍ୟାଳୟ, କ୍ଲଷ୍ଟର, ବ୍ଲକ୍ ଏବଂ ଜିଲାସ୍ତରରେ ମିଲେଟ୍‌ର ଉପାଦେୟତା, ସଚେତନତା, ଶାରୀରିକ ସୁସ୍ଥତା ପାଇଁ ଏହାର ଆବଶ୍ୟକତା ତଥା ପ୍ରଚାର ଓ ପ୍ରସାର ପାଇଁ କେତେକ ପ୍ରତିଯୋଗିତା ଆୟୋଜିତ କରାଯିବ। ଏହା 'ସୁରଭି'ର ବିଭିନ୍ନ ପ୍ରତିଯୋଗିତା ସହିତ ବିଦ୍ୟାଳୟସ୍ତରଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ଏକ ସମୟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୧ ରୁ ୨୩ ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରରେ, ୨୫ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ କ୍ଲଷ୍ଟର ସ୍ତରରେ, ଅକ୍ଟୋବର ୧୬ରୁ ୨୦ ପର୍ଯ୍ୟନ୍ତ ବ୍ଲକ୍ ସ୍ତରରେ ଏବଂ ନଭେମ୍ବର ୧ ରୁ ୫ତାରିଖ ପର୍ଯ୍ୟନ୍ତ ଜିଲା ସ୍ତରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାଦ୍ୱାରା ମନୋନୀତ କୃତୀ ଛାତ୍ରୀଛାତ୍ରଙ୍କ ନାମ, ବୟସ, ଦଳ, ବିଦ୍ୟାଳୟ ଓ ଜିଲାର ନାମ ଇତ୍ୟାଦି ନଭେମ୍ବର ୬ ସୁଦ୍ଧା ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଙ୍କୁ ଜଣାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ପରିବା ବିକି ଅଭିନବ ପ୍ରତିବାଦ

## ଫାର୍ମାସିଷ୍ଟ, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ ଦାବି



ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ସବ୍ କୋଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)

ଫାର୍ମାସିଷ୍ଟ ପଦବୀ ଏବଂ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ ଦାବିରେ ଓଡ଼ିଶା ପଞ୍ଜୀକୃତ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଇଛି। ଓଡ଼ିଶାର ସମସ୍ତ ୪୫ହଜାର ପଞ୍ଜୀକୃତ ଫାର୍ମାସିଷ୍ଟ ଏବଂ ୨୧ହଜାର ଫାର୍ମାସି ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଏହି ସଂଘର ସଦସ୍ୟମାନେ ୟୁନିଟ୍-୧ସ୍ଥିତ ସବ୍ କୋଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ସମ୍ମୁଖରେ ପରିବା ବିକି ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍ସି)ର ନିଯୁକ୍ତି କ୍ୟାଲେଣ୍ଡରରେ ୧ହଜାରରୁ ଊର୍ଦ୍ଧ୍ୱ ଫାର୍ମାସିଷ୍ଟ ପଦବୀ ଏବଂ ୧୪ଶହରୁ ଅଧିକ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ପଦବୀରେ ନିଯୁକ୍ତି ନେଇ ଚଳିତବର୍ଷ ମେରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଲ୍ଲେଖ ଥିଲା। ମାତ୍ର ପ୍ରତି ମାସରେ ଓଏସ୍ଏସ୍ଏସ୍ସି ସେହି ବିଜ୍ଞପ୍ତିକୁ ଘୁଞ୍ଚାଇ ଚାଲିଛନ୍ତି ବୋଲି ସଂଘ ସଭାପତି ଦିପ୍ତୀରଞ୍ଜନ ସ୍ୱାଇଁ କହିଛନ୍ତି। ହଜାର ହଜାର ଫାର୍ମାସିଷ୍ଟଙ୍କ ଜୀବନ ଜୀବିକା ସହ ଓଏସ୍ଏସ୍ଏସ୍ସି କର୍ତ୍ତୃପକ୍ଷ ଖେଳୁଥିବା କହି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଫାର୍ମାସିଷ୍ଟ ପଦବୀ ଏବଂ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଉ ନ ଥିବାରୁ ରାଜ୍ୟର ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେଉଅଛି। ସେପ୍ଟେମ୍ବରରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ନ ହେଲେ, ଏହାର ବିରୋଧରେ ଓଡିଶା ପଞ୍ଜୀକୃତ ଫାର୍ମାସିଷ୍ଟ ମହାସଂଘ ତରଫରୁ ଓଏସ୍ଏସ୍ଏସ୍ସି କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା ଅନ୍ତଃସତ୍ତ୍ୱା ମାମଲା: ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଯାଜପୁର ଟାଉନ,୮।୯
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଯୁବକ ଅନ୍ତଃସତ୍ତ୍ୱା କରିଥିବା ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡ୍‌ହକ୍ ଆଡିଶନାଲ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରି ମାମଲାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜାନୁୟାରୀ ୩୧ରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଶିଆଗଡ଼ ଗ୍ରାମର ପୁରୁଷୋତ୍ତମ ଦେହୁରି ଓରଫ୍ ପୁରିଆ (୩୫) ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକୁଟିଆ ପାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଅନ୍ତଃସତ୍ତ୍ୱା କରିଥିଲୋ। ନାବାଳିକାଙ୍କ ମା' ଓ ବାପା ଦିନମଜୁରିଆ ହୋଇଥିବାରୁ ଝିଅ ଘରେ ଏକୁଟିଆ ରହୁଥିଲେ। ନାବାଳିକାଙ୍କୁ ଅଭିଯୁକ୍ତ ଏକଥା କାହାରିକୁ ନ କହିବା ପାଇଁ ଡରାଇ ଧମକାଇ ରଖିଥିଲେ। ତେଣୁ ନାବାଳିକା କାହାକୁ କିଛି କହି ନ ଥିଲେ। ପରେ ନାବାଳିକା ୬ ମାସ ଅନ୍ତଃସତ୍ତ୍ୱା ଥିବା ଜାଣି ତାଙ୍କ ମା' ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଏତଲା ଦାଏର କରିଥିଲେ। ଅଭିଯୁକ୍ତ ବିବାହିତ ହୋଇଥିବାବେଳେ ନାବାଳିକାଙ୍କୁ ମାରିଦେବା ପାଇଁ ଯୋଜନା ମଧ୍ୟ କରିଥିଲେ। ଏହି ଏତଲା ପାଇବା ପରେ ପୋଲିସ ନଂ.୩୭/୨୧ ମୁତାବକ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଜେଲ୍‌ରେ କରୁଛନ୍ତି। ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରୁଥିଲେ।

# କେନ୍ଦ୍ର ଖଣି ସଚିବଙ୍କ ଯୋଡ଼ା ଖଣି ମଣ୍ଡଳ ଗସ୍ତ

ଯୋଡ଼ା,୮।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଓ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳକୁ କେନ୍ଦ୍ର ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ କନ୍ଥାରାଓ ଶୁକ୍ରବାର ଗସ୍ତରେ ଆସିଛନ୍ତି। ଦୁଇ ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ସଚିବ ରାଓ ଟାଟା ଷ୍ଟିଲର ଯୋଡା ୱେଷ୍ଟ ମାଙ୍ଗାନିଜ ଖଣି, ଗୁଆଲି ଓଏମ୍ସି ଖଣି ପରିଦର୍ଶନ କରିବା ସହିତ କୋଇଡ଼ାଠାରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜିଏସ୍ଆଇ) ପକ୍ଷରୁ କରାଯାଉଥିବା ମାଇନିଂ ଏକ୍ସପ୍ଲୋରେସନ କାମକୁ ଦେଖିଥିଲେ। ପରେ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ (ଡିଏମ୍ଏଫ)ର ପ୍ରୋଜେକ୍ଟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏତଦ୍ ବ୍ୟତୀତ ଖଣି ନିଲାମ ପ୍ରକ୍ରିୟାର ନୀତିରେ ପାରଦର୍ଶିତା ଆଣି ଏହାକୁ କିପରି ଅଧିକ ତ୍ୱରାନ୍ୱିତ କରାଯାଇ ପାରିବ ଓ ଖଣି କ୍ଷେତ୍ରରେ ସ୍ୱଚ୍ଛ ପାରଦର୍ଶିତା କିପରି ହେବ, ଏ ନେଇ ଅଧିକାରୀଙ୍କ ସହ ବିଧିବଦ୍ଧ ଆଲୋଚନା କରିଥିଲେ। ସଚିବଙ୍କ ସହିତ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଜିଏସ୍ଆଇର ଡାଇରେକ୍ଟର ଜେନେରାଲ, ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ) କନଟ୍ରୋଲର, ରାଜ୍ୟ ଖଣି ବିଭାଗର ଯୁଗ୍ମ ଖଣି ନିର୍ଦ୍ଦେଶକ ପ୍ରମୁଖ ସାମିଲ ଥିଲେ।

# ହାଇଦ୍ରାବାଦରେ ତାଲିମ ନେବେ ଓୟୁଏଟି କୃଷି ବିଜ୍ଞାନ ଛାତ୍ରୀଛାତ୍ର



ଗସ୍ତ ପୂର୍ବରୁ ପ୍ରଫେସରଙ୍କ ସହ ଛାତ୍ରୀଛାତ୍ର।

ଭୁବନେଶ୍ୱର, ୮।୯(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ କୃଷି ମହାବିଦ୍ୟାଳୟର ୩୦ଜଣ ଛାତ୍ରୀଛାତ୍ର ତାଲିମ ପାଇଁ ଶୁକ୍ରବାର ହାଇଦ୍ରାବାଦ ଗସ୍ତ କରିଛନ୍ତି। ସେମାନେ ହାଇଦ୍ରାବାଦସ୍ଥିତ ଜାତୀୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠାନରେ ତାଲିମ ନେବେ। ବିଶ୍ୱବିଦ୍ୟାଳୟର ଆଇଡିପି-ଏନ୍ଏଏଚ୍ଇପି ଦ୍ୱାରା ଆୟୋଜିତ ଏହି କୃଷିଭିତ୍ତିକ ଉଦ୍ୟୋଗିତା ବୃଦ୍ଧି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତା ପ୍ରଦାନ କରୁଛି। ତୃତୀୟ ବର୍ଷ କୃଷି ଛାତ୍ରୀଛାତ୍ର ଆଗାମୀ ଦିନରେ କିପରି ଉଦ୍ୟୋଗିତାକୁ ନିଜର ପାଠପଢ଼ାରେ ପ୍ରୟୋଗ କରି ଭବିଷ୍ୟତରେ କୃଷି ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ ହେବେ, ସେଥିପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ହୃଷୀକେଶ ପାତ୍ର, ପ୍ରଫେସର ରାମଚନ୍ଦ୍ର ଦାସ ଓ ପ୍ରଫେସର ଦେବ୍ରାଜ ଲେଙ୍କା ପ୍ରମୁଖ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଛନ୍ତି।


# Classified Everyday 0674-2580101, 2549949




**SALE**

Sale Urgent Chevrolet, Sail, Beat Swift Dzire 1.30/2.20 lakhs. 7008679303. D-1250




**SALE**

Outright and Sharing land available for Duplex/ Apartment projects in and around Bhubaneswar/ Cuttack/ Khordha/ Puri. 8984071303. D-1251

Book 3BHK/4BHK premium Flat at Saubhagya Nagar, Near OUAT & Narula sweets, Unit-8. (Handover June 2024). Contact: 7978584549. D-74580

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244

Duplex sale at Bhubaneswar @ 57lakhs only. Contact- 9777433701. D-75213

Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407. D-75212

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162. D-1222

14000sqft. commercial plot for sale at- Dhauli Square, Bhubaneswar, Contact:- 7008381162. D-1223

Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162. D-1221




Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856. D-1038




Newly open SPA positively health benefits with expert therapist. 9938843929. D-75147

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

Body massage by experience, good looking therapist @ 999/-. (Bhubaneswar) 9078484455. D-1215

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75035

Spa Kerala body Massage only best Therapist @699/- Bhubaneswar. 9337672475. D-1199

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Relax, Refresh your body, Mind at Saikrupa Spa with best therapies. 8984068077. D-1190

Home service full body massage only for female Whatsapp 9777267601, 7853083303. D-1219




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**LOST**

ମୁଁ ଶ୍ରୀ ଆଶିଷ୍ କୁମାର ବିଶି ଗତ ତା ୩୦।୦୫।୨୦୨୩ରିଖରେ ରିନ୍‌ବଚନରୁ ଆଗଲପୁର ଯାଉଥିବା ସମୟରେ B.Tech Original Certificate Regd. No.- 09130503 ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ପାଇଥାଆନ୍ତି ତେବେ 8280192042ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୨୫୪

**AFFIDAVIT**

I, Swaleha Khatoon, W/o Shaikh Abdul Rahim of Village Kazimohalla, P.O/ P.S. Puruna Bazar, Dist.- Bhadrak. That my name is wrongly mentioned in my Son's Passport as Swalekha Khatoon but my correct name is Swaleha Khatoon which is mentioned in my Passport, PAN Card and AADHAAR Card. That Swalekha Khatoon & Swaleha Khatoon is one & the same person. D-1255

By an affidavit before Notary Public, Rayagada, I have changed my name from IPPILI SUSHMA to IPPILI PRABHAVATHI for purpose. D-1253

By virtue of an affidavit sworn before the Executive Magistrate, Bhubaneswar, I, Ashok Kumar Parija, At/P.O.- Jagannathpur, P.S.- Pahal, Dist.- Khordha have changed my daughter's name from Pragyan Priyadarshini Parija to Dibya Aradhana Parija. Henceforth, She shall be known as Dibya Aradhana Parija for all purposes. D-1256

I, Subhrajit Mohanty, S/o- Dusasan Mohanty, resident of word No.-11 Nahardiha, At/P.O.-Barunadiha, P.S.- Rajkanika, Dist.-Kendrapara, PIN- 754220 Odisha declare by this affidavit No. 114 dtd- 07.09.2023. That now onwards I shall be known as Subhrajit Mohanty, S/o- Dushasan Mohanty for all future purposes. D-1257

**ଜନ୍ମଦିନର ଶୁଭେଚ୍ଛା**



ସୌରଭ ରଞ୍ଜନ ବିଶ୍ୱାଳ (କ୍ରିଷ୍ଣା)
(ପହଙ୍ଗା, ନିଆଳୀ, କଟକ)

ଆଜି ତୋର ଅଷ୍ଟମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଦୀର୍ଘାୟୁ କାମନା କରୁଛୁ।

ଆଶିର୍ବାଦ ସହ:
ଅଜା, ଆଈ, ବଡ଼ ବାବା, ବଡ଼ ମମି, ମଝିଆ ବାବା, ମଝିଆ ମମି, ବାବା, ମାମା, ଗେଲୁ ଦିଦି, ଏଲି ଦିଦି, ରିବୁ ଭାଇ, କାର୍ତ୍ତିକ ଭାଇ
ସମସ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୭୩୩୯୯

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୁଥୁପାଲି ଉପ ନିର୍ବାଚନରେ ଚାଣ୍ଡି ଓମେନ୍ ବିଜୟୀ ହେବା ପରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ(ୟୁଡିଏଫ୍) ଆବାହକ ଏମ୍‌ଏମ୍ ହାସନ, କଂଗ୍ରେସ ନେତା ରମେଶ ଚେନିଥାଲା ଏବଂ କେ. ସୁରେଶ ଶୁକ୍ରବାର ଥିରୁଭାନନ୍ତପୁରମ୍‌ଠାରେ ମିଠା ବାଣ୍ଟି ଖୁସି ମନାଉଛନ୍ତି।

# ଦଳରେ ରହି ସୌମ୍ୟବାବୁ ବ୍ଲାକ୍‌ମେଲିଂ କରୁଛନ୍ତି: ଅତନୁ

ଭୁବନେଶ୍ୱର,୮।୯(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତା ତଥା ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ପରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସେ କହିଛନ୍ତି, ସୌମ୍ୟବାବୁ ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି। ସେ ଦଳକୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟାର୍ଗେଟ୍ କରି ବାରମ୍ବାର ଲେଖୁଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ, ସାଧାରଣ ଲୋକେ ଏହାକୁ ଗ୍ରହଣ କରିବେ ନାହିଁ। ଦଳରେ ରହି ବ୍ଲାକ୍‌ମେଲିଂ କରିବାକୁ ଉଦ୍ୟମ କରୁଛନ୍ତି। ବ୍ଲାକ୍‌ମେଲିଂକୁ ଆୟୁଧ କରି ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ। ସେ କେତେଥର ଦଳ ବଦଳାଇଛନ୍ତି ତାହା ସମସ୍ତେ ଜାଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସାରା ରାଜ୍ୟ ଗସ୍ତ କଲା, ଲୋକଙ୍କ ଅଭିଯୋଗର ସମାଧାନ ହେଲା, ଏଥିରେ ଅସୁବିଧା କ'ଣ ବୋଲି ଅତନୁ କହିଛନ୍ତି। ବ୍ଲାକ୍‌ମେଲିଂ କରିବା କିମ୍ବା ରାଜନୈତିକ ସଂକୀର୍ଣ୍ଣତାକୁ ନେଇ ଚାଲିବା ଠିକ୍ ନୁହେଁ। ଦଳରେ ରହି ଦଳ ବିରୋଧୀ ମନ୍ତବ୍ୟ ଦେବା, ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ଲେଖିବା ଆଦୌ ଗ୍ରହଣୀୟ ନୁହେଁ। ଏହା ଦଳ ବିରୋଧୀ କାର୍ଯ୍ୟ। କିନ୍ତୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ହେବ ନା ନାହିଁ ତାହା ଦଳର ସଭାପତି ନିଷ୍ପତ୍ତି ନେବେ ବୋଲି ଅତନୁ କହିଛନ୍ତି।

# ଭାଜପାକୁ ମଜଭୁତ କରିବାକୁ କଂଗ୍ରେସ ତତ୍ପର: ବିଜେଡି

ଭୁବନେଶ୍ୱର,୮।୯(ଅନିଲ ଦାସ)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଭୁଲି ଯାଇଛନ୍ତି ଯେ ସୌମ୍ୟରଞ୍ଜନ ପଟ୍ଟନାୟକ ପୂର୍ବରୁ ୨ ଥର କଂଗ୍ରେସରେ ଯୋଗ ଦେଇ ଛାଡ଼ିଛନ୍ତି। ଶେଷ ଥର ପାଇଁ ତାଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଥିଲା । ଏହା ପରେ ସେ ଓଡ଼ିଶାରେ କଂଗ୍ରେସକୁ ଶେଷ କରିବାକୁ ଶପଥ ନେଇଥିଲେ ବୋଲି ବିଜେଡି ମୁଖପାତ୍ର ଦ୍ରୁମ୍ନନାଥ ପଣ୍ଡା କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସେ କହିଛନ୍ତି, ସୌମ୍ୟଙ୍କୁ କଂଗ୍ରେସକୁ ସ୍ୱାଗତ କରିବା ନେଇ ପିସିସି ସଭାପତି ସୂଚନା ଦେଇଛନ୍ତି। ଏହା ସୂଚାଇ ଦେଉଛି ଯେ ଓଡ଼ିଶାରେ କଂଗ୍ରେସକୁ ଶେଷ କରିବା ଏବଂ ଭାଜପାକୁ ମଜଭୁତ କରିବା ପାଇଁ ଉଭୟ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସୌମ୍ୟ କଂଗ୍ରେସରେ ଥିବାବେଳେ କିଭଳି କାର୍ଯ୍ୟ କରୁଥିଲେ ତାହା ରାଜ୍ୟବାସୀଙ୍କୁ ଅଛପା ନାହିଁ ବୋଲି ଦ୍ରୁମ୍ନନାଥ କହିଛନ୍ତି।

# ଶିକ୍ଷକଙ୍କୁ ୫ ପ୍ରକାରରେ ବିଭକ୍ତ କରି ବିଭ୍ରାନ୍ତ ସୃଷ୍ଟି କରିଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

୨୫ ବର୍ଷର ବିଜେଡି ଶାସନରେ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିଲାଗି ଅଭିଭାବକ ଏବଂ ଛାତ୍ରୀଛାତ୍ର ଚିନ୍ତିତ ହୋଇପଡିଛନ୍ତି। ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ପାଇଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ସଜାଡିବାରେ ଶାସକ ଦଳ ବିଫଳ ହୋଇଛନ୍ତି। ଦୀର୍ଘଦିନ ହେବ ଶିକ୍ଷକମାନେ ବିଭିନ୍ନ ସମସ୍ୟା ଓ ଦାବି ପୂରଣକୁ ନେଇ ଆନ୍ଦୋଳନ କରୁଛନ୍ତି। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କୁ ୫ ପ୍ରକାରରେ ବିଭକ୍ତ କରି ବିଭ୍ରାଟ ସୃଷ୍ଟି କରିଛନ୍ତି ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ସମୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ପ୍ରାଥମିକ ଶିକ୍ଷକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସମୀର ଆହୁରି କହିଛନ୍ତି, ପ୍ରାଥମିକ ଶିକ୍ଷା ପ୍ରଦାନ ବାରମ୍ବାର ବାଧାପ୍ରାପ୍ତ ହେଉଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମସ୍ୟା ମନୁଷ୍ୟକୃତ ଏବଂ ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ଶିକ୍ଷକଙ୍କ ଦାବିକୁ ରାଜ୍ୟ ସରକାର ଯଥାଶୀଘ୍ର ସମାଧାନ କରନ୍ତୁ ବୋଲି ସମୀର କହିଛନ୍ତି।

# ଜୟନାରାୟଣଙ୍କୁ ଗୋଡ଼ାଉଛି ୫-ଟି ଭୟ: ବିଜେଡି

ଭୁବନେଶ୍ୱର,୮।୯(ଅନିଲ ଦାସ)

ଓଡ଼ିଶା ଭାଜପା ନେତା ଜୟନାରାୟଣ ମିଶ୍ରଙ୍କୁ ୫-ଟି ଭୂତ ଗୋଡ଼ାଉଛି। ଯେଉଁଠାରେ ସେ ଏହାକୁ ଦେଖୁଛନ୍ତି ସେଠାରେ ଖାଲି ୫-ଟି ଜପ କରୁଛନ୍ତି । ସେ କିଡ୍‌ନୀ ଏବଂ ମାନସିକ ସମସ୍ୟାର ଚିକିତ୍ସା ପାଇଁ ଯାଇଥିଲେ । ତାଙ୍କର କିଡ୍‌ନୀ ଚିକିତ୍ସା ସଫଳ ହୋଇଥିବାବେଳେ ବୋଧହୁଏ ସେ ମାନସିକ ଚିକିତ୍ସାକୁ ଅଧାରେ ଛାଡ଼ି ଦେଇଛନ୍ତି। ତେଣୁ ସେ ପୁଣି ଥରେ ପାଗଳ ଭଳି କଥାବାର୍ତ୍ତା ଆରମ୍ଭ କରିଥିବା ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ସେ ଗଣମାଧ୍ୟମକୁ କହିଛନ୍ତି, ଆଜିକାଲି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପାଇଁ ଜୟନାରାୟଣ ଜୋରରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯଦି ସୌମ୍ୟରଞ୍ଜନ କହିବେ ଯେ, ସେ ଭାଜପାରେ ଯୋଗଦେବେ ତେବେ ଜୟନାରାୟଣ ଗୁରୁତର ଅବସାଦ ଓ ଭୟାତୁର ସ୍ଥିତି ଭିତରକୁ ଠେଲି ହୋଇଯିବେ। କାରଣ ସେ ଭଲଭାବେ ଜାଣନ୍ତି, ସୌମ୍ୟ ଓଡ଼ିଶା ଭାଜପାରେ ଥିବାବେଳେ କିଭଳି ସବୁ କାର୍ଯ୍ୟ କରିଥିଲେ।

# ବେଆଇନ ଜମି ଅଧିଗ୍ରହଣ ଦୁର୍ଭାଗ୍ୟଜନକ: ଶରତ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

**ବେଦାନ୍ତ ବିଶ୍ୱବିଦ୍ୟାଳୟ**

ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ କରିବା ଲାଗି ଓଡ଼ିଶା ସରକାର ଜମି ଅଧିଗ୍ରହଣ ଆଇନ ୧୮୯୪ ଏବଂ ନିୟମ ୧୯୬୩ର ସମସ୍ତ ନୀତି, ନିୟମ ଓ ଆଇନ କାନୁନ୍‌ର ଉଲ୍ଲଂଘନ କରିଛନ୍ତି। ନିୟମର ଖିଲାପ କରି ବେଦାନ୍ତ ବିଶ୍ୱବିଦ୍ୟାଳୟ ଲାଗି ଜମି ଅଧିଗ୍ରହଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଉଚ୍ଚତମ ନ୍ୟାୟାଳୟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏନେଇ ଶୁକ୍ରବାର ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ସରକାର ଆଖି କାନ ବନ୍ଦ କରି ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ପାଇଁ ପୁରୀ ଜିଲାର ୭ ହଜାର ଏକର ଉର୍ବର କୃଷି ଜମି, ଜଙ୍ଗଲ ଓ ଗୋଚର ଜମି ଏପରି କି ନୂଆନଇକୁ ମଧ୍ୟ ଅଧିଗ୍ରହଣ କରିବା ପାଇଁ ସବୁ ପ୍ରକାର ସହାୟତା ଏବଂ ସହଯୋଗ କରିଥିଲେ। ପୁରୀ ଜିଲାର କୋଣାର୍କ ଓ ନିକଟବର୍ତ୍ତୀ ଅଞ୍ଚଳର ୧୦ ହଜାର କୃଷକ ପରିବାରର ଜୀବିକା ଓ ଜୀବନକୁ ଦୁର୍ବିଷହ କରି କାହିଁକି ରାଜ୍ୟ ସରକାର ଗୋଟିଏ କମ୍ପାନୀ ପାଇଁ ଏତେ ପ୍ରୀତି ଦେଖାଉଥିଲେ। ଏହା ପଛରେ ପ୍ରକୃତ ଉଦ୍ଦେଶ୍ୟ କ'ଣ ବୋଲି ଶରତ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହାଦ୍ୱାରା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବେଦାନ୍ତ କମ୍ପାନୀ ଦ୍ୱାରା କିଭଳି ଲାଭାନ୍ୱିତ ହୋଇଛନ୍ତି ତା'ର ତଦନ୍ତ ହେବା ଜରୁରୀ। ଉଚ୍ଚତମ ନ୍ୟାୟାଳୟ ସରକାରଙ୍କ ଏହି ଉଦ୍ୟମକୁ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ଦୀର୍ଘ ୧୭ ବର୍ଷ ବେଦାନ୍ତ କମ୍ପାନୀ ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁ ୧୦ ହଜାର ପରିବାର ନିଜ ଜମିରେ ଚାଷ କାର୍ଯ୍ୟ କରିପାରିନାହାନ୍ତି ବୋଲି ଶରତ କହିଛନ୍ତି।

# କଂଗ୍ରେସରୁ ନିଲମ୍ବିତ ହେଲେ ମନ୍ମଥ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ଜଟଣୀ ବିଧାୟକ ସୁର ରାଉତରାୟଙ୍କ ପୁଅ ତଥା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଦସ୍ୟ ମନ୍ମଥ ରାଉତରାୟଙ୍କୁ କଂଗ୍ରେସରୁ ଶୁକ୍ରବାର ନିଲମ୍ବିତ କରାଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏ ନେଇ କଂଗ୍ରେସ ଶୃଙ୍ଖଳା କମିଟି ପକ୍ଷରୁ ବିବୃତି ପ୍ରକାଶ ପାଇଛି। ମନ୍ମଥ କଂଗ୍ରେସରେ ପିସିସି ସଦସ୍ୟ ଥିଲେ। ହେଲେ ସେ ସ୍ୱାଧୀନ ଏବଂ ତାଙ୍କର କେଉଁ ରାଜନୈତିକ ଦଳ ସହ ସମ୍ପୃକ୍ତି ନାହିଁ ବୋଲି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ଏନେଇ ଗୁରୁବାର ତାଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ସେ କାରଣ ଦର୍ଶାଅ ନୋଟିସ୍ ଉପରେ ଉତ୍ତର ଦେଇ ନ ଥିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ସୂଚନା ଦେଇଛନ୍ତି। କଂଗ୍ରେସରୁ ନିଲମ୍ବିତ ହେବା ପରେ ମନ୍ମଥ କହିଛନ୍ତି, ତାଙ୍କ ବ୍ୟାକଗ୍ରାଉଣ୍ଡ ନ ଜାଣି ପିସିସି ସଦସ୍ୟ କରିଥିଲେ। ସେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ। ଏକଥା ଭେରିଫାଏ କରିବା କଥା। ପ୍ରଥମେ ତାଙ୍କୁ ଦଳର ସଦସ୍ୟ କରିବା ଭୁଲ୍ ଥିଲା। ଏବେ ଭୁଲ୍ ଉପରେ ଭୁଲ୍ କରୁଛନ୍ତି। ପ୍ରଥମେ ଭୁଲ୍‌ରେ ସଦସ୍ୟ କଲେ, ଏବେ ସସ୍‌ପେଣ୍ଡ କରି ଆଉ ଏକ ଭୁଲ୍ କରିଛନ୍ତି। ନିଲମ୍ବନ କରି କଂଗ୍ରେସ ତାଙ୍କୁ ଆଗକୁ ଯିବାକୁ ସଙ୍କେତ ଦେଇଛି। ମନ୍ମଥଙ୍କ ନିଲମ୍ବନ ନେଇ ବିଧାୟକ ସୁର ରାଉତରାୟ କହିଛନ୍ତି, ତାଙ୍କ ପରିବାରରେ କିଛି ଅଶାନ୍ତି ନାହିଁ। ସାନ ପୁଅ ମନ୍ମଥ ଚାକିରି କରିଛି। ତା'ର ଇସ୍ତଫା ଏଯାଏ ଗ୍ରହଣ କରାଯାଇ ନାହିଁ। ସମୟ ଆସିଲେ ଠିକ୍ ନିଷ୍ପତ୍ତି ନିଆଯିବ। ମନ୍ମଥ ଜଟଣୀରୁ ଠିଆ ହେବେ। ତାଙ୍କ ୨ ପୁଅଙ୍କୁ ସେ ଯେତେବେଳେ ଯାହା କହିବେ, ସେମାନେ ମାନିବେ ବୋଲି ସୁର କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ କଂଗ୍ରେସରୁ ଲଢ଼ିବେନି, କେଉଁ ଦଳରୁ ଲଢ଼ିବେ ଅକ୍ଟୋବରରେ ଘୋଷଣା କରିବେ ବୋଲି ମନ୍ମଥ କହିଥିଲେ।


**MGNREGS Odisha Society**
**Panchayati Raj & DW Department,**
**Govt. of Odisha**
Unit-VIII, Bhubaneswar-751012
e-mail ID: nrega.odisha@nic.in
No. 117, Date:05.09.2023

**INVITATION OF REQUEST FOR PROPOSAL (RFP)**
**For**
**Conducting Evaluation and Impact Assessment Study of the State Sector Scheme: "State Support to MGNREGS"**

**No.i-363:** Request for Proposal is invited by the Director, Special Projects-cum- Mission Director, MGNREGS Odisha Society, PR & DW Department for selection of Agency to conduct Evaluation and Impact Assessment Study of the State Sector Scheme: "State Support to MGNREGS". The details relating to the eligibility criteria, terms and conditions and other information relating to the RFP can be downloaded from the home page of PR & DW Department website (https://panchayat.odisha.gov.in)

Proposal may be submitted to the Director, Special Projects-cum-Mission Director on the above mentioned address in a sealed envelope.

The last date and time for submission of the RFP through SPEED POST/REGISTERED POST/HAND (TENDER BOX) is 28.09.2023 upto 3 PM.

Sd./- Director, Special Projects-cum-Mission Director
MGNREGS Odisha Society

OIPR-19001/11/0020/2324



**OFFICE OF THE DISTRICT MANAGER**
**Odisha State Civil Supplies Corporation Ltd., (OSCSC)**
**ANGUL District**
Phone No.-9438200031, 06764-230282
District Website:www.angul.nic.in
Tender No.2900 to 2903 & Dt.08.09.2023

**No.CAD-1967:** District Manager, Odisha State Civil Supplies Corporation Ltd., Angul invites tender through ONLINE MODE ONLY for the works mentioned below.

| | | |
|---|---|---|
| 1 | Name of the Work | Selection and appointment of Transport Contractors for transportation of paddy from the paddy purchase centres (PPC) to the Rice mills within district or outside of Angul district & within the state of Odisha. |
| 2 | Availability of Bid documents in the portal | Dt.08.09.2023 |
| 3 | Last date/time for receipt of Bids in the Portal | Dt.25.09.2023 upto 5.30 PM |
| 4 | Date/Time of Opening of Technical Bid | Dt.26.09.2023 at 11 AM |

Tender documents & other details can be seen from the e-procurement portal https://gem.gov.in. alongwith the district website www.angul.nic.in. Amendment / Corrigendum/ Cancellation/ retenders etc. if any shall be published only in above websites.

Sd./- District Manager
O.S.C.S.C. Ltd., Angul

OIPR-07064/11/0008/2324



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୭୪ **ବିଜ୍ଞାପନ** ତା:୨୨।୦୮।୨୦୨୩

No. CAD-1974: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ ରଜନୀ ରାଣୀ ସାହୁ, ସ୍ୱା– ରବିନ୍ଦ୍ରନାଥ ସାହୁ, ପ୍ଲଟ୍ ନଂ. ୨୯୫, ସି–୨୦, ସିଦ୍ଧି ବିହାର, ପୋ/ଥା– ଖଣ୍ଡଗିରି, ଜି: ଖୋର୍ଦ୍ଧା | ଘର ନଂ.– ଏଚ୍.ଆଇ.ଜି.–୦୬ (HIG-6) ପଠାଣି ସାମନ୍ତ କମ୍ପୋଜାଇଟି ହାଉସିଂ ପ୍ରକଳ୍ପ, ମୁକ୍ତାପୁର, ଜି– ନୟାଗଡ଼ | ୧– ରବିନ୍ଦ୍ରନାଥ ସାହୁ (ସ୍ୱାମୀ)<br>୨– ରାକେଶ କୁମାର ସାହୁ (ପୁଅ)<br>୩– ରଚିତା ସାହୁ (ଝିଅ) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0330/2324



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 235 **ବିଜ୍ଞାପନ** ତା:02.09.2023

No. CAD-1971: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେଲ୍ଫ ଫାଇନାନସିଙ୍ଗ ସ୍କିମ୍ ଶୈଳଶ୍ରୀବିହାର ଚନ୍ଦ୍ରଶେଖରପୁର ଷଷ୍ଠ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ.– ଭିଆଇଏମ୍–୬୧୨ (VIM-612)ଟିକୁ ଶ୍ରୀ ଦେବାଶିଷ ବାସୁ, ପିତା– ବି.ଏଲ୍.ବାସୁ, ସା– ଶୂନଗାଡ଼ିଆ, ପୋ/ଥା– ବାରିପଦା, ଜିଲା– ମୟୂରଭଞ୍ଜଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଦେବାଶିଷ ବାସୁ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଶ୍ରୀ ଚନ୍ଦ୍ରକାନ୍ତ ସାହୁ, ପିତା– ୰ଚୈତନ୍ୟ ସାହୁ, ସା–ମର୍ଦ୍ଦରାଜପୁର, ପୋ– ଖଳିସାହି, ଥା– ଖଣ୍ଡପଡ଼ା, ଜିଲା– ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା' ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0334/2324



**GOVT. OF ODISHA** No.MM-144:
**OFFICE OF THE DIVISIONAL FOREST OFFICER**
**ANGUL DIVISION, ANGUL**
**e-Procurement Notice, Angul Forest Division**
**Bid Identification No.01 of 2023-24**
e-mail ID:dfoangul@gmail.com

1. Number of Works: 08 (Eight) number of Building Works
2. Approximate estimated cost: Varies from Rs.14.01 lakh to 17.53 lakhs.
3. Period of Completion: 03 (Three) Calendar Months
4. Date & Time of availability of bid document in the portal: Dt.12.09.2023 at 10.00 A.M.
5. Last date/time for receipt of bid in the portal: Dt.27.09.2023 upto 5.00 P.M.
6. Date of Opening Bid : Dt.28.09.2023 at 11.00 A.M.
7. Name and address of the Office Inviting Bid: Divisional Forest Officer, Angul Division, Angul.
8. The bidders have to participate in ONLINE bidding only. Further details can be seen from the e-Procurement portal https://tendersodisha.gov.in.

Sd./- Divisional Forest Officer
Angul Division, Angul

OIPR-08027/11/0008/2324



**ଓଡ଼ିଶା ସରକାର**
**ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

File No.XXV-I(A)10/2023/581 Dated 24.08.2023

**No.XIII-02:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାର ତାଳଚେର–ସମ୍ବଲପୁର ଦୋହରା ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା–ସିନ୍ଦୂରପଙ୍କ ଥାନା–ସମ୍ବଲପୁର ସଦର, ତହସିଲ–ମାନେଶ୍ୱର, ଜିଲ୍ଲା–ସମ୍ବଲପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୧.୭୩୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତାଳଚେର–ସମ୍ବଲପୁର ଦୋହରା ରେଳପଥ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ ତରଫରୁ ଉପମୁଖ୍ୟ ନିର୍ବାହୀ ଯନ୍ତ୍ରୀ, ସମ୍ବଲପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ତାଳଚେର–ସମ୍ବଲପୁର ଦୋହରା ରେଳପଥ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଘୋଷଣା ସଂଖ୍ୟା ୨୬୮୩୭ ତା.୨୫.୦୭.୨୦୨୩ ରିଖ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ, ସମ୍ବଲପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ସମ୍ବଲପୁର | ମାନେଶ୍ୱର | ସିନ୍ଦୂରପଙ୍କ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୭୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ତାଳଚେର–ସମ୍ବଲପୁର ଦୋହରା ରେଳପଥ ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସମ୍ବଲପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ସମ୍ବଲପୁର

**ଭୂମି ଅନୁସୂଚୀ**

ମୌଜା–ସିନ୍ଦୂରପଙ୍କ, ତହସିଲ–ମାନେଶ୍ୱର, ଥାନା:ସମ୍ବଲପୁର, ଥାନା ନଂ.୨୧୭, ସମ୍ବଲପୁର ସଦର, ଜିଲ୍ଲା:ସମ୍ବଲପୁର, ସମ୍ବଲପୁର–ତାଳଚେର (ସମ୍ବଲପୁର–ବାମୁର ସେକ୍ସନ) ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ

| କ୍ରମିକ ନଂ. | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧. | ୨୮ | ୨ | ମାଳପାଣି–୧ ଦୋଫ | ୦.୬୨୦ | ୦.୧୨୦ | ଏକାଦଶିଆ ବାଗ, ଚିନ୍ତାମଣି ବାଗ, ରମଣି ବାଗ, ପି–ବାସୁଦେବ ବାଗ, ଜା.ଗଣ୍ଡା, ବା–ତୁମେସିଂହା |
| ୨. | ୧୩୪ | ୩ | ମାଳପାଣି–୧ ଦୋଫ | ୧.୩୦୦ | ୦.୨୨୦ | ନଳିନୀ ପୂସେଠ, ସ୍ୱା–ତୈଲୋକ ପୂସେଠ, ଜା.କରଣ, ବା–ତୁମେସିଂହା |
| ୩. | ୬୩ | ୨୦ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୩୨୦ | ୦.୦୫୦ | ଘରଯୋଗୀ ସାହୁ, ସ୍ୱା:ବୃଷଭାନୁ ସାହୁ,ଜା:ବ୍ରାହ୍ମଣ, ବା:ନିଜଗାଁ |
| ୪. | ୧୭୦ | ୨୧ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୨୧୦ | ୦.୦୭୦ | ବିବେକାନନ୍ଦ କର, ପି:ଉମାଶଙ୍କର କର, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୫. | ୨୭୮ | ୧୯ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୪୩୦ | ୦.୦୮୦ | ଚନ୍ଦ୍ରଶେଖର ଗର୍ଡିଆ, ପି:ସନ୍ତୋଷ ଗର୍ଡିଆ, ଜା:ଗଣ୍ଡା,ବା:ନିଜଗାଁ |
| ୬. | ୩୧୭ | ୧୮ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୫୧୦ | ୦.୦୭୦ | ଶେଷଦେବ ପତି, ପି:ମଦନ ମୋହନ ପତି, କିସ୍ମତ ଟ.୦.ଆଠଅଣା, ଜୟଦେବ ପତି, ପି:ସତ୍ୟାନନ୍ଦ ପତି, ଅନୁଛାୟା ପତି, ସ୍ୱା:ସତ୍ୟାନନ୍ଦ ପତି,ଟ. ୦.ଆଠଅଣା, ଜା:ବ୍ରାହ୍ମଣ, ବା:ନିଜଗାଁ ବା |
| ୭. | ୧୬୮ | ୧୭ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୬୦ | ୦.୦୧୦ | ବଂଶୀଧର ବାଗ, ପି:କାର୍ତ୍ତିକ ବାଗ, ଜା:ଗଣ୍ଡା, ବା:ତୁମେସିଂହା |
| ୮. | ୪୧ | ୯୩ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୬୬୦ | ୦.୧୮୦ | ଧରିତ୍ରୀ ନାୟକ, କପିଳେଶ୍ୱର ନାୟକ, ଅରୁନ୍ଧତୀ ନାୟକ, ସଞ୍ଜୁକ୍ତା ନାୟକ, ପି:କାହ୍ନୁଚରଣ ନାୟକ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୯. | ୨୦୪ | ୧୨୨ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୧୬୦ | ୦.୦୨୦ | ରଇବାରୀ ବାଗ, ରମାନନ୍ଦ ବନଛୋର, ପି:ମଙ୍ଗଲୁ ବନଛୋର, ଜା:ଗଣ୍ଡା, ବା:ତକବା |
| ୧୦. | ୧୦୨ | ୧୨୦ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୯୦ | ୦.୦୧୦ | ଟିକେଶ୍ୱର ଉର୍ମା, ପି:ବୁବୁକୁ ଉର୍ମା, ଜା:ଗଣ୍ଡା, ବା:ନିଜଗାଁ |
| ୧୧. | ୫୬ | ୧୧୫ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୩୫୦ | ୦.୦୩୦ | ଗୋକୁଳଚନ୍ଦ୍ର ସାହୁ, ମାର୍କଣ୍ଡ ସାହୁ, ପି:ମଦନ ସାହୁ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୨. | ୧୨୮ | ୧୦୦୦ | ମାଳ ସାଧାରଣ | ୦.୦୬୦ | ୦.୦୨୦ | ଗିରିଧାରୀ ଧର, ପି:ଧନଞ୍ଜୟ ଧର,ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୩. | ୩୧୩ | ୧୦୧୧ | ମାଳ ସାଧାରଣ | ୦.୨୧୦ | ୦.୦୨୦ | ସୁରୁ ଦାଶ, ସ୍ୱା:ଦୁର୍ଗା ପ୍ରସାଦ ଦାଶ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୪. | ୪୭ | ୧୩୭୩ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୦୩୦ | ୦.୦୨୦ | ଦଶରଥ ପଣ୍ଡା, ସୁକଦେବ ପଣ୍ଡା, ପି:ଲୋକନାଥ ପଣ୍ଡା, ଜା:ବ୍ରାହ୍ମଣ,ବା:ନିଜଗାଁ |
| ୧୫. | ୨୧୩ | ୧୩୭୭ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୧୨୦ | ୦.୦୧୦ | ମାର୍କଣ୍ଡ ନାଥ, ପି:ଗଣେଶ ରାମନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୬. | ୨୬୦ | ୧୩୭୯/ ୩୩୪୭ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୧୦୦ | ୦.୦୨୦ | ସନ୍ଧ୍ୟାରାଣୀ ପଣ୍ଡା, ନିରଞ୍ଜନ ପଣ୍ଡା, ଅବନୀ ରଞ୍ଜନ ପଣ୍ଡା,ରମଣୀ ରଞ୍ଜନ ପଣ୍ଡା, ପି: ଶଙ୍କର ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୭. | ୧୫୬ | ୧୩୭୯ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୧୨୦ | ୦.୦୬୦ | ଫକିର ପଣ୍ଡା, ପି:ଅର୍ଜୁନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୮. | ୨୬୦ | ୧୩୮୨ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୦୫୦ | ୦.୦୪୦ | ସନ୍ଧ୍ୟାରାଣୀ ପଣ୍ଡା, ନିରଞ୍ଜନ ପଣ୍ଡା, ଅବନୀ ରଞ୍ଜନ ପଣ୍ଡା,ରମଣୀ ରଞ୍ଜନ ପଣ୍ଡା, ପି: ଶଙ୍କର ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୧୯. | ୨୦ | ୧୩୮୩ | ବେର୍ଣ୍ଣା ଖାରିପାଣି ୧ ଦୋଫସଲି | ୦.୦୪୦ | ୦.୦୧୦ | ଆକୁଳ କୁମାର ଧର, ପି:ବିଦ୍ୟାଧର ଧର,ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୦ | ୮୯ | ୧୩୮୭ | ବାହାଲପାଣି ୧ ଦୋ.ଫ. | ୦.୧୫୦ | ୦.୦୭୦ | ଦିନବନ୍ଧୁ ଧର, ପି:ଜପାମାଳୀ ଧର, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | ୧୩୮୮ | ବାହାଲପାଣି ୧ ଦୋ.ଫ. | ୦.୦୯୦ | ୦.୦୫୦ | |
| | | ୧୯୪୪ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୨୮୦ | ୦.୦୩୦ | |
| ୨୧. | ୧୬୨ | ୧୩୮୬ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୩୦ | ୦.୦୧୦ | ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ବା:ବଳରାମ ନାଥ, ପି:ବାସୁଦେବ ନାଥ,ରାହାସବିହାରୀ ନାଥ, ପି:କାର୍ତ୍ତିକେଶ୍ୱର ନାଥ, ହିମାଦ୍ରୀ ଧର, ପି:ଭାଗିରଥୀ ଧର, ଫକିରମୋହନ ପଣ୍ଡା,ପି:ଅର୍ଜୁନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୨. | ୧୦୯ | ୨୦୮୨ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୧୪୦ | ୦.୦୩୦ | ଦୟାସାଗର ନାଥ, ପି:ନରସିଂହ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୩. | ୨୩ | ୨୦୮୦ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୬୦ | ୦.୦୨୦ | ଉଦିଆ ନାଥ, ସ୍ୱା:ବିଘ୍ନରାଜ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୪. | ୩୩୩/ ୧୯୩ | ୨୦୮୧ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୫୦ | ୦.୦୫୦ | ରାସେଶ୍ୱରୀ ନାଥ, ସ୍ୱା:ରାହାସ ବିହାରୀ ନାଥ, ସୂର୍ଯ୍ୟ କୁମାର ନାଥ, ଉର୍ବଶୀ ମହାନ୍ତି, ଚିତ୍ତରଞ୍ଜନ ନାଥ, ରମ୍ଭା ତ୍ରିପାଠୀ, ମନୋରଞ୍ଜନ ନାଥ, ମେନକା ନାଏକ, ତିଲୋତ୍ତମା ଧର, ପି:ରାହାସ ବିହାରୀ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୫. | ୨୦୦ | ୧୯୪୩ | ବାହାଲପାଣି ୧ ଦୋ.ଫ. | ୦.୦୮୦ | ୦.୦୫୦ | ଭବାନୀଶଙ୍କର ନାଥ, ପି:ଯୁବରାଜ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୬. | ୧୪୪ | ୧୯୪୨ | ବାହାଲପାଣି ୧ ଦୋ.ଫ. | ୦.୦୭୦ | ୦.୦୪୦ | ପଞ୍ଚାନନ ନାଥ, ପି:ଯୁବରାଜ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୭. | ୨୭୬ | ୧୯୪୮ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୧୬୦ | ୦.୦୪୦ | ସନାତନ ନାଥ, ଗାନ୍ଧୀ ନାଥ, ପି:ରାଜୀବ ଲୋଚନ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | ୧୯୪୯ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୧୬୦ | ୦.୧୧୦ | |
| ୨୮. | ୨୬୬ | ୧୯୯୪ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୦୭୦ | ୦.୦୩୦ | ପ୍ରଦୀପ୍ତ କୁମାର ନାଥ, ପି:ସଚିଦାନନ୍ଦ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୯. | ୯୫ | ୧୯୮୯ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୯୭୦ | ୦.୦୫୦ | ଯଶୋଦା ଦାସ, ସ୍ୱା:ସଦାଶିବ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୩୦. | ୫୫ | ୧୯୮୫ | ବେର୍ଣ୍ଣାପାଣି–୧ ଦୋଫସଲି | ୦.୧୦୦ | ୦.୦୯୦ | ଗୋକୁଳାନନ୍ଦ ନାଥ, ପି:ପରିକ୍ଷିତ ନାଥ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | | ମୋଟ | | ୧.୭୩୦ | |

Sd./- Revenue Inspector
Special Land Acquisition Officer
Talcher-Sambalpur Doubling Rail Link, Sambalpur

ସ୍ୱା./–ଜିଲ୍ଲାପାଳ, ସମ୍ବଲପୁର

ସ୍ୱା./– ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ
ତାଳଚେର–ସମ୍ବଲପୁର ରେଳପଥ,ସମ୍ବଲପୁର

OIPR-24345/14/0001/2324

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୯/୨୦୨୩ Bhubaneswar, Saturday, September 9/ 2023

# ଗୋଆ, ମେଘାଳୟର ବୃହତ୍ ବିଜୟ



ମେଘାଳୟ ଓ ଜମ୍ମୁ-କଶ୍ମୀର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ମେଘାଳୟ, ସାଇ, ଗୋଆ ଓ ବେଙ୍ଗଲ ବିଜୟ ହାସଲ କରିଛି। ୭ମ ବାଟାଲିୟନସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ୪-୦ ଗୋଲରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି। ମେଘାଳୟ ପକ୍ଷରୁ ପି. ନଙ୍ଗଲେଟ ୧୭, ଏମ. ମାଶରିଙ୍ଗ ୪୦, ସମେଓ୍ୱନ ଖୋଙ୍ଗଲା ୪୮ ଓ ଆଲିସେଷ୍ଟର ଥାଙ୍ଗଖିଉ ୬୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ୫-୨ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ସାଇ ପକ୍ଷରୁ ପଙ୍ଗାଇ କୋନ୍ୟାକ ୨୯ ଓ ୩୯ତମ ମିନିଟରେ ୨ଟି ଏବଂ ରାଜ ତିର୍କୀ ୬ଷ୍ଠ, ମହମ୍ମଦ ହୁସେନ ୫୪ ଓ ଓ୍ୱାରୋକପାମ୍ ତେଲହିବା ସିଂ ୭୮ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପଞ୍ଜାବ ଅଧିନାୟକ ପ୍ରଦୀପ ସିଂ ୩୪ ଓ ସତନାମ ସିଂ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଗୋଆ ୫-୦ରେ ତାମିଲନାଡୁକୁ ହରାଇ ଦେଇଛି।

**ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟବଲ**



ସାଇ ଓ ପଞ୍ଜାବ ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

ବିଜୟୀ ଦଳର ସଙ୍ଗମ ସୁଭାଷ ଶିତେ୍ୟ ୪୩, ୬୨ ଓ ୭୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଜୋତ୍ରିକ ଆବ୍ରାହାନ୍ସେସ ୬୦ ଓ ସେଡେନ ଜେଫ୍ ରୋଡ୍ରିଗ୍ସେଜ ୭୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ମ୍ୟାଚରେ ବେଙ୍ଗଲ ୧-୦ ଗୋଲରେ କେରଳକୁ ପରାସ୍ତ କରିଛି। ବେଙ୍ଗଲ ପକ୍ଷରୁ ତନବୀର ରୟ ୨୦ତମ ମିନିଟରେ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।

## ମେସିଙ୍କ ଗୋଲ୍‌ରେ ଆର୍ଜେଣ୍ଟିନା ଜିତିଲା

**ବୁଏନ୍ସଏରିଜ୍ (ଆର୍ଜେଣ୍ଟିନା), ୮।୯(ଏପି)**

ସାଉଥ ଆମେରିକାନ ବିଶ୍ୱକପ୍ କ୍ୱାଲିଫାଇଂ ପ୍ରଥମ ରାଉଣ୍ଡରେ ଆର୍ଜେଣ୍ଟିନା ୧-୦ ଗୋଲ୍‌ରେ ଇକ୍ୱେଡରକୁ ପରାସ୍ତ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚରେ ଲିଓନେଲ ମେସି ପୁଣି ଥରେ ଜଣେ ବିଶ୍ୱଚାମ୍ପିୟନ ଭାବେ ଆର୍ଜେଣ୍ଟିନାର ଉଦ୍ଧାରକର୍ତ୍ତା ସାଜିଥିଲେ, ଯେତେବେଳେ ଦଳ ପାଇଁ ସେ ଅପରିହାର୍ଯ୍ୟ ହୋଇପଡ଼ିଥିଲେ। ୩୬ ବର୍ଷୀୟ ଅଧିନାୟକ ଖେଳର ୭୮ତମ ମିନିଟ୍‌ରେ ଏକ ଫ୍ରି କିକ୍‌ରୁ ବିଜୟସୂଚକ ଗୋ୍‌ଲଟିକୁ ସ୍କୋର କରିଥିଲେ। ମେସିଙ୍କର ଏହା ୧୭୬ତମ ଅନ୍ତର୍ଜାତୀୟ ପଦାର୍ପଣରେ ହେଉଛି ୧୦୪ତମ ଗୋଲ୍। ତନ୍ମଧ୍ୟରେ ତାଙ୍କର ୨୯ତମ ବିଶ୍ୱକପ୍ କ୍ୱାଲିଫାଇଂ ଗୋଲ୍ ରହିଛି, ଯାହାକି ଉରୁଗୁଏର ଲୁଇସ୍ ସୁଆରେଜଙ୍କ ରେକର୍ଡ ସମକକ୍ଷ। ମେସିଙ୍କ ଗୋଲ ପର୍ଯ୍ୟନ୍ତ ନୁନେଜ୍ ଷ୍ଟାଡିୟମରେ ୮୩,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ତାଙ୍କ ଗୋଲ୍‌କୁ ଉତ୍କଣ୍ଠାର ସହ ଅପେକ୍ଷା କରି ବସିଥିଲେ। ମୋଇସେସ୍ କାଇସେଡୋଙ୍କ ନେତୃତ୍ୱରେ ଇକ୍ୱେଡର ଡିଫେନ୍ସ ଲାଇନ୍‌ରେ ରହିଥିବା ୫ ଖେଳାଳି ମ୍ୟାଚର ଅଧିକାଂଶ ସମୟ ଆର୍ଜେଣ୍ଟିନାକୁ ରୋକିବାରେ ସମର୍ଥ ହୋଇଥିଲେ।

# ବାରବାଟୀରେ ୧୫ରୁ ବି.ସି ମହାନ୍ତି ସ୍ମାରକୀ ଟି୨୦

**କଟକ,୮।୯ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆସନ୍ତା ୧୫ରୁ ବାରବାଟୀ ଷ୍ଟାଡିୟମ୍‌ରେ ପ୍ରଥମଥର ପାଇଁ ଭୈରବଚନ୍ଦ୍ର ମହାନ୍ତି (ବି.ସି. ମହାନ୍ତି) ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ୨୨ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଦୁଇଟି ଦଳ ବ୍ୟତୀତ ଆସାମ, ହିମାଚଳପ୍ରଦେଶ, କେରଳ, ହାଇଦ୍ରାବାଦ୍, ଝାଡଖଣ୍ଡ, ଛତିଶଗଡ଼ ଆଦି ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟରେ ୧୪ଜଣ ଆଇପିଏଲ୍ ଖେଳାଳି ଯଥା ଶୁଭ୍ରାଂଶୁ ସେନାପତି, ରିୟାନ ପରାଗ, ବୈଭବ ଆରୋରା, ଶାହବାଜ ନଦିମ, ମୟଙ୍କ ଡାଗର, ବିରାଟ ସିଂ, ସୌରଭ ତିୱାରୀ, ବିଷ୍ଣୁ ବିନୋଦ, ଅନୁକୂଳ ରୟ, ବସିଲ୍ ଥମ୍ପି, ଅଜୟ ମଣ୍ଡଳ, ତନ୍ମୟ ଅଗ୍ରୱାଲ, ପ୍ରଶାନ୍ତ ଚୋପ୍ରା, ସଚିନ ବେବି, ପ୍ରମୁଖଙ୍କ ଖେଳ ଦେଖିବାକୁ ମିଳିବ। ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ୍ ହେବ। ପ୍ରଥମଟି ଦିନ ୨ଟା ଏବଂ ଦ୍ୱିତୀୟଟି ସନ୍ଧ୍ୟା ୬ଟାରୁ ଫ୍ଲଡ୍‌ଲାଇଟ୍‌ରେ ଖେଳାଯିବ। ଫ୍ୟାନ୍‌କୋଡ୍ ଆପ୍‌ରେ ମ୍ୟାଚଗୁଡ଼ିକର ସିଧାପ୍ରସାରଣ କରାଯିବ। ଶୁକ୍ରବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେବାକୁ ଯାଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଥିଲେ, ଜାତୀୟସ୍ତର ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା ଖେଳାଳିମାନଙ୍କୁ ବିସିସିଆଇର ଘରୋଇ ସିଜନ ପୂର୍ବରୁ ପ୍ରସ୍ତୁତ କରିବା ଆମର ଲକ୍ଷ୍ୟ। ଏହା ଦ୍ୱାରା ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଭଳି ପ୍ରତିଯୋଗିତାରେ ଆମ ଖେଳାଳିମାନେ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିବେ। ଆସନ୍ତା ବିସିସିଆଇ ପ୍ରତିଯୋଗିତା ପୂର୍ବରୁ ଏହା ଏକପ୍ରକାର ଚୟନର ମାନଦଣ୍ଡ ମଧ୍ୟ ହୋଇପାରିବ ବୋଲି ବେହେରା ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଉପସଭାପତି ପଙ୍କଜଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓସିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରା, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଓସିଏ କର୍ମକର୍ତ୍ତାମାନେ ଭୈରବଚନ୍ଦ୍ର ମହାନ୍ତି ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଲୟୋଲା, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ ଲୟୋଲା ଓଡ଼ିଆ ସ୍କୁଲ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଲୟୋଲା ୧-୦ ଗୋଲରେ ପୋଖରୀପୁଟ ଡିଏଭି ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ କେର୍କେଟା ମ୍ୟାଚର ୧୫ଶ ମିନିଟରେ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୧-୦ ଗୋଲରେ ସାଇ ରେସିଡେନ୍ସିଆଲ ସ୍କୁଲକୁ ହରାଇ ଦେଇଛି। ଅସ୍ମିତ ପତି ୩୫ତମ ମିନିଟରେ ବିଜୟ ସୂଚକ ଗୋଲଟି ସ୍କୋର କରିଥିଲେ। ଲୟୋଲା ଓଡ଼ିଆ ସ୍କୁଲର ଆର୍ଯ୍ୟନ କେର୍କେଟା ଓ ସାଇ ରେସିଡେନ୍ସିଆଲର ତନଭିର ବିଶ୍ୱାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହା ବ୍ୟତୀତ ଉଭୟ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ସତ୍ୟମ ତ୍ରିପାଠୀ ଓ ଅସ୍ମିତ ପତିଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରମ୍ପଙ୍କ ସହିତ ଗଲ୍ଫ ଖେଳିଲେ ଧୋନୀ

**ନ୍ୟୁ ଜର୍ସି, ୮।୯(ପି.ଟି.)**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଗଲ୍ଫ ଖେଳି ମଜାନେଇଛନ୍ତି ଭାରତର ବିଶ୍ୱକପ ବିଜୟୀ ଅଧିନାୟକ ଏମ୍.ଏସ୍. ଧୋନୀ। ଟ୍ରମ୍ପ ନ୍ୟାଶନାଲ ଗଲ୍ଫ କ୍ଲବ ବେଡ୍‌ମିନିଷ୍ଟରଠାରେ ଉଇକେଟକିପର-ବ୍ୟାଟରଙ୍କ ସହ ଏହି ଖେଳର ଆୟୋଜକ ଥିଲେ ଆମେରିକାର ପୂର୍ବତନ ରାଷ୍ଟ୍ରପତି। ଦୁଇ ଜଣଙ୍କର ଏକ ଫଟୋ ଏବଂ ଏକ ଭିଡିଓ ସୋସିଆଲ ମିଡିଆରେ ଘୂରିବୁଲୁଛି। ଧୋନୀ ଦିନକ ପୂର୍ବରୁ ନ୍ୟୁୟର୍କଠାରେ ଚାଲିଥିବା ୟୁଏସ୍ ଓପନରେ ଗତଥରର ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ଏବଂ ଆଲେଜାଣ୍ଡର ଜେଭରେଭଙ୍କ ମଧ୍ୟରେ କ୍ୱାର୍ଟରଫାଇନାଲ ମ୍ୟାଚକୁ ଉପଭୋଗ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଚଳିତବର୍ଷ ପ୍ରାରମ୍ଭରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଧୋନୀଙ୍କ ନେତୃତ୍ୱରେ ୫ମ ଆଇପିଏଲ୍ ଟାଇଟଲ ହାସଲ କରିଥିଲା। ୪୨ବର୍ଷୀୟ ଏହି କ୍ରିକେଟରଙ୍କ ଆଣ୍ଠୁରେ ଗତ ଜୁନରେ ଏକ ଅସ୍ତ୍ରୋପଚାର ହୋଇଛି।




ମହେନ୍ଦ୍ର ସିଂ ଧୋନୀ ଓ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

# ୨୩ ଜଣିଆ ଭାରତୀୟ ଦଳ ଘୋଷଣା

**୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୮।୯(ପି.ଟି.)**

ସେପ୍ଟେମ୍ବର ୨୧ରୁ କାଠମାଣ୍ଡୁଠାରେ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ପାଇଁ ମୁଖ୍ୟ କୋଚ୍ ଶୁଭେନ୍ଦୁ ପଣ୍ଡା ୨୩ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ଦଳ ଶୁକ୍ରବାର ସକାଳେ ଦକ୍ଷତା ବିକାଶ ଓ ଟ୍ରେନିଂ କ୍ୟାମ୍ପ ପାଇଁ ସାଉଦି ଆରବ ଗସ୍ତ କରିଛି। ସେଠାରୁ ସେପ୍ଟେମ୍ବର ୧୯ରେ ସେମାନେ ନେପାଳ ରାଜଧାନୀ ଗସ୍ତ କରିବେ। ଭୁଟାନ ଓ ବାଂଲାଦେଶ ସହିତ ଭାରତ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଗ୍ରୁପ୍ 'ଏ'ରେ ଆୟୋଜକ ଦେଶ, ମାଲଦ୍ୱୀପ ଓ ପାକିସ୍ତାନ ସ୍ଥାନ ପାଇଛନ୍ତି। ସିଙ୍ଗଲ୍ ରାଉଣ୍ଡ-ରବିନ ଗ୍ରୁପ୍ ପର୍ଯ୍ୟାୟ ପରେ ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୩୦ରେ ଫାଇନାଲ ଅନୁଷ୍ଠିତ ହେବ। ଗତବର୍ଷ ଭାରତ ୨୦ ବର୍ଷରୁ କମ୍ କାଟେଗୋରି ଇଭେଣ୍ଟର ଆୟୋଜନ କରିଥିଲା। ଏଥିରେ ବାଂଲାଦେଶକୁ ୫-୨ ଗୋଲ୍‌ରେ ପରାସ୍ତ କରି ଭାରତ ଚାମ୍ପିୟନ ହୋଇଥିଲା। ଅନ୍ୟ ଥର ଏହି ଟୁର୍ନାମେଣ୍ଟ ୨୦୧୫ରେ ନେପାଳରେ ୧୯ ବର୍ଷରୁ କମ୍ କାଟେଗୋରିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଓ ଆୟୋଜକ ଦେଶ ମଧ୍ୟରେ ଅନୁଷ୍ଠିତ ଫାଇନାଲର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ଭାବେ ଶେଷ ହେବା ପରେ ଘରୋଇ ଦଳ ପେନାଲ୍ଟିରେ ଭାରତକୁ ପରାସ୍ତ କରିଥିଲା।

**ଭାରତୀୟ ଦଳ- ଗୋଲକିପର:** ଲିଓନେଲ ଡେରିଲ ରିମେଇ, ଦିବ୍ୟଜ ଧାବଲ ଠକ୍କର ଓ ମନଜୋତ ସିଂ ପାରମର। **ଡିଫେଣ୍ଡର:** ଥୋମାସ କାନାମୋଟିଲ ଚେରିଆନ, ଜାହାଙ୍ଗୀର ଅହମ୍ମଦ ଶାଗୁ, ବିଜୟ ମାରାଣ୍ଡି, ଏ. ଶିବ ପ୍ରସାଦ, ମାନବୀର ବାସୁମତାରି, ସୁରଜକୁମାର ସିଂ ଏନ୍‌ଗାଙ୍ଗବାମ୍ ଓ ରିକି ମିତେଇ। **ମିଡ୍‌ଫିଲ୍ଡର:** ମାନଗ୍ଲେନଥେଙ୍ଗ୍ କିପ୍‌ଗେନ୍, ଇଶାନ ଶିସୋଡିଆ, ଅର୍ଜୁନ ସିଂ ଓଇନାମ, ୟାଶ ଚିକ୍ରୋ ଏବିନ୍ଦାସ ୟେସୁଦାସନ, ରାଜା ହରିଜନ ଓ ଥୁମ୍‌ସଲ ଟଙ୍ଗସିନ୍। **ଫରୱାର୍ଡ:** ଗଙ୍ଗମସା ଗୋୟାରି, ସାହିଲ ଖୁର୍ସିଦ୍, ଲିଙ୍କି ମେଇତି ଚାମ୍‌ବୁଙ୍ଗ୍‌ବାମ୍, କେଲବିନ୍ ସିଂ ତାଓରେମ୍, ନାଓବା ମେଇତି ଓ ଦିନେଶ ସିଂ ସୋବାମ୍।



ଟ୍ରେନିଂ ସେସନ ଅବସରରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ।

## ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ସେମିଫାଇନାଲରେ

**ଭୁବନେଶ୍ୱର, ୮।୯(ବିଜୟ ରଣା)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ (ବା) ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ କ୍ଲବ ୩-୦ ଗୋଲ୍‌ରେ ଗ୍ଲୋବାଲ ଫୁଟ୍‌ବଲ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଖେଳର ୫୫ତମ ମିନିଟ୍‌ରେ ବିଜୟୀ ଦଳର ବାପୁନି ବିନ୍ଧାଣୀ ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରି ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପରେ ଦୀନବନ୍ଧୁ ଦାସ ୬୨ତମ ମିନିଟରେ ଏକ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ବାପୁନୀ ବିନ୍ଧାଣୀ ୬୮ତମ ମିନିଟ୍‌ରେ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଏବଂ ମ୍ୟାଚର ତୃତୀୟ ଗୋଲ୍ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଗ୍ଲୋବାଲ ଫୁଟ୍‌ବଲ କ୍ଲବର ସତ୍ୟମ ସିଂ 'ବା'ର ବରିଷ୍ଠ ସଦସ୍ୟ ପ୍ରିୟନାଥ ମିଶ୍ରଙ୍କଠାରୁ ପୁରସ୍କାର ସ୍ୱରୂପ କୁଲ୍ ଡାଉନ୍ ଉପକରଣ ଗ୍ରହଣ କରିଥିଲେ। ଶନିବାର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ମାଳଦ୍ୱୀପକୁ ହରାଇ ଫାଇନାଲରେ ଭାରତ

**ଥିମ୍ପୁ (ଭୁଟାନ), ୮।୯ (ପି.ଟି.)**

ଭାରତ ୧୬ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ଦଳ ୮-୦ ଗୋଲ୍‌ରେ ମାଳଦ୍ୱୀପକୁ ପରାସ୍ତ କରିଛି। ଦଳ ପକ୍ଷରୁ ଆଇବୋର୍ଲାଙ୍ଗ ଖାର୍ତାଙ୍କମା ଏବଂ ମହମ୍ମଦ ଅର୍ବାଶ ଦୁଇଟି ଲେଖାଏଁ ଗୋଲ୍ ଦେଇଥିବା ବେଳେ ବିଶାଲ ଯାଦବ, ମହମ୍ମଦ କୈଫ, ଲେଭିସ୍ ଜାଙ୍ଗମିନ୍‌ଲୁନ୍ ଓ ମନଭାକୁପାର ମାଲ୍‌ଗିଆଙ୍ଗ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ଭାରତ ଦୁଇ ଗୋଲ ଦେଇଥିବାବେଳେ ଅନ୍ୟ ୪ଟି ଗୋଲେ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲା। ଭାରତ ରବିବାର ଫାଇନାଲରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁଥିବା ଅନ୍ୟ ସେମିଫାଇନାଲର ବିଜେତାକୁ ଭେଟିବ।

# ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବୀରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)**

ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାରଠାରୁ ୫ମ ଜାତୀୟ ହ୍ୱିଲ୍‌ଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୯ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳରେ ସାମିଲଥିବା ଖେଳାଳିମାନେ ହେଲେ ଗୌତମ ସିଂ, ରୁଦ୍ରନାରାୟଣ ବେହେରା, ସୁଜିତ କୁମାର ନନ୍ଦ, ପ୍ରଶାନ୍ତ ନାୟକ, ବାପୁନା ନାହାକ, ଓମ୍ ପ୍ରକାଶ ବେହେରା, ଆକାଶ ବନ୍‌ଛୋର, ଉଦୟ କୁମାର ରାଉତ ଓ ଗୁମ୍‌ଦା ବାର୍ଲା। କୋଚ୍ ବିଶ୍ୱଜିତ ଶତପଥୀ ଓ ମ୍ୟାନେଜର କମଳାକାନ୍ତ ନାୟକ ଦଳ ସହ ପୁଣେ ଯାତ୍ରା କରିଛନ୍ତି। ଓଡ଼ିଶା ଦଳ ପୁଣେ ଯାତ୍ରା କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଏସ୍‌ଡି ବିଜୟ କୁମାର ରାଉତ, ପାରା ସ୍ପୋର୍ଟ୍ସ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ଉପ-ସଭାପତି ଚିତ୍ତରଞ୍ଜନ ବରିସାଲ ପ୍ରମୁଖ ଉପସ୍ଥିତ ରହି ଶୁଭକାମନା ଜଣାଇଥିଲେ।



ଜାତୀୟ ହ୍ୱିଲ ଚେୟାର ରଗ୍‌ବୀରେ ଭାଗ ନେବାକୁ ପୁଣେ ଯାତ୍ରା ପୂର୍ବରୁ ଓଡ଼ିଶା ଖେଳାଳିମାନେ ରାଜ୍ୟ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ସହ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ